
Volume : 1 • Issue : 6 • August 2022 • Monthly • Price : ₹ 30 • Bhubaneswar
ଭାଗ : ୧ • ସଂଖ୍ୟା : ୬ • ଅଗଷ୍ଟ ୨୦୨୨ • ମାସିକ • ମୂଲ୍ୟ : ₹ ୩୦ • ଭୁବନେଶ୍ୱର

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA



ସାହିତ୍ୟ ଚର୍ଚ୍ଚା

ଓଡିଆ ସାହିତ୍ୟର ନବ ଦିଗନ୍ତ

Vol-1 • Issue-6 • August 2022 • Monthly • Rs.30 • 64 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

## SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

www.sahityacharcha.com

ଭାଗ-୧ • ସଂଖ୍ୟା-୬ • ଅଗଷ୍ଟ ୨୦୨୨ • ମାସିକ • ଟ.୩୦ • ୬୪ ପୃଷ୍ଠା • ଭୁବନେଶ୍ୱର

ମୂଳ ପ୍ରେରଣା ସ୍ରୋତ
**ମହାପ୍ରଭୁ ଶ୍ରୀ ଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ପରିଚାଳନା ନିର୍ବାହୀ
**ବିକାଶ ମହାପାତ୍ର**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ଧୀରେନ୍ଦ୍ର କର**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail : info@sahityacharcha.com**

**RNI Regd. No. : ODIODI/2022/81590**

**ମୂଲ୍ୟ : ଟ. ୩୦/-**

## ।। ସୂଚୀ ।।

ପାଠକଙ୍କ ମତାମତ : ୦୨
ଲେଖକ ପରିଚୟ (ସଂପାଦକୀୟ) : ୦୩
ସାହିତ୍ୟର ଅନ୍ଦରମହଲ (ବ୍ୟଙ୍ଗ ଚିତ୍ର) : ଅମର ସ୍ୱାଇଁ ୦୪
ପ୍ରୟୋଗବାଦୀ କବିତାର ଧରା ଓ ଧାରା (ପ୍ରବନ୍ଧ): ବାସୁଦେବ ଦାସ ୦୫
ମମତାର ମହକ (ଗଳ୍ପ): ଜୟନ୍ତୀ ସାହୁ ୧୦
ଘଣ୍ଟୁଆର ମହାଘାଣ୍ଟ (ରମ୍ୟରଚନା): ଅଜୟ କୁମାର ମିଶ୍ର ୧୩
ରକ୍ତମଗ୍ନା ରିଞ୍ଜୋଡି (କବିତା): ବଳରାମ ପୂଜାରୀ ୧୬
ସାହିତ୍ୟ ନାମରେ ଅପସାହିତ୍ୟ (ପ୍ରବନ୍ଧ): ଅନ୍ତର୍ଯ୍ୟାମୀ ମିଶ୍ର ୧୭
ହାଉସ୍ ହଜ୍‌ବେଣ୍ଡ୍ (ଗଳ୍ପ): ଶିବାଶିଷ ପାଢ଼ୀ ୨୨
ସାହିତ୍ୟ, ସଂଗୀତ ଓ କଳା (ପ୍ରବନ୍ଧ): ପ୍ରଫୁଲ୍ଲ କୁମାର ମିଶ୍ର ୨୪
ଡ.ଶକୁନ୍ତଳା ବଳିଆରସିଂହଙ୍କ ସହ ଏକ ବାର୍ତ୍ତାଳାପ (ସାକ୍ଷାତକାର) ୨୯
ମହତାବଜୀ, ଟମାଟୋ ଖଟା ଆଉ ମୁଁ (ଅନୁଭୂତି): ଅଚ୍ୟୁତାନନ୍ଦ ପତି ୩୨
ପ୍ରକାଶନର ସମସ୍ୟା ଓ ଆମ ସାହିତ୍ୟ (ପ୍ରବନ୍ଧ): ସୌମେନ୍ଦ୍ର ଜେନା ୩୫
ମାଳତୀ (ଗଳ୍ପ): ଆର୍ତ୍ତତ୍ରାଣ ମହାପାତ୍ର ୩୯
ନିଶ ପ୍ରହସନ (ବ୍ୟଙ୍ଗ): ପ୍ରଭାତ କୁମାର ମହାପାତ୍ର ୪୩
'ଉଷାଭିଳାଷ' ଓ କବି ଶିଶୁ ଶଙ୍କର ଦାସ (ପ୍ରବନ୍ଧ): ଅଶୋକ ପଣ୍ଡା ୪୬
କେଇପଦ ସମ୍ବଲପୁରୀ (କବିତା): ପ୍ରଫୁଲ୍ଲ କୁମାର ତ୍ରିପାଠୀ ୫୦
'ନେତିନେତି'-ଆଶାର ପ୍ରତିଲିପି (ସମାଲୋଚନା): ବ୍ରହ୍ମାନନ୍ଦ ଖୁଣ୍ଟିଆ ୫୧
ସଜନା ଛୁଇଁ (ଅନୁବାଦ ଗଳ୍ପ): କନକ ମଂଜରୀ ପଟ୍ଟନାୟକ ୫୬
କଇଁଚ (ଶିଶୁ ଗଳ୍ପ): ସଙ୍କର୍ଷଣ ସାମଲ ୬୦
ଚିଡ଼ିଆଖାନାର ଚିତ୍ର (ପୁସ୍ତକ ସମୀକ୍ଷା): ନିହାର ଶତପଥୀ ୬୨
ସାହିତ୍ୟ ସମାଚାର ୬୩
ଏଜନ୍ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ ୬୪

# ପାଠକଙ୍କ ମତାମତ


ଶ୍ରାବଣର ଏକ କ୍ଲାନ୍ତ ଅପରାହ୍ନରେ 'ସାହିତ୍ୟ ଚର୍ଚ୍ଚା'ର ଜୁଲାଇ ସଂଖ୍ୟା ସହ ଆକସ୍ମିକ ଭେଟ ହୁଏ, ପ୍ରଥମ ଥର ଲାଗି। ସାକ୍ଷାତରୁ ପରିଚିତି, ପରିଚିତିରୁ ପଠନ- ପୃଷ୍ଠା ପରେ ପୃଷ୍ଠା। ଏପାଖେ ରିମ୍‌ଝିମ୍ ବର୍ଷାର ମଧୁର ରାଗିଣୀ, ସେପଟେ 'ସାହିତ୍ୟ ଚର୍ଚ୍ଚା' ପଢାରେ ତଲ୍ଲୀନତା। ଆହା! କ୍ଲାନ୍ତ ଅପରାହ୍ନରୁ ମ୍ଳାନ ଗୋଧୂଳି- ସମୟର ଏଇ ଯେ ବିଭୋର ବେଳା। ବାସ୍ତବରେ ଏହା 'ଓଡିଆ ସାହିତ୍ୟର ନବ ଦିଗନ୍ତ'। ପ୍ରଭୂ ଜଗନ୍ନାଥ ଓ ଓଡିଆ ସାହିତ୍ୟ, ଉଭୟେ ପରସ୍ପର ପରିପୂରକ- ସମ୍ପାଦକୀୟରେ ଏହା ଯଥାର୍ଥ ପ୍ରତିଫଳିତ। ସୁଖ୍ୟାତ କଥାକାର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସହ ସାକ୍ଷାତକାର ପତ୍ରିକାର ପ୍ରମୁଖ ଏକ ବିଭବ। ସାମ୍ବାଦିକତା ଓ ସାହିତ୍ୟ ମଧ୍ୟରେ ପାର୍ଥକ୍ୟର ସୂକ୍ଷ୍ମ ବିଭାଜିକା ଆଜିର ସାହିତ୍ୟିକ ଜାଣି ନ ପାରିବା ଯେ ଅଧୁନା ଆମ ସାହିତ୍ୟର ଏକ ବିମର୍ଷକର ଦିଗ, ଏହା ଖୁବ୍ ଚିନ୍ତାର ବିଷୟ। ସନ୍ତୋଷ ପଟ୍ଟନାୟକଙ୍କ 'ସମୁଦ୍ର କୂଳରେ ସେ କିଏ?', ପ୍ରବନ୍ଧ 'ପଂଚସଖା ସାହିତ୍ୟରେ ଜଗନ୍ନାଥ ତତ୍ତ୍ୱ', କୃଷ୍ଣଚନ୍ଦ୍ର ରଥଙ୍କ ପ୍ରବନ୍ଧ, ଗଳ୍ପ 'ହଜି ଯାଇଥିବା ମାନଚିତ୍ର' ଖୁବ୍ ସୁଖପାଠ୍ୟ। ଅନ୍ୟ ବିଭାଗସବୁ ଉଚ୍ଚକୋଟିର।

ତେବେ ମୁଦ୍ରଣ ତ୍ରୁଟି ପ୍ରତି ବିଶେଷ ଯତ୍ନବାନ ହେବାକୁ ଅନୁରୋଧ। (ଉଦାହରଣ: 'ପ୍ରାଚୀନ ତଥା ଆଧୁନିକ ଯୁଗର ଭଜନରେ ଶ୍ରୀଜଗନ୍ନାଥ'ରେ 'ଉତୁଛ କାଳ ଛଂଚାଣ ମନେ କାହିଁକି?' 'ଭକ୍ତି କୁସାମ ମାଳା', 'କ୍ଷୀରୋଦ ଚନ୍ଦ୍ର ଗୋଥାଳ')।

ଲେଖକଙ୍କ ଇ-ମେଲ୍ ସହ ସମ୍ପୂର୍ଣ୍ଣ ଠିକଣା ଦେଲେ ଭଲ ହୁଅନ୍ତା। ଓଡିଆ ସାହିତ୍ୟ ପତ୍ରିକା ଆକାଶରେ 'ସାହିତ୍ୟ ଚର୍ଚ୍ଚା' ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ହୋଇ ରହିଥାଉ। ଅନନ୍ତ ଶୁଭକାମନା ସହ।

**ପ୍ରତାପ ନାୟକ**

pratap.kumar.nayak60@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ବର୍ତ୍ତମାନ ସମୟରେ ଓଡ଼ିଆ ସାହିତ୍ୟର ଯେଉଁ ଅବକ୍ଷୟ ହୋଇଚାଲିଛି ତାହା ଦେଖି ଆମ ଭଳି ଓଡ଼ିଆପ୍ରେମୀଙ୍କ ହୃଦୟରେ ତୀରଭେଦ କରିଯାଉଛି। ଏହି ପରିପ୍ରେକ୍ଷୀରେ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ସହ ସାକ୍ଷାତକାରଟି ସ୍ୱାଗତଯୋଗ୍ୟ। ଓଡ଼ିଆ ପତ୍ର ପତ୍ରିକାର ପ୍ରଚାର ଓ ପ୍ରସାର ପାଇଁ ସରକାରୀ ପ୍ରୋତ୍ସାହନ ନ ମିଳିଲେ ବର୍ତ୍ତମାନ ଏହା ତିଷ୍ଠି ରହିବା ସମ୍ଭବପର ନୁହେଁ ବୋଲି ମୋର ମତ। ଜୁଲାଇ ସଂଖ୍ୟାରେ ବିଜୟଲକ୍ଷ୍ମୀ ମହାନ୍ତିଙ୍କର ପ୍ରବନ୍ଧ ମନଛୁଆଁ। ବ୍ୟଙ୍ଗ 'ସିଏ ପରା ଜଗନ୍ନାଥ' ଚିତ୍ରଟି ବେଶ୍ ମନମୁଗ୍ଧକର। ରମାକାନ୍ତ ନାୟକଙ୍କର 'ପଞ୍ଚସଖା ସାହିତ୍ୟରେ ଜଗନ୍ନାଥତତ୍ତ୍ୱ'ଟି ଯୁଗୋପଯୋଗୀ।

ବର୍ତ୍ତମାନ ଓଡ଼ିଆ ଭାଷା ଆମର ମରଣଯନ୍ତାରେ। ଓଡ଼ିଆ ସାହିତ୍ୟ ପଢ଼ିବାକୁ ପାଠକଙ୍କ ଅଭାବ ଏହାର ମୁଖ୍ୟ କାରଣ। ଆମଭଳି କେତେକ ବୁଦ୍ଧିଜିବୀ ତାଙ୍କ ପିଲାମାନଙ୍କୁ ଓଡ଼ିଆ ନୁହେଁ ଇଂରାଜୀ ପଢ଼ିବାକୁ ଏକ ପ୍ରକାର ବାଧ୍ୟ କରୁଛନ୍ତି। 'ଓଧ ସାଙ୍ଗରେ ଭୁଆଁ ବିରାଡି ବାଇ' ପରି କେତେକ ଅଧାପାଠୁଆ ତାଙ୍କ ଛୁଆଙ୍କୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ପଢ଼ାଇ ଅର୍ଥକୁ ଚଲୁରେ ଲଗାଇଛନ୍ତି। କାରଣ ସେମାନେ ଇଂରାଜୀ ଜାଣନ୍ତି ନାହିଁ। ତେଣୁ ଘରୋଇ ମାଷ୍ଟ୍ର ରଖି ଅଧିକ ବ୍ୟୟ କରିବେ।

ମୁଁ ବିଗତ ଦଶବର୍ଷରୁ ଲକ୍ଷ୍ୟ କରୁଛି, ଯେଉଁମାନେ ସଭାସମିତିରେ ଓଡ଼ିଆ ଭାଷା ବିଷୟରେ ଭାଷଣ ବାଜି କରୁଛନ୍ତି, ସେମାନେ କେବଳ ପ୍ରବଚନ ହିଁ ଦେଉଅଛନ୍ତି। ଶେଷରେ ଚିତ୍ରରେ ଚିତ୍ରରେ 'ସାହିତ୍ୟର ଅନ୍ଦର ମହଲ' ଏହି ଶିକ୍ଷା ଦେଉଛି ଯେ ଏ ଭାଷାକୁ କେବଳ ଜଗନ୍ନାଥ ସହାୟ।

**ଆଦିତ୍ୟ ପ୍ରସାଦ ମହାପାତ୍ର**

daspravatku@gmail.com

ସଂପାଦକୀୟ

# ଲେଖକ ପରିଚୟ

ଆମେ ଜାଣୁ ଯେ ପ୍ରତ୍ୟେକ ସାହିତ୍ୟଧର୍ମୀ ରଚନାଟିଏର ପଛରେ ଥାଆନ୍ତି ଜଣେ ବିନ୍ଧାଣି, ଯାହାଙ୍କୁ ଆମେ କବି ବା ଲେଖକ ଭାବରେ ଅଭିହିତ କରୁ। ସ୍ରଷ୍ଟା ବିନା ସୃଷ୍ଟିର ରୂପାୟନ ଅସମ୍ଭବ। ପ୍ରତିଟି ସୃଷ୍ଟିର ଅନ୍ତରାଳରେ ଝଲସୁଥାଏ ତାହାର ସୃଷ୍ଟିକର୍ତ୍ତାଙ୍କର ଦୃଷ୍ଟିଭଙ୍ଗୀ ଓ ଶୈଳୀ। କିନ୍ତୁ ଆମକୁ ସ୍ୱୀକାର କରିବାକୁ ପଡିବ ଯେ, ସେ କବିତା ହେଉ, ଗଳ୍ପ ବା ଉପନ୍ୟାସ - ଏ ସମସ୍ତଙ୍କୁ ରଚନାକାରମାନଙ୍କ ବ୍ୟକ୍ତିତ୍ୱ ଅବା ପୃଷ୍ଠଭୂମିର ଆଧାରରେ ବିଚାର କରିବାକୁ ଗଲେ ଆମେ ସେଥିପ୍ରତି ଯଥାର୍ଥ ନ୍ୟାୟ କରିପାରିବାନାହିଁ। ପ୍ରତ୍ୟେକ ରଚନାର ଏକ ସୁନିର୍ଦ୍ଦିଷ୍ଟ ଓ ସ୍ୱାଧୀନ ସତ୍ତା ରହିଛି ଯାହାକୁ ସେହି ସୃଜନକାରୀ ସ୍ରଷ୍ଟାଙ୍କର ବ୍ୟକ୍ତିଗତ ଜୀବନ ସହ ଯୋଡ଼ି ହେବନାହିଁ।

ଆମେ ଏହି ପ୍ରସଙ୍ଗର ଅବତାରଣା କରିବାର ହେତୁ ହେଲା ଯେ ଆଜିକାଲି ଗୋଟିଏ ଲେଖା ବା ବହି ପଢ଼ିବା ପୂର୍ବରୁ ସେଇଟିର ଲେଖକଙ୍କ ବୃତ୍ତି, ପ୍ରବୃତ୍ତି ଓ ଅତୀତ ବିଷୟରେ ଉପଲବ୍ଧ ସୂଚନାର ଆଧାରରେ ଆମେ ତାହାର ଏକ ପୂର୍ବକଳ୍ପିତ ମୂଲ୍ୟାୟନ କରିନେଉ, ଯାହାଫଳରେ ଆମ ଅବଚେତନରେ ଲେଖାଠାରୁ ଲେଖକର ପରିଚିତି ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇଯାଏ। ଏହା କେତେକ ସ୍ଥଳେ ଆମ ମନରେ ଲେଖାଟି ପ୍ରତି ଏକ ପକ୍ଷପାତ ପୂର୍ଣ୍ଣ ଧାରଣା ଜନ୍ମାଇଦିଏ, ଅବଶ୍ୟ ତାହା ଅନେକ କ୍ଷେତ୍ରରେ ପରେ ନିରାଧାର ବୋଲି ସାବ୍ୟସ୍ତ ହୁଏ। ଉଦାହରଣ ସ୍ୱରୂପ ପତ୍ରିକାଟିଏରେ ଗୋଟିଏ କବିତା ସହିତ ସ୍ଥାନ ପାଇଥିବା କବି-ପରିଚୟରେ ଯଦି ଆମେ ପଢୁ ଯେ କବି ଜଣକ ଉଚ୍ଚ ଡିଗ୍ରୀଧାରୀ ହେବା ସହ ଶାସନ କଳର ଶୀର୍ଷ ସୋପାନରେ ଅଧିଷ୍ଠିତ ଜଣେ ବରିଷ୍ଠ ଅଧିକାରୀ, ଯାହାଙ୍କର ବହୁ ସଂଖ୍ୟକ ପୁସ୍ତକ ପ୍ରକାଶିତ ଏବଂ ସେ ଗଣ୍ଡାଏ ପ୍ରାୟ ମର୍ଯ୍ୟାଦାଜନକ ପୁରସ୍କାରରେ ସମ୍ମାନିତ, ସେତେବେଳେ ସ୍ୱାଭାବିକ ଭାବରେ ଆମେ ପଢିବାକୁ ଯାଉଥିବା କବିତାଟି ସଂପର୍କରେ ପୂର୍ବରୁ ହିଁ ଏକ ଉଚ୍ଚତର ଧାରଣା ପୋଷଣ କରିନେଉ। ଅଥଚ କଲେଜର ଦୁଆର ମାଡି ନଥିବା ନିପଟ ଗ୍ରାମାଞ୍ଚଳର ଅନାମଧେୟ ଜଣେ କବିଙ୍କର ତାହାଠାରୁ ବଳି ଯେ ଅଧିକ ମାନ ସଂପନ୍ନ ରଚନାଟିଏ ଅଛି ତାହା ଆମ ଆଖିରେ ଗୌଣ ହୋଇଯାଇଥାଏ।




କଥା ହେଲା, ଲେଖାଟିଏକୁ ବୁଝିବା ବା ତାହାର ରସାସ୍ୱାଦନ ପାଇଁ ଲେଖକଙ୍କ ପରିଚୟର କିଛି ଆବଶ୍ୟକତା ଅଛି କି? ସମୟ ଆସିଛି, ଆମକୁ ଏହାର ଅସାରତା ସ୍ୱୀକାର କରିନେବାକୁ ପଡିବ। କେବଳ ଲେଖକୀୟ ପୃଷ୍ଠଭୂମି ଆଧାରରେ ଲେଖାଟିଏର ବିଚାର ହୁଏତ ତାହାପାଇଁ ସାମୟିକ ସ୍ୱୀକୃତି ଆଣିଦେଇପାରେ, ମାତ୍ର ଏଭଳି ସ୍ୱୀକୃତି ଚିରସ୍ଥାୟୀ ନୁହେଁ। କାଳର କରାଳ ଗତିରେ ଏହା ବଦଳିଯାଏ ଏବଂ ସମୟର କଷଟି ପଥରରେ କେବଳ ସେହି ରଚନାଗୁଡିକ କାଳଜୟୀ ହୁଅନ୍ତି ଯେଉଁଥିରେ ଲେଖାର କିଛି ମୌଳିକ ଉତ୍କର୍ଷ ମହଜୁଦ ଥାଏ, ଲେଖକର ପୃଷ୍ଠଭୂମି ଯାହା ହୋଇଥାଉନା କାହିଁକି। ଏଣୁ ସର୍ଜନାକାରଙ୍କ ଶିକ୍ଷାଗତ ଯୋଗ୍ୟତା, ବୃତ୍ତି ଓ ସ୍ଥିତି ସହିତ କୌଣସି ସାହିତ୍ୟର ମାନ ନିର୍ଦ୍ଧାରଣକୁ କୌଣସିମତେ ଯୋଡାଯିବା ଉଚିତ ନୁହେଁ। ଏହା ହୋଇଥିଲେ ଆଜି ସ୍ୱଭାବକବି ଗଙ୍ଗାଧର ମେହେର, ଗଣକବି ବୈଷ୍ଣବ ପାଣି ଓ ସନ୍ଥକବି ଭୀମଭୋଇଙ୍କ ଭଳି ଜ୍ୟୋତିଷ୍କମାନ ଆମ ସାହିତ୍ୟ ଗଗନରେ ଜାଜ୍ୱଲ୍ୟମାନ ହୋଇ ରହିନଥା'ନ୍ତେ।

ଗତ ଶତାବ୍ଦୀର ମଧ୍ୟଭାଗରେ ଇଂରାଜୀ ସାହିତ୍ୟରେ ମଧ୍ୟ ଏଭଳି କିଛି ପ୍ରଶ୍ନକୁ ନେଇ 'ନିଉ କ୍ରିଟିସିଜମ୍' ନାମକ ଏକ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସେତେବେଳେ ସମାଲୋଚକମାନେ କହିବା ଆରମ୍ଭ କଲେ ଯେ ଗୋଟିଏ ଲେଖାର ବିବେଚନା କରିବାବେଳେ ସଂପୃକ୍ତ ଲେଖକଙ୍କ ବ୍ୟକ୍ତିଗତ ଜୀବନର କୌଣସି ଦିଗ ବିଚାରକୁ ନିଆଯିବାର ଔଚିତ୍ୟ ନାହିଁ।

ଏଣୁ ଆମର କହିବାର କଥା ଯେ ପାଠକଙ୍କ ପାଇଁ ଲେଖା ହିଁ ହେଉ ଲେଖକର ପରିଚୟ ଏବଂ ସେହି ଲେଖାଟି ଭିନ୍ନ ଆଉକିଛି ନୁହେଁ।

*- ନିହାର ଶତପଥୀ*

## ସାହିତ୍ୟର ଅନ୍ଦର ମହଲ

ଅମର ସ୍ୱାଇଁ




*ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ ।*

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ସାହିତ୍ୟାନୁରାଗୀଙ୍କ ପାଇଁ ଉଦ୍ଦିଷ୍ଟ ଏକ ନିରୁତା ସାହିତ୍ୟ ପତ୍ରିକା । ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ ।

୨. ଲେଖାଗୁଡିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ । ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ୱଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି ।

୩. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ ।

୪. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ ।

୫. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ ।

୬. ଚୟନିତ ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ ।

୭. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି ।

୮. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି ।

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ଗ୍ରାହକମାନେ ବାର୍ଷିକ ଗ୍ରାହକ ଦେୟ ଟ. ୪୮୦/- ମାତ୍ର (ଡାକ ଖର୍ଚ୍ଚ ସହ) ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୁରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ । ଏଥିପାଇଁ ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ ।

*IFS Code* :
CNRB0018007

*Account No.* :
120000048648

*Account Name* :
Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କରେ ମଧ୍ୟ ଉପଲବ୍ଧ ଅଛି ।
**www.sahityacharcha.com/subscription**

ପ୍ରବନ୍ଧ

# ପ୍ରୟୋଗବାଦୀ କବିତାର ଧରା ଓ ଧାରା



ଡ. ବାସୁଦେବ ଦାସ

କବିତା ଏକ ଅସାମାନ୍ୟ କଥନ ଶୈଳୀ। ଏଥିରେ ପ୍ରଚୁର ଭାବାବେଗ ବହନ କରିଥାଏ ଶବ୍ଦପୁଞ୍ଜ। ସାରସ୍ୱତ ସୃଜନର ଆଦ୍ୟ ଝଙ୍କାର କବିତା ଆକାରରେ ମାନବ କଣ୍ଠରୁ ଅନୁରଣିତ ହୋଇ ବେଦ, ଉପନିଷଦ, ପୁରାଣ, କାବ୍ୟ ଓ କବିତା ଜଗତରେ ପଦାର୍ପଣ କରିଛି ନୈସର୍ଗିକ ବିଭୂତି ରୂପରେ। କବିତାର ଅନ୍ତଃ ପ୍ରଜ୍ଞାରେ ଜୀବନ ସର୍ବୋପରି ଏକ ପ୍ରାଣ ସୁନ୍ଦର ଅଦ୍ଭୁତ ଶକ୍ତି। ତେଣୁ ମନ୍ତ୍ର, ସ୍ତୋତ୍ର ଓ ପୂଜାପାଠର ଭାଷା ହୋଇ ଯାଇଛି କବିତାମୟ ଏବଂ ଏହି କବିତା ଗୀତ/ ସଙ୍ଗୀତ ହୋଇ ମଠ ମନ୍ଦିରରେ ପାଠ ବା ଗାନ କରାଗଲା। ଈଶ୍ୱରଙ୍କର ଭାଷା ବୋଧହୁଏ କବିତା ବା ଗୀତ; ତେଣୁ ତାଙ୍କୁ ସଙ୍ଗୀତରେ ଆବାହନ ବିସର୍ଜନ ବି କରାଯାଇଥାଏ। ଭାରତୀୟ କାବ୍ୟ ପରମ୍ପରାରେ ଏପରି ଏକ ଶକ୍ତିଶାଳୀ ମାଧ୍ୟମକୁ ପ୍ରୟୋଗ କରି କବି କତିପୟ ଜାତିସ୍ମର ହୋଇଥିବା ଜଣାଯାଏ।



ଓଡ଼ିଆ କାବ୍ୟ ପରମ୍ପରା ଭାରତୀୟ କାବ୍ୟାଦର୍ଶଠାରୁ ଭିନ୍ନ ନ ହେଲେ ମଧ୍ୟ ଓଡ଼ିଆ ଭାଷାର ସ୍ୱୀକାର, ଶୈଳୀ ଓ ସମ୍ବୋଧନରେ ରହିଆସିଛି ଅନନ୍ୟ ସ୍ୱତନ୍ତ୍ରତା। ଏ ଭାଷା ସ୍ୱରାନ୍ତ ଓ ବର୍ତ୍ତୁଳାକାର ହୋଇଥିବାରୁ ଦେବୋପମ ଭାଷାର ମାନ୍ୟତା ଲାଭ କରିଛି। କାବ୍ୟ ଯୁଗର ଅବକ୍ଷୟ ପରେ ସାମାଜିକ ଓ ପ୍ରଶାସନିକ ବିବର୍ତ୍ତନରେ ଓଡ଼ିଆ କବିତା ହେଲା ସଙ୍ଗୀତ ମୁଖର। ସେଥିରେ ଦୁଇଟି ପ୍ରାଣସତ୍ତା ଉପଲବ୍ଧ ହେଲା- ଗୋଟିଏ ଆଧ୍ୟାତ୍ମ ଚେତନାର ବିଭୁ ପ୍ରୀତି ଓ ଅନ୍ୟଟି ମାନୁଷୀ-ପ୍ରଣୟ ଭାବାଦର୍ଶ।

## ଜାତୀୟବାଦୀ ଭାବଧାରା

ଊନବିଂଶ ଶତାବ୍ଦୀର ସାମାଜିକ ଗଢ଼ଣ, ଶାସନତାନ୍ତ୍ରିକ ରୁକ୍ଷତା, ଚେତନାର ସଂକୋଚନ, ଅର୍ଥନୈତିକ ଶୋଷଣ ହେତୁ ଦେଶମାତୃକା ଓ ମାତୃଭାଷା ପ୍ରତି ସଚେତନ ହୋଇ ଉଠିଥିଲେ ଉତ୍କଳୀୟ କବି ମଣ୍ଡଳୀ। ବିଶେଷତଃ ରାଧାନାଥ ଯୁଗରୁ ଆରମ୍ଭ ହୋଇ ଗାନ୍ଧିଯୁଗ ବା ଜାତୀୟବାଦୀ ଭାବଧାରାର ଏମାନେ କବି। ୧୯୪୭ ପର୍ଯ୍ୟନ୍ତ ଅବ୍ୟାହତ ହୋଇରହିଥିବା ସ୍ୱାଧୀନତା ସଂଗ୍ରାମ ଥିଲା ମାନବ ମୁକ୍ତିର ଅଭିଳାଷ ଓ କାବ୍ୟ ଉପାଦାନର କେନ୍ଦ୍ରବିନ୍ଦୁ। କବିର କବିତା କବି ଜୀବନ ଠାରୁ ଭିନ୍ନ ନୁହେଁ। ଜୀବନ ଭେଟିଥିବା ନୈରାଶ୍ୟ, ସମୟବୋଧ, ପାପବୋଧ, ପ୍ରେମଚେତନା, ମୃତ୍ୟୁଚେତନା, ବିରକ୍ତ ବ୍ୟକ୍ତିତ୍ୱ, ନିଃସଙ୍ଗବୋଧ ଆଦି ଅନେକ ତତ୍ତ୍ୱ ପ୍ରବେଶ କରିଛି ତା' ମନ ଭିତରେ। ତା କବିତାରେ ମୃତ୍ୟୁଚେତନ ଅଧିକାର କରିଛି ଏକ ପ୍ରମୁଖ ସ୍ଥାନ। ଏଠାରେ ବିରଞ୍ଚି ସାହୁଙ୍କ ମତୋଦ୍ଧାର ପ୍ରାସଙ୍ଗିକ ହୋଇପାରେ। "ମୃତ୍ୟୁ ଚେତନା ଏଠି ତୁଚ୍ଛ ନୁହେଁ। ଭୟାତୁର ନୁହେଁ। ବରଂ ପ୍ରତ୍ୟେକ କବି ଅନ୍ତତଃ ପକ୍ଷେ ଯେଉଁମାନେ ଏହି ମୃତ୍ୟୁ ଚେତନାକୁ ତାଙ୍କ କବିତାରେ ସ୍ଥାନ ଦେଇଛନ୍ତି, ସେମାନେ ସମସ୍ତେ ଭୟାତୁର ନୁହନ୍ତି।" (ଜନସୁଧା- ଅଗଷ୍ଟ ୨୦୦୪) କିନ୍ତୁ ସମସ୍ତେ ଭୀତ ହୋଇ ନ ଥିଲେ ବି ଅଧିକାଂଶ ମୃତ୍ୟୁର ବିଭୀଷିକା ପ୍ରତି ଶଙ୍କାଶୀଳ- ଏକଥା ସତ୍ୟ। ମୃତ୍ୟୁର ଯନ୍ତ୍ରଣା ଦଶ ହଜାର କଙ୍କଡାବିଛା ଦଂଶନର ଯନ୍ତ୍ରଣା ସହ ସମାନ। ଗୀତା, ଭାଗବତ, ଭଜନ, ଜଣାଣ ଆଦି ସୃଷ୍ଟି ମଧ୍ୟରେ ବୈଷ୍ଣବ ବିଷାଦ ବାଦର ମୃତ୍ୟୁ ବସା ବାନ୍ଧିଥିଲା।

"ଜାତସ୍ୟ ହିଁ ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ।" ଜୀବ ମର୍ତ୍ତ୍ୟରେ ଦେହ ଧାରଣ କରିବା ମାତ୍ରେ ମୃତ୍ୟୁକୁ ଆଗଧରି ଆସିଛି। ମୃତ୍ୟୁ ସତ୍ୟ, ଜନ୍ମ ସଂଶୟାଚ୍ଛନ୍ନ।

ମର୍ତ୍ତ୍ୟ ମଣ୍ଡଳେ ଦେହ ବହି- ଦେବତା ହେଲେ ହେଁ

ମରଇ । ଦାର୍ଶନିକ ବିଚାରରେ ଏ କେତେ ବଡ ସତ୍ୟର ଘୋଷଣା ! ରାତ୍ର ଆସିବ, ଅନ୍ଧାର ହେବ, ଭୟ କରି ଲାଭ କ'ଣ ? ଆମ୍ଭମାନଙ୍କୁ ଭକ୍ତ କବି ବୈରାଗୀ ଚରଣ ପଟ୍ଟନାୟକ ତାଙ୍କ ମନବୋଧ ଚଉତିଶାରେ ଅଧିକ ତରାଣ ଦେଇଛନ୍ତି । ଘୋର ନୈରାଶ୍ୟର ଚାବୁକ୍ । ତାଙ୍କର ଉଦ୍ଦେଶ୍ୟ ଥିଲା ଲୋକେ ସଂସାରୀ ହୋଇ ଭକ୍ତିମାର୍ଗରେ କିପରି ଯିବେ । ସେ ସ୍ୱାଭାବିକ କବି ହେଲେ ମଧ୍ୟ ତାଙ୍କର ଉଦ୍ଦେଶ୍ୟ ଥିଲା ବୈଷ୍ଣବ ଧର୍ମ ପ୍ରଚାର । ବିଷାଦବାଦୀ ରାଧାନାଥ ଓ ବ୍ରହ୍ମବାଦୀ ମଧୁସୂଦନ ରାଓ ଅଧିକ ସତର୍କତା ଅବଲମ୍ବନ କରିଥିଲେ -

"ଫେଡ଼ି ଚିନ୍ତାର ଲୋଚନ- କର କର ନିରୀକ୍ଷଣ,
....ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ ।"

ଆଧୁନିକ ଯୁଗର କବିଙ୍କର ଉଦ୍ଦେଶ୍ୟ ବୋଧହୁଏ ଥିଲା ସାମାଜିକ ଜୀବନ ବୃତ୍ତରେ ବୃହତ୍ତର ଘାତକମାନଙ୍କ ବ୍ୟୂହ ମଧ୍ୟରୁ ମଣିଷ ସତର୍କ ହୋଇଯିବା । କିନ୍ତୁ ପରିଣତି ହେଲା ମୃତ୍ୟୁ ଏକ ଚେତନା ନ ହୋଇ ସାବ୍ୟସ୍ତ ହୋଇଗଲା ଏକ ଦାର୍ଶନିକ-ବିଭବ ସଂପନ୍ନ 'ମୃତ୍ୟୁ ଚେତନା' ଯାହା ଓଡ଼ିଆ କବିତାର ଆଙ୍ଗିକ ଓ ଆତ୍ମିକ କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ଆଣିଛି ।

**ଜୀବନକୁ ଉପଭୋଗ କଲା ପରେ ମହାକାଳର ଯେଉଁ ସମ୍ଭାବ୍ୟ ପରିଣତି, ମୃତ୍ୟୁ - ସେ ଦିଗରେ ଭକ୍ତ କବିବୃନ୍ଦ ଶଙ୍କାକୁଳ ଥିଲେ ।**

## ସ୍ୱାଧୀନତୋତ୍ତର କବିତା

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ବିକାଶଧାରାକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ- ୧୯୫୦ ରୁ ୧୯୬୦ ମସିହା ମଧ୍ୟରେ କବିତାମନସ୍କ ହୋଇଥିବା କବିମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ରାଉତରାୟ, ବିନୋଦ ଚନ୍ଦ୍ର ନାୟକ, ବେଣୁଧର ରାଉତ, ଭାନୁଜୀ ରାଓ, ଗୁରୁ ପ୍ରସାଦ ମହାନ୍ତି ପ୍ରମୁଖ କବିତାର କଳେବର ସହିତ ଅନ୍ତଃପ୍ରଜ୍ଞାନର ନୂତନ ଭାବ ସଂଚାର କଲେ । ବିଶେଷତଃ ସଚ୍ଚିଦାନନ୍ଦ ମାର୍କସୀୟ ସାମ୍ୟବାଦୀ କବିତା ପରିବର୍ତ୍ତେ ଲେଖିଲେ '୧୯୬୨' କବିତା ସଂକଳନ; ଯାହା ଭିତରେ ଖଞ୍ଜା ହୋଇଛି ଭାବପ୍ରବଣତାର ଅବବୋଧ । ୧୯୫୫ ମସିହାରେ ଭାନୁଜୀ ରାଓ ଓ ଗୁରୁ ପ୍ରସାଦ ମହାନ୍ତିଙ୍କର 'ନୂତନ କବିତା' ସ୍ତବକରେ ପରିଲକ୍ଷିତ ହେଲା ଟି.ଏସ୍. ଇଲିୟଟଙ୍କର ଅବିକଳ ଭାବମୂର୍ତ୍ତି ଏବଂ ପାଶ୍ଚାତ୍ୟ କବିତାର ଅନୁଧାବନର ପଦଧ୍ୱନି ! ୧୯୩୫ ମସିହାରୁ ଆରମ୍ଭ ହୋଇଥିବା ସାମ୍ୟବାଦୀ ଚିନ୍ତାଦୀପ୍ତ ପ୍ରଗତିଶୀଳ ସାହିତ୍ୟ ୧୯୪୭ ପର୍ଯ୍ୟନ୍ତ ଅପ୍ରତିହତ ଥିଲା, ଯଦିଚ ଜାତୀୟବାଦୀ ଆନ୍ଦୋଳନାତ୍ମକ କବିତାରେ ମଧ୍ୟ ଉଗ୍ରବିପ୍ଳବବାଦର ସ୍ୱର ଝଙ୍କାର ତୋଳିସାରିଥିଲା । ସ୍ୱାଧୀନତା ପରେ ପରେ ଉଜ୍ଜ୍ୱଳ ଦୀପଶିଖା ମେଲି ଯେଉଁ କାବ୍ୟିକ ଚେତନା ସମଗ୍ର ଓଡ଼ିଶା ଭୂଖଣ୍ଡରେ ଅପ୍ରତିହତ ଥିଲା; ତାହା ଶିଥିଳ ଓ ନିଷ୍ପ୍ରଭ ହେବାକୁ ବସିଲା । କବିର ଭାବନା ସ୍ୱାଧୀନତା ଦିଗ୍‌ଭାଗ ପର୍ଯ୍ୟନ୍ତ ସୀମାବଦ୍ଧ ଥିଲା କହିଲେ ଭ୍ରାନ୍ତି ହେବ ନାହିଁ ।


ପରବର୍ତ୍ତୀ ପର୍ଯ୍ୟାୟରେ ୧୯୬୦ ମସିହାରୁ ୧୯୮୦ ମସିହା କାଳଖଣ୍ଡରେ ରଚିତ କବିତାଗୁଡିକ ମିଶ୍ର ଭାବାଦର୍ଶ ବହନ କଲା ପୂର୍ବୋକ୍ତ ସାମ୍ୟବାଦୀ ଓ ଶୋଷଣମୁକ୍ତ ସମାଜ ପ୍ରତିଷ୍ଠାର ସ୍ୱର ଏବଂ ନବ୍ୟ ରୋମାଣ୍ଟିକ ଭାବଧାରାର ବିଚାର ନେଇ । ପ୍ରଥମ କବିତା ପଛରେ ଭାରତ ଉପରେ ଆମେରିକାର ଆର୍ଥିକ ବିପଣନ ବିଚାର, ବିନୋବା ଭାବେଙ୍କ ସର୍ବୋଦୟ ବିଚାର, ଶାସନଗତ ଦୁର୍ନୀତି ଓ ଶୋଷଣକୁ ପୁଞ୍ଜି କରି କବିମଣ୍ଡଳୀ କଲମକୁ ବଲମ ସଜାଇ ପୁନଶ୍ଚ ୨ୟ ନବଯୁଗ ସାହିତ୍ୟ ଚିନ୍ତାରେ ଅଗ୍ରଣୀ ହେଲେ । ରୋମାଣ୍ଟିସିଜିମ୍ ଆମ କବିତାରେ ଯେ ନ ଥିଲା, ତା ନୁହେଁ ଥିଲା । ଜୀବନକୁ ଉପଭୋଗ କଲା ପରେ ମହାକାଳର ଯେଉଁ ସମ୍ଭାବ୍ୟ ପରିଣତି, ମୃତ୍ୟୁ - ସେ ଦିଗରେ ଉକ୍ତ କବିବୃନ୍ଦ ଶଙ୍କାକୁଳ ହୋଇଥିବା ଜଣାଯାଏ । ସେମାନେ ଜୀବନାନ୍ୱେଷାରେ ଗଭୀର ଗବେଷଣା ଚଳାଇ କୌଣସି ଦାର୍ଶନିକ ନିଷ୍ପତ୍ତିରେ ଉପନୀତ ହୋଇପାରି ନାହାନ୍ତି । ଅତୀତରେ ଯେଉଁ ଓଡ଼ିଆ କବି କହିଥିଲା- 'କରି ଅଛି ମରଣକୁ ଅମୃତ ସୋପାନ,' 'ରେ ରେ ଆତ୍ମନ୍ - ଫେଡି ଚିନ୍ତାର ଲୋଚନ,' ସେହି ମାଟିର କବି ମୃତ୍ୟୁ ପୂର୍ବରୁ କତରା ଘୋଡାଇ ହେବାର ଦୃଶ୍ୟ ପ୍ରକଟିତ ହେଲା ୧୯୬୦ ପରବର୍ତ୍ତୀ କବିତାରେ । ଉକ୍ତ କାଳଖଣ୍ଡରେ ଯଶସ୍ୱୀ କବି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ର, ସୌଭାଗ୍ୟ ମିଶ୍ର, ରାଜେନ୍ଦ୍ର ପଣ୍ଡା, ଚିନ୍ତାମଣି ବେହେରା, କମଳାକାନ୍ତ ଲେଙ୍କା, ହରିହର ମିଶ୍ର, ପ୍ରତିଭା ଶତପଥୀ, ଶରତ ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ନାୟକ, ସରୋଜ ରଞ୍ଜନ ମହାନ୍ତି, ପ୍ରମୋଦ ମହାନ୍ତି, ହୃଷୀକେଶ ମଲ୍ଲିକ ପ୍ରମୁଖଙ୍କୁ ଅନ୍ତର୍ଭୁକ୍ତ କରାଯାଇଥାଏ । ଉପର୍ଯ୍ୟୁକ୍ତ କବି ମଣ୍ଡଳୀଙ୍କର

କବିତା ବହୁ ପରୀକ୍ଷାନିରୀକ୍ଷା ମଧ୍ୟରେ ଗତି କରିବା ସହିତ ଅନେକ ସମସ୍ୟା ଓ ପ୍ରତିବନ୍ଧକର ସମ୍ମୁଖୀନ ହୋଇ ଆସିଛି।

## କବିତାରେ ପ୍ରାଣ

କବିତାରେ ପ୍ରାଣ ଅଛି, କିନ୍ତୁ କବିତା ପ୍ରାଣବନ୍ତ ନୁହେଁ। ବିଶ୍ଳେଷଣ କଲେ କେତେକ ପଏଣ୍ଟ ନିର୍ଣ୍ଣୟ କରିବାକୁ ହୁଏ।

(କ) କବିତାରେ ଚାତୁର୍ଯ୍ୟୋକ୍ତି ଓ ବୁଦ୍ଧିଦୀପ୍ତତାର ପ୍ରୟୋଗ। ଏହି କବିବୃନ୍ଦ ବୁଦ୍ଧିଜୀବୀ, ବିପ୍ଳବକାତର, ପଦ-ପଦବୀ ଆଚାର ଓ ଉଚ୍ଚ ଶିକ୍ଷିତ ହୋଇଥିବା ହେତୁ ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ନିଜର ଅନୁଭୂତି ଓ କଳ୍ପନାକୁ ଆଧାର କରି କାବ୍ୟ ଚେତନାକୁ ନୂତନ ଦିଗକୁ ଟାଣିନେବା ପରେ ସେମାନଙ୍କର ବୌଦ୍ଧିକ ବିନ୍ୟାସ ଘଟିଥିବା ଲକ୍ଷ୍ୟ କରାଯାଏ।




(ଖ) ପ୍ରାରମ୍ଭିକ ସ୍ତରରେ ପ୍ରଗତିଶୀଳ କଥା କହି ପରବର୍ତ୍ତୀ ସମୟରେ ସେହି ଲେଖନୀରୁ ରୋମାଣ୍ଟିସିଜିମ୍ ଧାରାର ପ୍ରଖର ପ୍ରବାହ ଲକ୍ଷ୍ୟ କରାଯାଏ; ତାହା ପୁଣି ପାଶ୍ଚାତ୍ୟ ଭାବଧାରା ଗର୍ଭିତ ପ୍ରଣୟୋଚ୍ଛ୍ୱାସ। ରାଧାନାଥୀୟ, ମାନସିଂହୀୟ ପ୍ରଣୟ ପ୍ରସୂନ ନ ହୋଇ ଟି.ଏସ୍.ଏଲିୟଟ, ଏଜରା ପାଉଣ୍ଡଙ୍କର କାର୍ବନ କପି ପାଲଟିଗଲା। ପ୍ରୀତି ଲଭ୍‌ରେ ପରିଣତ ହେବା ସଙ୍ଗେ ସଙ୍ଗେ ପ୍ରେମିକା 'କଙ୍କୁବାଇନ' ରୂପରେ ପ୍ରତିଭାତ ହେବାର ମନେ ହୁଏ। ଭାବ ସହ ଅଭିବ୍ୟକ୍ତିର ନିବିଡତା ଖୁବ୍ ଘନିଷ୍ଠ। ସେହି ପରିପ୍ରେକ୍ଷୀରେ ଅଭିବ୍ୟକ୍ତିରେ ଆସିଲା ଜଟିଳ ଶବ୍ଦ ବିନ୍ୟାସ ଓ ଦୁର୍ବୋଧ ମିଥ୍‌ର ପ୍ରୟୋଗ। ପାଶ୍ଚାତ୍ୟ ଦର୍ଶନ-ଚେତନା ପ୍ରବାହର ଧାରା ସ୍ଥିତିବାଦୀ ଧାରା, ଫ୍ରଏଡୀୟ ଦର୍ଶନ ଆଦି ଫେଣ୍ଟାଫେଣ୍ଟି ହୋଇ କବିତାର ଆଙ୍ଗିକ, ଆତ୍ମିକ ଓ ଗାୟିକତା ବା ଆବୃତ୍ତି ସୌନ୍ଦର୍ଯ୍ୟକୁ ନୂତନ ମୋଡ ଦେବାର ପରିଲକ୍ଷିତ ହେଲା। କବିତା କର୍ମଶାଳା ସଚ୍ଚି ରାଉତରାୟ ଆରମ୍ଭ କରିଥିଲେ ଷାଠିଏ ଦଶକରେ ଏବଂ ସେ ସଂପର୍କରେ ହେଉଥିବା ଏକ୍ସପେରିମେଣ୍ଟ 'ଦିଗନ୍ତ' ପତ୍ରିକା ପାଠକୀୟ ଆଦୃତି ଲାଭ କରିଥିଲା। ଏଠାରେ ଉଲ୍ଲେଖନୀୟ ଯେ ସଚ୍ଚିଦାନନ୍ଦ ରାଉତରାଙ୍କର ଆଦି ଭାବଭୂମି ମାର୍କ୍ସ ବନାମ ରୁଷିଆର ମାୟାକୋଭସ୍କି ହେବା ସ୍ଥଳେ ପରବର୍ତ୍ତୀ ପର୍ଯ୍ୟାୟରେ ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କ ପ୍ରେମୋଦ୍ୟାନର ଉପାଦାନ ଗୃହୀତ ହୋଇଅଛି। ଫ୍ରଏଡଙ୍କର ବିୟୋଗ ୧୯୩୯ ମସିହାରେ ଏବଂ ପରେ ପରେ ତାଙ୍କର ଚିନ୍ତାଚେତନା ପ୍ରେମରାଜ୍ୟରେ ଏକ ଆଲୋଡନ ସୃଷ୍ଟି କରେ। ମନସ୍ତତ୍ତ୍ୱର କେନ୍ଦ୍ରବନ୍ଦୁ ମାନବିକ ଅସନ୍ତୋଷ। ଜୀବନ ଜୀବନ ପରି ବଞ୍ଚିବାର ଅଛି। ବିପ୍ଳବ ଯଦିଚ ଏକ ବଳିଷ୍ଠଧାରା, ତଥାପି ଏହାକୁ ହା-ହୁତାଶର ପଥ ଭାବେ ଗ୍ରହଣ କରି ଅଭିଜାତ ଗୋଷ୍ଠୀ ନିରାପଦ ଦୂରତାରେ ରହିବାକୁ ବିଶେଷ ବିବେଚନା କରିଛନ୍ତି। ମନର କ୍ଷୁଧା, ଦେହର କ୍ଷୁଧା ଏକ ବ୍ୟକ୍ତି ଭିତରେ ଥିଲେ ମଧ୍ୟ ମନର ବୁଭୁକ୍ଷା ବ୍ୟକ୍ତିକୁ ଅଧୀର କରେ। ତା' ଭିତରେ ଆପେ ବଞ୍ଚିବା ଓ ଆତ୍ମପ୍ରବୋଧନା ବସା ବାନ୍ଧେ। ଗୋଟାଏ ଯୁଦ୍ଧୋତ୍ତର ଓ ସଂଗ୍ରାମୋତ୍ତର (ସ୍ୱାଧୀନତା) ପୃଥିବୀରେ ବଞ୍ଚି ରହିବାର ଆବଶ୍ୟକତା ସାମ୍ବିଧାନିକ ସ୍ୱୀକୃତ ହେଲେ ମଧ୍ୟ ଆଧିପତ୍ୟବାଦୀଙ୍କ କବଳିତ ହୋଇଛି ହକ୍ ଅଧିକାର। ତେଣୁ ଏତେ ଅଡୁଆକୁ ଯିବା ଅପେକ୍ଷା ନିଜ ଅକ୍ଷରେ ଘୂରି ଦିନରାତି ଦର୍ଶନ କରିବା ପ୍ରୟାସ ଶ୍ରେୟ ମନେ ହେଲା। ଚଳିତ ସମୟରେ ପ୍ରତାରଣା ଓ ଦଲାଲି ଭାରାକ୍ରାନ୍ତରେ ସମାଜ, ଦେଶ ଓ ବ୍ୟକ୍ତି ଯନ୍ତ୍ରଣାଗ୍ରସ୍ତ। ଏଣୁ ନିଜର ଅଭିବ୍ୟକ୍ତି ଅବ୍ୟକ୍ତ ଆତ୍ମୀୟତାକୁ ଅପେକ୍ଷା କରେ।

ପରସ୍ପର ଭିତରେ ପାର୍ଥକ୍ୟ ବଢ଼ି ବଢ଼ି ଗଲେ ତାହା ଦ୍ୱନ୍ଦ୍ୱରେ ପରିଣତ ହୋଇଯାଏ। ନିଜ ଆଚରଣରେ ବ୍ୟକ୍ତି ଏକ କାଳ୍ପନିକ ଜଗତରେ ବିଚରଣ କରିବା ଭିତରେ ନାୟକ/ନାୟିକା ମନୋବାକ୍ୟରେ କିଛି ସଂଳାପ, ସଂଯୋଜନା ଓ ସମ୍ପର୍କର ସେତୁ ଉପରେ ଦଣ୍ଡାୟମାନ ହୋଇ ଦେଖନ୍ତି କାଠଯୋଡିର ପ୍ରବହମାନ ବେଗକୁ। ଫ୍ରଏଡ ଦର୍ଶନରେ ଉପନୀତ କୁମାରୀ ବାର୍ଥା ଚରିତ୍ରଟିର ପ୍ରଭାବ ଆଧୁନିକ ସାହିତ୍ୟ ଜଗତରେ ବିଶେଷ ପ୍ରଭାବ ବିସ୍ତାର କରିଥିବା ବିଶ୍ୱାସ, 'ଡାକ୍ତର ବାବୁ' ସଂଧ୍ୟାବେଳେ ଆସିବା ମାତ୍ରେ ବାର୍ଥା ତାଙ୍କ ଆଗରେ ସାବଲୀଳ କାବ୍ୟିକ ଭାଷାରେ କାଳ୍ପନିକ ନାନା ଅନୁଭୂତିମାନ ବର୍ଣ୍ଣନା କରିଚାଲେ। ତା'ପରେ ତା ମନର 'ଭ୍ରାନ୍ତ-ପ୍ରତ୍ୟକ୍ଷ' ଅପସରି

ଯିବାର ଅନୁଭୂତ ହେଲା । ନିଦ୍ରାରେ ଚାଲିବାର ସ୍ୱପ୍ନାୟିତ ଆଚରଣ ଏବଂ ଅନେକ ଭୟାତୁର ବିବକ୍ଷା ପ୍ରକାଶିତ ହେବା ପରେ ରୋଗମୁକ୍ତ ହେବାର ମନେ ହେଲା । ଏହି ପରିପ୍ରେକ୍ଷୀରେ ମନଗହନର ସଂଗୁପ୍ତ ଆବେଗଗୁଡିକ ବାହାରି ପଡିଲେ ହାଲ୍‌କା ହୋଇଯାଏ ମନର ଅବସ୍ଥା । ତେଣୁ ଉତ୍ତର ଷାଠିଏ ଠାରୁ ଆରମ୍ଭ ହୋଇଥିବା କବିତାକୁ ନିରୀକ୍ଷଣ କଲେ ପ୍ରୟୋଗବାଦୀ କବିତା କ୍ଷେତ୍ରରେ ଆଉ ଏକ ବିଚାର ଦେଖାଯାଏ । ୧୯୫୦ ରୁ ୧୯୮୦ ମସିହା ମଧ୍ୟରେ ଦୁଇଟି ଚିନ୍ତାଧାରାରେ କବିତା ହୋଇଛି ଗତିଶୀଳ । ଗୋଟିଏ ବ୍ୟକ୍ତିସର୍ବସ୍ୱ ଭାବନା ଓ ଅନ୍ୟଟି ହେଲା ସାମାନ୍ୟମୂଳକ କବିତା । ଆପେ ବଞ୍ଚିଲେ ବାପର ନାଁ ବା ଇଣ୍ଡିଭିଜୁଆଲ ଥିଓରୀ କାମ କରି ଆସିଛି । କେବଳ ଅର୍ଥନୀତିକ ଦୃଷ୍ଟିରୁ ନହେଁ, ପରନ୍ତୁ କ୍ଷୁଦ୍ର ପରିବାର ଓ ପ୍ରଣୟଭାବନା ତନ୍ମଧ୍ୟରେ ମୁଖ୍ୟ ସ୍ଥାନ ଗ୍ରହଣ କରି କବିତାକୁ କରିଛି ଏକପାଖିଆ । ହିନ୍ଦୀ ସାହିତ୍ୟରେ ଦେଖାଦେଇଥିବା 'ଅନେକ' ପନ୍ଥୀମାନଙ୍କର ଚିନ୍ତାଧାରା ସହ ଏହା ସମତାଳରେ ଗତି କରିଥିବାର ଦେଖାଯାଏ । କିନ୍ତୁ ସାମାଜିକ ସମସ୍ୟା ଏହି କାବ୍ୟ ଚେତନାରେ ସ୍ଥାନ ପାଇଥିଲେ ମଧ୍ୟ ତାହା ବିପ୍ଳବ ମୁଖର ନ ହୋଇ ସାଲିସପୂର୍ଣ୍ଣ ହୋଇଛି । ଏଷ୍ଟାବ୍ଲିସ୍‌ମେଣ୍ଟକୁ ଆଘାତ କରିବାକୁ ପ୍ରୟୋଗଧର୍ମୀ କବିଗଣ ବିଫଳ ହୋଇଛନ୍ତି । ସେମାନେ ଏକ ମୃଦୁ ପ୍ରତିବାଦ ଓ ମଞ୍ଜୁଳଭାଷାର ଆଶ୍ରୟ ଗ୍ରହଣ କରିଛନ୍ତି, ଯେତେବେଳେ ପ୍ରଗତିବାଦୀ କବିଙ୍କର କବିତା ହୋଇଛି ଶାସକ ଓ ଶୋଷଣ ବିରୋଧରେ ଶାଣିତ ତରବାରି । ଲଙ୍ଗଳାଖଣ୍ଡାର ଚାହାଣି । ଯେମିତି,

> ଶୋଷଣର ଏଇ ସମର ଘାଟିରେ
> ବୋମା ପଡୁ ବୋମା ପଡୁ
> ପୁଞ୍ଜିବାଦର ଛାତିର ରକତେ
> ଧରା ହେଉ ଜୁଡୁବୁଡୁ ।


**ପ୍ରୟୋଗବାଦର ପରମ୍ପରା**

କିନ୍ତୁ ପ୍ରୟୋଗବାଦ ଗୋଟାଏ ସୁସ୍ଥ ପରମ୍ପରା ଗଠନର ପ୍ରୟାସ କରିଥିଲେ ହେଁ ତାହା ସଫଳ ହେବାର ମନେ ହେଲା ନାହିଁ । ଏକ ଏକ୍ସପେରିମେଣ୍ଟ ମଧ୍ୟରେ ସେମାନଙ୍କ ଭାବାଦର୍ଶ ଯେପରି ସୀମିତ ହୋଇଯିବାର ମନେ ହେଲା । ପ୍ରେମ ଓ ମୃତ୍ୟୁଚେତନା ଏହି କବି ମଣ୍ଡଳୀଙ୍କ ଭାବନାର ମକ୍କା-ମଦିନା ବା ତୀର୍ଥକ୍ଷେତ୍ର ଓ ମୃତ୍ୟୁକୁ ପ୍ରେମ କରିବାର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇଛି ସତ୍ୟ, ମାତ୍ର ମୃତ୍ୟୁ ଉପରେ ପ୍ରାଚୀନ ସାହିତ୍ୟରେ ଥିବା ଅବବୋଧକୁ ଏହି କବିତା ଅତିକ୍ରମ କରିପାରି ନ ଥିବା ସ୍ପଷ୍ଟ । ଗୋଟିଏ କଥା ଉପଲବ୍ଧ- ପ୍ରୟୋଗବାଦୀ କବିତା ପ୍ରାଥମିକ ସ୍ତରରେ ଦୁର୍ବୋଧ୍ୟ, ଅବୋଧ ହୋଇଥିଲା । ପରବର୍ତ୍ତୀ ସମୟରେ କବିବୃନ୍ଦ ମତାଦର୍ଶରେ ଭିନ୍ନ ଦୃଷ୍ଟିକୋଣ ଫେରାଇ କବିତାକୁ କେବଳ ମନୋଜ୍ଞ କରି ନାହାନ୍ତି, କରିଛନ୍ତି କଳାତ୍ମକ ଓ ଭାବାତ୍ମକ । ବ୍ୟକ୍ତିଗତ ଜୀବନର ସଫଳତା ଓ ବିଫଳତା, ଆସଙ୍ଗଲିପ୍ସା ଓ ନିଃସଙ୍ଗତା, ମୃତ୍ୟୁରେ ମୁକ୍ତି ଓ କାତରତା, ମାନସିକଦ୍ୱନ୍ଦ୍ୱ ଓ ସଂଘାତ ନେଇ କବି ଏକ ଯନ୍ତ୍ରଣାଜର୍ଜର ଜୀବନର ଘେର ଭିତରେ ଆବଦ୍ଧ ହୋଇଯାଇଛନ୍ତି, ନା ମୁକୁଳି ପାରିଛନ୍ତି ଅନେକ କୋଠରିରୁ, ନା ମୁକୁଳି ପାରିଛନ୍ତି 'ବୃତ୍ତ'ରୁ ନା ଆରୋହଣ କରି 'ଶୈଳ କଳ୍ପ'ର ଶୃଙ୍ଗକୁ ବିଜୟୀ ହୋଇଛନ୍ତି । ଏମିତି ଅନେକ କିଛି ଅଧାପନ୍ତରିଆ ଚିନ୍ତା ରହିଥିଲା ପରି ମନେ ହୁଏ । କାବ୍ୟିକ ପରମ୍ପରାରେ ନୂତନତାର ଆବାହନ ଏହି କବିବୃନ୍ଦଙ୍କର ଦୁଃସାହସିକ ପଦକ୍ଷେପ ଓ ଉଦ୍ୟମ ମଧ୍ୟ । ପ୍ରଗତିବାଦୀ କବିମାନଙ୍କର ଘେର ମଧ୍ୟରେ ବିଷର୍ଣ୍ଣକାତର କବିବୃନ୍ଦ ହଠାତ୍ ଉଠିବା ଥିଲା କଷ୍ଟସାଧ୍ୟ । ଅଶି ଓ ତତ୍ ପରବର୍ତ୍ତୀ କାଳରେ କଳାତ୍ମକ ଓ ଆଧ୍ୟାତ୍ମ ଚେତନାକୁ ପୁଞ୍ଜି କରି କବିମାନେ ସାଧନା ନିର୍ଦ୍ଦିଷ୍ଟ ହୋଇଥିବା ସୁଖଦାୟକ କଥା । ତଥାପି 'ଅନ୍ଧ ମହୁମାଛି' ପରି ଘୂରି ବୁଲିବା, ଶ୍ରୀରାଧାଙ୍କ ନୂପୁର ନିକ୍ୱଣର ଅନୁଧାବନ କରିବା, 'ଚିତ୍ରାନଦୀ' ତଟରେ ସମୟର ଶେଷ ନାମ ଘୋଷଣା କରିବା, 'ଧୂଳିର ସିଂହାସନ' ଆରୋହଣ କରୁ କରୁ 'ଅରଣା ମହିଁଷି' ହାବୁଡେ ପଡିବା, ନିର୍ଜନ ନକ୍ଷତ୍ର ଅନୁସନ୍ଧାନ କରିବାକୁ ଯାଇ ନିଷିଦ୍ଧ ହ୍ରଦରେ ଦୁର୍ଯ୍ୟୋଧନ ପରି ଅଟକ ରହିବାର ସଫଳତା କବିଙ୍କୁ ମିଳି ନାହିଁ । ଏମାନେ ଜୀବନକୁ ଏକ ଲାବୋରେଟୋରୀ କରି ବା ପ୍ରୟୋଗଶାଳା ମନେ କରି ଅନ୍ୱେଷା ଓ ସଂବେଦ୍ୟ ଉଷ୍ଣତାରେ କାଳଖଣ୍ଡକୁ ନିରୀକ୍ଷଣ କରିଛନ୍ତି । ସିଦ୍ଧାନ୍ତ - ସିଦ୍ଧାନ୍ତ ସ୍ଥାନରେ ରହି ଯାଇଛି । ଅପରିପକ୍ୱତା ହେଉ, ଜୀବନର ଅସାରତା ହେଉ ବା ସଂଘର୍ଷ, ସୁଡଙ୍ଗ ଭିତରେ ଏକ

**ପ୍ରଗତିବାଦୀ କବିମାନଙ୍କର ଘେର ମଧ୍ୟରେ ବିଷର୍ଣ୍ଣକାତର କବିବୃନ୍ଦ ହଠାତ୍ ଉଠିବା ଥିଲା କଷ୍ଟସାଧ୍ୟ ।**

ଇଜିମ୍ ବା ବାଦ ନିର୍ଣ୍ଣିତ ହୋଇପାରି ନ ଥିବାରୁ ଏହି କବିତାର ଧରା ବନ୍ଧୁରମୟ ଓ ଶିଳା ସୈକତମୟ। ଏଣୁ ଉତ୍ତର ଷାଠିଏ କାଳର ଓଡ଼ିଆ କବିତାରେ ପ୍ରସାରିତ ହୋଇଥିବା କାବ୍ୟ ଚେତନା ପ୍ରୟୋଗଧର୍ମୀ କବିତା। ଶବ୍ଦର ବିଶ୍ଳେଷଣ ଅପେକ୍ଷା ଭାବର ସୂତା ଖିଅରେ ଶବ୍ଦକୁ ପୁଷ୍ପମାଲ୍ୟ ତୁଲ୍ୟ କବିତା ରଚନା କରି ଉତ୍କଳ ଭାରତୀଙ୍କୁ କରିଛନ୍ତି ପ୍ରଭାମଞ୍ଜୁଳ। ସର୍ବଭାରତୀୟ ସ୍ତରରେ ଓଡ଼ିଆ କବିତା ସ୍ୱୀକୃତ ଓ ଅତିକ୍ରମ୍ୟ ହୋଇପାରିଛି ଅବଶ୍ୟ।

ଡକ୍ଟର ସୁଶାନ୍ତ କୁମାର ପଣ୍ଡା ଅନୁରୂପ ମତ ପ୍ରଦାନ କରିଛନ୍ତି ଯେ, ସତୁରି ଦଶକର କବି ସର୍ବଦା ଜୀବନର ଶେଷ ପରିଣତି ମୃତ୍ୟୁକୁ ଦେଖି ଭୟ ଓ ଆତଙ୍କରେ ଶିହରି ଉଠିଥିବା ବେଳେ ଅଶି ଦଶକର କବିତା ବିବିଧ ଚେତନାର ସୁସମନ୍ୱୟର ଏକ ପ୍ରାୟୋଗିକ ଶିଳ୍ପକ୍ଷେତ୍ର ପାଲଟି ଯାଇଛି। ଏହି ସମୟର କାବ୍ୟ ନାୟକ ମନପ୍ରାଣ ଜଡ଼ ଓ ବିଷାଦଗ୍ରସ୍ତ। ଗୋଟିଏ ପଟେ ପ୍ରକୃତି ପ୍ରତି ତା'ର ଅସୀମ ମୋହ, ଅନ୍ୟ ପଟେ କୃତ୍ରିମ ଉପବନ ସଭ୍ୟତାରେ ସୀମାବଦ୍ଧ ଜୀବନ ପ୍ରତି ଆସକ୍ତି, ପୁଣି କେତେବେଳେ ତା'ର ଏହି ବହିର୍ମୁଖୀ ବ୍ୟକ୍ତିସତ୍ତା ସାମାଜିକ ଶୃଙ୍ଖଳରେ ଦୃଢ଼ ଭାବେ ଆବଦ୍ଧ ହୋଇଯାଇଅଛି। ଏଥିପାଇଁ ତା'ର ମନ ପ୍ରାଣ ହୋଇଛି ଦ୍ୱିଧାଗ୍ରସ୍ତ। ଦ୍ୱିଧାଗ୍ରସ୍ତ ମଣିଷର ଏହି ଚିତ୍ର ରମାକାନ୍ତ ରଥଙ୍କ 'ଶତାବ୍ଦୀର କାୟାକଳ୍ପ', ହରିହର ମିଶ୍ରଙ୍କ 'ବେଶବଦଳା, ଅପର୍ଣ୍ଣାଙ୍କ 'ନଷ୍ଟନାରୀ', ସୌଭାଗ୍ୟ ମିଶ୍ରଙ୍କ 'ବଜ୍ରଯାନ', କମଳାକାନ୍ତଙ୍କ 'ଗୀତଗାଆନାରେ ପକ୍ଷୀ' ଓ 'କବିର ଉବାଚ'ରେ ଲକ୍ଷ୍ୟ କରିପାରିବା। ଏହି ଧାରାର ଅନ୍ୟ କବିମାନେ ଦୀପକ ମିଶ୍ର, ଶରତ ପ୍ରଧାନ, ସରୋଜ ରଞ୍ଜନ ମହାନ୍ତି, ପ୍ରତିଭା ଶତପଥୀ, ନିତ୍ୟାନନ୍ଦ ନାୟକ, ରାଜେନ୍ଦ୍ର କିଶୋର ପଣ୍ଡା, ହର ପ୍ରସାଦ ଦାସ, ମନୋରମା ମହାପାତ୍ର ବିଶ୍ୱାଳ, ଫନୀ ମହାନ୍ତି, ସଦାନନ୍ଦ ଦାସ, ପ୍ରସନ୍ନ ପାଟଶାଣୀ, ଗିରିବାଳା ମହାନ୍ତି, ହୃଷୀକେଶ ମଲ୍ଲିକ, ଅପର୍ଣ୍ଣା ମହାନ୍ତି, ଶତ୍ରୁଘ୍ନ ପାଣ୍ଡବ, ଶ୍ରୀହରି ଧଳ, ସୌଭାଗ୍ୟବନ୍ତ ମହାରଣା ପ୍ରମୁଖ ନିରବଚ୍ଛିନ୍ନ ଭାବେ କବିତା ରଚନା କରି ଓଡ଼ିଆ ସାହିତ୍ୟରେ ପ୍ରତିଷ୍ଠା ଲାଭ କରିଛନ୍ତି।




## ଉତ୍ତର ଅଶି ପର୍ଯ୍ୟାୟ

ଉତ୍ତର ଅଶି କାଳରେ ଏହି କବି ବୃନ୍ଦଙ୍କ ଲେଖନୀ ଅଧିକ ଚଳଚଞ୍ଚଳ ହୋଇ ଓଡ଼ିଆ କବିତାକୁ ଶବ୍ଦ ଶିଳ୍ପର ଗୌରବଦାନ କରିଛନ୍ତି। ସୌରୀନ୍ଦ୍ର ବାରିକଙ୍କ 'ଉପଭାରତ' (୧୯୮୧), ରମାକାନ୍ତଙ୍କ 'ଶ୍ରୀରାଧା', ଶରତ ପ୍ରଧାନଙ୍କର 'ଯଯାତି', ପ୍ରତିଭା ଶତପଥୀଙ୍କ 'ଶବରୀ' ଓ ଅପର୍ଣ୍ଣା ମହାନ୍ତିଙ୍କ 'ଝିଅ ପାଇଁ ଝରକାଟିଏ' ବିଗତ କାବ୍ୟଧାରାରେ ଯୋଡି ହୋଇ କାବ୍ୟିକ ବିଭା ସମୁଜ୍ଜ୍ୱଳ ହୋଇଅଛି। ଏଥିସହିତ ସଂଯୋଗକ୍ରମେ ଅଧ୍ୟାପକ ଡ. ଦିଲ୍ଲୀପ କୁମାର ସ୍ୱାଇଁଙ୍କ ମନ୍ତବ୍ୟ ଉଦ୍ଧାର କରାଯାଇପାରେ। "୧୯୮୦ ପରବର୍ତ୍ତୀ ଓଡ଼ିଶା ତଥା ଭାରତୀୟ ବ୍ୟବସ୍ଥା ନଗରୀକରଣର ଭ୍ରାନ୍ତିରୁ ମୋହ ତୁଟାଇ କବିତା ଗ୍ରାମାଭିମୁଖୀ ହୋଇଅଛି। ଛିନ୍ନ ମୂଳ ହୋଇ ଯାଇଥିବା ଗାଆଁ ପୁଅ ପୁଣି ମାଟି ସହ ଯୋଡି ହୋଇଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଓଡ଼ିଆ କବିତାରେ ଏକ ନୂଆ ଆଧୁନିକତା ଆସିଛି।" ବକ୍ତବ୍ୟ ଏହିକି, ନୂଆ ଆଧୁନିକତା ଯାହା କହୁଛନ୍ତି, ତାହା ଉତ୍ତର ଆଧୁନିକତା। ପ୍ରୟୋଗବାଦୀ କବିତାର ଭିତ୍ତିଭୂମି ଉପରେ ନୂତନ କାବ୍ୟ ସୌଧ ପ୍ରତିଷ୍ଠା ଲାଭ କରିଅଛି। ପ୍ରୟୋଗବାଦୀ ଧାରା ଯେପରି ସିଦ୍ଧାନ୍ତହୀନ ସିଦ୍ଧାନ୍ତ, ନବ୍ୟ ଆଧୁନିକତା ସେହିପରି ଏକ ବିକଳ୍ପ ପରିକଳ୍ପନା ଓଡ଼ିଆ କବିତାକୁ "ଆଧାର କାର୍ଡ" ଦେବାର ପ୍ରୟାସ ପୋଷଣ କରିଅଛି। ପ୍ରୟୋଗବାଦୀ କବିତା କେତେକ କାରଣରୁ ଜନସାଧାରଣଙ୍କ ପ୍ରିୟତା ହାସଲ କରିବାକୁ ସମର୍ଥ ହୋଇପାରିନାହିଁ।

ଏହି ଉକ୍ତି ପ୍ରୟୋଗବାଦୀ ଧାରାର କବିତା ପାଇଁ କେତେଦୂର ପ୍ରାୟୋଗିକ ସତ୍ୟ, ତାହା ପାଠକଗଣ ବିଚାର କରିପାରିବେ। ତଥାପି ଉକ୍ତ କବିତା ସର୍ବଭାରତୀୟ ସ୍ତରରେ ବୁଦ୍ଧିଜୀବୀଙ୍କ ଦ୍ୱାରା ଆଦୃତ ହୋଇ ଓଡ଼ିଆ କାବ୍ୟ ପରମ୍ପରାକୁ ସୁଦୃଢ଼ କରି ପାରିଛି। ଏଥିରେ ପରିପାଟୀ, ଶବ୍ଦଶିଳ୍ପର ଅନବଦ୍ୟ କଳା ଓ କବି କଳ୍ପନା ଯେ ଅତ୍ୟନ୍ତ ଉଚ୍ଚକୋଟୀର ଏଥିରେ ସନ୍ଦେହ ନାହିଁ।

□□

ଲେଖକଙ୍କ ଇ-ମେଲ ଠିକଣା:
basudevdaskabi@gmail.com

ଗଳ୍ପ



# ମମତାର ମହକ

ଜୟନ୍ତୀ ସାହୁ

ଦୀର୍ଘ ସାତ ବର୍ଷ ପରେ ତପନ ବାବୁଙ୍କ ଘର ଆଜି ଅପତ୍ୟଜନିତ ଖୁସିରେ ଉଚ୍ଛୁଳି ଉଠୁଛି। ଘର ବାହାର ଚତୁର୍ଦ୍ଦିଗରେ ଖାଲି ଆଲୋକସଜ୍ଜା। ନାଲି, ନେଳି ଆଦି ବିଭିନ୍ନ ରଙ୍ଗର ଆଲୋକରେ ତାଙ୍କ କ୍ୱାର୍ଟରଟି ଅତୀବ ଚିତ୍ତାକର୍ଷକ ହୋଇଉଠିଛି। ଆଜି ରାତି ପାହିଲେ କାଲି 'ରାଜା'ର ଏକୋଇଶିଆ। ସେଥିପାଇଁ ତପନ ବାବୁ ତାଙ୍କ ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ କାହାରିକୁ ହେଲେ ନିମନ୍ତ୍ରଣ କରିବାକୁ ଭୁଲି ନାହାନ୍ତି। ଏକୋଇଶିଆର ତିନିଦିନ ପୂର୍ବରୁ ଘରସଜ୍ଜା ଓ ଆଲୋକ ସଜ୍ଜାର କାର୍ଯ୍ୟକ୍ରମ ଚାଲୁ ରହିଛି। ତଥାପି ସବୁ ସାଜ ସରଞ୍ଜାମ ମଧ୍ୟରେ ତପନ ବାବୁଙ୍କ ମନଟା କାହିଁକି କେଜାଣି ଭାରି ଅସ୍ଥିର ହେଉଛି। ତେଣୁ ସେ ବିବ୍ରତ ମନରେ ଖାଲି ଗେଟ୍ ପାଖକୁ ଆସୁଛନ୍ତି ଓ ଯାଉଛନ୍ତି। ଏତିକିବେଳେ ଅଟୋ ରିକ୍ସାଟିଏ ଆସି ଗେଟ୍ ପାଖରେ ବ୍ରେକ ଦେଲା। ତତ୍‌କ୍ଷଣାତ୍ ତପନବାବୁ ଦୌଡିଗଲେ ସ୍ୱର୍ଗାଦପି ଗରୀୟସୀ ଜନନୀଙ୍କୁ ପୂର୍ଣ୍ଣପ୍ରାଣରେ ସଂଖୋଳିବା ପାଇଁ।



ନାତି ଟୋକାକୁ ଦେଖିବା ପାଇଁ ଜେଜେମା ଅଟୋରୁ ଓହ୍ଲାଇ ସିଧା ଘର ଭିତରକୁ ଦୌଡ଼ିଗଲେ। ତା'ପରେ ଚାହିଁଲେ ଘରର ଚତୁର୍ଦ୍ଦିଗକୁ। ବାଃ, ଏଡେ ସୁନ୍ଦର ସାଜସଜ୍ଜାରେ ଆଖି ଝଲସି ଯାଉଛି। ତମାମ୍ ଘର ମହମହ ବାସ୍ନାରେ ମହକି ଉଠୁଛି। କେଉଁଠି ଜିରୋ ପାୱାରର ସ୍ତିମିତ ଲାଲ୍ ଆଲୁଅ ଜଳୁଛି ତ କେଉଁଠି ନାଲି ନେଳି ହରେକ୍ ରଙ୍ଗର ଆଲୁଅ ଖାଲି ଅଗଣିତ ତାରକା ପ୍ରାୟ ଦପ୍‌ଦପ୍ ହୋଇ ଘରର ଶୋଭାକୁ ଦ୍ୱିଗୁଣିତ କରୁଛନ୍ତି। ଘରର କାନ୍ଥ ସାରା ଖାଲି ରଜନୀଗନ୍ଧା ଆଉ ଗୋଲାପ ଫୁଲର ଛକିପକା ଆସ୍ତରଣ। ତା' ମଧ୍ୟରେ ଘରସାରା ସବୁଜ ରଙ୍ଗର ଭେଲ୍‌ଭେଟ୍ କାର୍ପେଟ୍‌ଟା ଶ୍ୟାମଳ ଦୁର୍ବାଦଳର ଭ୍ରମ ସୃଷ୍ଟି କରୁଛି। ତପନ ବାବୁଙ୍କ ମାଆ ଘରର ଅପୂର୍ବ ଶୋଭାକୁ ଦେଖୁଦେଖୁ ପୁଅର ସୌଭାଗ୍ୟ ପାଇଁ ମନେ ମନେ କେତେ ନାହିଁ କେତେ ଖୁସିରେ କୁରୁଳି ଉଠୁଥିଲେ। ପୁଣି ଦେଖୁଥିଲେ ସାରା ଘରଟାରେ ଖାଲି ଲୋକଭର୍ତ୍ତି ହୋଇଛନ୍ତି। ସମସ୍ତଙ୍କର କଥାବାର୍ତ୍ତା, ପାଟିତୁଣ୍ଡ, ହସଖୁସିରେ ସାରା ଘର ଫାଟି ପଡୁଛି। ସମସ୍ତଙ୍କ ପାଖକୁ ଚିହ୍ନିବାକୁ ଯାଇ ଯାହା ଜାଣିଲେ ତନ୍ମଧ୍ୟରୁ ଅଧାରୁ ବେଶି ଲୋକ ହେଲେ ନିଜ ପୁଅ ତପନର ଶ୍ୱଶୁର ଘରର ଲୋକ। ଆଉ ଅବଶିଷ୍ଟ ହେଲେ ତପନର ବନ୍ଧୁ ମହଲ ଇତ୍ୟାଦି ଇତ୍ୟାଦି। ବୋହୂର ନିଜ ତିନି ଭଉଣୀ ସମେତ ମାଉସୀ ଝିଅ, ପିଉସୀ ଝିଅ, ମାମୁ ଝିଅ ଏବଂ ଭାଇର ଶାଳୀ ଓ ଭଉଣୀମାନଙ୍କର ନଣନ୍ଦମାନଙ୍କୁ ମଧ୍ୟ ଡକାଯାଇଛି। ଏମାନଙ୍କୁ ସମସ୍ତଙ୍କୁ ଦେଖିଲା ପରେ ତପନବାବୁଙ୍କ ମାଆ ବସୁନ୍ଧରା ଦେବୀଙ୍କ ମୁହଁ କେମିତି କାହିଁକି ବିବର୍ଣ୍ଣ ଦିଶିଲା। ଛାତି ଭିତରେ କଲିଜାଟାକୁ କିଏ ଯେମିତି କୁଟ୍ କୁଟ୍ କରି କାଟି ପକାଇଲା ଭଳି ତାଙ୍କୁ ଲାଗିଲା। ନିପଟ ମଫସଲ ଗାଁରେ ନିରୋଜଗାରିଆ ସ୍ୱାମୀଙ୍କୁ ନେଇ ଅତି କଷ୍ଟରେ ଦିନ କାଟୁଥିବା ନିଜ ଝିଅ ସୁଦେଷ୍ଣା କଥା ଭାରି ମନେ ପଡୁଥିଲା। ଦୁଇଟି ପୁଅଙ୍କୁ ନେଇ ଅତି ନିଅଣ୍ଟିଆ ସଂସାର ତା'ର। ଗୋଟିଏ ଭଉଣୀ ହେଲେ ବି ଭାଇ ତପନର କେବେ ବି ବୋଧେ ମନେ ପଡ଼େ ନାହିଁ ତା' କଥା, କି ତା' ପିଲାମାନଙ୍କ କଥା। ସେଇ ଗାଁରେ ଧାନ, ଚାଉଳ ବିକ୍ରି କରି ଯାହା ଯେତିକି ବସୁନ୍ଧରା ପାଆନ୍ତି, ତା' ପାଖକୁ ପଠାନ୍ତି। ସିଏ ପୁଣି ପୁଅବୋହୂଙ୍କ ଅଗୋଚରରେ। ଆର ବର୍ଷ ବୋହୂ ଗାଁକୁ ବୁଲି ଯାଇଥିଲା

ଯେ, କେମିତି କାହାଠାରୁ ଶୁଣିଲା ଝିଅ ପାଖକୁ ଚାଉଳ, ବିରି ଇତ୍ୟାଦି ପଠାଉଛି ବୋଲି। ସେଇଠୁ ଶାଶୁଙ୍କ ଉପରେ ଖପ୍ପା ହୋଇ ତା' ପରଦିନ ଠାରୁ ବସୁନ୍ଧରା ଦେବୀ ଏ ଘର ମାଉସୀ, ସେ ଘର ପିଉସୀ ହୋଇ ଯାହା ଗଣ୍ଡେ ପାଆନ୍ତି, ଝିଅ ଘରେ ଅଣ୍ଟି ତଳେ ଲୁଚାଇ ଦେଇ ଆସନ୍ତି। ଏତେ ଦୁଃଖରେ ଝିଅଟା ରହିଲେ, କୋଉ ମାଆ ଅବା ଖାଇପିଇ ସୁଖରେ ରହିପାରିବ ?

ଏମିତି ସାଜସଜ୍ଜା, କୋଳାହଳ, ହସଖୁସି ଓ ଟାହିଟାପରା ମଧ୍ୟରେ ରାତି ବଢ଼ି ବଢ଼ି ଚାଲିଥିଲା। କାହିଁକି କେଜାଣି ନିଜର ଅଜାଣତରେ ବସୁନ୍ଧରା ଦେବୀ ପୁଅର ବେଡ୍‌ରୁମ୍ ପାଖକୁ ଚାଲି ଚାଲି ଆସି ପହଞ୍ଚିଗଲେ। ସେଠି ଦେଖିଲେ ପୁଅ ବୋହୂ ମିଶି ଏକୋଇଶିଆ ପାଇଁ ଲୁଗାଲିଷ୍ଟ ପ୍ରସ୍ତୁତ କରୁଛନ୍ତି। କାଲି ଦିନରେ ସବୁଯାକ ଲୁଗା କିଣା ହେବ। ସେ ଲୁଗା ଲିଷ୍ଟ ମଧ୍ୟରେ ବୋହୂର ଭଉଣୀ, ମାମୁ ଝିଅ, ପିଉସୀ ଝିଅ ଆଦିଙ୍କର ଦାମୀ ଦାମୀ ଅତ୍ୟାଧୁନିକ ଶାଢ଼ିର ବରାଦ ଅଛି ଅଥଚ ତାଙ୍କ ଝିଅ ସୁଦେଷ୍ଣା କଥା ଆଦୌ କାହାର ମନେ ନାହିଁ। ବାଧ ହୋଇ ପୁଅ ତପନକୁ ତା' ଭଉଣୀର କଥା ନିଜର ଲୁହ ଛଳ ଛଳ ଆଖିରେ ମନେ ପକାଇଦେଲେ। କାହାକୁ ବା କ'ଣ କହିବେ ? କାହା ପାଖରେ ବି ଝିଅ ପାଇଁ ଦାବି କରିବେ। ସେ ତ ଏ ଘରେ କୁଣିଆ। କୁଣିଆ ଭଳି ଏଠି ତାଙ୍କର ଉପସ୍ଥିତି। ଚାହିଁଲେ ବି କେଉଁ କଥାରେ ପାଟି ଫିଟାଇ ପାରିବେ ନାହିଁ। କହିଲେ ଅଡୁଆ, ନ କହିଲେ ବି ସହି ରହି ହେଉ ନାହିଁ। ତେଣୁ ମାତୃତ୍ୱର ଦାବିକୁ ପ୍ରାଣର ପିତୁଳା ନିଜ ରକ୍ତର ଦ୍ୟୋତକ ପୁଅ ପାଖରେ ହିଁ ବସୁନ୍ଧରା ଦେବୀ ଶେଷରେ ଉପସ୍ଥାପନ କଲେ। ମା'ର କଥା ଶୁଣି ପୁଅ ତପନ ବାବୁଙ୍କ ଲିଷ୍ଟ କରା ହାତ କ୍ଷଣେ ଅଟକିଗଲା। ଏଥର ଭାଇଟିର ହୃଦ୍‌ବୋଧ ହେଲା ସାନଭଉଣୀଟିର କଥା। ସତେ ତ ସମସ୍ତଙ୍କୁ ଡକାସରିଲାଣି, ସମସ୍ତେ ଆସି ସାରିଲେଣି, ଅଥଚ ଏ ଯାଏଁ ଡକାଯାଇ ନାହିଁ ଅତି ଆଦରର ସୁଦେଷ୍ଣାକୁ। ପୁତୁରାର ଏକୋଇଶିଆ ପାଇଁ ବିଚାରି କିନ୍ତୁ ଗାଁରେ ଥାଇ ଦିନ ଗଣୁଥିବ। ଭାଇ ଘରକୁ ଆସିବା ପାଇଁ ମନେ ମନେ ସଜବାଜ ହୋଇ କେତେ ନାହିଁ କେତେ ଯୋଜନା କରୁଥିବ ! ସୀମା ବି ଏମିତି ଭାଉଜଟିଏ ଯେ, ତାଙ୍କର ସମସ୍ତ ଦୂର ସମ୍ପର୍କୀୟଙ୍କୁ ଆଠଦିନ ପୂର୍ବରୁ ନିମନ୍ତ୍ରଣ କରି ସାରିଥିଲେ ମଧ୍ୟ ନିଜର ନଣନ୍ଦଟିକୁ ଡାକିବାକୁ ଏ ଯାଏଁ ମନେ ପଡୁନି। କିନ୍ତୁ କିଛିଦିନ ପୂର୍ବରୁ ଅତିଶୟ ଦେହ ଖରାପ ଯୋଗୁ ସୀମା ଅତି ଅସୁସ୍ଥ ହୋଇପଡିଥିଲେ। ସେତେବେଳେ ନିଜ ଭଉଣୀମାନଙ୍କୁ ଯେତେ ଡାକିଲେ ବି ସେମାନେ ତାଙ୍କର କାମର ଏବଂ ପିଲାଙ୍କ ପାଠପଢ଼ାର ଆଳ ଦେଖାଇ କେହି ବି ତାଙ୍କ ଘରର ଦାୟିତ୍ୱ କିଛି ଦିନ ପାଇଁ ହେଲେ ସମ୍ଭାଳି ନେବାକୁ ଆଗେଇ ଆସିଲେ ନାହିଁ। ଭାଇର ଗୋଟିଏ ମାତ୍ର ଚିଠି ପାଇ ଭଉଣୀ ସୁଦେଷ୍ଣା ତା'ର ପିଲା ଦୁହିଁଙ୍କୁ ଗାଁରେ ମାଆ ପାଖରେ ଛାଡ଼ି, ଭାଉଜର ସେବା କରିବା ପାଇଁ ଏବଂ ଭାଇର ସଂସାର ସଜାଡ଼ିବା ପାଇଁ ବ୍ୟାକୁଳ ଚିତ୍ତରେ ଧାଇଁ ଆସିଥିଲା। ନିଜେ ଟିକିଏ ବି ବିଶ୍ରାମ ନ ନେଇ ଭାଉଜର ପାଲଟା ଲୁଗା ଧୋଇବା ଠାରୁ ଭାଇର ସବୁ ତତ୍ତ୍ୱକୁ ସୁନ୍ଦର ଭାବେ ସେ ସେତେବେଳେ ତୁଲେଇ ନେଇଥିଲା। କିନ୍ତୁ ଦୁଃଖର ଦିନରେ ଅଣ୍ଟାଭିଡି ନିଛକ ସାହାରା ସାଜିଥିବା ଅନୁଜାଟିକୁ ଆଜି ସୁଖର ଦିନରେ ସମ୍ପୂର୍ଣ୍ଣ ବିସ୍ମରି ଯାଇଛନ୍ତି ଭାଇ ଓ ଭାଉଜ। ମାଆଙ୍କ କଥାରେ ଏକମତ ହୋଇ ଲୁଗାଲିଷ୍ଟରେ ସହୋଦରା ସୁଦେଷ୍ଣା ପାଇଁ ଦାମୀ ଶାଢ଼ିଟିଏର ତାଲିକା ଯୋଡି ଦେଲେ ଭାଇ ତପନ କୁମାର। ଏଥରକ ଭାଉଜଙ୍କ ରାଗକୁ ସମ୍ଭାଳେ କିଏ ? ଶାଶୁଙ୍କୁ ଦେଖି ମୁହଁ ଉପରେ କିଛି ନ କହି ପାରିଲେ ବି ରାଗରେ ଫଣ ଫଣ ହୋଇ ସେମିତି ବେଡ୍ ଉପରେ ବସି ରହିଲେ। କିଛି ସମୟ ପରେ ପାଟି ଖୋଲି କହିଲେ ଏଥିରେ ଯେଉଁମାନଙ୍କୁ ଦାମୀ ଶାଢ଼ି ଦିଆଯାଉଛି, ସେମାନେ ସମସ୍ତେ ସୁନା ରୁପାର ଦାମୀ ଦାମୀ ଉପହାରମାନ ପୁଅକୁ ଦେବେ। ତେଣୁ ତାଙ୍କ ସଙ୍ଗେ ସୁଦେଷ୍ଣାର ଉପହାର କ'ଣ ସମାନ ହେବ ? ଏଭଳି କଥା ରାଗମିଶା ସ୍ୱରରେ ଧୀରେ ସ୍ୱାମୀକୁ କହିଦେଇ ସେ ଘରୁ ଉଠି ଅନ୍ୟ ଘରକୁ ଦ୍ରୁତ ବେଗରେ ଚାଲିଗଲେ। ମା' ବସୁନ୍ଧରାଙ୍କ ଛାତିରେ କିନ୍ତୁ ବୋହୂର ଏ କଥାଗୁଡାକ ଶର ହୋଇ ଗଳିଯାଉଥିଲା। ଆଖି ଲୁହକୁ ପଣତ କାନିରେ ପୋଛି ସେ ମଧ୍ୟ ପୁଅ ପାଖରୁ ଅନ୍ୟତ୍ର ଚାଲି ଆସିଲେ।

**କୁଣିଆ ଭଳି ଏଠି ତାଙ୍କର ଉପସ୍ଥିତି। ଚାହିଁଲେ ବି କେଉଁ କଥାରେ ପାଟି ଫିଟାଇ ପାରିବେ ନାହିଁ। କହିଲେ ଅଡୁଆ, ନ କହିଲେ ବି ସହି ରହି ହେଉ ନାହିଁ।**

ତା' ପରଦିନ "ରାଜା"ର ଏକୋଇଶିଆ। ସକାଳୁ ସକାଳୁ

ତପନ ବାବୁଙ୍କ ପିଅନ ସୁଦେଷ୍ଣାର ଶାଶୁଘରକୁ ଡାକିବାକୁ ଗଲା। ଯା ହେଉ, ଯଥା ସମୟରେ ସୁଦେଷ୍ଣା, ତା'ର ସ୍ୱାମୀ ଓ ପିଲାମାନେ ଆସି ଭାଇର କ୍ୱାର୍ଟରରେ ପହଞ୍ଚିଗଲେ। ସନ୍ଧ୍ୟା ବେଳକୁ ଏକୋଇଶିଆ ପାଇଁ ବିରାଟ ପାର୍ଟିର ଆୟୋଜନ ହୋଇଥାଏ। କାହିଁ କେତେ କେତେ ସୁଟ୍‌କୋଟ ପରିହିତ ଭଦ୍ରଲୋକ ଓ ପାଟଶାଢ଼ି ଏବଂ ଅଳଙ୍କାର ବିମଣ୍ଡିତା, ଲିପ୍‌ଷ୍ଟିକ ସୁଶୋଭିତା ଭଦ୍ରମହିଳା ବିଭିନ୍ନ ପ୍ରକାର ରଙ୍ଗବେରଙ୍ଗି କାଗଜରେ ଗୁଡାହୋଇଥିବା ଉପହାର ସାମଗ୍ରୀମାନ ଧରି ପାର୍ଟିରେ ଯୋଗ ଦେଉଥାନ୍ତି। ବହୁ ବାଞ୍ଛିତ ରାଜାକୁ କୋଳରେ ଧରି ସ୍ୱର୍ଗ ରାଇଜର ପରୀଟିଏ ପରି ସଜ୍ଜିତ ହୋଇ ସୀମା ସିଂହାସନର ଭ୍ରମ ସୃଷ୍ଟି କରୁଥିବା କାରୁକାର୍ଯ୍ୟ ଭରା ଚେୟାର୍ ଉପରେ ବସିଥାନ୍ତି। ପାଖରେ ତପନ ବାବୁ ମଧ୍ୟ ଉପବେଶନ କରି ସହାସ୍ୟ ବଦନରେ ଚତୁର୍ଦ୍ଦିଗକୁ ନିରୀକ୍ଷଣ କରୁଥାନ୍ତି, ସମସ୍ତେ ଜଣ ଜଣ ହୋଇ ସୀମାଙ୍କ ହାତକୁ ପ୍ରୀତି ଉପହାର ବଢ଼ାଇ ଦେଇ ଯେଝା ଯେଝା ସ୍ଥାନକୁ ଚାଲି ଯାଉଛନ୍ତି। ତା ପରେ ଆସିଲା ସୀମାଙ୍କ ଭଉଣୀମାନଙ୍କ ପାଳି। ଷ୍ଟେପ୍ କଟ୍, ମସ୍‌ରୁମ୍ କଟ୍, ୟୁ କଟ୍, ବବ୍ କଟ୍ ହେୟାର୍ ଷ୍ଟାଇଲ୍‌ଯୁକ୍ତା ଅତ୍ୟାଧୁନିକ ବେଶଧାରିଣୀ ସୀମାର ଭଉଣୀମାନେ ସଗର୍ବରେ ଛାତି ଫୁଲାଇ ସମସ୍ତଙ୍କ ସମ୍ମୁଖରେ କାନ୍ଧରେ ଓହଳିଥିବା ଭ୍ୟାନିଟି ବ୍ୟାଗ୍‌ରୁ ସୁନାର ମୁଦି ଗୋଟିଏ ଗୋଟିଏ କାଢ଼ି ରାଜାର ଆଙ୍ଗୁଠିରେ ପିନ୍ଧାଇ ଦେଇ ପ୍ରସ୍ଥାନ କଲେ। ସଭାଶେଷରେ ତପନ ଏଥର ସାନ ଭଉଣୀ ସୁଦେଷ୍ଣାକୁ ଖୋଜିଲେ। ଭାଇର ଖୋଜିବା ଜାଣି ରଙ୍ଗଛଡା ସମ୍ବଲପୁରୀ ଶାଢ଼ିରେ ଆପାଦମସ୍ତକ ଆବୃତା, ଅଳଙ୍କାର ବିହୀନ ଅର୍ଦ୍ଧଶିକ୍ଷିତା ଗାଉଁଲୀ ଭଉଣୀଟି ଅତି ସଂଭ୍ରମର ସହ ସମସ୍ତଙ୍କ ସାମ୍ନାକୁ ଆସିଲା। ତା'ର ବେଶଭୂଷା ଦେଖି ଭାଉଜ ମହାଶୟା ଈଷତ୍ ନାସିକା କୁଞ୍ଚନ କରି ଉଠିଲେ। ସେଥିକୁ ଭ୍ରୂକ୍ଷେପ ନ କରି ପଣତ କାନିର ସାତଗଣ୍ଠି ଫିଟାଇ ସୁଦେଷ୍ଣା ବାହାର କଲେ ଏକ ଲକେଟ୍ ଲଗା ସୁନାଚେନ୍। ଭାଉଜଙ୍କ କୋଳରୁ ରାଜାକୁ ନିଜ ବକ୍ଷଦେଶକୁ ଏଥର ଉଠାଇ ଆଣିଲେ। ଭରା ଶ୍ରଦ୍ଧାର ସ୍ମାରକ ରୂପେ ତା' ଗାଲରେ କିଛି ସମୟ ଯାଏଁ ଚୁମା ପରେ ଚୁମା ଆଙ୍କି ଦେଇଗଲେ। ଚିବୁକ ଦେଇ ଆପଣାଛାଏଁ ଗଡିଯାଉଥିବା ଅମାନିଆ ଆଖିର ଲୁହକୁ ତତ୍‌କ୍ଷଣାତ୍ ପୋଛି ପକାଇ ଅତି ଆଦରର ଧନ ରାଜାର ବେକରେ ସେ ଲକେଟ୍ ଲଗା ସୁନା ଚେନ୍‌ଟିକୁ ଗଳାଇ ଦେଲେ। ସମସ୍ତେ ଏ ହୃଦୟଗ୍ରାହୀ ଦୃଶ୍ୟକୁ ତଟସ୍ଥ ହୋଇ ଦେଖୁଥିଲେ। ରାଜା ସେ ଚେନ୍‌ଟିକୁ ପିନ୍ଧି କ୍ଷଣେ କାଳ ଉଲ୍ଲସି ଉଠିଲା।

ପାର୍ଟିର ପରିସମାପ୍ତି ଅନ୍ତେ ଭାଇ ତପନ ବାବୁ ପ୍ରାଣର ଭଉଣୀ ସୁଦେଷ୍ଣା ପାଖକୁ ଗଲେ। ତୁ ଏ ସୁନା ଚେନ୍ କେଉଁଠୁ ଓ କେମିତି କିଣିଲୁ ବୋଲି ପଚାରିଦେଲେ। ସୁଦେଷ୍ଣାଙ୍କ ମୁହଁରୁ କିଛି ଉତ୍ତର ଆସିବା ପୂର୍ବରୁ, ମୁଖରା ଭାଉଜ ଚଟାପଟ୍ ଉତ୍ତର ଦେଲେ, ଯିଏ ନିଜେ ଖଣ୍ଡେ ସୁନା ଅଳଙ୍କାର କିମ୍ୱା ଦାମୀ ଶାଢ଼ିଟିଏ ପିନ୍ଧି ନ ପାରି, ଏତେ ବଡ ପାର୍ଟିରେ ଯୋଗ ଦେବାକୁ ଆସିପାରିଛି। ସେ ପୁଣି ପୁତୁରା ପାଇଁ ଲକେଟ୍ ଲଗା ସୁନାଚେନ୍ କେଉଁଠୁ ଆଣିବ ? ଏଇଟା ପୂରା ମତେ ଇମିଟେସନ୍ ଭଳିଆ ଲାଗୁଛି। ଛାତି ତଳର ଉଦ୍‌ଗତ କୋହକୁ ଛାତିରେ ଚାପି ଭାଇଙ୍କ ମୁହଁକୁ ଚାହିଁ ଦୁଃଖିନୀ ଭଉଣୀ ଏଥର କଥା ଆରମ୍ଭ କଲା, ଭାଇ ! ତମେ ଦଶ ବର୍ଷ ତଳେ ମୋ ବଡ଼ପୁଅ ଏକୋଇଶିଆରେ ଯେଉଁ ଲକେଟ୍ ଲଗା ଚେନ୍‌ଟା କଟକରୁ କିଣି ଉପହାର ଦେଇଥିଲ, ସେଇ ଚେନ୍‌ଟା ମୁଁ ସେମିତି ହିଁ ଥୋଇ ଦେଇଥିଲି। ଅଭାବରେ ପଡି ସଂସାର ବଞ୍ଚେଇବା ପାଇଁ ମୋ ଦେହରୁ ସବୁତକ ଅଳଙ୍କାର ବିକ୍ରି କରି ଦେଲି ସିନା, ତମ ସ୍ନେହର ସ୍ମାରକ ଏହି ଚେନ୍‌ଟିକୁ ବିକ୍ରି କରିପାରି ନ ଥିଲି। ମୋ ପୁଅ ଠାରୁ ବଳି ମୋର ଏକମାତ୍ର ପୁତୁରାକୁ ମୁଁ ବା ଆଉ କ'ଣ ଅଧିକ ପ୍ରୀତି ଉପହାର ଦେଇପାରିଥାନ୍ତି ! ତେଣୁ ଆସିଲା ବେଳକୁ ସେଇ ଚେନ୍‌ଟିକୁ ପଣତ କାନିରେ ଭଲ କରି ବାନ୍ଧି ନେଇ ଆସିଥିଲି। ସାନଭଉଣୀର ମମତାବୋଳା ଉତ୍ତର ଓ ମହାର୍ଘ ପ୍ରୀତି ଉପହାର ଭାଉଜଙ୍କୁ କ'ଣ ଲାଗିଥିଲା କେଜାଣି, କିନ୍ତୁ ଭାଇ ତପନ ବାବୁଙ୍କ ଅନ୍ତଃସ୍ଥଳଟା ଥରାଇ ଦେଉଥିଲା।

**ଅଭାବରେ ପଡି ସଂସାର ବଞ୍ଚେଇବା ପାଇଁ ମୋ ଦେହରୁ ସବୁତକ ଅଳଙ୍କାର ବିକ୍ରି କରିଦେଲି ସିନା, ତମ ସ୍ନେହର ସ୍ମାରକ ଏହି ଚେନ୍‌ଟିକୁ ବିକ୍ରି କରିପାରି ନ ଥିଲି।**

□□

ଲେଖିକାଙ୍କ ଇ-ମେଲ୍ ଠିକଣା:
jayantisahoo10@gmail.com


ରମ୍ୟରଚନା

# ଘଣ୍ଟୁଆର ମହାଘାଣ୍ଟ



ଡ. ଅଜୟ କୁମାର ମିଶ୍ର

ଅଭିମନ୍ୟୁ ସୁଭଦ୍ରାଙ୍କ ଗର୍ଭରେ ରହିଥିବା ବେଳେ, ଅର୍ଜୁନଙ୍କ କଥୋପକଥନ ଶୁଣି ଚକ୍ରବ୍ୟୂହ ଭେଦ କଥା ଆୟତ୍ତ କରିନେବା ଘଟଣା ମହାଭାରତରେ ବର୍ଣ୍ଣିତ। ସେହି ନ୍ୟାୟରେ ଘଣ୍ଟୁଆ ବି ମାଆପେଟରେ ଥାଇ ଆଜିର ଅନେକ ଘଟଣା ଆପେ ଆପେ ବିନା ଗୁରୁରେ ସଦ୍‌ଜ୍ଞାନ ରୂପେ ପାଇଯାଇଛି। ନ ହେଲେ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ସାଥୀ ସରିପାଙ୍କୁ ଭେଦେଇ, ପଟେଇ କାଗଜ, କଲମ, ଖାତା, ପେନ୍‌ସିଲ ସେ ଆୟାସରେ ହାତେଇପାରୁ ନ ଥାନ୍ତା। ମାଇନର ପାଠ ବେଳକୁ ସେ ଆତ୍ମଘୋଷିତ ବାବାଙ୍କ ଭଳି ଶ୍ରେଣୀରେ ନନ୍‌ଅଫିସିଆଲ ମନିଟର ହେଇପାରି ନ ଥାନ୍ତା। ଭଲ ପାଠ ପଢ଼ି ପିଲା ମନିଟର ହେବାଟା ଥୟ। ମାତ୍ର ଘଣ୍ଟୁଆ ତାକୁ ଶାଠରେ ଅଥୟ କରି, ଓଭର ମନିଟର ସାଜିଥିଲା। ମହିଳା ସରପଞ୍ଚଙ୍କ ସ୍ୱାମୀର ଇଙ୍ଗିତରେ ପଞ୍ଚାୟତ ଚାଲେ, ଘଣ୍ଟୁଆର ଇଙ୍ଗିତରେ ସବୁକିଛି ହୁଏ।



କଲେଜ ପାଠ ବେଳକୁ ଘଣ୍ଟୁଆ ଧନୁର୍ଦ୍ଧର ଯୁବକ। କଲେଜ ଇଲେକ୍‌ସନ୍ ଭଳି ମାଙ୍କଡ ନାଚରେ, ସେ ନରହରି ହେଇ ମୃଗ ନଚାଏ। ତା' ହାତରେ ତ୍ରିଗୁଣ ଦଉଡି। ମାତ୍ର କଲେଜ ଦିନଗୁଡିକ କେଉଁଆଡେ ଉଭାନ ହେଇଗଲା। ଘଣ୍ଟୁଆ ଠେଲାପେଲା କରି ସରସ୍ୱତୀଙ୍କୁ ପୋଷା ମନେଇ ପରୀକ୍ଷା ବୈତରଣୀ ତରିଗଲା। ଏଣିକି ଗାଆଁରେ ସହର ତଳି ଅଞ୍ଚଳରେ ଘଣ୍ଟୁର ଆଖେଡା। ତା' ଭଳିଆ ଡବଲ ମୁତ୍ ଫରକାଙ୍କୁ ଏକାଠି କରି ଗାଆଁରେ କ୍ଲବ ଗଢ଼ିଲା। ଗାଁ ମୁଣ୍ଡ ଗୋଦଣ୍ଡାରେ ନଡା ବାଉଁଶ ଚାନ୍ଦା କରି ଘର ଦି ବଖରା କରେଇଲା। ପ୍ରଥମେ ସମବର୍ଗର ବାହିନୀଙ୍କୁ ଧରି ଅଗଷ୍ଟ ୧୫ ଆଉ ଜାନୁଆରୀ ୨୬ ପାଳିଲା। ରାତିରେ ଅବଶ୍ୟ ଭୋଜିଟା ଅଲବତ୍। ସ୍ଥାନୀୟ କୁଜିନେତାଙ୍କୁ ଆଣି ପତାକା ତୋଳିଲା, ତାଙ୍କ ଫଟୋମାନ ମୋବାଇଲରେ ଛାଡିଲା।

କିଛିଦିନ ପରେ ସେଇ ନଡାଛପର ଘର ସାମନାରେ 'ଆଦର୍ଶ ଯୁବକ ସଂଘ'ର ସାଇନ୍‌ବୋର୍ଡଟେ ଟାଙ୍ଗିଦେଲା। ଆଠ ପ୍ରାଣୀଆ ପରିବାର ଭିତରେ ଚଳପ୍ରଚଳ ହେବାର ଯନ୍ତ୍ରଣାରୁ ମୁକ୍ତି ପାଇ ଘଣ୍ଟୁଆ ଏଇଠି ଡେରା ପକେଇଲା। ଆଉମାନେ ଥାନା ପାଳି ଦିଆ ଗ୍ରାମରକ୍ଷୀ ଭଳିଆ, ମଧ୍ୟେ ମଧ୍ୟେ ଯା'ଆସ କରନ୍ତି। ଆଖପାଖର ସବୁ ଖବର ଘଣ୍ଟୁଆ ପାଖରେ।

ଅଦ୍ଭୁତ ଲାଗିଲେ ବି ଏଇଟା ସତ ଯେ, ଘଣ୍ଟୁଆ ଜଣେ ଅତ୍ୟନ୍ତ ପରୋପକାରୀ ଯୁବକ। ସକାଳୁ ଗାଁ ପାଖ ବଜାରରେ ବାଇକ୍‌ଟା ଧରି ପହଞ୍ଚେ, କେହି କେହି ସହରାଗତ ଆସିଲେ ତାଙ୍କୁ ଏକ ପ୍ରକାର ଘେରିଯାଏ। ନମସ୍କାର କରେ। ଘରକୁ ଯିବାକୁ ଗାଡି ବା ରିକ୍ସା ଲୋଡୁଥିବା ଲୋକଙ୍କୁ ନିଜ ବାଇକରେ ବସାଇ ତିନି ଚାରି କିମି ଦୂରରେ ଥିବା ସେମାନଙ୍କ ଘରେ ଛାଡିଦିଏ। ଆଜିକାଲିର ତେଲ ମହଙ୍ଗା ଯୁଗରେ ନିହାତି କାହା କାହାଠାରୁ ଶହେ ଦେଢଶହ ନିଜ ପକେଟସ୍ଥ କରାଏ। ଲୋକଙ୍କ ଉପକାର କଲେ, ଖାଇବା ପିଇବା ବି ଆପେ ଯୋଗାଡ ହେଇଯାଏ।

ସଞ୍ଜବେଳକୁ ନିହାତି ପ୍ରଭୁ ଜଗନ୍ନାଥଙ୍କ ଆଳତି ବନ୍ଦ ହେଇଯାଇପାରେ, ମାତ୍ର କ୍ଲବରେ ଘଣ୍ଟୁଆର ଅନୁପସ୍ଥିତି ଏ ଯାଏଁ କାହା ନଜରରେ ଆସି ନାହିଁ। ଉପସ୍ଥିତମାନଙ୍କ ନାନା ଅର୍ଥକରୀ ଯୋଜନା କରେ, ସମସ୍ତଙ୍କ ମନରେ ଘଣ୍ଟୁ ପ୍ରତି ଆଦର ବଢ଼େ, ଆଗ୍ରହ ବି ବଢ଼େ। ଘଣ୍ଟୁ ଆଦର୍ଶରେ କେତେଜଣ ଅକର୍ମା ମଧ୍ୟ ଘରୁ ଖାଇ ଘଣ୍ଟୁ ଆଶ୍ରିତ ହୋଇଛନ୍ତି।

ଆଖପାଖ ମଥୁରାରୁ ଗାଁ ଗୋପକୁ ଫେରୁଥିବା ଅନେକ କହ୍ନେଇଙ୍କୁ ଘଣ୍ଟୁ ଥାନ କାଳ ଦେଖି ଯା ଭିତରେ ଖିଅର କରିସାରିଲାଣି। ନନ୍ଦ-ଯଶୋବନ୍ତୀଙ୍କୁ ଅନ୍ଧ କରି ଯାଇଥିବା ଅନେକ କାହ୍ନାଙ୍କୁ ସେ ସାକ୍ଷାତ କରି, ନନ୍ଦ ଯଶୋଦାଙ୍କ ଅଭାବ ଅନଟନ, ଅସୁବିଧା ବଖାଣ କରି ସେମାନଙ୍କ ମନରେ ଦରଦ ଭରିଚି, ଆଉ ବଦଳରେ କିଛି ବି ପକେଟସ୍ଥ କରିନେବାର ପ୍ରତିଶ୍ରୁତି ତଥା ପିଗିଲେଇ ଦେଇ ଚାନ୍ଦା ଆଣିଚି। ଯାତ୍ରାଦଳର କେତେଜଣ ଗାଉଣା ବାଜାବାଲାଙ୍କୁ ଆଣି କଳାକାର ଭତ୍ତା କରାଇବାର ଲୋଭ ଦେଖାଇ, ମାଗଣାରେ ଗାନା ବାଜଣା ବି କରେଇଚି।

**ମନ କିଆରିରେ ଘଣ୍ଟୁ ବିଶ୍ୱାସର ମଞ୍ଜି ବୁଣିଦେଲା, ଘଣ୍ଟୁର ନିରନ୍ତର କଥାବାର୍ତ୍ତାରେ ସେ ମଞ୍ଜିମାନ ଗଜା ହେଲା, ଗଛ ବି ହେଲା।**

ଘଣ୍ଟର ଯୋଜନା ଏବେ ବାହାର ଆଡେ। ନାହାକ ପାଞ୍ଜି ଗଣନା କଲା ଭଳିଆ, ନେତାଏ ଭୋଟ ଆକଳନ କଲା ଭଳିଆ, ଘଣ୍ଟୁ ଦେଖିଲା ତାଙ୍କ ଆଖପାଖ ଅଞ୍ଚଳରୁ କେଉଁମାନେ ସୁଦୂର ଆମେରିକା, ଲଣ୍ଡନ, ଅଷ୍ଟ୍ରେଲିଆ କି ଆଉ କୁଆଡେ କୁଆଡେ ଯାଇ ଦାନାପାଣି ଦାୟରେ ସେଠି ଅଟକି ଯାଇଛନ୍ତି। ଏଇ ମର୍ତ୍ତ୍ୟ କୁବେରମାନଙ୍କ ଠା, ଠିକଣା ସେମାନଙ୍କ ଘରକୁ ଯାଇ ବିକଳିଆ ନନ୍ଦ-ଯଶୋଦାଙ୍କ ଠାରୁ ସଂଗ୍ରହ କଲା। କାନଫୁଙ୍କା ନମ୍ବର ଆଣି, ସେମାନଙ୍କୁ ଯୋଗାଯୋଗ କଲା, ଜଣେଇଲା ନିଜର ଉଦ୍ଦେଶ୍ୟ। କେହି କେହି ଉତ୍ତର ଦେଲେ, କେହି ନିରୁତ୍ତରିତ ରହିଲେ। ଉତ୍ତର ଦେଲାବାଲାଙ୍କ ମନ କିଆରିରେ ଘଣ୍ଟୁ ବିଶ୍ୱାସର ମଞ୍ଜି ବୁଣି ଦେଲା, ଘଣ୍ଟୁର ନିରନ୍ତର କଥାବାର୍ତ୍ତାରେ ସେ ମଞ୍ଜିମାନ ଗଜା ହେଲା, ଗଛ ବି ହେଲା।

ଗାଁ ଗୋପକୁ କାଁ ଭାଁ ସଙ୍ଖୁଳି ଆସୁଥିବା, କେତେଜଣ କାହ୍ନାଙ୍କୁ ବେଳକାଳ ଉଣ୍ଡି ଦେଖା କରି ବଖାଣିଲା ଗାଁର ଦୁରବସ୍ଥା। ସେମାନେ ଏଇ ଗାଁ ମାଟି, ପାଣି ପବନରେ ମଣିଷ ହେବାରୁ ଯେ, ଆଜି ଯାଇ ମଥୁରା, ଦ୍ୱାରକାରେ ଏକ ପ୍ରକାର ରାଜପଣ କରୁଛନ୍ତି। ଏ ଗାଆଁକୁ ଭୁଲି ଗଲେ ହବ କେମିତି ? ତେଣୁ ଏ ଗାଁ ଅଧିକତର ଉଜ୍ଜ୍ୱଳ କରିବାକୁ ହେଲେ, ଏଠି ପାଠାଗାର, ସଙ୍ଗୀତ କେନ୍ଦ୍ର ପ୍ରଭୃତି ସିନା ଗଢ଼ା ହେବା ଦରକାର ! ଘଣ୍ଟୁ ବକ୍ତବ୍ୟର ଶିରାଟା କେତେଜଣଙ୍କ ମୁହଁ ବାନ୍ଧି ପକେଇଲା। ସେମାନଙ୍କ ଭିତରେ ଗାଁର ସଞ୍ଜୀବନୀ ମନ୍ତ୍ର ଦେଲା ଘଣ୍ଟୁ। କେହି କେହି ସହୃଦୟଙ୍କ ହୃଦୟ କେନାଲରେ ବର୍ଷାଦିନିଆ ଆନିକଟ ପାଣି ଆସିଲା ଭଳିଆ, ଗାଁ ମମତାର ଢେଉ ଖେଳିଲା। ଯା ଭିତରେ ଜଣେ ପୁସ୍ତକପ୍ରେମୀ ମଥୁରାପତିଙ୍କ ଦୟାରୁ କିଛି ମୋଟା ଦାନ ଆଣି, ଘଣ୍ଟୁ ତିନିଟା ଆଲମିରା କିଣି ପକେଇଲା। ଗାଁ ପିଲାଙ୍କଠାରୁ ପୁରୁଣା ବହି, ଗାଁ ଲୋକଙ୍କ ପୁରୁଣା ପାଞ୍ଜି, ଓଷା-ବ୍ରତ ବହିମାନ ସଂଗ୍ରହ କରି ଆଲମିରା ଥାକ ଭରି ଦେଲା। ବାବୁ ଆସିବା ଦିନ, ଅକର୍ମାମାନଙ୍କୁ ହାଜିର କରେଇ ବାବୁଙ୍କ ପଛରେ କେତେ କଷ୍ଟ କରି କେମିତି ଫଳ ଫଳେଇଚି ବୋଲି ଦର୍ଶାଇ, ଆଉ କିଛି ଅନୁଦାନ ବି ହାତେଇଲା।

ଘଣ୍ଟୁର ଅସମ୍ଭବ ପ୍ରକାର ପାରିଲାପଣ ତନଖି କରିବା ପରେ ବାବୁଙ୍କର ଆନନ୍ଦର ପାରଦଟା ଉପରମୁହାଁ ହେଇ ଦୁଲୁକିଲା। ବାବୁଙ୍କ ବଦାନ୍ୟତାର ବସନ୍ତରା ଠେକିରୁ ଏଣିକି ଥପ୍ ଥପ୍ ହେଇ ପାଣି ଗଳିଲା ଭଳିଆ ସାହାଯ୍ୟ ଟଙ୍କାର ପାଣି ଝରି ଆସୁଥିଲା। ଘଣ୍ଟୁର ଚାତକିଆ ଜିଭଟା ବାହାରକୁ ବାହାରିବା ବାହାରିବା ହେଉଥିଲା। ମାତ୍ର ଏତେବେଳକୁ ବାବୁଙ୍କ କାନଫୁଙ୍କାରେ ଗୋଟାଏ କଲ୍ ଆସିଲା। ସେଇ କଲ୍ ଧରୁ ନ ଧରୁଣୁ ଗ୍ରୀଷମ ବାମ୍ଫରେ ନାଲି ଟୁକୁଟୁକୁ ଗଛ ପାଚିଲା ଆମ୍ବଟା ହଠାତ୍ ପଚାପଡିଗଲା ଭଳିଆ ମୁହଁଟା କେମନ୍ତ ପ୍ରକାରେ ସେପେଟା ହେଇଗଲା। ଘଣ୍ଟୁ ଡାକୁଥିଲା, ଭାଇ ଏଇ କଫିଟା ଥଣ୍ଡା ହେଇଯାଇଛି। ଫୋନ କଲ୍‌ରେ କ'ଣ ଶୁଣିଲେ କେଜାଣି ବିନା କଫିରେ ବି ବାବୁଙ୍କ ମଥାରୁ ଝାଳ ବୋହୁଥିଲା। ଏକା ଝଲକରେ ବାବୁ ଚୌକି ଛାଡିଲେ, ପାଠାଗାର ପରିଦର୍ଶନ ସେତିକିରେ ରହିଲା।

ଭିତରର ବାମ୍ଫୁଆଣିକୁ ଭିତରେ ଭିତରେ ଚାପି ଚୁପି ଦେଇ; ବାବୁ ମୁହଁରେ ସାମାନ୍ୟ ମଖମଲି ହସଟିଏ ଉକୁଟାଇ; ଅଗତ୍ୟା ଘଣ୍ଟୁଠାରୁ ବିଦାୟ ନେବା ବେଳେ ଜଣାଇଲେ ମୁଁ ଫୋନ୍‌ରେ

କଥା ହେବି ଘଣ୍ଟେଶ୍ୱର।

ଘଣ୍ଟୁ ମନେ ମନେ ଘାଣ୍ଟିହେଲା। କିଏ ଗୋଟେ ବିରୋଧିଆ ବୋଧେ ଘଣ୍ଟୁ ଘାଣ୍ଟଚକଟା ବାବୁଙ୍କ କାନରେ ଫୋଡି ଦେଇଛି। ହେଲେ ପରବାୟ କିଆଁ। ଯାଉ ହେ ସେ ବାବୁ। ଅନ୍ୟ ଫାଶ ପକେଇ ଅନ୍ୟ କାହାକୁ ଛଅର କରିବା ମୋତେ କେତେ ବା ସମୟ ଲାଗିବ?

ଚଷା ହୁଡିଲେ ବରଷେ, ଗଉଡ ହୁଡିଲେ ଦିନେ- ମାତ୍ର ଘଣ୍ଟୁ ହୁଡିଲେ ଘଣ୍ଟାଏ। ଘଣ୍ଟାଏ ପରେ ଘଣ୍ଟୁ ନୂଆ ପାଞ୍ଜି ପାଞ୍ଚିଲା। ନ ହେଲା ଏ ପାଠାଗାରର ଅନୁଦାନ। ବିଦେଶୀ ଟଙ୍କାକୁ ଦେଶୀ ଭାବରେ ଅମଳ କରି, ଘଣ୍ଟୁ ଏଥର ନୂଆ ବାଟ ଖୋଜିଲା। କିଛି ଦିନ ପରେ ଆଦର୍ଶ ପାଠାଗାର ସ୍ଥାନରେ ଦେଖାଦେଲା "ଆଦର୍ଶ ସଙ୍ଗୀତ ଶିକ୍ଷା କେନ୍ଦ୍ର"ର ସାଇନ୍‌ବୋର୍ଡ। କିଏ କେମିତି ଜୁଟିଲେ; ଘଣ୍ଟୁ ନୂଆ ତରିକାରେ ସେମାନଙ୍କୁ ବୁଝାଇ ଦେଲା ଏମନ୍ତ ଅନୁଷ୍ଠାନର କାର୍ଯ୍ୟ, ଭବିଷ୍ୟ। ଆଜିକାଲି ବିଭିନ୍ନ ଟି.ଭି. ଚ୍ୟାନେଲ୍‌ରେ ପ୍ରସାରିତ ହେଉଥିବା ନାଚ-ଗୀତ ପ୍ରତିଯୋଗିତା ପାଇଁ ଏଠି ବଡ ବଡ ଓସ୍ତାଦ୍‌ଙ୍କ ଦ୍ୱାରା ତାଲିମ୍ ଦିଆଯାଉଛି। କିଛି ନାଟୁଆ, ଦେଢ଼ ନାଟୁଆ, ଦୋବାକି ସଙ୍ଗୀତିଆ, ସଙ୍ଗୀତିଆଣୀଙ୍କୁ ନେଇ ଚାଲିଲା ଆଖଡା। ତାକୁ ରେକର୍ଡିଂ କରି ଆମେରିକାରେ ଥିବା ସଦାନନ୍ଦଙ୍କୁ ପଠେଇଦେଲା ଘଣ୍ଟୁ। ସପ୍ତାହକ ପରେ ଆମେରିକାର ସଦାନନ୍ଦ ବି ଘଣ୍ଟୁର ଥୋପ ଗିଳିଲେ। ଗ୍ରାମୀଣ ଜୀବନରେ ନାଚ-ଗୀତର ସଂସ୍କୃତି ମଶାଲ ଜଳାଉଥିବା ଘଣ୍ଟୁକୁ ତାରିଫ୍ କଲେ। ମାତ୍ର ଅନୁଷ୍ଠାନ ଘୋର ଅର୍ଥାଭାବରେ ଚାଲୁଚି, ନିଜକୁ ବନ୍ଧା ପକାଇ ଏ ସବୁ କାମ କରୁଛି। ଅନୁଷ୍ଠାନରୁ ପର ପଇସାର ତେଲ ସରି ଆଣିଲାଣି, କେତେବେଳେ ବି ଲିଭିଯାଇପାରେ। ସଦାନନ୍ଦ ତରଳିଯାଇ ଓଡ଼ିଶା ହିସାବରେ ଆମେରିକାରୁ ଟଙ୍କା ପଚାଶ ହଜାର ପଠାଇ, ନୂଆ ବାଦ୍ୟଯନ୍ତ୍ର କିଣିବା ପାଇଁ ଘଣ୍ଟୁକୁ ବାର୍ତ୍ତା ଦେଲେ। ଟଙ୍କା ପାଇଲା ଦିନ, ଘଣ୍ଟୁ ଦିନସାରା କାହିଁକି, ରାତି ଅଧ ପର୍ଯ୍ୟନ୍ତ ପାଖ ଢାବାରେ କଟାଇଥିବା ଲୋକେ ଦେଖିଛନ୍ତି।




ସହରର ଚିତ୍ରାଳୟକୁ ଯାଇ, ବିଭିନ୍ନ ବାଦ୍ୟଯନ୍ତ୍ରର ଦାମ୍ ବୁଝି, ନିଜ ମୋବାଇଲ ଫୋନ୍‌ରେ ସେ ସବୁର ଫଟୋ ଉଠାଇ, ହିସାବ ବରାବର କରି, ଘଣ୍ଟୁ ସଦାନନ୍ଦଙ୍କ ପାଖକୁ ଫଟୋ ପଠାଇଦେଲା। ସଦାନନ୍ଦ ବି ଖୁସିରେ ଗଦ୍‌ଗଦେଇ ଗଲେ। ସପ୍ତାହକ ପରେ ଅଗତ୍ୟା ସଦାନନ୍ଦଙ୍କ ମାତୃବିୟୋଗରେ ଶୁଦ୍ଧି ଘରକୁ ସଦାନନ୍ଦ ଗାଁକୁ ଆସିଲେ। ଶୁଦ୍ଧିବାଧି ଅନ୍ତେ, ସଦାନନ୍ଦ ଠିକଣା ଜାଗାରେ ପହଞ୍ଚି ଦେଖିଲେ 'ଆଦର୍ଶ ସଙ୍ଗୀତ ଶିକ୍ଷାକେନ୍ଦ୍ର' ବୋଲି କିଛି ବି ନାହିଁ। ଏଠି କିଛି ହୁଏ ନାହିଁ ବୋଲି ଲୋକଙ୍କ ଠାରୁ ଶୁଣି ଫୋନ୍ କରିବାରୁ ଘଣ୍ଟୁଆଠୁ କୌଣସି ଉତ୍ତର ନ ଥିଲା ଓ କିଛି କ୍ଷଣ ପରେ ଫୋନ୍ ସୁଇଚ୍‌ଅଫ୍ ଥିଲା।

ସଦାନନ୍ଦମାନଙ୍କ ଭଳି, ଗ୍ରାମ୍ୟ ପ୍ରେମୀମାନଙ୍କ ଅକଲ ଘଣ୍ଟୁଆର ମହାଘଣ୍ଟ ନିକଟରେ ଗୁଡୁମ୍ ହୋଇଯାଉଥିଲା। ସେଇ ସ୍ଥାନରେ ଏବେ ଦେଖା ଦେଇଛି ନୂଆ ଏକ ସାଇନ୍‌ବୋର୍ଡ ଲେଖା, 'ଆଦର୍ଶ କୃଷି ସହାୟତା କେନ୍ଦ୍ର'। ଲୋକେ କିନ୍ତୁ ଏ ଆଦର୍ଶକୁ ଗ୍ରହଣ କରିପାରୁନାହାନ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

କବିତା



# ରକ୍ତମଗ୍ନା ରିଙ୍ଗୋଡି[୧]

ବଳରାମ ପୂଜାରୀ

ପାହାଡ ତୀଖଛୁଇଁ, ଘୁମେଁଇ ପଡିଥିବା
ନେଳି ନେଳିଆ,
ଆଞ୍ଜୁଳାଏ ଆକାଶସାରା
କିଏ, କେଜାଣି ଓଜାଡି, ଦେଇଛି
ମିଞ୍ଜିମିଞ୍ଜିଆ ଚାଙ୍ଗୁଡିଭର୍ତ୍ତି ତାରା ଫୁଲ,
ଅନ୍ଧାର ସିନ୍ଥିରେ ଗାଢକଳା
ଲେସିଦେଇଛି, ପଥର ସନ୍ଧିରେ
ଲୁଚିଥିବା, ସୁରୁଜ ପିଠିଆ ଅଣଲେଉଟା ଛଇଳି ଛାଇ
ହାଇ ଅଳସ, ମାରି ଢୁଳେଇ ପଡୁଛନ୍ତି
ଜଙ୍ଗଲଯାକର ଥକ୍କାହରା
ମାଟି, ପାଣି, ପବନ, ଗଛବୃଛ
ଡଙ୍ଗର ରାଜ୍ୟର ଆକାଶମୁହାଁ
ଅଗଣାସାରା, ଝୁଲୁଛନ୍ତି
ତୋଫାତୋଫା ରୁପାରଙ୍ଗି
କଷି କଷି ଜହ୍ନ ଆଲୁଅର ଆୟୁଷ।

କଳା ଢାଉଁଷିଆ ଅନ୍ଧାରରେ
ଘୋଡେଇ ହେଉଛି,
ପାହାଡ ଖୋପରେ, ଖାପେଇ ହୋଇଥିବା
ଥାକଥାକିଆ ପଥୁରିଆ ପରଜା ବସ୍ତି,
ମଝିଦାଣ୍ଡର ରଙ୍ଗନିପାକନା[୨] ଚକଡାରେ,
ଚକାପାରି ବସିଛନ୍ତି, ଗାଁ'ଟା ଯାକର ପଥୁରିଆ ମଣିଷ
ମୁଚୁକିମାରି ହସୁଛି, ସଞ୍ଜଉଁଉଷା ସୁଆଁ ଭଜା
ମହମହ, ଗହ ଗହରେ ଗହକୁଛି
କୁରେଇଁ ଫୁଲରେ ଗୁନ୍ଥା ପେନ୍ଥା 'ଧାଙ୍ଗଡିବସା'[୩]
ଫିରି କୁଡିଆ ମୁଣ୍ଡିଆ ଉପରେ ହସୁଛି
ଧୋବଧାଉଳିଆ ଧାଙ୍ଗଡି ରସିଆ ଜୁଆନ ଜହ୍ନ।
ମେଳି ବାନ୍ଧୁଥିଲେ ଧାଙ୍ଗଡିମନ୍ଦା[୪],
ଦିନଯାକର ହାଡଭଙ୍ଗା ଖଟଣି ପରେ
ଧାପେ ସୁଖ ପସରାରେ ସୁଖ
ଅଣ୍ଡାଳୁଥିଲେ, ଗାଁ'ଟା ଯାକର କଷି କୁଆଁରୀ ?
ଢେମସାଡଗାଣିରେ[୫] ପାଦ ଛନ୍ଦୁଥିଲେ
ପାହାଡ଼ୀ କନ୍ୟା,
ଢୋଲ, ଢାମ୍ପ ଓ ପାଦପଏଁରିରେ
ନାଚୁଥିଲେ, ସମଗ୍ର ଡଙ୍ଗର ପାହାଡ
ଦୁଃଖ ସୁଖ ସେନେହ ସରଧାରେ
ପେଟ ପୂରିଯାଏ ! ଏ ଅବହେଳିତ ମାଟିର ?



ଏଇଠି ଗାଇବାକୁ ହୁଏ
ଲାଞ୍ଛିତ, ବଞ୍ଚିତ ଜନଗଣମନର
ରକ୍ତମଗ୍ନା ରିଙ୍ଗୋଡି।
ଏଇଠି ! ଅପହରଣ ହୁଏ
ଭେଣ୍ଡା ଭେଣ୍ଡା ଅବଦମିତ ସ୍ୱର।
ବାଛି ବାଛି ତୁଣ୍ଡି ବନ୍ଧାଯାଏ,
ତୁଣ୍ଡ ଖୋଲୁଥିବା ମୁଣ୍ଡିଆଳକୁ।
ଏବେ ଏବେ; ଆମ ଲାଗି ଲଢୁଥିବା
ଗାଁ ନାଇକର ଅପହୃତ, ଚର୍ଚ୍ଚିତ ଖବର,
ଚହଳ ପଡିଛି, ସମଗ୍ର ଡଙ୍ଗର ରାଜ୍ୟରେ।

[୧]କନ୍ଧ ଆଦିବାସୀଙ୍କ ସଙ୍ଗୀତ, [୨]ଗାଁ ମୁଣ୍ଡରେ ଥିବା ପଥର ଚଟାଣ, [୩]ରାତ୍ରିକାଳରେ ଅବିବାହିତା ଆଦିବାସୀ ଗ୍ରାମ୍ୟ ଯୁବତୀମାନଙ୍କ ରହିବା ପାଇଁ ନିର୍ମିତ ଘର, [୪]ହାତ ଓ ଅଣ୍ଟା ଧରାଧରି ହୋଇ ନୃତ୍ୟରତ ଧାଙ୍ଗଡିଙ୍କ ସମଷ୍ଟି, [୫]ଆଦିବାସୀଙ୍କ ଏକପ୍ରକାର ନୃତ୍ୟ।

□□

କବିଙ୍କ ଇ-ମେଲ ଠିକଣା:
balarampujari1974@gmail.com

ପ୍ରବନ୍ଧ

# ସାହିତ୍ୟ ନାମରେ ଅପସାହିତ୍ୟ



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର

ସାହିତ୍ୟ ହେଉଛି ସଭ୍ୟତାର ଉଜ୍ଜ୍ୱଳ ସ୍ୱାକ୍ଷର । ସମାଜର ପ୍ରତ୍ୟେକଟି ଚିତ୍ର ସାହିତ୍ୟରେ ପ୍ରତିବିମ୍ବିତ ହୋଇ ଜୀବନ ଓ ଜଗତର ଯଥାର୍ଥ ରୂପ ପ୍ରଦର୍ଶନ କରିଥାଏ । ପରିଣାମ ସ୍ୱରୂପ ସାହିତ୍ୟ ଦ୍ୱାରା ସାମାଜିକ ଚେତନାର ଉତ୍ତରଣ ଘଟିଥାଏ ତଥା ସମାଜର ବୌଦ୍ଧିକ ବିକାଶ ସାଧନ ହୋଇ ମାନବିକ ମୂଲ୍ୟବୋଧ ବୃଦ୍ଧି ପାଇଥାଏ । କୌଣସି ଜାତି, ସମାଜ ବା ବ୍ୟକ୍ତିର ଐଶ୍ୱର୍ଯ୍ୟର ଆଭାସ ସାହିତ୍ୟରୁ ହିଁ ଉପଲବ୍ଧ ହୋଇଥାଏ । ଯେଉଁ ସାହିତ୍ୟ ସାମାଜିକ ଚେତନାର ଉତ୍ତରଣ ଘଟାଇବାକୁ ଅସମର୍ଥ ବା ସମାଜର ବୌଦ୍ଧିକ ବିକାଶ ସାଧନ କରିପାରେ ନାହିଁ ତାହା ଅପସାହିତ୍ୟ ପଦବାଚ୍ୟ । ସଂପ୍ରତି ମନନଶୀଳ ଜୀବନଧର୍ମୀ ସମାଜ ଉପଯୋଗୀ ସାହିତ୍ୟ ପରିବର୍ତ୍ତେ ଅପସାହିତ୍ୟର ପ୍ରସାରରେ ବୃଦ୍ଧି ହେଉଛି । ବିଶେଷତଃ ଓଡ଼ିଆ ସାହିତ୍ୟରେ ସଂପ୍ରତି ଅପସାହିତ୍ୟର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ତେଣୁ ସାଂପ୍ରତିକ ଓଡ଼ିଆ ସାହିତ୍ୟ ପାଠକାଦୃତ ପାଇପାରୁନାହିଁ । ଏତାଦୃଶ ସ୍ଥିତିରେ ସ୍ମରଣ ରଖିବାକୁ ହେବ ଯେ, ସାହିତ୍ୟ ହେଉଛି ଜାତିର ପ୍ରାଣସ୍ପନ୍ଦନ ଏବଂ ଅପସାହିତ୍ୟ ହେଉଛି ପ୍ରାଣଘାତୀ ।




ସଂପ୍ରତି ଅନେକ ଲେଖକ ଜାତି ଓ ସଂସ୍କୃତିର ପୁନଃନିର୍ମାଣ ଲକ୍ଷ୍ୟରେ ଲେଖନୀ ଚାଳନା କରିବା ପରିବର୍ତ୍ତେ ଆପଣାକୁ ପ୍ରକାଶିତ ତଥା ବିଜ୍ଞାପିତ କରିବାରେ ମନୋନିବେଶ କରିଛନ୍ତି । ଅନେକ ଲେଖକ ଆପଣା ସୃଷ୍ଟିରେ ବର୍ଣ୍ଣନା କରୁଥିବା ଘଟଣାର ସହିତ ସାଂପ୍ରତିକ ସ୍ଥିତିର ସାକ୍ଷାତ୍ ସମ୍ପର୍କ ରଖିପାରୁ ନ ଥିବାରୁ ଲେଖାଗୁଡିକ ଶୁଷ୍କ, ନିରସ ଓ ପ୍ରାଣହୀନ ହୋଇ ପାଠକତା ହରାଇଛି । ପାଠକର ରୁଚିକୁ ଆଖି ଆଗରେ ରଖି ଯୁଗୋପଯୋଗୀ ଚେତନଶୀଳ ସାହିତ୍ୟ ସୃଷ୍ଟି ପ୍ରତି ଅନେକ ଲେଖକ ସଚେତନ ନୁହନ୍ତି । ଅଧିକନ୍ତୁ, ସାଂପ୍ରତିକ ସାହିତ୍ୟରେ ଆଧୁନିକତା ନାମରେ ବିଲକ୍ଷଣତା ପ୍ରକାଶ ପାଉଛି । ଜୀବନଯାପନ ଧାରାଠାରୁ ସମ୍ପୂର୍ଣ୍ଣ ବେଖାପ କେତୋଟି ଅବାନ୍ତର ଘଟଣା ସାହିତ୍ୟରେ ଚିତ୍ରଣ କରି ଲେଖକମାନେ ଆତ୍ମସନ୍ତୋଷ ଲାଭ କରୁଛନ୍ତି । ସ୍ରଷ୍ଟାଙ୍କର ସତେଜ ଅନୁଭୂତି, ମୌଳିକ ଅଭିବ୍ୟକ୍ତି ଓ ପ୍ରାଣସ୍ପର୍ଶୀ ଭାଷା ସାହିତ୍ୟରେ ପ୍ରତିଫଳିତ ହେଉ ନ ଥିବାରୁ ଲେଖକ ଓ ପାଠକ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଇବାରେ ଲାଗିଛି । କେଉଁ ଧରଣର ସାହିତ୍ୟ ସୃଷ୍ଟି କଲେ ତାହା ପାଠକଙ୍କୁ ଜ୍ଞାନ, ଆନନ୍ଦ ଓ ଅମୃତର ସନ୍ଧାନ ପ୍ରଦାନ କରିପାରିବ ସେ ସମ୍ପର୍କରେ ଲେଖକ ଆଦୌ ଧ୍ୟାନ ଦେଉନାହାନ୍ତି । ଅନେକ ଲେଖକ ସାହିତ୍ୟ ସୃଷ୍ଟି ନିମିତ୍ତ ବ୍ୟଗ୍ର ହେଲେ ହେଁ ପାଠକ ସଚେତନତା ସୃଷ୍ଟି ନିମିତ୍ତ ଆଦୌ ଚିନ୍ତା କରନ୍ତି ନାହିଁ । ଏହା ହିଁ ସାରସ୍ୱତ ସମୃଦ୍ଧିରେ ପ୍ରଧାନ ଅନ୍ତରାୟ ।

### କଳ୍ପନା ବନାମ ଜ୍ଞାନଭିତ୍ତିକ ସାହିତ୍ୟ

ବର୍ତ୍ତମାନ ଓଡ଼ିଆ ଭାଷାରେ ବର୍ଷକୁ ପ୍ରାୟ ଦୁଇ ହଜାରରୁ ଅଧିକ ପୁସ୍ତକ ପ୍ରକାଶ ପାଉଛି । ତନ୍ମଧ୍ୟରୁ ପ୍ରାୟ ଏକ ଶହ ପୁସ୍ତକ ପାଠକାଦୃତି ଲାଭ କରୁଛି । ଏହି ଏକଶହ ପୁସ୍ତକ ମଧ୍ୟରୁ ଅଧିକାଂଶ ଜ୍ଞାନଭିତ୍ତିକ ସାହିତ୍ୟ ଏବଂ ସ୍ୱଳ୍ପ କଳ୍ପନାଭିତ୍ତିକ ସାହିତ୍ୟ । ଏହା ସତ୍ୟ ଯେ, ବର୍ତ୍ତମାନ କଳ୍ପନାଭିତ୍ତିକ ସାହିତ୍ୟ


ଅପେକ୍ଷା ଜ୍ଞାନଭିତ୍ତିକ ସାହିତ୍ୟର ଆଦର ସର୍ବତ୍ର ବୃଦ୍ଧି ପାଇଛି। ଅଥଚ ଜ୍ଞାନଭିତ୍ତିକ ସାହିତ୍ୟ ଅପେକ୍ଷା ଅଧିକ ସଂଖ୍ୟାରେ କଳ୍ପନାଭିତ୍ତିକ ସାହିତ୍ୟ ପ୍ରକାଶ ପାଉଛି। ଯଦି ପ୍ରକାଶିତ କଳ୍ପନାଭିତ୍ତିକ ସାହିତ୍ୟ ପାଠକୀୟ ଆଦୃତି ଲାଭ କରୁ ନାହିଁ ସେଭଳି ସାହିତ୍ୟ ସୃଷ୍ଟିର ଉଦ୍ଦେଶ୍ୟ କ'ଣ? କେତେକ ଲେଖକ ନିଜକୁ ଜଣେ ଲେଖକ ଭାବରେ ପ୍ରତିଷ୍ଠିତ କରିବା ନିମିତ୍ତ କଳ୍ପନାଭିତ୍ତିକ ସାହିତ୍ୟ ରଚନା କରୁଛନ୍ତି ଏବଂ ନିଜ ବ୍ୟୟରେ ସେସବୁ ପ୍ରକାଶ କରି ବିତରଣ କରିବାରେ ଲାଗିଛନ୍ତି। କିନ୍ତୁ ପାଠକ ସେମାନଙ୍କ ସାହିତ୍ୟ ଗ୍ରହଣ କରୁଛନ୍ତି କି ନାହିଁ କେବେ ଚିନ୍ତା କରୁନାହାନ୍ତି। କେତେକ ପଦପଦବୀଧାରୀ ବ୍ୟକ୍ତି ପାଠକାଦୃତି ନ ଥିବା ସାହିତ୍ୟ ସୃଷ୍ଟି କରି ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିବାର ଦେଖାଯାଉଛି। ଅନେକ ମଧ ନିଜେ ବ୍ୟୟ କରି ଅନ୍ୟମାନଙ୍କ ଦ୍ୱାରା ସେମାନଙ୍କ ସାହିତ୍ୟର ଆଲୋଚନାଚକ୍ରମାନ କରୁଛନ୍ତି। ତଥାପି ସେମାନଙ୍କ ସାହିତ୍ୟ ପାଠକଙ୍କ ହୃଦୟକୁ ସ୍ପର୍ଶ କରିପାରୁନି। ଏପରିକି କେତେକ ପୁରସ୍କୃତ ପୁସ୍ତକ ମଧ ପାଠକାଦୃତି ପାଉନାହିଁ। ବର୍ତ୍ତମାନ ଓଡ଼ିଶାର ସହରାଞ୍ଚଳରୁ ଗ୍ରାମାଞ୍ଚଳ ସର୍ବତ୍ର କବିତା ପାଠୋତ୍ସବର ସ୍ରୋତ ପ୍ରବାହିତ। ସେହି ସବୁ କବିତା ପାଠୋତ୍ସବ ସ୍ଥଳରେ କବିତା ପାଠ କରିବାକୁ ଆସିଥିବା କବି କବୟିତ୍ରୀଙ୍କ ବ୍ୟତୀତ କୌଣସି ଶ୍ରୋତା ନ ଥାନ୍ତି। ଯେଉଁ କବି ନିଜ କବିତାଟି ପାଠ କରି ସାରିଥାଏ ସେ ମଧ ଅନ୍ୟ କବିଙ୍କ କବିତା ଶୁଣିବାକୁ ଅପେକ୍ଷା କରେ ନାହିଁ। କବିତା ପାଠୋତ୍ସବରେ ପଠିତ କବିତା ସାହିତ୍ୟ ପଦବାଚ୍ୟ କି ନୁହେଁ ତାହା କେହି ମଧ ତର୍ଜମା କରନ୍ତି ନାହିଁ। ସଭିଏଁ କବିତା ଲେଖିବାକୁ ଓ ପାଠ କରିବାକୁ ପାଗଳ। ସତେ ଯେପରି କବିତାଟିଏ କବିତା ପାଠୋତ୍ସବରେ ପାଠ କଲେ ସ୍ୱର୍ଗପ୍ରାପ୍ତି ହୋଇଯିବ। କେତେକ ମଧ କବିତା ପାଠୋତ୍ସବ ସମୟର ଫଟୋ ସମ୍ବାଦପତ୍ରମାନଙ୍କରେ ପ୍ରକାଶ କରି ଆତ୍ମସନ୍ତୋଷ ଲାଭ କରନ୍ତି। ପଦକରେ ଉଲ୍ଲେଖ କଲେ, ବର୍ତ୍ତମାନ ଓଡ଼ିଆ ସାହିତ୍ୟରେ କବିକବୟିତ୍ରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି ତଥା ଶ୍ରୋତା ବା ପାଠକଙ୍କ ସଂଖ୍ୟା ଦ୍ରୁତ ଗତିରେ କମି କମି ଆସୁଛି। ତା'ର ଏକମାତ୍ର କାରଣ ହେଉଛି, ସଂପ୍ରତି ସୃଷ୍ଟି ହେଉଥିବା ଓଡ଼ିଆ କବିତା ମଧ୍ୟରୁ ବହୁଳାଂଶ ଆଦୌ କବିତା ପଦବାଚ୍ୟ ନୁହେଁ ଏବଂ ସେହି କବିତାଗୁଡ଼ିକର ସାମାଜିକ ଚେତନା ଉତ୍ତରଣ ଘଟାଇବାର ସାମର୍ଥ୍ୟ ନାହିଁ। ଏହି କବିତାଗୁଡ଼ିକୁ ସାହିତ୍ୟ କୁହାଯିବ ନା ଅପସାହିତ୍ୟ କୁହାଯିବ ପାଠକେ ବିଚାର କରିବେ। ଓଡ଼ିଆ ସାହିତ୍ୟ ଅଧୋଗତିର ଏହା ମୁଖ୍ୟ କାରଣ ହେଲେ ହେଁ କେହି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଉଚିତ ମଣୁନାହାନ୍ତି ବା ସାହସ କରୁନାହାନ୍ତି। ଭାଷା ପ୍ରଜ୍ଞାର ଐଶ୍ୱର୍ଯ୍ୟମୟ ଆଭାସରେ ଉଦ୍‌ଭାସିତ ହେଲେ ତାହା ସାହିତ୍ୟର ସ୍ୱରୂପ ଗ୍ରହଣ କରେ। ପୃଥିବୀର ସକଳ ଭାଷାର ପ୍ରଥମ ସାହିତ୍ୟ ହେଉଛି କବିତା। ବୈଦିକ ମନ୍ତ୍ର ହେଉଛି ବିଶ୍ୱର ପ୍ରଥମ କବିତା। କବିତା ଯେଉଁ ଭାଷାର ହେଉନା ନାହିଁ କି ତାହାର ମାନ୍ତ୍ରିକ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ତାକୁ ପାଠକପ୍ରିୟ କରାଏ। ଓଡ଼ିଆ ଭାଷାରେ ଚର୍ଯ୍ୟାଯୁଗରୁ କବିତା ସୃଷ୍ଟି ଆରମ୍ଭ ହୋଇ ସିଦ୍ଧ ସାହିତ୍ୟ ଯୁଗ, ପ୍ରାକ୍ ସାରଳାଯୁଗ, ସାରଳାଯୁଗ, ପଞ୍ଚସଖା ଯୁଗ, ରୀତିଯୁଗ ଓ ଆଧୁନିକ ଯୁଗର ନୂତନ ନୂତନ ରୂପରଙ୍ଗରେ ବିଭାସିତ ହୋଇଥିଲେ ହେଁ ସଂପ୍ରତି ଓଡ଼ିଆ କବିତା ତା'ର ଔଜ୍ଜ୍ୱଲ୍ୟ ହରାଇଛି। ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆ କବିତାର ବିପୁଳାୟିତ ବିସ୍ତାର ଓ ଶୋଭାରାଶି ଲକ୍ଷ ଲକ୍ଷ ପାଠକ ପ୍ରାଣରେ ବିସ୍ମୟ, ପୁଲକ ଓ ଆନନ୍ଦ ଜାତ କରାଇଥିଲେ ହେଁ ସଂପ୍ରତି ଓଡ଼ିଆ କବିତା ପାଠକଙ୍କଠାରୁ ବହୁଦୂରରେ। ପ୍ରତ୍ୟେକ ଓଡ଼ିଆ କବି ଏଇ କଥା ଦୁଇପଦକୁ ସ୍ମରଣ କରି କବିତା ରଚନାରେ ବ୍ରତୀ ହେବା ସମୀଚୀନ।

> **ସଭିଏଁ କବିତା ପାଠ କରିବାକୁ ପାଗଳ। ସତେ ଯେପରି କବିତାଟିଏ କବିତା ପାଠୋତ୍ସବରେ ପାଠ କଲେ ସ୍ୱର୍ଗପ୍ରାପ୍ତି ହୋଇଯିବ।**

### ଆତ୍ମପ୍ରଚାର

ସଂପ୍ରତି ଆତ୍ମପ୍ରଚାରଧର୍ମୀ ଲେଖକ ଓ ସଂପାଦକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନେକ ସଂପାଦକ ସେମାନଙ୍କ ପତ୍ରିକାରେ ଏପରି ଲେଖକଙ୍କ ଲେଖା ପ୍ରକାଶ କରିଥାନ୍ତି, ଯେଉଁଥିରେ ସୃଜନଶୀଳତା ନ ଥାଏ।ଲେଖକଙ୍କ ଚାନ୍ଦାରେ ପତ୍ରିକାଟିଏ ପ୍ରକାଶ କରି ସେହି ସଂପାଦକଗଣ ଆତ୍ମସନ୍ତୋଷ ଲାଭ କରିଥାନ୍ତି ଅଥବା ବେଶ୍ ଦୁଇ ପଇସା ରୋଜଗାର କରିଥାନ୍ତି। ଏତାଦୃଶ ପତ୍ରିକା କେବଳ ସେହି ଲେଖକଙ୍କ ବ୍ୟତୀତ ଅନ୍ୟ କେହି ପାଠ କରିବାକୁ ସୁଖ ମଣନ୍ତି ନାହିଁ।

ଏହିଭଳି ପତ୍ରିକାରେ ସାରସ୍ୱତ ଔଜ୍ୱଲ୍ୟ ନ ଥିଲେ ହେଁ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଶୁଭେଚ୍ଛା ଓ ପ୍ରୋତ୍ସାହନ ରହିଥାଏ। ନ ରହିଥିଲେ ମଧ୍ୟ ସମ୍ପାଦକ କଳେ ବଳେ କୌଶଳେ ଆପଣାର ପାରିବାରପଣିଆରେ ରାଜନୈତିକ ଅଥବା କ୍ଷମତାସୀନ ବ୍ୟକ୍ତିବିଶେଷଙ୍କୁ ପ୍ରାଧାନ୍ୟ ଦେଇ ପତ୍ରିକାଟି ପ୍ରକାଶନ କରିଥାନ୍ତି। ଅନେକ ଲେଖକ ନିଜକୁ ନିଜେ ପ୍ରକାଶନ କରିବାର ଦୁର୍ବାର ବାସନାରେ ଲେଖାକୁ ସହିତ କିଛି ଚାନ୍ଦା ଦେଇ ଏହିଭଳି ପତ୍ରିକାରେ ଆପଣା ଲେଖା ଛପାଇବାକୁ ସମର୍ଥ ହୋଇଥାନ୍ତି। ଲେଖା ପ୍ରକାଶନ ପରେ ହ୍ୱାଟ୍‌ସଆପ୍ ଓ ଫେସ୍‌ବୁକ୍‌ରେ ଶହ ଶହ ବ୍ୟକ୍ତିଙ୍କ ନିକଟକୁ ପଠାଇଥାନ୍ତି। କେବଳ ସେତିକି ନୁହେଁ, ପତ୍ରିକା ପ୍ରକାଶନ ପରେ ଆପଣାର ବନ୍ଧୁବାନ୍ଧବ, ସାଙ୍ଗସାଥୀ, ସହକର୍ମୀ, ଆତ୍ମୀୟସ୍ୱଜନ ଓ ଜଣାଶୁଣା ବ୍ୟକ୍ତିବିଶେଷଙ୍କୁ ସେମାନେ ଜଣାଇଥାଆନ୍ତି ଯେ, "ଅମୁକ ପତ୍ରିକାରେ ମୋ ଲେଖା ବାହାରିଛି।" ଲେଖାଟିଏର ଜେରକ୍ସ ନକଲ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନକୁ ପଠାଇ ସେମାନେ ଆତ୍ମସନ୍ତୋଷ ଲାଭ କରିଥାନ୍ତି। ଏହିପରି ଭାବରେ ଦୁଇଚାରିଟା ପତ୍ରିକାରେ ଲେଖା ବାହାରିବା ପରେ ସେମାନେ ହୋଇଯାଆନ୍ତି ପ୍ରତିଷ୍ଠିତ ଲେଖକ।



ତା'ପରେ ଲବି ଆରମ୍ଭ କରିଦିଅନ୍ତି ପୁରସ୍କାର ପାଇବାକୁ। ଅପସାହିତ୍ୟ କିପରି କାୟାବିସ୍ତାର କରେ ଏହା ତହିଁର ଜ୍ୱଳନ୍ତ ଉଦାହରଣ। ଏତାଦୃଶ ପ୍ରତିଷ୍ଠିତ ଲେଖକଙ୍କ ସୃଷ୍ଟି ସମ୍ଭାର ପରିପୂର୍ଣ୍ଣ ପତ୍ରିକା ଦ୍ୱାରା ଜନମତକୁ ଜାଗ୍ରତ ଓ ସଚେତନ କରାଯାଇପାରେ ନାହିଁ। ଏହିସବୁ ପତ୍ରିକାର ଲେଖକମାନେ ରାଜନୈତିକ ବ୍ୟକ୍ତିବିଶେଷ, କ୍ଷମତାସୀନ ପଦାଧିକାରୀ ଅଥବା ସମ୍ପାଦକଙ୍କୁ ସୁହାଇଲା ଭଳି ସାହିତ୍ୟ ସୃଷ୍ଟି କରିଥାନ୍ତି। ଏହା ମନନଶୀଳ, ଜୀବନଧର୍ମୀ ଓ ବୌଦ୍ଧିକ ବିଚାର ସମ୍ପନ୍ନ ସାହିତ୍ୟ ହୋଇ ନ ଥିଲେ ହେଁ ପତ୍ରିକାର କର୍ମକର୍ତ୍ତା ଓ ସମ୍ପାଦକ ସେହି ଲେଖକମାନଙ୍କୁ ପୁରସ୍କୃତ, ସମ୍ମାନିତ ଓ ସମ୍ବର୍ଦ୍ଧିତ କରି ସାହିତ୍ୟ ନାମରେ ଅପସାହିତ୍ୟ ସୃଷ୍ଟିର ପଥ ପରିଷ୍କାର କରିଥାନ୍ତି।

**ବିକ୍ଷୁବ୍ଧ ଲେଖକ**

କେତେକ କ୍ଷେତ୍ରରେ ଜଣେ ଦିଜଣ ବିକ୍ଷୁବ୍ଧ ଲେଖକ ଚାହିଁଲେ ସାହିତ୍ୟ ପତ୍ରିକାଟିଏ ଆତ୍ମପ୍ରକାଶ କରିପାରୁଛି। କେହି ସମର୍ଥ ବ୍ୟକ୍ତି ଚାହିଁଲେ ନିଜେ ପତ୍ରିକାଟିଏ ପ୍ରକାଶ କରିପାରୁଛି। ଆପଣାକୁ ପ୍ରତିଷ୍ଠା କରିବା ଅଥବା କିଛି ରୋଜଗାର ପନ୍ଥା ବାହାର କରିବା ଆଶାରେ କେହି କେହି ମଧ୍ୟ ପତ୍ରିକା ପ୍ରକାଶ କରୁଛନ୍ତି। ସେମାନଙ୍କର ସ୍ମରଣ ରଖିବା ଉଚିତ ଯେ ସାହିତ୍ୟ ପତ୍ରିକାଟିଏ ବାହାର କରିଦେଲେ ସାରସ୍ୱତ ଭଣ୍ଡାର ସମୃଦ୍ଧ ହୋଇଯିବ ନାହିଁ। ପତ୍ରପତ୍ରିକାର ସମାଜ ପ୍ରତି ଯେଉଁ ଉତ୍ତର ଦାୟିତ୍ୱ ରହିଛି ତାହା ତୁଲାଇବାର ସାମର୍ଥ୍ୟ ନ ଥାଇ କେବଳ କେତେଜଣ ଲେଖକଙ୍କୁ ବିଜ୍ଞାପିତ କରିପାରିଲେ ସାହିତ୍ୟ ସମୃଦ୍ଧ ହୋଇଯିବ ନାହିଁ। ଏହି ଭଳି ପତ୍ରିକାରେ ପତ୍ରସ୍ଥ ସାହିତ୍ୟ ସମାଜର ଦୁଃଖସୁଖରେ ସମଦରଦୀ ହୋଇ ଆତ୍ମପ୍ରକାଶ କରି ନ ଥାଏ। ଅଥବା ସେଥିରେ ଜୀବନ ନିର୍ମାଣର କଳା ସମୃଦ୍ଧ ହେବା ନିମିତ୍ତ ଉପାଦାନ ନ ଥାଏ। ସର୍ବୋପରି, ଏପରି ପତ୍ରିକାର ସାହିତ୍ୟରେ ବିପର୍ଯ୍ୟସ୍ତ ରାଜନୈତିକ ଜୀବନ, ଶଙ୍କାଗ୍ରସ୍ତ ସାମାଜିକ ଜୀବନ, ଅଭାବଗ୍ରସ୍ତ ଅର୍ଥନୈତିକ ଜୀବନ ଓ ମୋହଗ୍ରସ୍ତ ଆଧ୍ୟାତ୍ମିକ ଜୀବନ ନିମିତ୍ତ ଦିଗ୍‌ଦର୍ଶନ ଓ ଚେତାବନୀ ନ ଥିବାରୁ ସେସବୁ ଅପସାହିତ୍ୟ ପର୍ଯ୍ୟାୟଭୁକ୍ତ। କେତେକ କ୍ଷେତ୍ରରେ ରାଜନୈତିକ ବ୍ୟକ୍ତିବିଶେଷ ଓ କ୍ଷମତାସୀନ ପଦାଧିକାରୀ ତଥା ଏମାନଙ୍କର ସ୍ତାବକ ଏକାଡେମୀ, ସଂସଦ, ସାଂସ୍କୃତିକ ପରିଷଦ ଓ ସାରସ୍ୱତ ସଂଘ ମାଧ୍ୟମରେ ଲେଖକଙ୍କୁ ପ୍ରୋତ୍ସାହନ ପ୍ରଦାନପୂର୍ବକ ସ୍ୱନିୟନ୍ତ୍ରଣରେ ରଖିଥାନ୍ତି। ବହୁ ସ୍ଥଳରେ ଏହିସବୁ ଅନୁଷ୍ଠାନ ରାଜନୈତିକ ବ୍ୟକ୍ତିବିଶେଷଙ୍କ ହାତବାରିସୀ ରୂପେ ପ୍ରତିଭାତ ହୋଇ ଅସାହିତ୍ୟିକଙ୍କ ଦ୍ୱାରା ପରିଚାଳିତ ହୋଇ ଅପସାହିତ୍ୟ ସୃଷ୍ଟି କରିବାରେ ହିଁ ସାର ହୋଇଥାଏ।

ଅସାହିତ୍ୟିକ ଓ ସେମାନଙ୍କ ଚେଲାଚାମୁଣ୍ଡା ଅପସାହିତ୍ୟ

ପ୍ରସାରର ସୂତ୍ରଧର ବୋଲାଇଥାନ୍ତି। କବିତା ପାଠୋତ୍ସବ, ସାହିତ୍ୟ ଆଲୋଚନା, ଏକାଡେମୀ ତଥା ବହୁ ସାହିତ୍ୟାନୁଷ୍ଠାନରେ ସୋମନଙ୍କର ପ୍ରାଦୁର୍ଭାବ ଥାଏ। କେତେକ ଯଶପ୍ରାର୍ଥୀ ଅସାହିତ୍ୟିକ ନିଜକୁ ଲେଖକ ବୋଲାଇ ସେମାନଙ୍କ ଗୋଡାଣିଆ ସାଜିଥାନ୍ତି। ଲେଖା ପ୍ରକାଶ କରାଇବା, କବିତା ପାଠୋତ୍ସବରେ କବିତା ପାଠ କରାଇବା, ଅତିଥି ବା ବକ୍ତା ଭାବରେ ମଞ୍ଚାସୀନ କରାଇବା ଓ ପୁରସ୍କାର କରାଇଦେବା ନିମିତ୍ତ ସେମାନେ ପାରିଶ୍ରମିକ ନିଅନ୍ତି। ଯେଉଁମାନେ ଅର୍ଥ ଦେଇ ଲେଖା ପ୍ରକାଶନ, କବିତା ପାଠ ବା ଲେଖାନିମିତ୍ତ ପୁରସ୍କାର ପାଆନ୍ତି ସେମାନଙ୍କ ଲେଖାରେ ମାନବିକ ମୂଲ୍ୟବୋଧ, ନୈତିକତା, ବ୍ୟକ୍ତିତ୍ୱ ନିର୍ମାଣର ଆଧାର, ସାମାଜିକ ଚେତନା ଓ ସୃଜନଶୀଳତା ଅଛି କି ନାହିଁ ସେ ଧାରଣା ସେମାନଙ୍କର ନ ଥାଏ। କେତେକ ସ୍ଥଳରେ ପୁରସ୍କାର ଓ ସମ୍ମାନ ଟଙ୍କା ବଦଳରେ ପ୍ରଦାନ କରାଯାଏ। ଦୁଃଖର ବିଷୟ, ଏହି ସବୁ କାର୍ଯ୍ୟରେ ମନ୍ତ୍ରୀ, ଏମ୍.ଏଲ୍.ଏ. ଓ ଉଚ୍ଚପଦାଧିକାରୀ ଅତିଥିର ଆସନ ଅଳଙ୍କୃତ କରିଥାନ୍ତି, ଯଦିଓ ଆମ ପ୍ରତିବେଶୀ ପ୍ରଦେଶମାନଙ୍କରେ ସେପରି ପରମ୍ପରା ନାହିଁ। ଏହି ରାଜନେତା ଓ ପଦାଧିକାରୀମାନେ ପ୍ରକାରାନ୍ତରେ ଅପସାହିତ୍ୟକୁ ପ୍ରୋତ୍ସାହନ ହିଁ ଯୋଗାଇ ଦେଇଥାଆନ୍ତି। ସେମାନଙ୍କ ଏତାଦୃଶ କାର୍ଯ୍ୟ ଯୋଗୁ ସାହିତ୍ୟ ନାମରେ ଅପସାହିତ୍ୟ ସୃଷ୍ଟି ହୋଇ ସାରସ୍ୱତ ସମୃଦ୍ଧି ସୁଦୂର ପରାହତ ହୁଏ, ଅଥଚ ସାହିତ୍ୟ, ସାହିତ୍ୟିକ, ସାହିତ୍ୟ ପତ୍ରିକା ଓ ସାହିତ୍ୟ ସଂସଦର ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥାଏ।

ଅସାହିତ୍ୟିକ, ରୁଚିବିହୀନ ସାହିତ୍ୟ ପତ୍ରିକା, ଅପାଙ୍‌କ୍ତେୟ ସଂପାଦକ ଓ ଅବାଞ୍ଛିତ ସାହିତ୍ୟ ସଂସଦ ହିଁ ଯଥାର୍ଥରେ ଅପସାହିତ୍ୟ ସୃଷ୍ଟିର କାରଣ। ଏଇମାନେ ହିଁ ସାହିତ୍ୟ ବିଭାଗଟିକୁ ଅଧିକାର କରି ସାରସ୍ୱତ କ୍ଷେତ୍ରରେ ଦୁର୍ନୀତି ଓ ଅନୀତିକୁ ପ୍ରୋତ୍ସାହନ ଦେଇଥାନ୍ତି। ଏମାନେ ଗୋଟିଏ ଗୋଟିଏ ସାହିତ୍ୟ ସଂସଦ ଗଢ଼ି ନିଜର ଆତ୍ମପ୍ରଚାର କରିବା ସହିତ ରାଜନୈତିକ ବ୍ୟକ୍ତିବିଶେଷ ଓ କ୍ଷମତାସୀନ ପଦାଧିକାରୀଙ୍କୁ କରାୟତ୍ତ କରି ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ସଂସଦ, ପରିଷଦ ଓ ଏକାଡେମୀକୁ ନିଜ ନିୟନ୍ତ୍ରଣକୁ ନେଇଥାନ୍ତି। ସେମାନଙ୍କ ଦ୍ୱାରା ମନୋନୀତ ବ୍ୟକ୍ତି କର୍ମକର୍ତ୍ତା ପଦବୀ ଅଳଙ୍କୃତ କରି ଅପସାହିତ୍ୟ ସୃଷ୍ଟିରେ ପୃଷ୍ଠପୋଷକତା କରିଥାନ୍ତି। ସାହିତ୍ୟର ଧାରା ଧରି ନ ଥିବା ବ୍ୟକ୍ତିବିଶେଷ ରାଜନୈତିକ ପ୍ରୋତ୍ସାହନରେ ଏହି ପଦ ଲାଭ କରିବାରେ ସମର୍ଥ ହୋଇଥାନ୍ତି, ଅଥଚ ସାହିତ୍ୟ ଓ ଅପସାହିତ୍ୟର ସଂଜ୍ଞାନ ହୃଦୟଙ୍ଗମ କରିବାକୁ ଅସମର୍ଥ ହୋଇଥାନ୍ତି। ସାହିତ୍ୟର ସଂଜ୍ଞା ଜାଣି ନ ଥିବା ଏହି ବ୍ୟକ୍ତିମାନଙ୍କ ତୁମ୍ବିତୋଫାନରେ ସାହିତ୍ୟ ଓ ସାହିତ୍ୟିକ ଉଭୟ ଅବହେଳିତ ଓ ଅସହାୟ ହୋଇ ଅପସାହିତ୍ୟକୁ ପ୍ରତିଷ୍ଠା ଅର୍ଜନ କରାଇଥାଏ। ଫଳରେ ସାହିତ୍ୟ ଦ୍ୱାରା ବୌଦ୍ଧିକ ବିକାଶ ପରିବର୍ତ୍ତେ ବୌଦ୍ଧିକ ବିନାଶ ହିଁ ଘଟିଥାଏ।

**ସାହିତ୍ୟର ସଂଜ୍ଞା ଜାଣି ନ ଥିବା ଏହି ବ୍ୟକ୍ତିମାନଙ୍କ ତୁମ୍ବିତୋଫାନରେ ସାହିତ୍ୟ ଓ ସାହିତ୍ୟିକ ଉଭୟ ଅବହେଳିତ ଓ ଅସହାୟ ହୋଇ ଅପସାହିତ୍ୟକୁ ପ୍ରତିଷ୍ଠା ଅର୍ଜନ କରାଇଥାଏ।**

### ସାହିତ୍ୟ ସଭାର ଗୁମର

ଅନେକ ସାହିତ୍ୟ ସଂସଦରେ ଉତ୍ସବ, ମହୋତ୍ସବ, ଆଲୋଚନାଚକ୍ର, କବିତା ପାଠ, ବାର୍ଷିକ ସମାରୋହ, ସୃଜନୀସନ୍ଧ୍ୟା ପ୍ରଭୃତି ଆୟୋଜନ କରାଯାଇ ରାଜନୈତିକ ବା କ୍ଷମତାସୀନ ବ୍ୟକ୍ତିବିଶେଷଙ୍କୁ ଉଦ୍‌ଘାଟକ, ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ମୁଖ୍ୟ ବକ୍ତା, ସମ୍ମାନିତ ବକ୍ତା ଭାବରେ ନିମନ୍ତ୍ରଣ କରାଯାଏ। କେତେକ ସାରସ୍ୱତ ସଂସଦ ବର୍ଷରେ ବହୁବାର ଭିନ୍ନ ଭିନ୍ନ ସ୍ଥାନରେ ଏତାଦୃଶ ମହୋତ୍ସବ ରଖି ଏମାନଙ୍କୁ ପ୍ରାଧାନ୍ୟ ଦେଇଥାନ୍ତି ଅଥବା ସେହିମାନଙ୍କ ପ୍ରୋତ୍ସାହନରେ ଓ ଅନୁଦାନରେ ସାହିତ୍ୟ ନାମରେ ସ୍ୱପ୍ରଚାରର ଆଭିମୁଖ୍ୟ ଗ୍ରହଣ କରିଥାନ୍ତି। ପ୍ରତ୍ୟେକ ଉତ୍ସବରେ କିଛି ବ୍ୟକ୍ତିଙ୍କୁ ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଏ। ସୂଚନାଯୋଗ୍ୟ ଯେ ପୁରସ୍କାର, ସମ୍ମାନ ସମ୍ବର୍ଦ୍ଧନା ପ୍ରଦାନ ନିମିତ୍ତ ସେମାନଙ୍କଠାରୁ ଅର୍ଥ ମଧ୍ୟ ଆଦାୟ କରାଯାଏ ତଥା ସେହି ଅର୍ଥରେ ଉତ୍ସବର ଆୟୋଜନ ହୁଏ। ଅତିଥି ଓ ବକ୍ତା ହେବା ନିମିତ୍ତ ମଧ୍ୟ କିଛି ବ୍ୟକ୍ତି ଅର୍ଥ ପ୍ରଦାନ କରିଥାନ୍ତି। ଅତିଥି, ବକ୍ତା ବା ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରୁ ଅନେକ ସାହିତ୍ୟିକ ମଧ୍ୟ ନୁହନ୍ତି। ଗଣମାଧ୍ୟମ ସେମାନଙ୍କର ଏତାଦୃଶ କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଭାବରେ ପ୍ରସାରଣପୂର୍ବକ ପ୍ରଚାର ଆଭିମୁଖ୍ୟକୁ

ବ୍ୟାପକ କରିଥାନ୍ତି। ଏସବୁ କ୍ଷେତ୍ରରେ ପ୍ରକୃତ ସାହିତ୍ୟିକଙ୍କର ସ୍ଥାନ ନ ଥାଏ। କେବଳ ଉଦ୍‌ଘାଟକ, ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କର ସ୍ତାବକ ତଥା ଆର୍ଥିକ ସହାୟତା ପ୍ରଦାନପୂର୍ବକ ଆଶାୟୀ ଅସାହିତ୍ୟିକ ଏବଂ ସେମାନଙ୍କର ଅନୁଗାମୀଙ୍କ ଦ୍ୱାରା ସଭାସ୍ଥଳ ପୂର୍ଣ୍ଣ ହୋଇଥାଏ। ଏହାଦ୍ୱାରା ସାହିତ୍ୟ ସମୃଦ୍ଧି ନାମରେ ଅପସାହିତ୍ୟ ସୃଷ୍ଟିର ପଥ ପ୍ରଶସ୍ତ ହୋଇଥାଏ। ଅନେକ ମଧ୍ୟ ରାଜନୈତିକ ବ୍ୟକ୍ତିବିଶେଷ ଅଥବା କ୍ଷମତାସୀନ ପଦାଧିକାରୀ ନ ହୋଇ ଆପଣାର ଅର୍ଥ ପ୍ରାବଲ୍ୟରେ ଉଦ୍‌ଘାଟକ, ମୁଖ୍ୟ ଅତିଥି ବା ମୁଖ୍ୟ ବକ୍ତା ଆସନ ଅଳଙ୍କୃତ କରିଥାନ୍ତି। ସାରସ୍ୱତ ମହୋତ୍ସବର ଆୟୋଜକମାନେ ଅର୍ଥ ପ୍ରତିବଦଳରେ ସେମାନଙ୍କୁ ଏହି ସୁଯୋଗ ପ୍ରଦାନ କରିଥାନ୍ତି। ଏ କ୍ଷେତ୍ରରେ ଅସାହିତ୍ୟିକ ହିଁ କର୍ଣ୍ଣଧାର ବୋଲାଇଥାନ୍ତି ଓ ସୃଜନଶୀଳ ପ୍ରତିଭାବନ୍ତ ସ୍ରଷ୍ଟା ଅବହେଳିତ ହୋଇଥାନ୍ତି। ସଂସଦର ମୁଖପତ୍ରରେ ଏହି ଅସାହିତ୍ୟିକଙ୍କ ଲେଖା ମୁଖ୍ୟପୃଷ୍ଠା ମଣ୍ଡନ କରିଥାଏ। ଏହା ସତ୍ୟ ଯେ, ଅପସାହିତ୍ୟ ପରିପୂର୍ଣ୍ଣ ଏତାଦୃଶ ମୁଖପତ୍ର ସାଧାରଣ ପାଠକଙ୍କ ନିକଟରେ ନ ପହଞ୍ଚି ବଣ୍ଟନ ଓ ଉପହାର ମାଧ୍ୟମରେ ଏପରି ବ୍ୟକ୍ତିବିଶେଷଙ୍କ ନିକଟରେ ପହଞ୍ଚିଥାଏ।।

**ସାହିତ୍ୟର ଭୂମି ଓ ଭୂମିକା ଜାଣି ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ହିଁ ଅପସାହିତ୍ୟ ସୃଷ୍ଟି ହୋଇଥାଏ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଓ ସରକାରୀ ସାହିତ୍ୟାନୁଷ୍ଠାନରେ ସେମାନଙ୍କ ପତିଆରା ବେଶି।**

ଯେଉଁମାନଙ୍କର ପଢ଼ିବାକୁ ସମୟ ନ ଥାଏ ଯଦିବା ସମୟ ମିଳେ, ଲେଖାଗୁଡ଼ିକ ନିମ୍ନମାନର ହୋଇଥିବାରୁ ପାଠକ ରୁଚି ଜାଗ୍ରତ ହୁଏ ନାହିଁ। କେତେକ କ୍ଷେତ୍ରରେ ସରକାରୀ ସ୍ତରରେ ପ୍ରକାଶିତ ସ୍ମରଣିକା ବା ସାମୟିକ ସଙ୍କଳନରେ ଅଗଣିତ ଅସାହିତ୍ୟିକଙ୍କର ବହୁଳ ଅପସାହିତ୍ୟ ମୁଦ୍ରିତ ହୋଇଥାଏ। କାରଣ ସଙ୍କଳନ ଦାୟିତ୍ୱ ବହନ କରିଥିବା ପଦାଧିକାରୀ ବା ବ୍ୟକ୍ତିଙ୍କର ଏହି ଅପସାହିତ୍ୟ ସୃଷ୍ଟିକର୍ତ୍ତାଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସତ୍‌ସାହସ ନ ଥାଏ। ସମୟେ ସମୟେ ଏକାଡେମୀ ଓ ସଂସ୍କୃତି ବିଭାଗ ପୁସ୍ତକ ପ୍ରକାଶନ କରିଥାନ୍ତି, ଯେଉଁଥିରେ ସାହିତ୍ୟିକଙ୍କର ଅପସାହିତ୍ୟ ହିଁ ପ୍ରକାଶିତ ହୋଇଥାଏ।

ସାହିତ୍ୟର ଭୂମି ଓ ଭୂମିକା ଜାଣି ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ହିଁ ଅପସାହିତ୍ୟ ସୃଷ୍ଟି ହୋଇଥାଏ। ସଂପ୍ରତି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଓ ସରକାରୀ ସାହିତ୍ୟାନୁଷ୍ଠାନରେ ସେମାନଙ୍କ ପତିଆରା ବେଶି। ତେଣୁ ପ୍ରକୃତ ସାହିତ୍ୟିକ ଅସହାୟ ହୋଇ ପଡିଲେଣି। ଏହି ଅପସାହିତ୍ୟ ସୃଷ୍ଟିବ୍ୟାଧି ନଗର, ସହର ଓ ଗ୍ରାମାଞ୍ଚଳକୁ ବ୍ୟାପିଗଲାଣି। ସାହିତ୍ୟ ଓ ଅପସାହିତ୍ୟ ଦୁଇଟି ବିପରୀତବୋଧକ ଶବ୍ଦ। ସାହିତ୍ୟରେ ଜୀବନର ବିକାଶ ଓ ଅପସାହିତ୍ୟରେ ଜୀବନର ବିନାଶ। ସଂପ୍ରତି ସାହିତ୍ୟ ନାମରେ ଅପସାହିତ୍ୟର ବ୍ୟାପକ ପ୍ରସାର ଚାଲିଛି। ଫଳରେ ଓଡ଼ିଆ ସାହିତ୍ୟ ଆଉ ପାଠକଙ୍କର ଆଦରର ବସ୍ତୁ ହୋଇ ରହିନାହିଁ। ଆଶ୍ଚର୍ଯ୍ୟର କଥା, ସମସ୍ତେ ଜାଣି ଶୁଣି ମଧ୍ୟ ଅପସାହିତ୍ୟ ସୃଷ୍ଟି ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରୁନାହାନ୍ତି। ଅଧିକନ୍ତୁ ଚାନ୍ଦାଭେଦା ଦେଇ ସାହିତ୍ୟିକଟିଏ ହେବାକୁ ସମସ୍ତଙ୍କର ତୀବ୍ର ଲାଳସା। ଯଦି କେହି ଅପସାହିତ୍ୟ ବିରୁଦ୍ଧରେ ପ୍ରତିବାଦ କରୁଛି ସେ ଅସାହିତ୍ୟିକଙ୍କର ଆକ୍ରୋଶର ଶିକାର ହେଉଛି। କୌଣସି ସତ୍ୟନିଷ୍ଠ ସ୍ରଷ୍ଟା ଏ ସମ୍ପର୍କରେ ସ୍ୱର ଉତ୍ତୋଳନ କଲେ ତା'ର ସାରସ୍ୱତ ପ୍ରତିଭାକୁ ଅକର୍ମଣ୍ୟ କରାଯାଏ, ତା' ବିରୁଦ୍ଧରେ ସାମାଜିକ ଗଣମାଧ୍ୟମରେ କୁତ୍ସାରଟନା କରାଯାଏ, କଳେ ବଳେ କୌଶଳେ ତାକୁ ସାରସ୍ୱତ ପୁରସ୍କାର ଓ ସମ୍ମାନରୁ ବଞ୍ଚିତ କରାଯାଏ ଏବଂ ରାଜନୈତିକ କ୍ଷମତାଶାଳୀ ବ୍ୟକ୍ତିଙ୍କୁ ତା' ବିରୁଦ୍ଧରେ ନାନାଦି ମିଥ୍ୟା କୁହାଯାଇ ତା'ର ଅଶେଷ କ୍ଷତି ସାଧନ କରାଯାଏ। ତଥାପି ଓଡ଼ିଶାରେ ଅନେକ ସତ୍ୟାନୁସନ୍ଧାନୀ ଓ ନିର୍ଭୀକ ସାହିତ୍ୟିକ ଅଛନ୍ତି, ଯେଉଁମାନେ ଅପସାହିତ୍ୟ ସୃଷ୍ଟିକାରୀ ଅସାହିତ୍ୟିକଙ୍କ ଦୃଢ଼ ସମାଲୋଚନା କରିଥାନ୍ତି। ସାହିତ୍ୟ ଜାତିର ଆତ୍ମପରିଚୟ ବହନ କରୁଥିବାରୁ ଅପସାହିତ୍ୟ ବିରୁଦ୍ଧରେ ସମ୍ମିଳିତ ପ୍ରତିବାଦ ଏକାନ୍ତ ଜରୁରୀ ହୋଇପଡିଛି।

□□

ଲେଖକଙ୍କ ଇ-ମେଲ ଠିକଣା:
antaryamimisra@gmail.com


ଗଳ୍ପ



# ହାଉସ୍ ହଜ୍‌ବେଣ୍ଡ

ଶିବାଶିଷ ପାଢ଼ୀ

ଅଫିସ ଛୁଟି ସମୟ ହେବାକୁ ଆଉ ଅଳ୍ପ ସମୟ ଥିଲା। ଅଫିସ ପୋର୍ଟିକୋରେ ଆସି ଠିଆ ହେଲା ନୀଳରଙ୍ଗର ମାରୁତି ୱାଗନ୍‌ଆର୍ ଗାଡ଼ି। ଠିକ ବଡ଼ବାବୁଙ୍କ ଝରକା କଡ଼କୁ। 'ହେଇ ଅଣ୍ଡିରା ବଗ ଆସିଲାଣି' ବଡ଼ବାବୁଙ୍କ ତାଚ୍ଛଲ୍ୟପୂର୍ଣ୍ଣ କଥା ତଥା ପରିହାସସୂଚକ ହସ ଶୁଣି ବାହାରକୁ ନିଘା କଲେ ନୂଆନୂଆ କାମରେ ଯୋଗ ଦେଇଥିବା କନିଷ୍ଠ କିରାଣି ଶିବବାବୁ। ଗାଡ଼ି ଲକ କରିବାର ଟୁଁ ଟଙ୍ଗ ଶବ୍ଦ ସହ ବାରଣ୍ଡା ଚଢୁଥିଲେ ଉପଜିଲ୍ଲାପାଳ ମାଡାମଙ୍କ ସ୍ୱାମୀ ଅରବିନ୍ଦ ବାବୁ। ସବୁଦିନେ ଠିକ ସମୟରେ ମାଡାମଙ୍କୁ ନେବାକୁ ଆସନ୍ତି ସେ। ଶିବବାବୁ ଥରେ ଦୁଇ ଥର ତାଙ୍କ ସହ ମିଶିଛନ୍ତି ସେତିକିରେ ଯାହା ଜାଣିଛନ୍ତି ଭାରି ଭଦ୍ର ଓ ଅମାୟିକ ଲୋକ ସେ ଅରବିନ୍ଦବାବୁ। ତାଙ୍କ ପ୍ରତି ବଡ଼ବାବୁଙ୍କ ଏ ପରିହାସ ନୂଆ ନ ଥିଲା। ବଡ଼ ବାବୁ 'ଅଣ୍ଡିରା ବଗ' କହୁ କହୁ ଚାପା ହସର ଏକ ମୃଦୁ ଗୁଞ୍ଜରଣ ଖେଳି ଯାଉଥିଲା ହଲ୍ ସାରା।



ଦେଖିବାକୁ ସେମିତି ଗୋରା ତକ ତକ ନ ଥିଲେ ଅରବିନ୍ଦ ବାବୁ! ସାଧାରଣ ବାଦାମୀ ରଙ୍ଗର ସାଧାରଣ ଉଚ୍ଚତାର ମଣିଷଟିଏ। କିନ୍ତୁ ଏ ନାଁ ଟି କହିକି ଦିଆଯାଇଛି ଓ କାହିଁକି ଏତେ ହସର କାରଣ ହେଉଛି ସେ କଥାକୁ ବୁଝିପାରୁ ନ ଥିବା ଶିବ ବାବୁ ଦିନେ କୌତୂହଳବଶତଃ ବଡ଼ବାବୁଙ୍କୁ ପଚାରି ଥିଲେ! ପ୍ରଥମେ ବହେ ହସିଥିଲେ ବଡ଼ ବାବୁ, ତା' ପରେ କହିଥିଲେ 'ବୁଝିଲ ଶିବବାବୁ ତୁମେ ତ ପିଲା ଅଛ ଏବେ ବି ସମୟ ଅଛି। ଆମ ମାଡାମ ଭଳି ଏମିତି ଗୋଟାଏ ଫସାଇ ପାରିଲେ ଆଉ ଏ କାମଦାମ କରିବାର କିଛି ଆବଶ୍ୟକ ପଡନ୍ତା ନାହିଁ। ନିଜ ସ୍ତ୍ରୀ ରୋଜଗାର କରିବ, ତୁମେ ରାଜା ଭଳି ବୁଲି ବୁଲି ଖାଇବ! ଲୋକେ କ'ଣ କହିବେ ଏଥିରେ କ'ଣ ଅଛି, କିଏ ଶୁଣୁଛି! ଏ ଦେଖୁଛ ତ ଏ ଆମ ଅଣ୍ଡିରା ବଗକୁ। 'ହେଲେ ସାର୍ ଅଣ୍ଡିରା ବଗ?' ତଥାପି ଜାଣିପାରୁ ନ ଥିଲେ ଶିବ ବାବୁ। 'ମୁସ୍କିଲ କଥା ଶିବ ବାବୁ ତୁମେ ଏ କଥା ଜାଣିନ କି? ହଁ ଆଜିକାଲିକା ପିଲା ତ ଇଂରାଜୀ ପଢ଼ିଲ ଆଉ ସେ ଢଗଢମାଳି କଥା କ'ଣ ଜାଣିବ? ଆରେ ଯେତେବେଳେ ବସାରେ ବଗୁଲି ଅଣ୍ଡା ଦିଏ ସେଥିରୁ ଛୋଟ ଛୋଟ ଛୁଆ ହୁଅନ୍ତି, ସେତେବେଳେ ଅନ୍ୟ ପକ୍ଷୀଙ୍କ ପରି ସେ ଜଗି ରହେନି ସେ କାମ ବଗ କରେ! ଅଣ୍ଡିରାବଗ ବସା ଜଗି ଛୁଆଙ୍କ ଯତ୍ନ ନେଉଥିବା ବେଳେ ସମସ୍ତଙ୍କ ପାଇଁ ଖାଦ୍ୟ ଆଣିବା ଦାୟିତ୍ୱ ବଗୁଲି ନିଏ! ଏ ଅରବିନ୍ଦବାବୁ କ'ଣ ଆଉ କରୁଛି କି। ଘରେ ଥାଇ ଛୁଆପିଲାଙ୍କୁ ସ୍କୁଲ ପଠାଇଲେ କାମ ସରିଲା।ସ୍ତ୍ରୀ ପଇସାରେ ଗାଡ଼ିଚଢି ବୁଲୁଛି ତାକୁ ତ ଲାଜ ନାହିଁ ଯେ ସେ ଅଫିସ ଆସୁଛି।'

କେମିତି ଗୋଟିଏ ଆଶ୍ଚର୍ଯ୍ୟ ହୋଇ ବଡ଼ବାବୁଙ୍କ ମୁହଁକୁ ଚାହିଁ ଥିଲେ ଶିବବାବୁ। ଭାବୁଥିଲେ କାହା ଘର କଥା ନ ଜାଣି, କେଉଁ ପରିସ୍ଥିତିରେ ମାଡାମ କେମିତି ବାହା ହୋଇଛନ୍ତି ସେ ବାବଦରେ ବିନ୍ଦୁ ବିସର୍ଗ ନ ଜାଣି ବଡ଼ବାବୁଙ୍କ ପରି ବୟସ୍କ ଲୋକ କେମିତି ତାଚ୍ଛଲ୍ୟ କରି ପାରୁଛନ୍ତି? ଆହୁରି ଦୁଃଖ ଲାଗୁଥିଲା ଯେତେବେଳେ ଅନ୍ୟମାନେ ବି ବଡ଼ବାବୁଙ୍କ ଟେବୁଲ ପାଖକୁ ଆସି ଆଲୋଚନାରେ ସାମିଲ ହୋଇ ଅରବିନ୍ଦବାବୁଙ୍କ ପ୍ରେମ, କେମିତି ଫସେଇଲେ ଇତ୍ୟାଦିର ଆଖିଦେଖା ବିବରଣୀ ପ୍ରଦାନ କରୁଥିଲେ। ଯଦିବା ମାଡାମଙ୍କ

ଏଠାକୁ ଆସିବା ମାତ୍ର ଛଅ ମାସ ହେଇଛି ଓ ମାଡାମ ଓ ଅରବିନ୍ଦ ବାବୁଙ୍କୁ ଛମାସ ଆଗରୁ କେହି ଜାଣି ନ ଥିଲେ।

କଥାଟି କିନ୍ତୁ ନୂଆ ନ ଥିଲା, ଅଫିସର ମୁଖ୍ୟ ଆଲୋଚନାର ବିଷୟରେ ପ୍ରାୟ ସବୁବେଳେ ଅରବିନ୍ଦ ବାବୁ ହିଁ ରହୁଥିଲେ। ଆଲୋଚନାଟି ଅତ୍ୟନ୍ତ ରୋଚକ ହୋଇଯାଉଥିଲା ଯେଉଁ ଦିନ ଅଫିସକୁ ଆସୁଥିଲା ମାଡାମଙ୍କ ଘରେ ରୋଷେଇ କରୁଥିବା ମେଘା! ବାବୁ କେଉଁ ଦିନ ମାଂସ ରୋଷେଇ କରିଥିଲେ, କେଉଁଦିନ ସ୍ୱାମୀସ୍ତ୍ରୀଙ୍କ ଭିତରେ କିଛି ମନୋମାଳିନ୍ୟ ହୋଇଥିଲା ଇତ୍ୟାଦି ଘଟଣା ସବୁକୁ ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା କରୁଥିଲା ସେ।

ଥରେ ଥରେ ମାଡାମଙ୍କ କାମ ସରି ନ ଥିଲେ ଅରବିନ୍ଦବାବୁ ଆସି ବଡ଼ବାବୁଙ୍କ ପାଖରେ ବସୁଥିଲେ।ବଡ଼ବାବୁଙ୍କୁ ବହୁତ ଶ୍ରଦ୍ଧା ଓ ଭକ୍ତିର ସହ ବ୍ୟବହାର କରୁଥିଲେ ସେ। ଶିବ ବାବୁ ଲକ୍ଷ୍ୟ କରିଥିଲେ ସେଦିନ କେମିତି ବଦଳି ଯାଉଥିଲା ବଡ଼ବାବୁଙ୍କ କଥାବାର୍ତ୍ତାର ଠାଣି। ତୋଷାମଦର ଶେଷ ସୀମାକୁ ପହଞ୍ଚି ଯାଉଥିଲେ ସେ।

**'ଯଦି ଆପଣମାନଙ୍କ ଆପତ୍ତି ନ ଥାଏ ତେବେ ମୋ ମିଷ୍ଟରଙ୍କୁ ଡାକି ଦେଉଛି। ସେ ଏଥିରେ ଅଭିଜ୍ଞ। ଆପଣମାନଙ୍କୁ ସାହାଯ୍ୟ କରିଦେବେ।'**

ସେଦିନ ଅଫିସର ସମସ୍ତେ ବ୍ୟସ୍ତ ଥିଲେ। ଜରୁରିକାଳୀନ ଭିତ୍ତିରେ ଜଙ୍ଗଲଜମିର ପଟ୍ଟା ବଣ୍ଟନର ଅଗ୍ରଗତି ଉପରେ ଏକ ବିଶଦ୍ ରିପୋର୍ଟ ମାଗିଥିଲେ ସରକାର। ସେ ପୁଣି ମାତ୍ର ଦୁଇଦିନ ଭିତରେ! ଦୁର୍ଯୋଗକୁ କମ୍ପ୍ୟୁଟର ଡାଟା ଏଣ୍ଟ୍ରି ଅପରେଟରମାନେ ଅନିର୍ଦ୍ଦିଷ୍ଟ ଧର୍ମଘଟରେ ଥିଲେ। ସାତଟି ତହସିଲରୁ ଆସିଥିବା ଏତେ ବିସ୍ତୃତ ତଥ୍ୟ ସବୁକୁ ଏକତ୍ରୀକରଣ କରି ରିପୋର୍ଟ ପ୍ରସ୍ତୁତି ପାଇଁ ଆବଶ୍ୟକ କମ୍ପ୍ୟୁଟର ଜ୍ଞାନ ଓ ଦକ୍ଷତା କୌଣସି କିରାଣି ପାଖରେ ନ ଥିଲା।

ବିଧାନସଭାରେ ମନ୍ତ୍ରୀ ଉତ୍ତର ଦେବାକୁ ଥିବାରୁ ଭୁବନେଶ୍ୱରରୁ ଘନ ଘନ ଫୋନ ଆସୁଥିଲା। ଜିଲ୍ଲାପାଳ କିଛି ଶୁଣିବାକୁ ପ୍ରସ୍ତୁତ ନ ଥିଲେ। କ'ଣ କେମିତି କରାଯିବ ସେ ବାବଦକୁ ମାଡାମଙ୍କ କୋଠରିରେ ଏକ ଛୋଟ ସଭା ବସିଥିଲା। ମାଡାମ କହିଥିଲେ 'ଯଦି ଆପଣମାନଙ୍କ ଆପତ୍ତି ନ ଥାଏ ତେବେ ମୋ ମିଷ୍ଟରଙ୍କୁ ଡାକି ଦେଉଛି। ସେ ଏଥିରେ ଅଭିଜ୍ଞ। ଆପଣମାନଙ୍କୁ ସାହାଯ୍ୟ କରିଦେବେ।' ଆପତ୍ତିର ତ ପ୍ରଶ୍ନ ନ ଥିଲା। ସଭିଙ୍କ ସାହାଯ୍ୟ ବିଶେଷ କରି ଶିବବାବୁଙ୍କ ସାହାଯ୍ୟରେ ଗୋଟିଏ ଦିନରେ ରିପୋର୍ଟ ପ୍ରସ୍ତୁତ କରିଦେଇଥିଲେ ଅରବିନ୍ଦ ବାବୁ।

ରିପୋର୍ଟକୁ ଫାକ୍ସ କରି ମାଡାମଙ୍କ କୋଠରିରେ ବସିଥିଲେ ବଡ଼ବାବୁ ଓ ଅନ୍ୟମାନେ। ବଡ଼ବାବୁ ଅତ୍ୟନ୍ତ ସ୍ନେହର ସହ ଧନ୍ୟବାଦ ଦେଉଥିଲେ ଅରବିନ୍ଦ ବାବୁଙ୍କୁ! ହଠାତ ସମସ୍ତଙ୍କୁ ଚମକାଇ ମାଡାମ କହିଲେ 'ଥରେ ଥରେ ଅଣ୍ଡିରା ବଗ ବି କାମ କରେ ବଡ଼ବାବୁ।' 'ମାଡାମ' କେବଳ ଏତିକି କହି ପାରିଲେ ବଡ଼ବାବୁ । ମାଡାମ କିନ୍ତୁ କହୁଥିଲେ, 'ଆପଣ ଜାଣିଛନ୍ତି ଅଣ୍ଡିରାବଗ ବସା ଜଗେ ହେଲେ କେବେ ଚିନ୍ତା କରିଛନ୍ତି କାହିଁକି ଜଗେ! କ'ଣ ତା'ର କାରଣ! ଆପଣଙ୍କ ଆଲୋଚନା ମୁଁ ସବୁ ଜାଣିଛି ଏଣୁ ଭାବୁଛି ଆପଣ କାରଣ ଜାଣିବା ଜରୁରୀ।'

'ପ୍ରାୟ ପନ୍ଦର ବର୍ଷ ତଳେ ଆମର ବାହାଘର ହୋଇଥିଲା। ସେତେବେଳେ ମୁଁ ଡାଟାଏଣ୍ଟ୍ରି ଅପରେଟର ଥିଲା ବେଳେ ଅରବିନ୍ଦବାବୁ କିରାଣି ଥିଲେ। ମୋର ଆଗକୁ ପଢିବା ଇଚ୍ଛାକୁ ସମ୍ମାନ ଦେଇ ସେ ମୋତେ ପ୍ରୋତ୍ସାହନ ଦେଇଥିଲେ। ଘରର ସମସ୍ତ ଦାୟିତ୍ୱ ନିଜ କାନ୍ଧକୁ ନେଇ, ରାତିରାତି ଅନିଦ୍ରା ରହି ମୋତେ ଓ.ଏ.ଏସ୍. ପାଇଁ ପ୍ରସ୍ତୁତ କରିଥିଲେ! ତାଙ୍କରି ଯୋଗୁଁ ମୁଁ ଆଜି ଏଇଠି ପହଞ୍ଚି ପାରିଛି। ସୁଦୂର କୋରାପୁଟରେ ମୋର ପ୍ରଥମ ପୋଷ୍ଟିଙ୍ଗ, ଛୋଟ ଛୋଟଛୁଆଙ୍କ ପାଠପଢା, ସେଠାରେ ବାରମ୍ବାର ମୋ ଦେହ ଖରାପ ଯୋଗୁ ନିଜ ଚାକିରିକୁ ପଛରେ ପକାଇ ଦେଇଥିଲେ ସେ! ଯେତେବେଳେ ଜଣେ ଝିଅ ନିଜର ସବୁକିଛି ତ୍ୟାଗ କରି ପରିବାର ପାଇଁ ନିଜକୁ ଭୁଲିଯାଏ, ସେଇଟା ଆପଣମାନଙ୍କ ନଜରରେ ପରମ୍ପରା। ଆଉ ଯଦି କେବେ ଓଲଟା ହୁଏ ତେବେ ତାହା ତାଚ୍ଛଲ୍ୟର ବିଷୟ। ତାଙ୍କ ପରି ସ୍ୱାମୀ ପ୍ରତ୍ୟେକ ଝିଅର କାମ୍ୟ ବଡ଼ ବାବୁ ! ଆଉ ଦିନେ ଯେମିତି ପଛପଟେ ଆଲୋଚନା ନ ହୁଏ!'

ବାକ୍ଶୂନ୍ୟ ହୋଇ ଶୁଣୁଥିଲେ ସମସ୍ତେ! ଶିବବାବୁ ଦେଖୁଥିଲେ ବଡ଼ ବାବୁଙ୍କ ଆଖିକୋଣରୁ ଝରି ଆସୁଥିବା ଦୁଇବୁନ୍ଦା ଲୁହକୁ! ସେ ଜାଣିଥିଲେ ଏହା ପଶ୍ଚାତାପର ଅଶ୍ରୁ ! ଅରବିନ୍ଦବାବୁ ମନା କରିବା ସତ୍ୱେ ଭୁଲ ମାଗୁଥିଲେ ସମସ୍ତେ। ଅରବିନ୍ଦ ବାବୁଙ୍କ ହାତ ଧରି ରୁମ୍‌ରୁ ବାହାରୁଥିଲେ ମାଡାମ୍।

□□

ଲେଖକଙ୍କ ଇ-ମେଲ୍ ଠିକଣା:
shibashishemgir@gmail.com



ପ୍ରବନ୍ଧ

# ସାହିତ୍ୟ, ସଂଗୀତ ଓ କଳାର ସମନ୍ୱୟବାଦ

ଡ. ପ୍ରଫୁଲ୍ଲ କୁମାର ମିଶ୍ର

ଭଗବାନ ଷୋଡ଼ଶକଳାତ୍ମକ ବ୍ରହ୍ମ ଭାବରେ ବିଦିତ। ସେହି ଷୋଡଶକଳାତ୍ମକ ବ୍ରହ୍ମଙ୍କର ବିଶ୍ୱ ପରିପ୍ରକାଶ ଚତୁର୍ଷଷ୍ଠୀ କଳା ମାଧ୍ୟମରେ ହୋଇଥାଏ।

ସାହିତ୍ୟ ରଚନା ଅର୍ଥାତ କାବ୍ୟ, ନାଟକ, ଗଦ୍ୟ, ପଦ୍ୟ, ଚମ୍ପୂ, ବିରୁଦ, ମୁକ୍ତକ ଆଦି ଅନେକ ରୂପରେ ହୋଇଥାଏ। କିନ୍ତୁ ଚିତ୍ରକାବ୍ୟ, ବିନ୍ଦୁମାଳା ଓ ପଂକ୍ତିକାଦିକୁ ମଧ୍ୟ କଳାକୋଟିରେ ଗଣାଯାଇଛି। ଆନ୍ଧ୍ରପ୍ରଦେଶରେ ଅଷ୍ଟାବଧାନୀ, ଶତାବଧାନୀ ପ୍ରଭୃତି ଏକାଦିକ୍ରମେ ଶହେ ପ୍ରଶ୍ନର ଉତ୍ତର ଦେଇପାରିବେ। ସେହିପରି ହରିକଥା ମଧ୍ୟ ଏକ କଳା। ତନ୍ତ୍ରୀବାଦ୍ୟ ବାଦନପୂର୍ବକ ନାନା ପୌରାଣିକ ଓ ଲୌକିକ କଥାକୁ ସଂସ୍କୃତରେ ଓ ସ୍ଥାନୀୟ ଭାଷାରେ ବ୍ୟକ୍ତ କରିବା ସେମାନଙ୍କ ଅଭ୍ୟାସ ରହିଛି। ଓଡିଶାରେ ପାଲା, ଦାସକାଠିଆ, ଡୁମ୍ଫାନାଚ, ଘୋଡାନାଚ, ରଣପାନାଚ, ଝୁମରଗୀତ ଆଦି ଲୋକଗୀତମାନ ଅଭ୍ୟାସରେ ଓ ପ୍ରଦର୍ଶନୀରେ ରହିଛି। ଉତ୍କଳ ଓ ବଙ୍ଗୀୟ ଭୂମିର ଛଉନାଚ ସର୍ବଜନବିଦିତ। ତେଣୁ ଏ ସମସ୍ତ ଛୋଟବଡ ଅଭିନୟ ଓ ରଚନାତ୍ମକ କଳା ଲୋକୋତ୍ତର ଚମତ୍କାରିତା ସହିତ ସମାଜର ଗଠନମୂଳକ ସଂସ୍କାର ବାର୍ତ୍ତା ପ୍ରଦାନ କରିଥାନ୍ତି। ସାହିତ୍ୟର ମୂଳମର୍ମ ଆନନ୍ଦବର୍ଦ୍ଧନ ଓ ଅଭିନବ ଗୁପ୍ତ ପ୍ରଭୃତି ଭାରତୀୟ ସୌନ୍ଦର୍ଯ୍ୟଶାସ୍ତ୍ରବିଦ୍‌ମାନେ ଏହାକୁ ଅପୂର୍ବ ବସ୍ତୁଭାବେ ନିର୍ଣ୍ଣୟ କରିଛନ୍ତି। ତେବେ ସମଗ୍ର ଅଳଙ୍କାର ଶାସ୍ତ୍ର ଏକ ଅଲୌକିକ ରସବାଦକୁ ପରିଶେଷରେ ସ୍ୱୀକାର କରିଛନ୍ତି। ତା'ର ଦୀର୍ଘ ଅବତାରଣା ପ୍ରବନ୍ଧର ଦୀର୍ଘତାବୃଦ୍ଧି ଭୟରେ ଏଠାରେ ଉଲ୍ଲେଖ କରାଗଲା ନାହିଁ। ବିଶ୍ୱନାଥ କବିରାଜଙ୍କ "ବାକ୍ୟଂ ରସାତ୍ମକଂ କାବ୍ୟମ୍"ର ପ୍ରେକ୍ଷାପଟରେ ସମଗ୍ର କାବ୍ୟ ଜଗତକୁ ସେ ରସମୟୀବାଣୀ ଭାବରେ ଗ୍ରହଣ କରିଛନ୍ତି। କାବ୍ୟର ଅନେକସ୍ଥଳରେ ରସ ପ୍ରକଟନ ପୂର୍ଣ୍ଣାଙ୍ଗ ନ ହୋଇ ଭାବ (ଦେବତା ବିଷୟକ ରତି) ରସାଭାସ, ଭାବାଭାସ, ଭାବସନ୍ଧି, ଭାବଶବଳତା, ଭାବୋଦୟ ଓ ଭାବପ୍ରଶମନାଦି ଖଣ୍ଡିତ ରସ ପରିପ୍ରକଟନର କୋଟୀମାନ ବିଚାର କରିଛନ୍ତି। "ବିଭାବାନୁଭାବ ବ୍ୟଭିଚାରୀ ସଂଯୋଗାତ୍ ରସନିଷ୍ପତ୍ତିଃ" ମୁନି ଭରତଙ୍କ ଅମୀୟବାଣୀକୁ ହିଁ ଅବଧାରଣା କରିଛନ୍ତି ସାହିତ୍ୟିକ, ସଙ୍ଗୀତଜ୍ଞ ଓ କଳାପ୍ରବୀଣ ଆଚାର୍ଯ୍ୟମାନେ। ତେଣୁ ଏ ସମସ୍ତ ବିଦ୍ୟାର ଏକ ତନ୍ତ୍ରୀରେ ହୋଇଥିବା ସଂଯୋଗକୁ ଏହି ପ୍ରବନ୍ଧରେ ସଂକ୍ଷିପ୍ତଭାବେ ବିଚାର କରାଯାଉଛି। ସାହିତ୍ୟ-ସଂଗୀତ ସମ୍ପର୍କରେ ବେଦଠାରୁ ଆରମ୍ଭ କରି ଅତ୍ୟାଧୁନିକ ଶାସ୍ତ୍ର ପର୍ଯ୍ୟନ୍ତ ଚର୍ଚ୍ଚା ଖୁବ୍ ଚିତ୍ତାକର୍ଷକ ହୋଇପାରିବ।



୧ - କୁହାଯାଇଛି ଯେ "ଦେବସ୍ୟ ପଶ୍ୟ କାବ୍ୟତ୍ୱଂ ନ ମମାର ନ ଜୀର୍ଯତି।" (ଋଗ୍‌ବେଦ)

ଭଗବାନଙ୍କ ଏହି କାବ୍ୟକୁ ଦେଖି ଯିଏ ମରେ ନାହିଁ କି ଜୀର୍ଣ୍ଣ ହୁଏ ନାହିଁ। ଏଠାର ସମଗ୍ର ବିଶ୍ୱ ହେଉଛି ତାଙ୍କର କାବ୍ୟ। ତାଙ୍କର ଏହି କାବ୍ୟ ନାଶଶୀଳ ନୁହେଁ। ଅର୍ଥାତ ସବୁବେଳେ ପୃଥିବୀରେ ସମସ୍ତ ଋତୁ ଭିନ୍ନ ଭିନ୍ନ ଅଞ୍ଚଳରେ ଅନୁଭୂତ ହୁଏ। ଜୀବମାନେ ସଦା ବର୍ଦ୍ଧିତ ହୁଅନ୍ତି ସବୁବେଳେ ବିଶ୍ୱ ବ୍ରହ୍ମାଣ୍ଡର ସମଗ୍ର ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରପଞ୍ଚ ନିର୍ମିତ ହେଉଥାଏ। କବି ଶବ୍ଦ କବୃ ବର୍ଣ୍ଣନେ ଧାତୁରୁ ନିଷ୍ପନ୍ନ। ତେଣୁ ଯେ ରଙ୍ଗ କରେ। ଏହି ସଂସାର ହେଉଛି ଭଗବାନଙ୍କ ଏକ ଲମ୍ବପ୍ରସ୍ଥ ଉଚ୍ଚତାର ଏକ କଳାତ୍ମକ ଚିତ୍ରପଟ। ତୋମାର ରଙ୍ଗେ ହୃଦୟ ଆମାର ରଙ୍ଗା।

୨ - କବିର୍ମନୀଷୀ ପରିଭୂତ ସ୍ୱୟମ୍ଭୁ - ସେହି କବି ତାଙ୍କର ମନରୁ ସର୍ବତଃ ନିର୍ମାଣ କରୁଥିବା ପ୍ରଜାପତି ବ୍ରହ୍ମା। ତେଣୁ ଅଗ୍ନି

ପୁରାଣରେ କୁହାଯାଇଛି ଯେ, ଅପାରେ କାବ୍ୟ ସଂସାରେ କବିରେବ ପ୍ରଜାପତିଃ ।

ଯଥାସ୍ମୈ ରୋଚତେ ବିଶ୍ୱଂ ତଥୈବ ପରିବର୍ତ୍ତେ ।।

ଏହି ବିଶାଳ କାବ୍ୟ ସଂସାରରେ ସ୍ରଷ୍ଟା ହେଉଛନ୍ତି କବି । ତାଙ୍କୁ ଯେପରି ଭଲ ଲାଗେ ସେହିପରି କାବ୍ୟ ରୂପକ ପୃଥିବୀକୁ ପରିବର୍ତ୍ତିତ କରିଥାନ୍ତି ।

୩ – ସେଥିପାଇଁ ଭରତ ମୁନି କୁହନ୍ତି ବ୍ରହ୍ମା ଯେତେବେଳେ ନାଟ୍ୟ ବେଦ ରଚନା କଲେ, ସେତେବେଳେ ସେ ଋଗବେଦରୁ ସଂଳାପ, ଯଜୁର୍ବେଦରୁ ଅଭିନୟ, ସାମବେଦରୁ ଗୀତ ଓ ଅଥର୍ବ ବେଦରୁ ରସ ଆହରଣ କଲେ ।

ଜଗ୍ରାହ ପାଠ୍ୟମୃଗ୍‌ବେଦାତ୍ ସାମଭ୍ୟଃ ଗୀତମେବ ଚ ।
ଯର୍ଜୁବେଦାଦଭିନୟାନ୍ ରସାଦାଥର୍ବଣାଦପି ।।

*ନାଟ୍ୟଶାସ୍ତ୍ର – ୧ମ ଅଧ୍ୟାୟ*

## ସାମବେଦ ଗାନର ପରମ୍ପରା

ସାମବେଦରୁ ଗାନ ଗ୍ରହଣ କରିବାର କାରଣ ସାମବେଦରେ ଗାନର ପରମ୍ପରା ଅତ୍ୟନ୍ତ ପୁଷ୍ଟକ । ସେଥିପାଇଁ କୁହାଯାଇଛି "ଗୀତିଷୁ ସାମାଖ୍ୟା ।" ଏପରିକି ମହର୍ଷି ପାଣିନି ଅନୁସାରେ ଭଗବାନ ଶିବ ଡମ୍ବରୁନାଦ ସହିତ ନୃତ୍ୟ ଦ୍ୱାରା ବର୍ଣ୍ଣମାଳାର ଉଚ୍ଚାରଣ ଚତୁର୍ଦ୍ଦଶ ମାହେଶ୍ୱର ସୂତ୍ର ଦ୍ୱାରା ବ୍ୟକ୍ତ କରିଥିଲେ ।

**ବ୍ରହ୍ମା ଯେତେବେଳେ ନାଟ୍ୟ ବେଦ ରଚନା କଲେ, ସେତେବେଳେ ସେ ଋଗବେଦରୁ ସଂଳାପ, ଯଜୁର୍ବେଦରୁ ଅଭିନୟ, ସାମବେଦରୁ ଗୀତ ଓ ଅଥର୍ବ ବେଦରୁ ରସ ଆହରଣ କଲେ ।**

ନୃତ୍ତାବସାନେ ନଟରାଜରାଜ
ନନାଦଢକ୍କା ନବପଞ୍ଚବାରମ୍ ।

ତେଣୁ ସଂଗୀତ ସ୍ରୋତରେ ହିଁ ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୁଏ । ତେଣୁ ଶ୍ରୀକୃଷ୍ଣଙ୍କ ଗୀତାର ଉକ୍ତି ହେଲା "ବେଦାନାଂ ସାମବେଦୋଽସ୍ମି ଋତୁନାଂ କୁସୁମାକରଃ ।" (ଗୀତା ୧୦ ଅଧ୍ୟାୟ)

ଗୀତଦ୍ୱାରା ଦେବତାମାନେ ପ୍ରସନ୍ନ ହୁଅନ୍ତି । ପାର୍ବତୀଙ୍କ ପତି ଶିବ ମଧ୍ୟ ଆନନ୍ଦିତ ହୁଅନ୍ତି । ସଂଗୀତ ରତ୍ନାକରରେ କୁହାଯାଇଛି ଯେ, ଗୀତେନ ପ୍ରୀୟତେ ଦେବଃ ସର୍ବଜ୍ଞଃ ପାର୍ବତୀପତିଃ ।

ଗୋପୀପତିରନନ୍ତୋଽପି ବଂଶଧ୍ୱନିବଂଶଗତଃ ॥
ସାମଗୀତିରତୋ ବ୍ରହ୍ମା ବୀଣାସକ୍ତା ସରସ୍ୱତୀ ।
କିମନ୍ୟେ ଯକ୍ଷଗନ୍ଧର୍ବ ଦେବଦାନବ ମାନବାଃ ॥୨୭॥
ଅଜ୍ଞାତ ବିଷୟାସ୍ୱାଦୋ ବାଳଃ ପର୍ଯ୍ୟଙ୍କିକାଗତଃ ।
ରୁଦନ୍ ଗୀତାମୃତଂ ପୀତ୍ୱା ହର୍ଷୋତ୍କର୍ଷଂ ପ୍ରପଦ୍ୟତେ ॥୨୮॥
ବନେଚର ତୃଣାହାରଶ୍ଚିତ୍ରଂ ମୃଗଶିଶୁଃପଶୁଃ ।
ଲୁବ୍ଧୋ ଲୁବ୍ଧକସଂଗୀତେ ଗୀତେ ଯଚ୍ଛତି ଜୀବିତମ୍ ॥
ତସ୍ୟ ଗୀତସ୍ୟ ମାହାତ୍ମ୍ୟଂ କେ ପ୍ରଶଂସିତୁମୀଶତେ ।
ଧର୍ମାର୍ଥକାମମୋକ୍ଷାଣାମିଦମେବୈକସାଧନମ୍ ॥

ସମସ୍ତ ଦେବତାମାନେ ଗୀତ ଦ୍ୱାରା ଆନନ୍ଦିତ ହୁଅନ୍ତି । ଶ୍ରୀକୃଷ୍ଣ ବଂଶୀ, ସରସ୍ୱତୀ ବୀଣା ପ୍ରଭୃତି ବାଦ୍ୟବାଦନ କରିଥାନ୍ତି । ପଶୁପକ୍ଷୀ ପ୍ରଭୃତି ତୀର୍ଯ୍ୟକ ଯୋନିମାନେ ମଧ୍ୟ ସେମାନଙ୍କ ପ୍ରାଣ ବିନିମୟରେ ସଂଗୀତ ଶ୍ରବଣ କରିଥାନ୍ତି । ବିଭିନ୍ନ ଯଜ୍ଞରେ ବାଦ୍ୟବାଦନର ପ୍ରଥା ଦେଖାଯାଏ ।


ପୁଂସବନ କ୍ରିୟାରେ ଆଗକାଳେ ଉଦୁମ୍ବର ଫଳ ଗର୍ଭବତୀ ମାତାର ମୁଣ୍ଡରେ ବନ୍ଧାଯାଏ ଓ ବୀଣା ବାଦନ କଲେ ଗର୍ଭସ୍ଥ ଭୃଣ ପୁରୁଷ ଭୃଣରେ ପରିଣତ ହୁଏ ।

କୁହାଯାଇଛି ଯେ "ଇନ୍ ଏଭ୍ରି ସୋସାଇଟି, ଇନ୍ ଏଭ୍ରି ପିରିୟଡ ଅଫ୍ ହିଷ୍ଟ୍ରି ମେନ୍ ଆଣ୍ଡ ଓମେନ୍ ହାଭ୍ ମେଡ୍ ମ୍ୟୁଜିକ୍" ।

ପ୍ରତ୍ୟେକ ସମାଜରେ ଯୁଗ ଯୁଗ ଧରି ପୁରୁଷ ଓ ସ୍ତ୍ରୀମାନେ ସଂଗୀତ ଚର୍ଚ୍ଚା କରିଆସିଛନ୍ତି । ନାଚଗୀତରେ ନାନା ପୂଜାପର୍ବ ପାଳନ କରିଆସୁଛନ୍ତି । ଅବଶ୍ୟ ପାହାଡ଼, ପର୍ବତ ଓ ପ୍ରାଙ୍ଗଣରେ ସେମାନେ ସଂଗୀତର ମୂର୍ଚ୍ଛନା ଶୁଣିପାରିଛନ୍ତି । ପ୍ରକୃତିର ସ୍ୱର ଓ ମୂର୍ଚ୍ଛନା ସେମାନଙ୍କ ହୃଦୟକୁ ଦ୍ରବୀଭୂତ କରିଛି । ସେମାନେ ଠିକ୍ ସାମୂହିକ ଭାବୋଦ୍‌ବେଳନକୁ ଅନୁଭବ କରିବା ପାଇଁ ସଂଗୀତକୁ ବ୍ୟବହାର କରିଥାନ୍ତି । ସେଥିରୁ ଅଷ୍ଟ ସାତ୍ତ୍ୱିକ ବିକାର (ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, କମ୍ପନ, ବିବର୍ଣ୍ଣତା, ଅଶ୍ରୁ ଓ ମୂର୍ଚ୍ଛନା) ଜାତ ହୋଇ ସେମାନେ ବ୍ରହ୍ମାନନ୍ଦ ସହୋଦର ଦିବ୍ୟ ଆନନ୍ଦ ଉପଭୋଗ କରିଥାନ୍ତି । ସଂଗୀତ ମନୁଷ୍ୟର ବିଳାସବ୍ୟସନ ଓ ଆନନ୍ଦାନୁଭୂତିକୁ ପ୍ରକାଶ କରେ । ଆଖିରୁ ଲୁହ ଝରାଏ । ଗ୍ରୀକ୍ କ୍ୟାଥାରସିସ ଭଳି ବ୍ୟାଥାର ଉପଶମ ବଥରୁ ଚିପି ପୂଜ ଓ ରକ୍ତ ବାହାର କରିବା ଅଥବା ପେଟସଫା ପାଇଁ ଝାଡାବାନ୍ତି ଦ୍ୱାରା ଉପଶମ ଏକ ଉପଦ୍ରବ ସୃଷ୍ଟି କରୁଥିବା ବ୍ୟକ୍ତି ପ୍ରତି ଅତିଷ୍ଠ ହୋଇଥିବା ବେଳେ ଓ ନାଟକରେ ତଦ୍ରୂପ ଖଳବ୍ୟକ୍ତିକୁ ନାୟକର ନିର୍ଘାତ ପ୍ରହାରରେ ସମସ୍ତେ ପୀଡ଼ାର

ଉପଶମ ଅନୁଭୂତ କରିବାକୁ ଗ୍ରୀସିୟ ସୌନ୍ଦର୍ଯ୍ୟ ସିଦ୍ଧାନ୍ତରେ ଏକଥା ବ୍ୟକ୍ତ ହୋଇଅଛି। ତେଣୁ ଆନନ୍ଦାନୁଭୂତିର ଅନ୍ତଃପ୍ରବାହ ହେଉଛି ନନ୍ଦନତତ୍ତ୍ୱର ମୂଳ ସିଦ୍ଧାନ୍ତ। ଆନନ୍ଦ ହେଉଛି ଏ ସୃଷ୍ଟି ତତ୍ତ୍ୱର ମୂଳ ସିଦ୍ଧାନ୍ତ। ଆନନ୍ଦ ହେଉଛି ଏ ସୃଷ୍ଟି ତତ୍ତ୍ୱର ମୂଳ କଥା। ଯେଉଁଥିରୁ ସୃଷ୍ଟି, ସ୍ଥିତି ଓ ବିଲୟ ଘଟେ। ସେଥିପାଇଁ କୁହାଯାଇଛି ଯେ,

"ଆନନ୍ଦାତ୍‌ଖଲୁଇମାନି ଭୂତାନିଜାୟନ୍ତେ, ଆନନ୍ଦେ ଅଭିସମ୍ୱର୍ଦ୍ଧୟନ୍ ଆନନ୍ଦେ ଚ ପ୍ରବିଲୀୟନ୍ତେ।" ପଣ୍ଡିତ ଓଁକାରନାଥ ଠାକୁରଙ୍କ ମତରେ "ୱାନ୍ ନାଭାଲ୍ ସେଣ୍ଟର ଫର୍ ଅଲ୍ ଦି ଆସ୍‌ପେକ୍ଟ ଅଫ୍ ନଲେଜ୍, ଦ୍ୟାଟ୍ ଇଜ୍ ଆଟ୍‌ମ୍ୟାନୁଭୁତି" ସମସ୍ତ ଜ୍ଞାନର କେନ୍ଦ୍ର ହେଉଛି ଆତ୍ମାନୁଭୂତି। ସେହି ଆତ୍ମାନୁଭୂତି ହିଁ ସଂଗୀତ ଦ୍ୱାରା ସମ୍ଭବ। ତେଣୁ ଉଭୟ ସାହିତ୍ୟ, ସଂଗୀତ ଓ କଳାର ମୂଳ ସିଦ୍ଧାନ୍ତ ମଧ୍ୟରେ ଯେଉଁ କିଛି କିଛି ଭେଦ ଓ ଅଭେଦ ରହିଛି ତାହାର ଏକତ୍ର ବିଚାର ମଧ୍ୟ କରାଯାଇପାରେ, ଯାହାକୁ ଶଙ୍କରାଚାର୍ଯ୍ୟ ସମୁଚ୍ଚୟ ବୋଲି ଇଶାପନିଷଦ ଭାଷ୍ୟରେ ବିବେଚନା କରିଛନ୍ତି। ବିଦ୍ୟା ଓ ଅବିଦ୍ୟା ଉଭୟଙ୍କର ସମନ୍ୱୟ ହିଁ ଜୀବନ। ଯେପରି ଶ୍ରୀଅରବିନ୍ଦଙ୍କ ଭାଷାରେ, 'ଅଲ୍ ଦି କଣ୍ଟ୍ରିଜ୍ ସାଲ୍ ପ୍ରିପେୟାର ଫର୍ ହାର୍‌ମୋନି।' ସମସ୍ତ ବୈପରୀତ୍ୟ ହିଁ ସଂଗୀତ ପାଇଁ ବା ସମୁଚ୍ଚୟ ପାଇଁ ବା ସମନ୍ୱୟ ପାଇଁ ପ୍ରସ୍ତୁତ ହେବେ।



## ବେଦର ଉଚ୍ଚାରଣ

ବେଦର ଉଚ୍ଚାରଣ ପାଇଁ ଉଦ୍ଦିଷ୍ଟ ଶିକ୍ଷାଗ୍ରନ୍ଥରେ ଯେଉଁ ନିୟମମାନ ରହିଛି ଓ ପାଠର ବିଧିବିଧାନ ରହିଛି ତାହା ଅନୁଧ୍ୟାନ କଲେ ଜଣାଯାଏ ଯେ, ମନ୍ତ୍ରର ବିଧିବିଧାନ ରହିଛି। ମନ୍ତ୍ରର ବିବିଧ ପ୍ରକାର ଉଚ୍ଚାରଣ ଯଥା - ସଂହିତା, ପଦ, କ୍ରମ, ଜଟା, ଧ୍ୱନି, ଘନ, ରେଖା, ଶିଖା, ମାଳା ଆଦିରେ ଉଚ୍ଚାରଣ ଓ ମନ୍ତ୍ରର ଶୁଦ୍ଧତା ପ୍ରତିପାଦିତ ହୋଇଥାଏ। ତତ୍‌ସହିତ ସାମଗାନର ଅସଂଖ୍ୟ ଶୈଳୀ ଅନୁଧ୍ୟାନ କଲେ ଜଣାଯାଏ ଯେ ସଂଗୀତର ଅନେକ ସ୍ୱର ସହସ୍ରଶାଖା ସାମ୍ ବେଦର ଏକ ନଗଣ୍ୟ ଅଂଶମାତ୍ର। ତେବେ ଏହି ଉଚ୍ଚାରଣକୁ ଖୁବ୍ ଗୁରୁତ୍ୱ ପ୍ରଦାନ କରାଯାଇଛି। କାରଣ ଶବ୍ଦ ବ୍ରହ୍ମ ବାକ୍ ବଜ୍ର ସଦୃଶ ମନ୍ତ୍ରରେ ପ୍ରଯୁକ୍ତ ହୋଇଥାଏ। ଯଦି ସେଥିରେ ବ୍ରତୀ ଥାଏ ତେବେ ତାହା ଯଜମାନଙ୍କୁ ବଧ କରିଥାଏ। ପାଣିନିଙ୍କ ଶ୍ଳୋକ ଓ ପତଞ୍ଜଳିଙ୍କ ବ୍ୟାଖ୍ୟାନୁସାରେ ଦେଖାଯାଇଛି ଯେ ପୁରାକାଳରେ ବୃତ୍ରାସୁର ଇନ୍ଦ୍ରଙ୍କୁ ବଧ କରିବା ସଂକଳ୍ପରେ ଯେତେବେଳେ ଯଜ୍ଞ କରୁଥିଲା ସେଥିରେ ପ୍ରଯୁକ୍ତ ଇନ୍ଦ୍ରଶତ୍ରୁବର୍ଦ୍ଧସ୍ୱ ବାକ୍ୟ ପ୍ରମାଦପୂର୍ଣ୍ଣ ଉଚ୍ଚାରଣ ଯୋଗୁ ଇନ୍ଦ୍ର ପରିବର୍ତ୍ତେ ବୃତ୍ରାସୁରର ନିଧନ ହୋଇଥିଲା। ତେଣୁ ସଂଗୀତ - ସାହିତ୍ୟ - ମନ୍ତ୍ର ଉଚ୍ଚାରଣରେ ସମସ୍ତେ ଶୁଦ୍ଧତା ପାଇଁ ଯତ୍ନବାନ୍ ହେବା ଅତ୍ୟନ୍ତ ଆବଶ୍ୟକ। ସଂଗୀତର ଶୁଦ୍ଧ ରାଗ ପ୍ରକୃତିରେ ନାନା ପରିବର୍ତ୍ତନ ସୃଷ୍ଟି କରେ ଓ ମନୁଷ୍ୟ ମନରେ ଭାବାନ୍ତର ଜାତ କରେ। ଜର୍ମାନୀରେ ଦେଖାଯାଇଛି ଯେ, ସେଠାରେ ଓ ଇଉରୋପର ଅନେକ ଦେଶରେ ଭାରତୀୟ ଶାସ୍ତ୍ରୀୟ ପଦ୍ଧତିକୁ ଅବଧାରଣା କରି ନାନାପ୍ରକାର ରୋଗର ଉପଶମ କରାଯାଇଛି। (ଏ ସମ୍ପର୍କରେ ମୋର ପ୍ରତ୍ୟକ୍ଷ ବିବରଣୀ 'ସମାଜ'ରେ ଏକଦା ପ୍ରକାଶିତ ହୋଇଥିଲା)। ବିଶେଷତଃ ମାନସିକ ରୋଗର ଉପଶମ ପାଇଁ ସଂଗୀତ ଚିକିତ୍ସା ବହୁତ ଉପାଦେୟ। ବୈଦିକ ଯାଗର ଅଙ୍ଗଭାବେ ନାଟକ, ଗାଥା ସଂଗୀତାଦିର ବ୍ୟବହାର ବେଦାଙ୍ଗରେ ଉଲ୍ଲିଖିତ ରହିଛି। ଆପସ୍ତମ୍ଭ ଶ୍ରୌତ ସୂତ୍ରରେ ଉଲ୍ଲେଖ ଅଛି, (୧୮-୪-୪) ଚକ୍ରାରୋହଣ, ଦୁନ୍ଦୁଭିବାଦନ କରାଯାଏ। ବାଜପେୟ ଯଜ୍ଞରେ ମଧ୍ୟ ଏହା ପ୍ରଯୁକ୍ତ। କାତ୍ୟାୟନ ଶ୍ରୌତସୂତ୍ର (୧୩-୮-୨୫)ରେ ବାଣ ନାମକ ୧୦୦୦ ତା'ର ବିଶିଷ୍ଟ ବୀଣାବାଦନର ସ୍ତୋତ୍ର କଥା ଉଲ୍ଲେଖ ରହିଛି। ଏଥିସହ ଔଦୁମ୍ବରୀ ବୀଣାଦଣ୍ଡକୁ ମହାବୀଣାଭାବେ ଅଭିହିତ କରାଯାଇଛି। ୧୦୦ ତା'ର ୧୦/୧୦ ଛିଦ୍ର ବିଶିଷ୍ଟ ୧୦ଟି ଲେଖାଏଁ ଘୋସର ତନ୍ତ୍ର ଓ ବେଦରେ ନିର୍ମିତ ବାଦନଯନ୍ତ୍ରର ଉଲ୍ଲେଖ ମିଳେ। ଏତଦ୍‌ବ୍ୟତୀତ ଅପଘାଟଳିକା ତାମ୍ବଳିକା ବୀଣାର ବ୍ୟବହାରରେ କୁହାଯାଇଛି ଯେ, ୧୦୫ରୁ ପରାର୍ଦ୍ଧ ପର୍ଯ୍ୟନ୍ତ ଦାସୀମାନେ ପାଣିଘଟ ଧାରଣକାରୀ ନୃତ୍ୟ କରିବେ ଏବଂ ପତ୍ନୀଗଣ ଅପଘଟଳିକା ବୀଣା ବାଦନ କରିବେ। ସେମାନେ ତାମ୍ବଳା ଓ ପିଚ୍ଛୋଳିକା ବୀଣା ବାଦନ କରିବାର ଉଲ୍ଲେଖ ପ୍ରଶସ୍ତ ରହିଛି। ଏତଦ୍‌ବ୍ୟତୀତ ମହାବୀଣା ବାଦନ ଓ ସ୍ତୋତ୍ର ପଠନ, କାଣ୍ଡବୀଣା

ମଧ୍ୟ ବାଦନ କରିପାରିବେ । ତେଣୁ ସର୍ବପ୍ରାଚୀନ ବୈଦିକ କାଳରେ ବୈଦିକ ସଂଗୀତ ଯଜ୍ଞ ପ୍ରଭୃତିରେ ବ୍ୟାପକ ଭାବେ ବ୍ୟବହୃତ ହେଉଥିଲା । ସଂଗୀତର ପ୍ରୟୋଗ – ଜନ୍ମ ସମୟରେ (ମଙ୍ଗଳବାଦ୍ୟ ଓ ଗାନ ରାମାୟଣରେ ପ୍ରସିଦ୍ଧ) ବିବାହ ଉତ୍ସବରେ ପଞ୍ଜାବୀ ସଂଗୀତ ଏବେ ପ୍ରସିଦ୍ଧ । ମାତ୍ର ମିଥିଳାଞ୍ଚଳରେ ବିଦ୍ୟାପତିଙ୍କ ପଦ୍ୟାବଳୀ ଓ ରାମସୀତାଙ୍କ ବିବାହ ଗୀତି ଏବେ ବି ବହୁଳଭାବେ ପ୍ରଚଳିତ । ଓଡିଶାର ପୁରପଲ୍ଲୀରେ ପ୍ରଚଳିତ ବିବାହ କାନ୍ଦଣା ଓ ତା'ର ପ୍ରଚଳନ ଏବେ ଲୋପ ପାଇଯାଇଥିଲେ ମଧ୍ୟ ଅନେକ କାନ୍ଦଣା ଲହରୀମାନ ତାର ମୂକସାକ୍ଷୀ । ମୃତ୍ୟୁରେ ଗୀତ ନୁହେଁ ଶୋକଗୀତି ପଞ୍ଜାବରେ ଶ୍ୟାପାନାମରେ ଅଭିହିତ । ଯୁଦ୍ଧରେ ବୀର ବାଦ୍ୟ ଓ ଉତ୍ସାହଜନକ ଗୀତର ପ୍ରବର୍ତ୍ତନ ସୁପ୍ରସିଦ୍ଧ । ରାଜକୀୟ ଶୋଭାଯାତ୍ରା ରାଷ୍ଟ୍ରୀୟ ଉତ୍ସବରେ, ତଥା ପ୍ରାକ୍ ସ୍ୱାଧୀନତା କାଳରେ ରାଷ୍ଟ୍ରୀୟ ଗାନ ବନ୍ଦେ ମାତରମ୍ ଆଦି, ମନ୍ଦିରମାନଙ୍କରେ ଭକ୍ତି ଗାନ, ନାଟକରେ ନାଚଗୀତ ମନୋରଞ୍ଜନରେ ତଥା ନଗରବଧୂମାନଙ୍କ ନୃତ୍ୟଗୀତ, ଦେବାଳୟରେ ଦେବଦାସୀ ମାହାରୀ ନୃତ୍ୟଗୀତ, କାର୍ଯ୍ୟସ୍ଥଳୀରେ ଯଥା – ଭାରି ପଦାର୍ଥ ନେବା ବେଳେ, ପାଲିଙ୍କି ବୋହିବା ବେଳେ, ବିଲରେ ହଳ ବେଳେ, ଧାନ ରୁଆ, କଟା ଆଦି ସମୟରେ ସମୂହ ବ୍ୟକ୍ତିଗତ ଗୀତ ପ୍ରସିଦ୍ଧ । ତନ୍ତୀ, କମାର, କୁମ୍ଭାର ପ୍ରଭୃତି କାମ ବେଳେ ଗୀତ ବୋଲିଥାନ୍ତି । ଶଗଡିଆମାନେ ଦୂରଦୂରାନ୍ତରୁ ଯିବା ଆସିବା ବେଳେ ମନ ଫୁଲାଣିଆ ଗୀତ ଗାଇଥାନ୍ତି ।

### ପାଣିନୀୟ ଶିକ୍ଷାରେ ପାଠୋଚ୍ଚାରଣ

ପାଣିନୀୟ ଶିକ୍ଷା ମଧ୍ୟ ପାଠୋଚ୍ଚାରଣକୁ ବୈଜ୍ଞାନିକ ଭିତ୍ତିଭୂମିରେ ବର୍ଣ୍ଣନା କରିଛନ୍ତି । ମହର୍ଷି ପାଣିନିଙ୍କ ମତାନୁସାରେ ଚାଷ (ନୀଳକଣ୍ଠ – ଭରଦ୍ୱାଜ ପକ୍ଷୀ) ଏକମାତ୍ର ଉଚ୍ଚାରଣ କରେ କୁଆ / ବାୟସ ଦ୍ୱିମାତ୍ରା ଓ ମୟୂର ତ୍ରିମାତ୍ରା ଉଚ୍ଚାରଣ କରନ୍ତି । ନେଉଳ ଅର୍ଦ୍ଧମାତ୍ରା ଉଚ୍ଚାରଣ କରେ । କୁକୁଟର ଉଚ୍ଚାରଣ ମଧ୍ୟ ପ୍ଲୁତ ଅର୍ଥାତ ୩ ମାତ୍ରା ସମ୍ପନ୍ନ ହୋଇଥାଏ । ସାଂଖ୍ୟର ୨୫ ସୃଷ୍ଟି ଭଳି ସଂଗୀତର ମଧ୍ୟ ୨୫ ପ୍ରକୃତି ଥାଏ । ହିଂକାର, ନିଘାତ ଓ ପ୍ରସ୍ତାରାଦି କ୍ରମରେ ସ୍ୱରବିସ୍ତାର ଘଟିଥାଏ । ବେଦାନ୍ତ ଓ ନ୍ୟାୟଶାସ୍ତ୍ର ସାଧନ – ସାଧ୍ୟ ପ୍ରଧାନ ଭଳି ସଂଗୀତ ମଧ୍ୟ ସାଧନ ସାଧ୍ୟ ପ୍ରଧାନ । ବେଦନ୍ତମୋକ୍ଷ ଭଳି ସଂଗୀତରେ ମଧ୍ୟ ବ୍ୟକ୍ତି ବ୍ରାହ୍ମୀସ୍ଥିତ ଲାଭ କରି କାଳକ୍ରମେ ମୋକ୍ଷଲାଭ କରେ । ସେଥିପାଇଁ ବିଶ୍ୱନାଥ ବିରଚିତ ସାହିତ୍ୟ ଦର୍ପଣ ଗ୍ରନ୍ଥରେ ରସାନନ୍ଦକୁ ବ୍ରହ୍ମାନନ୍ଦର ସହୋଦର ବୋଲି ଅଭିହିତ କରିଛନ୍ତି । ସଂଗୀତ ଶାସ୍ତ୍ରର ଦର୍ଶନ ସାହିତ୍ୟ ଓ ଅନ୍ୟାନ୍ୟ କଳାଠାରୁ ଭିନ୍ନ ନୁହେଁ । କାରଣ ଚିତ୍ରଭାଷା, ନୃତ୍ୟଭାଷା ଓ କାବ୍ୟ ନାଟକାଦିର ଭାଷା ଏକାଭିମୁଖୀ ଅଟନ୍ତି । ସେମାନଙ୍କର ସମସ୍ତଙ୍କର ଆଭିମୁଖ୍ୟ ଏକ । ସବୁ ଗୁଡିକୁ ଏକତ୍ର ବିବେଚନା କଲେ ଅନୁଭୂତ ହୁଏ ଯେ, ଏ ସମସ୍ତ ଅଭିବ୍ୟକ୍ତି ହିଁ ରସାସ୍ୱାଦନ ପାଇଁ ଉଦ୍ଦିଷ୍ଟ । ରସାସ୍ୱାଦର ଫଳ ଆନନ୍ଦ । ଆନନ୍ଦ ହେଉଛି ସ୍ୱର୍ଗୀୟ କାରଣ ଲୋକତ୍ତର ଚମତ୍କାରିତା କାବ୍ୟାସ୍ୱାଦରେ ଯେପରି ସେପରି ସାରନାଥ ସ୍ଥିତ ବୁଦ୍ଧମୂର୍ତ୍ତିର ସନ୍ଦର୍ଶନ, କୋଣାର୍କ ମନ୍ଦିର ସ୍ଥିତ ବିଶ୍ୱାମିତ୍ର – ମେନକା ଓ ପ୍ରତିକ୍ଷାମାଣା ନାରୀର ଈଷତ୍ ହାସ୍ୟ ଓ ମୁଦ୍ରିତ ଚକ୍ଷୁରେ ଥିବା ବ୍ରହ୍ମାନନ୍ଦ ସହୋଦର ସହୃଦୟ ଦର୍ଶକର ମନ କିଣିନିଏ ଓ ସେ ସେହି କ୍ଷଣରେ ଭୁଲିଯାଏ ନିଜକୁ । ଏହା ହିଁ ଲୋକୋତ୍ତରତା । କିଛି ସମୟ ପାଇଁ ତେଲଲୁଣର ସ୍ଥୁଳ ଜଗତରୁ ମନୁଷ୍ୟର ଉତ୍ତରଣ ହୁଏ । ଯାହା ପଢ଼ି, ଦେଖି ଓ ଅନୁଭବ କରି ମଣିଷର ଉତ୍ତରଣ ହୁଏ । ତାହା ହିଁ ଆଲୌକିକ ଆନନ୍ଦଭାବେ ଭରତାଦି ବିବେଚନା କରନ୍ତି । ଏତଦ୍‌ବ୍ୟତୀତ ଏଥିରେ ଥାଏ ଏକାତ୍ମଭାବନା । ସହୃଦୟ ବା ସାମାଜିକ ବା ଦର୍ଶକ କାଳ, ପ୍ରକୃତି ଓ ଭାବରୁ ମୁକ୍ତି ପାଏ । ତାର କିଛି କ୍ଷଣ ପାଇଁ ବନ୍ଧନ ମୁକ୍ତତା ଅନୁଭବରେ ଆସେ । ଯେ ଆନନ୍ଦ ସେ ସତ୍ୟ ସେ ଚିରନ୍ତନ । ସେ ବ୍ରହ୍ମ ଓ ସେହି ପ୍ରେମ । ଏ ସବୁ ଗୁଡିକ ତତ୍ତ୍ୱ ଯେତେବେଳେ ଏକ ହୁଅନ୍ତି ବା ଏକର ଅନୁଭବରେ ଅନ୍ୟ ଗୁଡିକ ଆପେ ଆପେ ଅନୁଭୂତ ଯୁଗପତ୍ ହୋଇଥାନ୍ତି ତାହା ହିଁ ସମୁଚ୍ଚୟବାଦ । ସର୍ବଅନ୍ତଃକରଣ ସର୍ବତତ୍ତ୍ୱକୁ ଏକୀଭୂତ କରିବାର ପ୍ରୟାସ ସହୃଦୟଠାରେ ଥାଏ । ବ୍ୟକ୍ତିର ସୀମିତ ବ୍ୟକ୍ତିତ୍ୱ ସୀମାହୀନତାକୁ ବ୍ୟାପ୍ତ ହେବା ଏହାର ଲକ୍ଷ୍ୟ । ଏଣୁ କାର୍ଯ୍ୟକାରଣ ଭାବ ସମ୍ବନ୍ଧରେ ଦେଖାଯାଏ – ନାଦପଶ୍ରୁତିମସପ୍ତକ – ଥାଟ – ରାଗରେ ସମ୍ପୂର୍ଣ୍ଣ ସଂଗୀତର

**ଯେ ଆନନ୍ଦ ସେ ସତ୍ୟ ସେ ଚିରନ୍ତନ । ସେ ବ୍ରହ୍ମ ଓ ସେହି ପ୍ରେମ । ଏ ସବୁ ଗୁଡିକ ତତ୍ତ୍ୱ ଯେତେବେଳେ ଏକ ହୁଅନ୍ତି ତାହା ହିଁ ସମୁଚ୍ଚୟବାଦ ।**

ଅବଲୋକନ। ମୀମାଂସାରେ କର୍ମଦ୍ୱାରା ଅର୍ଥାତ ବେଦରେ ବିହିତ ହୋଇଥିବା ଦର୍ଶପୂର୍ଣ୍ଣମାସାଦି ଯଜ୍ଞ ନିରୂପିତ କର୍ମରେ ଧନପ୍ରାପ୍ତି ହୁଏ। ସଂଗୀତ ଦ୍ୱାରା ଈଶ୍ୱରାନୁରାଗ ଧନ ଓ ମୋକ୍ଷପ୍ରାପ୍ତି। ସେହିପରି ଯୋଗରେ ମନୋନ୍ମନୀ ଭାବ ପ୍ରାପ୍ତ ହୁଏ। ଯେତେବେଳେ ମନୋବିକାରର ସମାପ୍ତି ଘଟିଥାଏ ସେତେବେଳେ ସେ ଅଖଣ୍ଡାନନ୍ଦ ଘନଚେତନାରେ ବାସ କରିଥାଏ। ଭାରତୀୟ ସଂଗୀତର ଶ୍ରବଣଦ୍ୱାରା ସେ ଅଖଣ୍ଡାନନ୍ଦ ଘନ ଚେତନାର ଅନ୍ତଃସ୍ଥଳକୁ ପ୍ରବେଶ କରେ। ସମାଧି ଅବସ୍ଥା ମଧ୍ୟ ପ୍ରାପ୍ତ କରିପାରେ। ସଂଖ୍ୟାର ସତ୍‌କାର୍ଯ୍ୟବାଦ ଭଳି ସଂଗୀତର ପୂର୍ବଜନ୍ମର ସଂସ୍କାର ଥାଏ। ଅନୁରୂପ ଭାବେ ଭକ୍ତିରସରେ ମଧ୍ୟ ଶାନ୍ତ, ଦାସ୍ୟ, ବାତ୍ସଲ୍ୟ, ସଂଖ୍ୟା ତଥା ମାଧୁର୍ଯ୍ୟଭାବ ପରିପୂର୍ଣ୍ଣ ଚିତ୍ତବୃତ୍ତିରେ ଦେବାଦିବିଷୟ ରତିଭାବ ଉଦ୍ରେକ ହୁଏ। ଫଳରେ ବୈଷ୍ଣବମାନଙ୍କ ଦୃଷ୍ଟିରେ ତା'ର ଆଲୌକିକଭକ୍ତି ରସାସ୍ୱାଦନ କରୁଥାଏ। ମହାନ ପ୍ରାଣୀ ଚକ୍ରବର୍ତ୍ତୀ ସମ୍ରାଟ ସମୁଦ୍ରଗୁପ୍ତଙ୍କ ବୀଣାବାଦନ କରିବାର ଚିତ୍ର ମଧ୍ୟ ପ୍ରତ୍ନପଦାର୍ଥରୁ ମିଳିଛି। ଭାରତୀୟ ଭକ୍ତି ପରମ୍ପରାରେ ଶଙ୍କରଙ୍କର ଦେବୀସ୍ତୁତି, ରାମାନୁଜ, ନିମ୍ବାର୍କ, ରାମାନନ୍ଦ ଓ ବଲ୍ଲଭ ପ୍ରଭୃତିଙ୍କର ପରମ୍ପରା ଯେପରି ପୁଷ୍ଟକ, ବଲ୍ଲଭଙ୍କ ପୁତ୍ର ବିଠଳ ନାଥ, କୁମନ ଦାସ, ସୁରଦାସ, ପରମାନନ୍ଦ ଦାସ, କୃଷ୍ଣ ଦାସ, ଗୋବିନ୍ଦ ସ୍ୱାମୀ ଓ ଶିଷ୍ୟ ଛୀତସ୍ୱାମୀ ପ୍ରଭୃତିଙ୍କ ପ୍ରାର୍ଥନା ବଲ୍ଲଭ ସମ୍ପ୍ରଦାୟର ଅନୁଗୀତଙ୍କ ସେହିପରି ଚର୍ଯ୍ୟାଗୀତ, ସୁଫିସନ୍ଥଙ୍କ ମଧ୍ୟ ଅନେକଙ୍କ ହୃଦୟ ସ୍ପର୍ଶ କରେ। ତେଣୁ କେମ୍ବ୍ରିଜ ସଂଗୀତ ପୁସ୍ତକର ପ୍ରଣେତା ଷ୍ଟେନଲି ସାଡି କୁହନ୍ତି ଏ ସମସ୍ତ ସଂଗୀତ ସାହିତ୍ୟ ଓ କଳା ଏକାଶ୍ରୟୀ ହୋଇଥିବାରୁ ଏହାର ସମୁଚ୍ଚୟ ହିଁ ଆନନ୍ଦ, ସୌନ୍ଦର୍ଯ୍ୟ ଓ ସତ୍ୟ ପ୍ରେମର ସମୁଚ୍ଚୟ ବାଦକୁ ପ୍ରମାଣ କରେ।

**ଭାରତୀୟ ସଂଗୀତର ଶ୍ରବଣଦ୍ୱାରା ସେ ଅଖଣ୍ଡାନନ୍ଦ ଘନ ଚେତନାର ଅନ୍ତଃସ୍ଥଳକୁ ପ୍ରବେଶ କରେ।**

□□

ଲେଖକଙ୍କ ଇ-ମେଲ ଠିକଣା:
prof.prafullam@gmail.com

*ପ୍ରକାଶ ପାଇଲା !*

'ସାହିତ୍ୟ ଚର୍ଚ୍ଚା'ର ଏକ ଅନବଦ୍ୟ ପ୍ରକାଶନ

**ଅନ୍ତରଙ୍ଗ ଆଳାପ**


ବାରଜଣ ବିଶିଷ୍ଟ ସାରସ୍ୱତ ସ୍ରଷ୍ଟାମାନଙ୍କ ସହିତ ସାକ୍ଷାତକାର

- ଅଚ୍ୟୁତାନନ୍ଦ ପତି
- ସାତକଡ଼ି ହୋତା
- ଶାନ୍ତନୁ କୁମାର ଆଚାର୍ଯ୍ୟ
- ଶ୍ରୀନିବାସ ଉଦଗାତା
- ବିଭୂତି ପଟ୍ଟନାୟକ
- ହରିହର ମିଶ୍ର
- ବୈଷ୍ଣବ ଚରଣ ସାମଲ
- ପ୍ରତିଭା ଶତପଥୀ
- ହର ପରିଛା ପଟ୍ଟନାୟକ
- ଦାଶ ବେନହୁର
- ହୃଷୀକେଶ ମଲ୍ଲିକ
- ସରୋଜିନୀ ସାହୁ

ମୂଲ୍ୟ: ଟ.୧୨୦/-

ପ୍ରାପ୍ତିସ୍ଥାନ :

amazon   Flipkart   meesho



ସାକ୍ଷାତକାର

# ଡ. ଶକୁନ୍ତଳା ବଳିଆରସିଂହଙ୍କ ସହ ଏକ ସାରସ୍ୱତ ବାର୍ତ୍ତାଳାପ

*ଡ. ଶକୁନ୍ତଳା ବଳିଆରସିଂହ ଓଡ଼ିଶାର ଜଣେ ସୁପରିଚିତ ବ୍ୟକ୍ତିତ୍ୱ । ଅନୁବାଦ, ଭ୍ରମଣ ସାହିତ୍ୟ ଓ ଉପନ୍ୟାସ ଭଳି ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି । ୧୯୪୮ ମସିହାରେ ଜନ୍ମ ଗ୍ରହଣ କରିଥିବା ଏହି ସାରସ୍ୱତ ପ୍ରତିଭା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଦୀର୍ଘକାଳ ଅଧ୍ୟାପନା କରିବାପରେ ଭୁବନେଶ୍ୱର ସ୍ଥିତ ରାଜଧାନୀ ମହାବିଦ୍ୟାଳୟରୁ ଅଧ୍ୟକ୍ଷା ଭାବରେ ଅବସର ଗ୍ରହଣ କରିଛନ୍ତି । ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ରାଜ୍ୟ ସାହିତ୍ୟ ଏକାଡେମୀର ଅନୁବାଦ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି । ତାଙ୍କ ସହିତ ବିବିଧ ପ୍ରସଙ୍ଗରେ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସଂପାଦକ ନିହାର ଶତପଥୀ ।*



**ସାହିତ୍ୟ ଚର୍ଚ୍ଚା:** ଅନୁବାଦ ସାହିତ୍ୟକୁ ଆପଣଙ୍କ ଅବଦାନ ବେଶ୍ ଉଲ୍ଲେଖନୀୟ । ସାହିତ୍ୟର ଏହି ଦିଗଟିକୁ କାହିଁକି ଅଧିକ ପ୍ରାଧାନ୍ୟ ଦେଲେ ?

**ଶକୁନ୍ତଳା ବଳିଆରସିଂହ:** ଏହାର କାରଣ ହେଲା, ମୁଁ ଆଗରୁ ଅନୁବାଦ ବହି ଅନେକ ପଢାପଢି କରୁଥିଲି । ନବେ ଦଶକ ବେଳକୁ ଦେଖିଲି ଯେ ଆମ ପତ୍ରିକାଗୁଡିକର ପ୍ରଥମ ପୃଷ୍ଠାରେ ଜଣେ ଦୁଇଜଣଙ୍କ ଅନୁବାଦ ଗଳ୍ପ ବାହାରୁଥିଲା । ଆଉ ବିଶେଷ ଅନୁବାଦ ଲେଖା କିଛି ବାହାରୁ ନଥିଲା । ଏହାକୁ ଦ୍ୱିତୀୟ ଶ୍ରେଣୀର ସାହିତ୍ୟ ବୋଲି ବିଚାର କରାଯାଇଥିଲା । ଅନୁବାଦ ପତ୍ରିକା ବୋଲି କିଛିନଥିଲା ।ଏଣୁ ସ୍ଥିର କଲି ଅନୁବାଦ କରିବି, ଏବଂ ଅନୁବାଦ ପତ୍ରିକାଟିଏ ବାହାର କରିବି ।

**ସାହିତ୍ୟ ଚର୍ଚ୍ଚା:** ତେବେ ଅନୁବାଦ ଉପରେ ଆଧାରିତ ଗୋଟିଏ ପତ୍ରିକା ମଧ୍ୟ ଆପଣ ପ୍ରକାଶ କଲେ । ଏହା କ'ଣ ଏବେ ବି ଚାଲିଛି ?

**ଶକୁନ୍ତଳା ବଳିଆରସିଂହ:** ଏହାର ନାମ 'ଶତଭିଷା' । ଏହି ପତ୍ରିକାଟି ବିଷୟରେ ୯୫ ବେଳକୁ ଚିନ୍ତାକଲି; ଅବଶ୍ୟ ବାହାରୁ ବାହାରୁ ୯୭ ହୋଇଗଲା । ଏଇଟି ଏବେବି ଚାଲିଛି ।

**ସାହିତ୍ୟ ଚର୍ଚ୍ଚା:** 'ଶତଭିଷା' କହିଲେ କ'ଣ ବୁଝାଏ ?

**ଶକୁନ୍ତଳା ବଳିଆରସିଂହ:** ଏହା ଗୋଟିଏ ନକ୍ଷତ୍ରର ନାମ । ଅକ୍ଟୋବର ମାସରେ ଚନ୍ଦ୍ରଙ୍କ ପାଖରେ ଶତଭିଷା ନକ୍ଷତ୍ର ଉଦୟ ହୁଏ ।

**ସାହିତ୍ୟ ଚର୍ଚ୍ଚା:** ଆମେ ଲକ୍ଷ୍ୟ କରୁ ଯେ ଅନୁବାଦ ପାଇଁ ପୁସ୍ତକ ଚୟନ କରିବାବେଳେ, ଆପଣ ମୁଖ୍ୟତଃ ପାଶ୍ଚାତ୍ୟ କ୍ଲାସିକ୍‌ଗୁଡିକୁ ପ୍ରାଧାନ୍ୟ ଦିଅନ୍ତି । ଯେମିତି ଦସ୍ତୋଭସ୍କିଙ୍କର 'ଇଡିଅଟ୍', ଜର୍ଜ ଅରୱେଲଙ୍କର 'ବର୍ମିଜ୍ ଡେଜ୍' ଏବଂ ସାମୁଏଲ୍ ବେକେଟଙ୍କର 'ୱେଟିଂ ଫର୍ ଗୋଡୋଟ୍' ଆଦି । ଏଗୁଡିକ ବୋଧହୁଏ ଜଣେ ପାଠକ ହିସାବରେ ଆପଣଙ୍କୁ ଅଧିକ

ପ୍ରଭାବିତ କରିଛି ।

**ଶକୁନ୍ତଳା ବଳିଆରସିଂହ:** ହଁ, ମୁଁ ଯେହେତୁ ବହୁତ ଇଂରାଜୀ ଗପ ବହି ପଢୁଥିଲି, ଏଗୁଡିକ ଦ୍ୱାରା ଅନେକ ପ୍ରଭାବିତ ହୋଇଥିଲି । ଡ଼ଷ୍ଟୋଭସ୍କିଙ୍କ ଜୀବନ ଦର୍ଶନର ବିଶେଷ ପ୍ରଭାବ ପଡ଼ିଥିଲା ମୋ' ଉପରେ । ସେଥିପାଇଁ ତାଙ୍କର ବହି ବେଶୀ ଅନୁବାଦ କରିଛି ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଦାନ୍ତେଙ୍କ 'ଡିଭାଇନ୍ କମେଡି'ର ମଧ୍ୟ ଏକ ପ୍ରଭାବଶାଳୀ ଉପସ୍ଥାପନା କରିଛନ୍ତି, ଯାହାକି ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଛି । ବହିଟି ବିଷୟରେ ଆପଣ କିଛି ପାଠକୀୟ ପ୍ରତିକ୍ରିୟା ପାଇଛନ୍ତି କି ?




**ଶକୁନ୍ତଳା ବଳିଆରସିଂହ:** ପାଠକଙ୍କ ପ୍ରତିକ୍ରିୟା ପାଇଛି । ମୋ ଘରେ ରଚନାଟି ଯେତେବେଳେ ଥିଲା, ତା'କୁ ପ୍ରଥମେ ଦେଖିଲେ ମହାପାତ୍ର ନୀଳମଣି ସାହୁ । ସେ କହିଲେ, "କଣ 'ଡିଭାଇନ୍ କମେଡି'ର ଅନୁବାଦ କରୁଚୁ ?" ମୁଁ ହଁ ଭରିବାରୁ ସେ କହିଲେ, "ଏହାକୁ ଛପାଇ ଦେଉନା !" ସେଇଟି ସଂଶୋଧନ କରିବାରେ ଆହୁରି ପାଞ୍ଚ ବର୍ଷ ବିତିଗଲା । ତା'ପରେ ଏକାଡେମୀ ତାହା ଛପାଇଲା । ଯେଉଁମାନେ ଏହା ପଢିଲେ, ପ୍ରତିକ୍ରିୟା ଦେଲେ ଯେ ଏହା ପଢିବାକୁ ଭଲ ଲାଗୁଛି ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଅନୁବାଦ ପାଇଁ ଯେଉଁ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେ, ତାହା କିନ୍ତୁ ଏହି ବହିଟି ପାଇଁନଥିଲା ।

**ଶକୁନ୍ତଳା ବଳିଆରସିଂହ:** ନା, ଓଡିଶା ସାହିତ୍ୟ ଏକାଡେମୀର ପୁରସ୍କାରଟି ପାଇଥିଲି ଭଗବତୀ ଚରଣ ବର୍ମାଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକର ଅନୁବାଦ ପାଇଁ । 'ଡିଭାଇନ୍ କମେଡି' ପାଇଁ ମୁଁ ଏହା ପାଇପାରି ନଥାନ୍ତି । କାରଣ ଇଂରାଜୀରୁ ଓଡ଼ିଆରେ ଅନୁବାଦ କଲେ ଏକାଡେମୀ ପୁରସ୍କାର ପାଇଁ ତାହା ମାନ୍ୟ ହୁଏନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଓଡ଼ିଆ ଭାଷାରେ ଉଚ୍ଚକୋଟୀର ଅନୁବାଦର ଅଭାବ ଅନୁଭବ କରିବା ପରେ ଏହି କ୍ଷେତ୍ରକୁ ଆସିଲେ । ଆପଣଙ୍କର କ'ଣ ମନେ ହୁଏନାହିଁ ଯେ ଅନ୍ୟ ଭାଷାର ପୁସ୍ତକ ଓଡ଼ିଆରେ ଅନୁବାଦ ହେବା ତ ଗୋଟିଏ କଥା; କିନ୍ତୁ ସେହିଭଳି ଆମ ଓଡ଼ିଆ ଭାଷାର ପୁସ୍ତକ ମଧ୍ୟ ଅନ୍ୟ ଭାଷାଭାଷୀଙ୍କ ପାଖରେ ପହଂଚିବା ଆବଶ୍ୟକ !

**ଶକୁନ୍ତଳା ବଳିଆରସିଂହ:** ଏକଥା ମୋ ମନକୁ ଅନେକ ବାର ଆସିଛି, ଏବଂ ଏକଥା ମୋର 'ଶତଭିଷା'ର ସଂପାଦକୀୟରେ ମଧ୍ୟ ବହୁଥର ଲେଖିଛି । ଯେମିତି, ବଂଗଳାରୁ ଓଡ଼ିଆରେ ଶହଶହ ବହି ଓଡ଼ିଆରେ ଅନୁବାଦ ହେବା ବେଳକୁ, ସେହି ସମୟରେ ଓଡ଼ିଆରୁ ବଂଗଳାକୁ ହୋଇଛି ମାତ୍ର ଗୋଟିଏ ।

**ସାହିତ୍ୟ ଚର୍ଚ୍ଚା:** ଜଣେ କୃତବିଦ୍ୟ ଅନୁବାଦକ ହେବା ବ୍ୟତିରେକେ, ଆପଣ ମଧ୍ୟ ଜଣେ ପୋଖତ ସମାଲୋଚକ ଓ ପ୍ରାବନ୍ଧିକ । ଆପଣଙ୍କ ପି.ଏଚ୍.ଡିରେ ଗବେଷଣାର ବିଷୟ, 'ଓଡ଼ିଆ ସାହିତ୍ୟରେ ଜାତୀୟ ଚେତନା', ଏଥିପାଇଁ ଆପଣଙ୍କୁ ପ୍ରେରିତ କରିଛି କି ?

**ଶକୁନ୍ତଳା ବଳିଆରସିଂହ:** ଆଜ୍ଞା, ପ୍ରବନ୍ଧ ତ ମୋ'ର ପ୍ରାଣର ଧନ । ଜାତୀୟ ଚେତନା ମୋତେ ଅଧିକ ଉଦବୁଦ୍ଧ କରିଛି । ଏହା ଉତ୍କଳ ବିଶ୍ୱବିଦ୍ୟାଳୟର ୨୭ ନମ୍ବର ଥେସିସ୍ ଯାହା ସାରିବାକୁ ମୋତେ ଦଶବର୍ଷ ଲାଗିଥିଲା । ମୋ'ର ଗାଇଡ୍ ଥିଲେ ସ୍ୱର୍ଗତ ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ) । ଏହା ଗ୍ରନ୍ଥ ମନ୍ଦିର ଦ୍ୱାରା ପ୍ରକାଶିତ ହୋଇଛି ।

**ସାହିତ୍ୟ ଚର୍ଚ୍ଚା:** ଜାତୀୟବାଦୀ ଚେତନା ପ୍ରତି ଆପଣଙ୍କ ଏହି ଆକର୍ଷଣର ମୂଳ ହେତୁ କ'ଣ ?

**ଶକୁନ୍ତଳା ବଳିଆରସିଂହ:** ମୁଁ ତ ସେହି ପରିବେଶରେ ବଢିଛି । ବାପା ସ୍ୱାଧୀନତା ସଂଗ୍ରାମୀ ଥିଲେ । ଧଳା-ଗୋରା, ଉଚ୍ଚ-ନୀଚ, ମୂର୍ଖ-ପଣ୍ଡିତ - ଏହି ବିଭାଜନ ସମାଜକୁ ଖାଇଯାଏ । ଏହା ମୁଁ ବାପା ଓ ବୋଉଙ୍କଠାରୁ ଶିଖିଛି ।

**ସାହିତ୍ୟ ଚର୍ଚ୍ଚା:** ଆମ ଓଡ଼ିଆ ଭାଷାର ଭାଷାତାତ୍ତ୍ୱିକ ଅଧ୍ୟୟନରେ ମଧ୍ୟ ଆପଣଙ୍କ ରୁଚି ଦେଖିବାକୁ ମିଳେ । ଏ ବିଷୟରେ ଆପଣଙ୍କର କିଛି ପ୍ରବନ୍ଧ ପ୍ରକାଶିତ । ଆପଣଙ୍କର 'ମୋ

ମାତୃଭାଷା ଓଡ଼ିଆ' ମଧ୍ୟ ଏ ବିଷୟରେ ଏକ ପ୍ରାମାଣିକ ବହି । ଏହି ଦିଗଟି ପ୍ରତି ଆପଣ କେମିତି ଆକର୍ଷିତ ହେଲେ ?

**ଶକୁନ୍ତଳା ବଳିଆରସିଂହ:** ଭାଷା-ଭିତ୍ତିକ ପ୍ରବନ୍ଧ ଲେଖିବାକୁ ମୁଁ ପ୍ରରୋଚିତ ହେଲି, ୨୦୧୪ରେ ଯେତେବେଳେ ଆମର ଭାଷା ଓଡିଆ ଏକ କ୍ଲାସିକାଲ୍ ଭାଷା ଭାବରେ ଘୋଷିତ ହେଲା । ସେତେବେଳେ କିନ୍ତୁ ବହୁତ ପାଟିତୁଣ୍ଡ ହେଲା । ମୁଁ ଏ ବିଷୟରେ ବହିସବୁ ଆଣି ପଢାପଢି କଲି । ଏମିତିରେ ତ ମୁଁ ଓଡ଼ିଆର ଛାତ୍ରୀ । ଏଣୁ ଏହାର ଅଧ୍ୟୟନରେ କିଛି ଅସୁବିଧା ହେଲାନାହିଁ । ସିଦ୍ଧାଚାର୍ଯ୍ୟମାନଙ୍କ ପ୍ରବନ୍ଧ ଓ ପୁସ୍ତକସବୁ ପଢିଲି । ଶ୍ରୀଯୁକ୍ତ କୀର୍ତ୍ତନ ପାଢ଼ୀ ଓ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଲେଖା ଏଥିରେ ମୋତେ ବିଶେଷ ସାହାଯ୍ୟ କଲା । ମୁଁ ଦେଖିଲି ଯେ ଭାଷା ଉପରେ ସେମାନେ ବହୁତ ବଡ଼ବଡ଼ ବହି ଲେଖିଛନ୍ତି । ଭାବିଲି, କିନ୍ତୁ ଛୋଟଛୋଟ ପ୍ରବନ୍ଧ ଲେଖି ତାହା ଲୋକଙ୍କ ମୁଣ୍ଡରେ ନ ପୂରାଇଲେ ହେବ ନାହିଁ ।

**ସାହିତ୍ୟ ଚର୍ଚ୍ଚା:** ଏଭଳି ଏକ ସାଧୁ ଉଦ୍ୟମର ବଶବର୍ତ୍ତୀ ହୋଇ ଆପଣ ତେବେ ଲେଖିଲେ ପ୍ରବନ୍ଧଗୁଡିକ ।

**ଶକୁନ୍ତଳା ବଳିଆରସିଂହ:** ମୋ ମନରେ ଆଉ ଗୋଟିଏ କଥା ଅଛି ଆଜ୍ଞା । ରବୀନ୍ଦ୍ରନାଥ ଠାକୁରଙ୍କୁ, ଯାହା କୁହନ୍ତୁ ପଛେ, ବଙ୍ଗଳୀମାନେ ବଞ୍ଚାଇ ରଖିଛନ୍ତି, ରବୀନ୍ଦ୍ର ସଂଗୀତ ମାଧ୍ୟମରେ । ଉପେନ୍ଦ୍ର ଭଞ୍ଜଙ୍କର ଛାନ୍ଦ ଓ ଚମ୍ପୂ ପୃଥିବୀରେ ଅଦ୍ୱିତୀୟ । ଏସବୁ ତ ରାଗ ଭିତ୍ତିକ, ଘରେଘରେ କାହିଁକି ଗାୟନ କରାଯାଉନାହିଁ ! ମୁଁ ତ ଭାବିଛି ଯେ ଉପେନ୍ଦ୍ର ଭଞ୍ଜଙ୍କର ଯେତେ ଛାନ୍ଦ ଓ ଚଉପଦୀ ଅଛି ସେସବୁ ଏକାଠି କରି ବହି ଆକାରରେ ଚାରିଆଡ଼େ ବାଣ୍ଟିବି ।

**ସାହିତ୍ୟ ଚର୍ଚ୍ଚା:** ଆପଣ ମଧ୍ୟ ଦୁଇମାସ ତଳେ ଆମ ପତ୍ରିକାରେ ଗୋଟିଏ ପ୍ରବନ୍ଧ ଲେଖିଥିଲେ, 'ଓଡ଼ିଆ ଭାଷାର ଶାସ୍ତ୍ରୀୟତା ଓ ଅନୁବାଦ' ଉପରେ । ସେଥିରେ ଆପଣ ଏକ ଆବେଗପୂର୍ଣ କଥା କହିଛନ୍ତି, 'କି ଉତ୍ତରାଧିକାରୀ ଆମେ, ଯଦି ଆମେ ନିଜ ଭୂମି ଓ ନିଜ ଭାଷାକୁ ଭଲକରି ଦେଖିନାହେଁ, କି ଚିହ୍ନିନାହେଁ ।' ଏ ବିଷୟରେ ଆପଣଙ୍କର କ'ଣ ମନେହୁଏ ଯେ ପ୍ରକୃତରେ ଆମ ଓଡ଼ିଆଙ୍କର ଭାଷାପ୍ରେମ ନାହିଁ ?

**ଶକୁନ୍ତଳା ବଳିଆରସିଂହ:** ଆମକୁ ଓଡ଼ିଆ ଭାଷାରେ କଥା କହିବାକୁ ଲାଜ ଲାଗୁଛି, ଓଡିଆ ବୋଲି ପରିଚୟ ଦେବାରେ ଲାଜ ଲାଗୁଛି । ଏହି କଥାଟିକୁ ମୁଁ ନିଜକୁ ନିଜେ ବି ପ୍ରଶ୍ନ କରି ଦେଖୁଛି, ଆମେ କି ଓଡ଼ିଆ, ଆମେ କି ଉତ୍ତରାଧିକାରୀ ! ଏ ଆକ୍ଷେପ ତ ମୋ ନିଜ ପ୍ରତି । ଅନ୍ୟମାନଙ୍କୁ କହିବାର ଅଧିକାର ମୋ'ର କୁଆଡୁ ଆସିଲା ? ସବୁ ଛାତ୍ରଙ୍କର ଆମ ଓଡ଼ିଆ ସଂସ୍କୃତି ବିଷୟରେ ମଧ୍ୟ କିଛି ଜ୍ଞାନ ରହିବା ଦରକାର । ଭାଷା ଓ ସଂସ୍କୃତି ପରସ୍ପର ଜଡିତ ।

**ସାହିତ୍ୟ ଚର୍ଚ୍ଚା:** ହଁ, ଗତକାଲି ଆମେ ଏକ ୱେବିନାରରେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ପ୍ରଫେସର କହୁଥିବାର ଶୁଣିଲୁ ଯେ, ଭାଷା ଓ ସଂସ୍କୃତି ହେଉଛି ଏକ ଓ ଅଭିନ୍ନ । ଆପଣ ମଧ୍ୟ କହିବାର କଥା ଯେ ଓଡ଼ିଆ ଭାଷାର ଛାତ୍ରମାନେ ଓଡ଼ିଆ ସଂସ୍କୃତି ବିଷୟରେ ସଚେତନ ରହିବା ଆବଶ୍ୟକ ।

**ମୁଁ ନିଜକୁ ନିଜେ ବି ପ୍ରଶ୍ନ କରି ଦେଖୁଛି, ଆମେ କି ଓଡ଼ିଆ, ଆମେ କି ଉତ୍ତରାଧିକାରୀ ! ଏ ଆକ୍ଷେପ ତ ମୋ ନିଜ ପ୍ରତି । ଅନ୍ୟମାନଙ୍କୁ କହିବାର ଅଧିକାର ମୋ'ର କୁଆଡୁ ଆସିଲା ?**

**ଶକୁନ୍ତଳା ବଳିଆରସିଂହ:** କେବଳ ଓଡ଼ିଆ ଭାଷାର କାହିଁକି, ସମସ୍ତ ବିଭାଗର ଛାତ୍ର ଏହା ଜାଣିବା ଆବଶ୍ୟକ ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ଅନର୍ସ ଓ ଓଡ଼ିଆ ଏମ୍.ଏରେ ନାମ ଲେଖାଇବା ପାଇଁ ମେଧାବୀ ଛାତ୍ରମାନେ ଆଗ୍ରହ ଦେଖାଉନାହାନ୍ତି । ଏହି ବିଭାଗର ଜଣେ ଅଧ୍ୟାପିକା ଭାବରେ, ଏହାର କାରଣ କ'ଣ ହୋଇପାରେ ବୋଲି ଆପଣ ମନେକରନ୍ତି ?


**ଶକୁନ୍ତଳା ବଳିଆରସିଂହ:** ସେମାନେ ଭାବୁଛନ୍ତି ଯେ ଓଡ଼ିଆ ପଢିଲେ ପଇସା ରୋଜଗାର କରିହେବନାହିଁ । ଏବେ ସବୁତ ପଇସା ଭିତ୍ତିକ ହୋଇଗଲା ନା ! କିନ୍ତୁ ସେମାନେ ଭାବିବା କଥା ଯେ ଓଡିଶା ଜନନୀ କ'ଣ ଏତେ ଗରୀବ ଯେ ତାଙ୍କର ସାହିତ୍ୟ ପଢିଥିବା ପୁଅଝିଅମାନଙ୍କୁ ରାସ୍ତାରେ ବସାଇଦେବେ ? ଅନେକ ଓଡ଼ିଆ ଅଧ୍ୟାପକ ଓ ଅଧ୍ୟାପିକା ଚାକିରୀ ପାଇସାରିଛନ୍ତି । ଅନ୍ୟ ଭାଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ ବରଂ ବୁଲୁଛନ୍ତି ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ବାର୍ତ୍ତାଳାପଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ।

□□

ଅନୁଭୂତି

# ମହତାବଜୀ, ଟମାଟୋ ଖଟା ଆଉ ମୁଁ



ଅଚ୍ୟୁତାନନ୍ଦ ପତି

ମୋ ଜୀବନ ବସ୍ତାନିରେ ପୋକକଟା, ପୁରୁପୁରୁ କନା ଗୁଡା ହେଇ ପଡି ରହିଛି, କେତେ ଅସଜଡା, ଯାଉସ୍ୟାଉ ସ୍ମୃତିର ଦସ୍ତାବିଜ୍। କେତେ ଫୁଲ ଓ କଣ୍ଟାର, କେତେ ଖୁସି ଓ ହତାଶାର, କେତେ ଝୁଣ୍ଟିବା ଓ ଉଠିବାର, କେତେ ଆଉଁସା ଓ ଆମ୍ପୁଡାର, ଇମିତି ଇମିତି ମୋ ଜୀବନ ଦୌଡର ଟୁକୁଡା ଟୁକୁଡା ଗଲା କଥାର ବିଡ଼ା। ବେଳେ ବେଳେ ସେ ବସ୍ତାନିର ଡୋର ଆପେ ଆପେ ଫିଟିଯାଏ। ମତେ କାମୁଡିମାମୁଡି, ଲହୁଲୁହାଣ କରି, ଅପଦସ୍ଥର ହେମଦସ୍ତା ମାଡ ଦେଇ ମୋତେ ଦୋରସ୍ତ କରିଦେଇଥିବା ଅତୀତର ଫର୍ଦ୍ଦ ଉପରେ ଆଖି ପଡ଼ିଲେ, ମୁଁ ଝଅଟ ଝଅଟ ସେଗୁଡା ଲେଉଟାଇ ପକାଏ। ଏ ଯିବା ଯିବା ବକତରେ ଦେହର ଦୁଃଖ ତ ବଳି ଯାଉଛି। ପୁଣି ମନର ପୁରୁଣା ଘାଆର ବକଳାକୁ ଉଖାରି, ସେଥୁଁ ରକ୍ତ ଉଚୁକାଇ, ଅଯଥା ମେଞ୍ଚେ 'ଉହୁ, ଆହା' ହେଇ, ଅଧିକା ଦଣ୍ଡ ଭୋଗିବି କାହିଁକି ? ଆଉ ଇମିତି ବି କିଛି ପୃଷ୍ଠା ଅଛି, ଯେଉଁଠି ମୋ ଲେଖକ ଜୀବନର ସୃଷ୍ଟିକ୍ରମ ଓ କାରିକାର ପୃଷ୍ଠଭୂମି ଛପି ରହିଛି। କେଉଁଠି ଶ୍ରଦ୍ଧା ଓ ସୌହାର୍ଦ୍ଦ୍ୟର, କେଉଁଠି ଉପଦେଶ ଓ ନିର୍ଦ୍ଦେଶର, କେଉଁଠି ଆହ୍ୱାନ ଓ ଆଶ୍ୱାସନାର, କେଉଁଠି ପ୍ରୋତ୍ସାହନ ଓ ପ୍ରବୋଧନାର। ଏମିତି କିଛି ଘଟଣା ଘଟିଛି, ଯା'ର ଘୋଟଣରୁ ଯେଉଁ ନିର୍ଯ୍ୟାସ ମହକି ଉଠିଛି, ସେତେବେଳେ ସେ ବାସନା ବାରିବାକୁ ବୟସ ମତେ ସାମର୍ଥ୍ୟ ଦେଇ ନ ଥିଲା। ସେତେବେଳେ ସେ ଘଟଣାକୁ ଏକ ଅଘଟଣ ବୋଲି ଧରି ନେଇଥିଲି। ମୁହଁ ଫୁଲାଇଥିଲି। ଆଖି କଣରେ ପାଣି ବି ଜକେଇଥିଲା। ହଁ କଥାଟା କହୁଛି।

ସେତେବେଳେ ମତେ ନଅ କି ଦଶ ବରଷ ହେବ। ମୁଁ ମାମୁ ଘରେ ରହି ପଢୁଥାଏ। ମାମୁଙ୍କୁ ଟିକିଏ ଚିହ୍ନେଇ ଦିଏ। ତାଙ୍କୁ ଯେମିତି ଚିହ୍ନିବାର କଥା, ଯେମିତି ସିଏ ଚିହ୍ନା ହେଇ ପାରିଲେନି। ଆଉ ଯିଏ ତାଙ୍କୁ ଠିକ୍ କରି ଚିହ୍ନିଥିଲେ, ସେ ବି ଗଲେଣି। ମୋ ମାମୁ ଉପେନ୍ଦ୍ର ପଣ୍ଡା। ଘର ଅଡାଳପଙ୍କ ଗାଁରେ। ମହତାବଜୀଙ୍କ ଘର ଅଗରପଡ଼ା ପାଖରେ ଅଡାଳପଙ୍କ। ଉପେନ୍ଦ୍ର ପଣ୍ଡାଙ୍କ ପ୍ରତିଭାର ବେତ ଯଦି ମୋ ଉପରେ ପଡ଼ି ନ ଥାନ୍ତା, ଆଜି ଯାହା କିଛି ମୋର ନିଜତ୍ୱ ବୋଲି ଅଛି, କୁଆଡ଼େ ବୋଲି କୁଆଡ଼େ ପଡି ହଜିଯାଇଥାନ୍ତା। ମାମୁଙ୍କ ଭିତରେ ଅସମ୍ଭବ ପ୍ରତିଭା ଖୁନ୍ଦି ହେଇ ରହିଥିଲା। ସେ ଲେଖୁଥିଲେ, ଗାଉଥିଲେ, କହୁଥିଲେ, କହି ଦେଖାଇ ଦେଉଥିଲେ, କରି ଶିଖାଇ ଦେଉଥିଲେ। ମହତାବ ବାବୁ ପୋଖତ କବିରାଜ ଥିଲେ। ନାଡିବାରି ସେ ମଣିଷ ଚିହ୍ନିଥିଲେ। ନ ହେଲେ, ଉପେନ୍ଦ୍ର ପଣ୍ଡାଙ୍କୁ ସେ ଏକଦା 'ପ୍ରଜାତନ୍ତ୍ର' ସମ୍ବାଦପତ୍ରର ସମ୍ପାଦକ ରୂପେ ବାଛି ନ ଥାନ୍ତେ। ମହତାବଜୀଙ୍କ ପ୍ରେରଣା ପାଇ ସେ କଲେଜର ପାଠପଢ଼ା ଛାଡି ସ୍ୱାଧୀନତା ଆନ୍ଦୋଳନକୁ ଡେଇଁ ପଡିଥିଲେ। ଶେଷ ପର୍ଯ୍ୟନ୍ତ ମହତାବଙ୍କ ସଙ୍ଗୀ ହୋଇ ରହିଥିଲେ।

**ମହତାବ ବାବୁ ପୋଖତ କବିରାଜ ଥିଲେ। ନାଡିବାରି ସେ ମଣିଷ ଚିହ୍ନିଥିଲେ। ନ ହେଲେ, ଉପେନ୍ଦ୍ର ପଣ୍ଡାଙ୍କୁ ସେ ଏକଦା 'ପ୍ରଜାତନ୍ତ୍ର' ସମ୍ବାଦପତ୍ରର ସମ୍ପାଦକ ରୂପେ ବାଛି ନ ଥାନ୍ତେ।**

ମାମୁଙ୍କର ଭଦ୍ରକରେ ଏକ ବସାଘର ଥାଏ। ଥରକର କଥା। ମାମୁ ମହତାବ ବାବୁଙ୍କୁ ସେଠିକି ଖାଇବାକୁ ଡାକିଥିଲେ। ସେଦିନ ମୁଁ ଭଦ୍ରକରେ ଥାଏ। ବୋଧହୁଏ ମୁଁ ବୁଲି ଆସିଥିଲି। ମହତାବ ଆସିବେ। ଅଗରପଡ଼ାର ରଜା ଆସିବେ। ସେତେବେଳେ ମୁଁ ତାଙ୍କୁ ସେତିକି ଭାବିଥାଏ। ମହତାବଙ୍କ ବେଶ ଓ ନିଶକୁ ନେଇ ମୋ କଥା ପାଞ୍ଚ ଭିତରେ କଥା କଟାକଟି ଚାଲିଥିଲା। ମହତାବ କ'ଣ ଜରିମଡା ଆଣ୍ଠୁପାର ପୂରା ପୋଷାକ ଚଢ଼େଇ, ମୁଣ୍ଡରେ ପାଗଭିଡି, ସେଥିରେ ପରଗୋଞ୍ଜି, ରାଜାଙ୍କ ଛାଣ୍ଟରେ ବାହା ଦୋହଲାଇ, ହଲି ହଲି

ଆସିବେ ? ହୁତ୍, ସେ ପରା ଗାନ୍ଧୀଙ୍କ ଚାଟ । ମାମୁ ପରା ଖଦଡ ଛୋଟ ଧୋତି ଖଣ୍ଡେ, ବାଗବାଇଶ ନାହିଁ, ଯେମିତି ପାରେ ସେମିତି ଗୁଡେଇ ପୁଡେଇ ଦେଇ, ବେକରେ ମୋଟା ଚଦରଟାକୁ ବେଢ଼େଇ, ସାଇକେଲ ଖଣ୍ଡେ ଧରି, ଟୁଂଟାଂ ହେଇ ଚାରିଆଡ଼େ ବୁଲି, ଲୋକଙ୍କ ସାଙ୍ଗରେ କ'ଣ ସବୁ ସଲାସୁତୁରା କରୁଛନ୍ତି । ମହତାବ ନିଶ୍ଚେ ଖଦଡ ପିନ୍ଧୁଥିବେ । ଧୋତି ନା ଚୁଡିଦାର ପେଣ୍ଟ ? ନେହେରୁ ତ ଚୁଡିଦାର ପେଣ୍ଟ ପିନ୍ଧନ୍ତି । ଫଟୋରେ ଦେଖିଛି । ସବୁ ରାଜାଙ୍କର ତ ହୁହୁଡା, ଅଗମୋଡା ନିଶ ଥାଏ । ରାଜା ଯେତେବେଳେ ତାଙ୍କର ନିଶ ଥିବାର କଥା । ରାଜାଙ୍କର ଯେତେ ଚିତ୍ର ଦେଖିଛି, ସବୁ ରାଜା କୁଷ୍ମୁଣ୍ଡାମୁହାଁ । ଯା ପରେ ତା ସାଙ୍ଗରେ ହେଁ ହେଁ, ଫେଏଁ ଫେଏଁ ହେଲେ, ଲୋକେ ବୋଧହୁଏ ତାଙ୍କୁ ଖାତିର କରିବେ ନାହିଁ । ମୁଁ ମନମୁତାବକ ମହତାବଙ୍କ ଏକ ମୂର୍ତ୍ତି ଉତ୍ତାରିବାକୁ ମୋ ପାଞ୍ଚର ଛାଞ୍ଚ ଭିତରେ ମୋ ଅନୁମାନର କାଦୁଅ ମାଡୁଥିଲି ।



ଏମିତି, ସେମିତି କରି ମହତାବଙ୍କ ବେଶ, ନିଶ, ହସ ଉପରେ ମନର ଗଣ୍ଠିପକା, ଗଣ୍ଠିଫିଟା ଚାଲିଥିଲା ବେଳେ, ମାମୁ ଦାଣ୍ଡପିଣ୍ଡାରୁ ପାଟି କରି ଉଠିଲେ- 'ମହତାବଜୀ ଆସିଗଲେ ।' ତା'ପରେ ତାଙ୍କୁ ପାଛୋଟି ଆଣିବାକୁ ତଳକୁ ଓହ୍ଲେଇ ପଡ଼ିଲେ । ମୁଁ ଦାଣ୍ଡପିଣ୍ଡାକୁ ଦୌଡି ଆସିଲି । ମୁଁ ତାଙ୍କୁ ଯେମିତି ଦେଖିଲି, ସେଥିରୁ ଜାଣିଲି ଯେ ମୋ କଳ୍ପନା ଠକି ଯାଇଥିଲି । ସେ ହସି ହସି ମାମୁଙ୍କ କାନ୍ଧରେ ହାତ ପକାଇ, ତାଙ୍କ ଲମ୍ବା ପାହୁଣ୍ଡକୁ ଆଗକୁ ଆଗକୁ ବଢ଼ାଉଥିଲେ । ମୁଁ କେବଳ ତାଙ୍କ ମୁହଁକୁ ଦେଖୁଥିଲି । ମୋ ମନର ଛୋଟ ମାପକାଠିରେ ମାପି ମାପି, ମୁଁ ଯେଉଁ ଠିକଣାରେ ପହଞ୍ଚିଥିଲି, ସେଠୁ ସେ କେତେ ନା କେତେ ଦୂରରେ । ଥରେ ମାଷ୍ଟ୍ରେ ପଢ଼ାଉ ପଢ଼ାଉ କଥା ପଡିବାରୁ ଗୋଟେ କଥା କହିଥିଲେ- ସିଂହ ଦୁଧକୁ ସୁନାପାତ୍ରରେ ରଖାଯାଏ । କେତେଜଣଙ୍କ ଉଦାହରଣ ଦେଇ କଥାଟା ମର୍ମ ବୁଝାଇ ଦେଇଥିଲେ । ପରବର୍ତ୍ତୀ ଅବସ୍ଥାରେ ମହତାବଜୀଙ୍କ ସମ୍ପର୍କରେ ମୁଁ ବହୁତ ଥର ଆସିଛି ଓ ଉପେନ୍ଦ୍ର ପଣ୍ଡାଙ୍କ ଭଣଜା ବୋଲି ଅଧିକା ଟିକିଏ ଆଦର ମଧ୍ୟ ପାଇଚି । ସେତେବେଳେ ମାଷ୍ଟ୍ରେଙ୍କ କଥାର ତାତ୍ପର୍ଯ୍ୟ, ତାଙ୍କଠାରେ କେତେ ଯେ ଯଥାଯଥ, ନିଶ୍ଚିତ ହେଇଛି । ମାମୁଙ୍କ ସାଙ୍ଗରେ ବସି କ'ଣ ଯେ ସବୁ ଆଲୋଚନା କଲେ, ସେ କଥା ମୋର ମନେ ନାହିଁ । କାରଣ ପଦ୍ମମୂଳର ବେଙ୍ଗ ପଦ୍ମର ଗନ୍ଧ ବାରି ନ ପାରିଲା ଭଳି, ସେ ଆଲୋଚନାର ବିନ୍ଦୁବିସର୍ଗ କିଛି ବୁଝିପାରୁ ନ ଥିଲି । ଯେଉଁ କଥାରେ ଯେତେ ଆଗ୍ରହ ଥାଏ, ସେ କଥା ସେତେ ମନେ ରହେ ।

ଖାଇବା ପର୍ବ ଆରମ୍ଭ ହେଲା । କାହାକୁ ରୋଷେଇ କରିବାକୁ ମାମୁ ଆଣିଥିଲେ, ତା' ନାଁ ମୋର ମନେ ନାହିଁ, କିନ୍ତୁ ଲୋକଟା ଭାରି ଚିଡିଚିଡା ଥିଲା । ବଡ ତୁରୁତୁରିଆ ମତେ 'ଯାକର ତାକର' ବୋଲି ବସେଇ ଉଠେଇ ଦେଉ ନ ଥିଲା ।

ମୁଁ ମନେ ମନେ ତା' ଉପରେ ଭାରି ବିଗୁଡୁଥିଲି । କ'ଣ ସବୁ ରନ୍ଧା ହେଇଥିଲା, ମୋର ଖିଆଲ ନାହିଁ । କିନ୍ତୁ ଗୋଟେ କଥା ଆଜି ଯାଏଁ ମୋର ମନେ ଅଛି । ମହତାବବାବୁ ଓ ମାମୁ ଖାଇ ବସିଥାନ୍ତି । ମୁଁ ପରଷୁଥାଏ । ବସାଘର, ବାସନକୁସନ କମ ଥାଏ । ରୋଷେଇଆ ମୋ ହାତକୁ ବଢ଼ାଇ ଦେଉଥାଏ । ମୁଁ ଥୋଇ ଦେଇ ଆସୁଥାଏ । ଟମାଟୋ ଖଟା ସେ ମତେ ଗୋଟେ ଚେପାମେପା ଏଲ୍‌ମୋନିଅମ୍ ଗିନାରେ ଧରାଇ ଦେଲା । ମୁଁ ନେଇ ମହତାବ ବାବୁ ପାଖରେ ଥୋଇ ଦେଇ ଆସିଲି । ବାସନର ଚେହେରା ଦେଖି, ମାମୁ ମତେ କଟମଟ କରି ଚାହିଁଲେ । କେବଳ ଚାହିଁଲେ ନାହିଁ, ନାକ କୁଞ୍ଚେଇ ଦମେ ବର ବର ହେଲେ । ମାର୍ ମାର୍ ଭଣ୍ଡାରିଆକୁ ମାର୍ । ମୋ ଆଖି କଣରେ ପାଣି ଘନେଇ ଆସୁଥାଏ । ଭୁଲ୍‌ଟା ମୋର ନ ଥିଲା, ଏକଥା ମୁଁ କହିପାରିଲି ନାହିଁ । ମାମୁଙ୍କୁ ମୋର ପ୍ରାଣର ଭୟ । ମୋ ଭିତର କୋହର ଧାପରେ ଅକ୍ଷରଗୁଡାକ ଖଳି ହେଇ, ଟେଳାବାନ୍ଧି, ମୋ ତଣ୍ଟିରେ ଅଟକି ବାଟ ବନ୍ଦ କରି ଦେଉଥିଲା । ରୋଷେଇଆ ନନା ମତେ ଯାହା ଧରାଇ ଦେଉଥିଲା, ମୁଁ ଆଣି ଖାଲି ଥୋଇ ଦେଉଥିଲି, ଡରରେ ଏତେ କାତିରି ଯାଇଥିଲି ଯେ, ନିଜ ଉପରୁ ଦୋଷ ଛଡାଇବାକୁ ଏତକ କହି ପାରିଲି ନାହିଁ । ଆଜିର ଜମାନାର ନଅଦଶ ବର୍ଷର ପିଲା ମୁଁ ନ ଥିଲି । ସେତେବେଳେ ଗୁରୁଜନଙ୍କ

କଥାରେ ମୁହଁ ଖୋଲିଲେ, ଗୁରୁ ଅପରାଧ ବୋଲି ଧରାଯାଉଥିଲା। ଆଜିକାଲି ମୋ କଥାର ଟିକିଏ ବେଅଣ୍ଟ ହେଇଗଲେ, ମୋ ନଅ ବର୍ଷର ନାତି ମତେ କେବଳ କାଇଲି କରୁନି, ଭଦ୍ର ଅପମାନ ବି ଦେଉଛି। ଆମେରିକା କଥା ଛାଡ, ଏବେ ଦିଲ୍ଲୀରେ ବି ବାପମାଆ ପିଲାର ଭୁଲ ଭଟକାରେ ଚହଟେ ଚାପଡେ ପକାଇଲେ, ପିଲା ପୋଲିସ ଡାକୁଛି।

ମାମୁଙ୍କ ମୁହଁରୁ ରାଗ ଲିଭି ନ ଥାଏ। ମଝିରେ ମଝିରେ ସେ ଗରଗର ହେଉଥାନ୍ତି। ରାଗଗୁଡାକ ମୋ ଆଡ଼କୁ ମୁହାଁଉଥାଏ। ମୋର ଦୋଷ ନାହିଁ ବୋଲି, ମୁଁ କହି ପାରୁ ନ ଥିଲି, ମୋ ଉପରେ ଦୋଷ ଲଦି ଦିଆଯାଉଛି ବୋଲି ସହିପାରୁ ନ ଥିଲି। କାଳେ କ'ଣ ଦରକାର ପଡ଼ିବ ବୋଲି, ଜାଗା ଛାଡି ଯାଇପାରୁ ନ ଥିଲି।

ମହତାବ ବାବୁ, ମତେ ଟିକିଏ କଣେଇକି ଚାହିଁନେଲେ। ତା'ପରେ କହିଲେ – 'ଉପେନ୍ଦ୍ର, ଆଧାର ଅପେକ୍ଷା ଆଧେୟକୁ ଦେଖିବା ଉଚିତ। ଅତି ଆଚାର ବେଳେବେଳେ ଅତ୍ୟାଚାର ହେଇପଡ଼େ।' ତା'ପରେ ମାମୁ କଥାର ଫେର ବଦଳାଇଦେଲେ। ସେତେବେଳେ ସେ କଥାର ଅର୍ଥ ମୁଁ ବୁଝିପାରି ନଥିଲି। କିନ୍ତୁ ଅନୁମାନ କରି ନେଇଥିଲି ଯେ, ସେ ମୋ ସପକ୍ଷରେ କିଛି କହିଲେ। ସେ କହିବା ଦି'ଧାଡି କଥାକୁ ମୁଁ ମନେ ମନେ ଘୋଷି ପକାଇଥିଲି। ପରେ ମାଷ୍ଟ୍ରଙ୍କୁ ପଚାରି ସେ କଥାର ସରଳାର୍ଥ, ଭାବାର୍ଥ କିଛି ବୁଝିନେଇଥିଲି।

ତାଙ୍କର ସେ ସମୟର କଥାକୁ ବଟକରା ପକାଇ ମୁଁ ଦୁନିଆକୁ ତଉଲିଛି। ଆଜିର ଦୁନିଆରେ ମଣିଷର ବାହାରକୁ ଦେଖି, ତା'ର ଭାଉ କଳା ଯାଉଛି। ମଣିଷ ଆଜି ମହାକାଳ ଫଳ। ଉପରକୁ ସଜେଇ, ଭିତରକୁ ହଜେଇ, ଆମେ ସମସ୍ତେ ସୁନ୍ଦର ସୈତାନ।

**ମଣିଷ ଆଜି ମହାକାଳ ଫଳ। ଉପରକୁ ସଜେଇ, ଭିତରକୁ ହଜେଇ, ଆମେ ସମସ୍ତେ ସୁନ୍ଦର ସୈତାନ।**

□□

ଲେଖକଙ୍କ ଇ-ମେଲ ଠିକଣା:
utpalpati@gmail.com

---

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**






ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'ରେ** ଉପଲବ୍ଧ ଅଛି।

ପତ୍ରିକାର ସମସ୍ତ ନୂତନ ଲେଖା ତୁରନ୍ତ ପଢ଼ିବା ପାଇଁ ଏହାକୁ ଡାଉନଲୋଡ୍ କରି ବ୍ୟବହାର କରନ୍ତୁ।

Search **Sahitya Charcha** on **Play Store**.

ପ୍ରବନ୍ଧ

# ପ୍ରକାଶନର ସମସ୍ୟା ଓ ଆମ ସାହିତ୍ୟ



ସୌମେନ୍ଦ୍ର ଜେନା

ସାହିତ୍ୟର ସମୃଦ୍ଧିରେ ସଂସ୍କୃତିର ବିକାଶ ହୋଇଥାଏ। ଯେଉଁ ଭାଷାର ସାହିତ୍ୟ ଯେତେ ଉନ୍ନତ ସେହି ଭାଷାର ସାହିତ୍ୟ ପ୍ରକାଶନ ସେତେ ଅଧିକ ସମୃଦ୍ଧ ହୋଇଥାଏ ବୋଲି ସାଧାରଣରେ ଧାରଣା ରହିଆସିଛି। ଏକଥା ସତ ଯେ ସାହିତ୍ୟର ବିକାଶରେ ଭାଷାର ବିକାଶ ହୋଇଥାଏ। ସାହିତ୍ୟରେ ଯେଉଁ ପରୀକ୍ଷା ନିରୀକ୍ଷା ହୁଏ ତାହା ଭାଷାର ଶବ୍ଦ ସମ୍ଭାରକୁ ସମୃଦ୍ଧ କରେ। ସାହିତ୍ୟ ମାଧ୍ୟମ ଦେଇ ଅନେକ ନୂତନ ଶବ୍ଦ ଭାଷାର ଶବ୍ଦ ଭଣ୍ଡାରକୁ ଆସିବାର ସୁଯୋଗ ପାଏ। କିନ୍ତୁ ସାହିତ୍ୟର ପ୍ରସାର ପାଇଁ ଆବଶ୍ୟକ ସୁଦୃଢ ପ୍ରକାଶନର ଢାଞ୍ଚା ଯଦି ନ ରହେ ତେବେ ସାହିତ୍ୟ ଭଲ ଲେଖା ହେଲେ ବି ଲୋକଲୋଚନକୁ ଆସିବାର ସୁଯୋଗ ପାଇପାରେନାହିଁ। ତେଣୁ ସାହିତ୍ୟର ସୁରକ୍ଷା ପାଇଁ ପୁସ୍ତକ ପ୍ରକାଶନ ଶିଳ୍ପର ଶୃଙ୍ଖଳିତ ଓ ସଙ୍ଗଠିତ ଢାଞ୍ଚା ଆବଶ୍ୟକ, ଯେଉଁଠି ଲେଖକର ସୁରକ୍ଷା ସହ ବ୍ୟବସାୟର ସୁରକ୍ଷା କରାଯାଇପାରିବ। ଏହି ପ୍ରକାଶନ ଶିଳ୍ପ ଯେତେ ଅଧିକ ସୁଦୃଢ ହେବ ସେତେ ଅଧିକ ରୋଜଗାର ସୃଷ୍ଟି କରିବ, ସମାଜକୁ ଅର୍ଥ ପ୍ରଦାନ କରିବ। ବ୍ୟବସ୍ଥିତ ପୁସ୍ତକ ବ୍ୟବସାୟର ବିତରଣ ଢାଞ୍ଚା ତଳସ୍ତର ପର୍ଯ୍ୟନ୍ତ ପହଞ୍ଚିପାରିଲେ ପ୍ରକାଶିତ ପୁସ୍ତକ ପାଠକମାନଙ୍କ ହାତରେ ଦେବା ସହଜ ହେବ। ଅନ୍ୟ ଭାଷାରେ କହିଲେ ପାଠକମାନେ ନିଜ ଅଞ୍ଚଳରେ ନିଜ ଆଗ୍ରହର ପୁସ୍ତକ ପାଇପାରିବେ। ଆଜି ସାହିତ୍ୟ କହିଲେ କେବଳ ଗଳ୍ପ, କବିତା, ପ୍ରବନ୍ଧ କିମ୍ବା ଶିଶୁ ସାହିତ୍ୟ ମଧ୍ୟରେ ସୀମିତ ହୋଇ ରହିନାହିଁ, ଏହା ବିବିଧ କ୍ଷେତ୍ରକୁ ପ୍ରସାରିତ ହୋଇଛି, ବିବିଧ ବିଦ୍ୟାକୁ ନିଜ ମଧ୍ୟରେ ସ୍ଥାନ ଦେଇଛି। ଯେମିତି ରହସ୍ୟ ରୋମାଞ୍ଚ, ବିଜ୍ଞାନ, ସ୍ୱାସ୍ଥ୍ୟ, କ୍ରୀଡ଼ା, ପ୍ରତିରକ୍ଷା, ବାଣିଜ୍ୟ ଆଦି ଭିନ୍ନ ଭିନ୍ନ କ୍ଷେତ୍ରକୁ ମଧ୍ୟ ସାହିତ୍ୟ ପ୍ରସାରିତ ହୋଇଛି। ଏନିଡ୍ ବ୍ଲିଟନଙ୍କ ରହସ୍ୟ ରୋମାଞ୍ଚଭରା କିଶୋର ଉପନ୍ୟାସଗୁଡିକ ପୃଥିବୀର ବହୁ ରାଷ୍ଟ୍ରରେ ଭିନ୍ନ ଭିନ୍ନ ସ୍ଥାନୀୟ ଭାଷାର ପାଠକବର୍ଗଙ୍କୁ ନିଜର କରିପାରିଛି। ସେମିତି ବିଜ୍ଞାନ ସାହିତ୍ୟର ଗୋଟିଏ ଗୋଟିଏ ପୁସ୍ତକ ପୃଥିବୀବାସୀଙ୍କ ମୂଳଧାରଣାକୁ ବଦଳାଇଦେବା ଲାଗି ସକ୍ଷମ ହୋଇଛି। ଏହି ପରିପ୍ରେକ୍ଷୀରେ ଯଦି ଆମେ ଓଡିଆ ସାହିତ୍ୟର ପ୍ରକାଶନ କ୍ଷେତ୍ରକୁ ବିଚାରକୁ ଆଣିବା ତେବେ ଅନେକ କାର୍ଯ୍ୟ ହେବା ଅପେକ୍ଷାରେ ରହିଥିବା ଆମର ଦୃଷ୍ଟିକୁ ଆସିବ। ଓଡ଼ିଆ ଭାଷା-ସାହିତ୍ୟର ପୁସ୍ତକ ପ୍ରକାଶନ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟା ଏବଂ ତା'ର ସମାଧାନ ପାଇଁ ଯେଉଁମାନଙ୍କର ଭୂମିକା ରହିଛି ସେମାନଙ୍କ ସମ୍ପର୍କରେ ଏଠାରେ ସଂକ୍ଷେପରେ ଆଲୋଚନା କରାଯାଇପାରେ।




**ପ୍ରକାଶକ**

ଓଡ଼ିଶାରେ ଆଜି ତିନିଶହରୁ ଅଧିକ ଛୋଟବଡ ପ୍ରକାଶନ ସଂସ୍ଥା ତିରିଶ ଜିଲ୍ଲାରେ କାର୍ଯ୍ୟରତ। ବଡ ପ୍ରକାଶନ ସଂସ୍ଥା କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ପରି ମହାନଗରରେ ଥିଲାବେଳେ ଅନ୍ୟ ଛୋଟ ସଂସ୍ଥାମାନ ରାଜ୍ୟର ଶତାଧିକ ସହରାଞ୍ଚଳରେ ରହିଛନ୍ତି। ଓଡିଶାରେ ବାର୍ଷିକ ୨୦୦୦ରୁ ଅଧିକ ଶୀର୍ଷକ ପୁସ୍ତକ ପ୍ରକାଶ ପାଉଥିବା ବେଳେ ସେସବୁର ବାର୍ଷିକ ସୂଚୀ ପ୍ରକାଶ ନ ହେବା ଫଳରେ କେଉଁ ପୁସ୍ତକ କିଏ ପ୍ରକାଶ କଲା ତାହା ଜାଣିବା ସମ୍ଭବପର

ହେଉନାହିଁ। କେବଳ ରାଜା ରାମମୋହନ ରାୟ ପାଠାଗାର ପାଇଁ ପ୍ରଦତ୍ତ ପୁସ୍ତକଗୁଡ଼ିକର ସୂଚନା ଯାହା ରାଜ୍ୟର ହରେକୃଷ୍ଣ ମହତାବ ପାଠାଗାରରୁ ମିଳୁଛି। କିନ୍ତୁ ଏହି ଯୋଜନା ବାହାରେ ଅନେକ ପୁସ୍ତକ ରହିଯାଉଛି ଯାହା ସଂପର୍କରେ କିଛି ଜଣାପଡୁନାହିଁ। ରାଜ୍ୟର ପୁସ୍ତକ ପ୍ରକାଶକ ସଂସ୍ଥାଗୁଡ଼ିକ କେବଳ ନିଜ ନିଜର ବହି ବିକ୍ରି ଏବଂ ସରକାରୀ ଯୋଗାଣକୁ ଛାଡ଼ି ଦେଲେ ଅନ୍ୟ କିଛି କରିବାକୁ ନାରାଜ। ପୁସ୍ତକ ପ୍ରକାଶକ ସଂଘଗୁଡ଼ିକ ମଧ୍ୟରେ ସଂପର୍କର ଅଭାବ ଯୋଗୁ ଅନେକ ସମୟରେ ବାଦ-ବିବାଦ ଉଠି କୋର୍ଟ କଚେରିକୁ ମାମଲା ଯାଉଛି। ଅତୀତରେ ଏଥିପାଇଁ କୋଟି କୋଟି ଟଙ୍କାର ପୁସ୍ତକ ଯୋଗାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି କିମ୍ବା ବନ୍ଦ ହୋଇଯାଇଛି। ଉଦାହରଣ ସ୍ୱରୂପ ଓଡ଼ିଆ ଭାଷା ପ୍ରତିଷ୍ଠାନ ମାଧ୍ୟମରେ ହୋଇଥିବା ହାଇସ୍କୁଲଗୁଡ଼ିକୁ ପୁସ୍ତକ ଯୋଗାଣ ଯୋଜନା ତନ୍ମଧ୍ୟରୁ ଗୋଟିଏ। ସେମିତି ରାଜା ରାମମୋହନ ରାୟ ପାଠାଗାର ଯୋଜନାରେ ଅନିୟମିତତାକୁ ନେଇ ଅତୀତରେ ପ୍ରକାଶକ ସଂଘଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଦେଇଛି। ପ୍ରକାଶକମାନେ ପରସ୍ପରର ବିଶ୍ୱାସଭାଜନ ହୋଇ ନ ପାରିବା ହେତୁ ଏବଂ ସେମାନଙ୍କ ମଧ୍ୟରେ ସଂପର୍କର ଅଭାବ ହେତୁ ଏପରି ସମସ୍ୟା ଅତୀତରେ ବାରମ୍ବାର ଦେଖାଦେଇଛି।

ପୁସ୍ତକ ପ୍ରକାଶନର ପ୍ରାକ୍ ସୂଚନା ଦେବା, ଆଗୁଆ ରିହାତି ମୂଲ୍ୟରେ ବିକ୍ରି କରିବା, ଉନ୍ମୋଚନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିବା, ଯୋଜନାବଦ୍ଧ ଭାବେ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ଏବଂ ତ୍ରୈମାସିକ ପତ୍ରିକାଗୁଡ଼ିକରେ ସମୀକ୍ଷା କରାଇବା, କିଛି କିଛି ବିଜ୍ଞାପନ ଦେବା, ପାଠାଗାରକୁ ଆଗୁଆ ପ୍ରଚ୍ଛଦର ସୂଚନା ପ୍ରେରଣ କରିବା, ପ୍ରତିବର୍ଷ ନୂତନ ପୁସ୍ତକ ତାଲିକା ପ୍ରକାଶ କରିବା, ପୁସ୍ତକ ବିତରଣ ପାଇଁ ସ୍ୱତନ୍ତ୍ର ବୁକ୍ ମଲ୍ ସ୍ଥାପନା, ମହାନଗରଗୁଡ଼ିକରେ ନିଜସ୍ୱ ଶାଖା ଖୋଲିବା, ଅନ୍‌ଲାଇନ୍ ସପ୍ ଖୋଲିବା, ବୁକ୍ସ ଅନ ହ୍ୱିଲ ପ୍ରକଳ୍ପ ମାଧ୍ୟମରେ ପୁସ୍ତକର ପ୍ରଚାରଗାଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା, ନିଜସ୍ୱ ୟୁଟ୍ୟୁବ୍ ଚ୍ୟାନେଲ ଏବଂ ୱେବସାଇଟ ଖୋଲିବା, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମକୁ ଏଥିପାଇଁ ବ୍ୟବହାର କରିବା ଭଳି ଅନେକ କାର୍ଯ୍ୟ ପ୍ରକାଶକଙ୍କ ପାଇଁ କରିବାକୁ ରହିଛି, ଯାହା ହେଲେ ପୁସ୍ତକର ବିକ୍ରି ଏବଂ ପ୍ରସାର ବଢ଼ିବ। କିନ୍ତୁ ଓଡ଼ିଶାର ବଡ ବଡ ପ୍ରକାଶକମାନେ ଦିନକୁ ଦିନ ସଂକୁଚିତ ହେବା ସହ ସଂସ୍ଥାକୁ କେବଳ ମହାନଗର ମଧ୍ୟରେ ସୀମିତ କରି ରଖିଛନ୍ତି। ଅତୀତରେ କେତେକ ପ୍ରକାଶନ ସଂସ୍ଥା ଏକ ସମୟରେ ଅନେକ ସହରରୁ କାର୍ଯ୍ୟ କରୁଥିଲେ ଯାହା ଆଜି ନାହିଁ। ତେଣୁ ପ୍ରକାଶକମାନଙ୍କୁ ଏ ଦିଗରେ ଅଧିକ ଧ୍ୟାନ ଦେଇ କାର୍ଯ୍ୟ କରିବାକୁ ହେବ। ସବୁ ବହି ଯେପରି ଆନ୍ତର୍ଜାତିକ ମାନକ ପୁସ୍ତକ କ୍ରମାଙ୍କ (ଆଇଏସ୍‌ବିଏନ୍) ସହ ପ୍ରକାଶ ପାଏ ସେଥିପ୍ରତି ଅଧିକ ଦୃଷ୍ଟି ଦେବାକୁ ହେବ। ପୂର୍ବେ ପ୍ରତିଟି ପୁସ୍ତକ ୧୧୦୦ କପି ଛପାଯାଉଥିଲା ବେଳେ ଏବେ ତାହା ୧୨୫-୨୫୦କୁ ଖସି ଆସିଲାଣି। କେତେକ ପ୍ରକାଶକ ଆଦୌ ବହି ନ ଛାପି ନିଜ ଅଫିସର ଲେଜର କପିଅର ମାଧ୍ୟମରେ ୩୦-୪୦ କପି କାଢ଼ି ସନ୍ତୁଷ୍ଟ ହେଉଛନ୍ତି। ଏହା ପୁସ୍ତକ ଶିଳ୍ପର କିମ୍ବା ଭାଷା ସାହିତ୍ୟର ବିକାଶରେ ସହାୟକ ହେବ ନାହିଁ ବରଂ ସତ୍ୟକୁ ଆଖିଠାର ପରି କଥା ହେଉଛି। ଏହା ଛଡ଼ା ପ୍ରଚ୍ଛଦଗୁଡ଼ିକରେ ଆଜିକାଲି ଆଦୌ ମୌଳିକତା ରହୁନାହିଁ। ଇଣ୍ଟରନେଟ୍ ଫଟୋରେ ପୁସ୍ତକର ପ୍ରଚ୍ଛଦ କାର୍ଯ୍ୟ ଚଳିଯାଉଥିବା ହେତୁ ଚିତ୍ରକର ଆବଶ୍ୟକ ହେଉନାହାନ୍ତି। କିନ୍ତୁ ପ୍ରତିଟି ପୁସ୍ତକର ନିଜସ୍ୱ ମୌଳିକତା ନେଇ ନିଜସ୍ୱ ପ୍ରଚ୍ଛଦଚିତ୍ର ସହ ପ୍ରକାଶ ପାଇବା ଦରକାର। ପ୍ରକାଶକଗଣ ଏ ଦିଗରେ ଧ୍ୟାନଦେବା ଆବଶ୍ୟକ।

**ପ୍ରତିଟି ପୁସ୍ତକର ନିଜସ୍ୱ ମୌଳିକତା ନେଇ ନିଜସ୍ୱ ପ୍ରଚ୍ଛଦଚିତ୍ର ସହ ପ୍ରକାଶ ପାଇବା ଦରକାର।**

**ସରକାର**

ପୁସ୍ତକଗୁଡ଼ିକର ପ୍ରସାର କ୍ଷେତ୍ରରେ ସରକାରଙ୍କ ଭୂମିକା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସରକାର ହିଁ ସବୁଠୁ ବଡ ଥୋକ କ୍ରେତା। ପ୍ରକାଶକ ଚାହେଁ ଥୋକ ବିକ୍ରିରେ ପ୍ରକାଶନର ମୂଳପଇସା ପାଇବା ପାଇଁ। କାରଣ ଖୁଚୁରା ବିକ୍ରି ସମୟରେ ଅନେକ କ୍ଷେତ୍ରରେ ସବୁ ପଇସା ମିଳିପାରି ନ ଥାଏ। ରାଜ୍ୟ ସରକାର ଜିଲ୍ଲା ପାଠାଗାର ଯୋଜନା, ରାଜା ରାମମୋହନ ରାୟ ପାଠାଗାର ଯୋଜନା, କେନ୍ଦ୍ରୀୟ ଅନୁଦାନ ମାଧ୍ୟମରେ ପୁସ୍ତକ ଯୋଗାଣ ମଧ୍ୟରେ ସୀମିତ ନ ରହି ସାଂସଦମାନଙ୍କର ପାଣ୍ଠିରେ ଥିବା ଅର୍ଥକୁ ମଧ୍ୟ ଉପଯୋଗ କରିବା ପାଇଁ ଲକ୍ଷ୍ୟ ରଖିବା ଦରକାର। ଓଡ଼ିଶାରେ ୨୧ଜଣ ଲୋକସଭା ଏବଂ ୧୦ଜଣ ରାଜ୍ୟସଭା ସାଂସଦ ଚାହିଁଲେ ପ୍ରତିବର୍ଷ ପୁସ୍ତକ ନିଜସ୍ୱ ପାଣ୍ଠିରୁ ଯୋଗାଇ ପାରିବେ ଯାହା

ମିଳିତଭାବେ ରାଜା ରାମମୋହନ ରାୟ ପାଠାଗାର ଯୋଗାଣକୁ ଟପିଯାଇପାରିବ, ଏ ଦିଗରେ ଇଚ୍ଛାଶକ୍ତି ଆବଶ୍ୟକ। ସରକାର ମଧ୍ୟ କେରଳ ପରି ରାଜ୍ୟର ସବୁ ପଞ୍ଚାୟତସ୍ତରରେ ପାଠାଗାର ସ୍ଥାପନା ପାଇଁ ପ୍ରୟାସ କଲେ ଗ୍ରାମାଞ୍ଚଳର ଲୋକେ ବହି ଦେଖିବା ଏବଂ ପଢିବାର ସୁଯୋଗ ଲାଭ କରନ୍ତେ। ଏହାଛଡ଼ା ରାମମୋହନ ରାୟ ପାଠାଗାର ପାଇଁ ପୁସ୍ତକ ଆବେଦନ କେବଳ ଭୁବନେଶ୍ୱରରେ ନ ହୋଇ ରାଜ୍ୟର ସବୁ ଜିଲ୍ଲାର ସାଂସ୍କୃତିକ ଅଧିକାରୀଙ୍କ ମାଧ୍ୟମରେ ହେଲେ ଅଧିକ ସଂଖ୍ୟକ ପୁସ୍ତକ ଆସିପାରିବ, ଅଧିକ ପ୍ରକାଶକ ଓ ଲେଖକ ଜିଲ୍ଲା ସ୍ତରରେ ଏଥିରେ ସାମିଲ ହୋଇ ଲାଭର ସୁଯୋଗ ନେଇପାରିବେ। ପୂର୍ବେ ପୁସ୍ତକ ପ୍ରକାଶନ ପାଇଁ ସରକାର ଆର୍ଥିକ ସହାୟତା ଦେଉଥିଲେ ଯାହା ଏବେ ମିଳୁନାହିଁ। ଜୋତା, ଛତା, ଚାଉଳ, ଡାଲି ପାଇଁ ସରକାର ସହାୟତା ଦେଲା ଭଳି ଶସ୍ତାରେ କାଗଜ କ୍ରୟ ପାଇଁ ସୁବିଧା ଦେଲେ ବହୁ ପ୍ରକାଶକ ଲାଭବାନ ହୋଇପାରନ୍ତେ। ଏହା ଛଡା ପ୍ରତିବର୍ଷ ବ୍ଲକସ୍ତରୀୟ ପୁସ୍ତକମେଳା ଆୟୋଜନ ପାଇଁ ସରକାର ଲକ୍ଷ୍ୟ ରଖିଲେ ୩୧୪ ବ୍ଲକରେ ଓଡିଆ ବହିକୁ ଲୋକେ ଦେଖିବା, କିଣିବାର ସୁଯୋଗ ପାଇପାରନ୍ତେ। ଆଞ୍ଚଳିକ ତଥା ଜିଲ୍ଲାସ୍ତରୀୟ ପ୍ରକାଶକ / ଲେଖକମାନେ ଏଥିରୁ ଅଧିକ ଲାଭବାନ ହୋଇପାରନ୍ତେ। ଯୋଜନାରେ ଯାଉଥିବା ଅର୍ଥରୁ ଭଲ ବହି କ୍ରୟ ପାଇଁ ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡିକ ସୁଯୋଗ ଉପଯୋଗ କରିପାରନ୍ତେ। ଜିଲ୍ଲାପାଳ ଏବଂ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଏହି ଦାୟିତ୍ୱ ଦେଲେ ଅଧିକରୁ ଅଧିକ ସ୍ଥାନରେ ପୁସ୍ତକ ପ୍ରଦର୍ଶିତ ହେବାର ସୁଯୋଗ ସୃଷ୍ଟି ହୁଅନ୍ତା। ଓଡିଶାର ସରକାର ଅନ୍ୟ ରାଜ୍ୟମାନଙ୍କ ପରି ପାଠାଗାରକୁ ସଂସ୍କୃତି ବିଭାଗର ଅଧୀନରେ ନ ରଖି ଏକ ସ୍ୱତନ୍ତ୍ର ବିଭାଗ ଏବଂ ଏଥିପାଇଁ କ୍ୟାବିନେଟ ମନ୍ତ୍ରୀ ନିଯୁକ୍ତ କରିପାରିଲେ ସେହି ବିଭାଗ ସକ୍ରିୟତାର ସହ ବହିଯୋଗାଣ, ବହି କ୍ରୟ, ବହିର ପ୍ରଚାର ପ୍ରସାର ଦିଗରେ ଅଧିକ କାର୍ଯ୍ୟ କରିପାରନ୍ତେ। ବହି ଯୋଗାଣ ବେଳେ ଗୋଟିଏ ଗୋଟିଏ ପ୍ରକାଶନ ସଂସ୍ଥା ୧୨ରୁ ୧୪ଟି ଜାଲିସଂସ୍ଥା ନାମରେ ଅର୍ଡର ପାଉଥିଲାବେଳେ କେନ୍ଦ୍ରୀୟ ଅର୍ଥରେ ମୋଟା ପରିମାଣ ବହି ଯୋଗାଣ ଅର୍ଡର ହାତଗଣା ବହି ମାଫିଆମାନେ ହାତେଇ ନେଉଛନ୍ତି। ସରକାରୀ ବିଜ୍ଞାପନ ନୀତି ଅଜ୍ଞ କିଛି ପ୍ରକାଶକଙ୍କ ସ୍ୱାର୍ଥସାଧନ ପାଇଁ କାର୍ଯ୍ୟ କରୁଛି। ସରକାର ଏଥିରେ ସ୍ୱଚ୍ଛତା ଆଣିବା ଆବଶ୍ୟକ। ବଡ ଅନୁଦାନରେ ହେଉଥିବା ଯୋଗାଣ କ୍ଷେତ୍ରରେ ସଂଖ୍ୟାଧିକ ଦଲାଲଙ୍କ ଉପସ୍ଥିତି ଯୋଗୁ ବିଗତ ଦିନରେ ୫୦ ରୁ ୫୫ ପ୍ରତିଶତ ରିହାତି ଦରରେ ପ୍ରକାଶକମାନେ ବିଦ୍ୟାଳୟଗୁଡିକୁ ପୁସ୍ତକ ଯୋଗାଇବାକୁ ବାଧ୍ୟ ହୋଇଛନ୍ତି। ଦଲାଲ-ଅଧିକାରୀ ମଧୁଚନ୍ଦ୍ରିକା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି।

**ସାହିତ୍ୟାନୁଷ୍ଠାନ**

ଓଡ଼ିଆ ସାହିତ୍ୟ ପୁସ୍ତକର ପ୍ରସାର କ୍ଷେତ୍ରରେ ରାଜ୍ୟର ସାହିତ୍ୟାନୁଷ୍ଠାନର ବହୁତ ବଡ ଭୂମିକା ରହିଛି। ରାଜ୍ୟରେ ୨୭ ହଜାର କବି ଥିବା କଥା ଏକଦା ଧରିତ୍ରୀ ଖବରକାଗଜର ପ୍ରକାଶକ ସ୍ୱର୍ଗତ ଦଣ୍ଡପାଣି ମିଶ୍ର କହିଥିଲେ। ସେ ୩୧୪ ବ୍ଲକର ପ୍ରତିନିଧିମାନଙ୍କ ସହାୟତାରେ ପ୍ରତି ବ୍ଲକରୁ କବିଗଣନା କରିଥିଲେ। ଆଜି ଏହି କବି ସଂଖ୍ୟା ସହ ଅନ୍ୟ ଲେଖକ ଲେଖିକାଙ୍କ ସଂଖ୍ୟା ଢେର ବଢିଗଲାଣି। ସେହି ଅନୁପାତରେ ସାହିତ୍ୟାନୁଷ୍ଠାନ ସଂଖ୍ୟା ମଧ୍ୟ ରାଜ୍ୟରେ କମ୍ ନାହିଁ। କିନ୍ତୁ ଦୁର୍ବଳତା ରହିଛି ସାହିତ୍ୟର ପ୍ରସାର କ୍ଷେତ୍ରରେ। ସାହିତ୍ୟ ଉତ୍ସବ କହିଲେ କବିତା ପାଠ, ଜଳଖିଆ, ତାଳି ଓ ଭାଷଣ ମଧ୍ୟରେ ଅନେକ ସଂସ୍ଥା ସୀମିତ ହୋଇ ରହିଛନ୍ତି। କେରଳର ଲେଖକମାନଙ୍କ ପରି ରବିବାର କିମ୍ବା ଛୁଟିଦିନ ଏମାନେ ଓଡିଆ ସାହିତ୍ୟ ପୁସ୍ତକକୁ ଝୁଲାମୁଣି ବ୍ୟାଗରେ ପକାଇ ଲୋକଙ୍କ ଘରେ ପହଞ୍ଚି ଭଲଭାବେ ବୁଝାଇପାରନ୍ତେ କିଣିବା ପାଇଁ। ଏଥିରେ ଲାଭ କ'ଣ ଅଛି ତାହା ମଧ୍ୟ କହିପାରନ୍ତେ। ଯେଉଁଠି ୨୫ବର୍ଷ ଭିତରେ ସବୁ ଛକରେ କୋକାକୋଲା ବିଦେଶରୁ ଆସି ଥଣ୍ଡାପାନୀୟ ବିକ୍ରି କରିପାରିଲା ସେଠାରେ ସାହିତ୍ୟାନୁଷ୍ଠାନ ଚାହିଁଲେ ନିଜ ଅଞ୍ଚଳରେ ପାଠାଗାର ସ୍ଥାପନା, ସ୍ଥାନୀୟ ସ୍ତରରେ ଦିନିକିଆ ପୁସ୍ତକ ବିକ୍ରି ଅଭିଯାନ ପରି କାର୍ଯ୍ୟକ୍ରମମାନ ହାତକୁ ନେଇପାରିବେ। ଗୋଟିଏ ଅନୁଷ୍ଠାନର ଏକାଧିକ ସଦସ୍ୟ ମିଶି ସମବାୟ ଭିତ୍ତିରେ ନିଜସ୍ୱ ପାଣ୍ଠି ସୃଷ୍ଟିକରି ସ୍ଥାନୀୟ ବେରୋଜଗାର ଯୁବକମାନଙ୍କୁ ପୁସ୍ତକ ବ୍ୟବସାୟରେ ସାମିଲ କରାଇପାରିବେ। ସେମାନଙ୍କୁ ଋଣ ଦେଇ ଏ ଦିଗରେ ପ୍ରୋତ୍ସାହିତ କରିପାରିବେ। ଏହା ଛଡା ବିବାହ, ବ୍ରତ, ଶ୍ରାଦ୍ଧ

**ସାହିତ୍ୟ ଉତ୍ସବ କହିଲେ କବିତା ପାଠ, ଜଳଖିଆ, ତାଳି ଓ ଭାଷଣ ମଧ୍ୟରେ ଅନେକ ସଂସ୍ଥା ସୀମିତ ହୋଇ ରହିଛନ୍ତି।**

ଆଦି କାର୍ଯ୍ୟକ୍ରମରେ ଲୋକେ ବହି ଉପହାର, ବହି ବଣ୍ଟନ ଉପରେ ଯେପରି ଜୋରଦେବେ ସାହିତ୍ୟାନୁଷ୍ଠାନଗୁଡିକ ସେଥିପାଇଁ ଅଧିକ ପ୍ରୋତ୍ସାହିତ କରିପାରିବେ।

**ପତ୍ରପତ୍ରିକା**

ଓଡିଆ ପୁସ୍ତକର ପ୍ରଚାର ପ୍ରସାର କ୍ଷେତ୍ରରେ ଓଡିଆ ଭାଷାର ପତ୍ରପତ୍ରିକାଗୁଡିକର ବଡ ଭୂମିକା ରହିଛି। ଆଜିର ଦରବର୍ଦ୍ଧିଷ୍ଣୁ ସମୟରେ ଦୈନିକ ଖବରକାଗଜରେ ଛୋଟ ପ୍ରକାଶନ ସଂସ୍ଥା ନିଜ ପୁସ୍ତକର ପ୍ରଚାର ନିମନ୍ତେ ବିଜ୍ଞାପନ ଦେବାକୁ ଅସମର୍ଥ ଥିଲାବେଳେ ପତ୍ରପତ୍ରିକାଗୁଡିକ ସ୍ୱତନ୍ତ୍ର ସୁବିଧା ଦେଇ ସହଯୋଗ କରିବା ଆବଶ୍ୟକ। ଓଡିଆ ପ୍ରକାଶନ ସୂଚୀର ପ୍ରସ୍ତୁତି ପାଇଁ ପତ୍ରପତ୍ରିକାଗୁଡିକର ଗୁରୁଦାୟିତ୍ୱ ରହିଛି। ପ୍ରତିବର୍ଷର ପ୍ରକାଶନ, ସେଗୁଡିକର ବର୍ଗୀକରଣ, ଲୋକପ୍ରିୟତା ଦୃଷ୍ଟିରୁ ଶ୍ରେଷ୍ଠ ପୁସ୍ତକର ଚୟନ ଆଦି ଅନେକ କାର୍ଯ୍ୟ ପତ୍ରିକା ସଂସ୍ଥା କରିପାରିବେ। ରାଜ୍ୟର ଦୈନିକ, ସାପ୍ତାହିକ, ମାସିକ ପତ୍ରପତ୍ରିକା ଏ ଦିଗରେ ଦୃଷ୍ଟିଦେଲେ କାର୍ଯ୍ୟ ସହଜ ହେବ।

**ଓଡିଆ ପ୍ରକାଶନ ସୂଚୀର ପ୍ରସ୍ତୁତି ପାଇଁ ପତ୍ରପତ୍ରିକାଗୁଡିକର ଗୁରୁଦାୟିତ୍ୱ ରହିଛି।**

**ଶିଳ୍ପସଂସ୍ଥା ଓ ସାମାଜିକ ଅନୁଷ୍ଠାନ**

ପ୍ରାଦେଶିକ ଏବଂ ଆଞ୍ଚଳିକ ଭାଷାର ପୁସ୍ତକ ପ୍ରକାଶକ, ପୁସ୍ତକ ବିତରଣ କ୍ଷେତ୍ରରେ ଶିଳ୍ପସଂସ୍ଥା ଓ ସାମାଜିକ ଅନୁଷ୍ଠାନ ଅନେକ ସାହାଯ୍ୟ କରିପାରିବେ। ବଡ ଶିଳ୍ପର ସିଏସ୍‌ଆର୍ ପାଣ୍ଠିକୁ ଉପଯୋଗ କରାଯାଇ ପୁସ୍ତକ କ୍ରୟ କରାଯାଇପାରିବ। ସେହି ପୁସ୍ତକକୁ ଶିକ୍ଷାନୁଷ୍ଠାନ ଏବଂ ପାଠାଗାରଗୁଡିକୁ ବିତରଣ କରାଯାଇପାରିବ। ସେମିତି ଜିଲ୍ଲା ଖଣିଜ ସମ୍ପଦ ପାଣ୍ଠି ମଧ୍ୟ ଏଥିପାଇଁ ଉପଯୋଗ ହୋଇପାରେ। ଶିଳ୍ପ ସଂସ୍ଥାଗୁଡିକର ଟ୍ରଷ୍ଟ ମାଧ୍ୟମରେ ଏହି ପୁସ୍ତକ ବିତରଣ ହେବାରେ କିଛି ଅସୁବିଧା ନାହିଁ। ସେମିତି ସ୍ୱେଚ୍ଛାସେବୀ ସଙ୍ଗଠନ, ଟ୍ରଷ୍ଟ, ସଂସ୍ଥାଗୁଡିକ ସେମାନଙ୍କ ପ୍ରକଳ୍ପରେ ପୁସ୍ତକ ବିତରଣକୁ ସ୍ଥାନ ଦେଲେ ରାଜ୍ୟରେ ପୁସ୍ତକ ପ୍ରସାର କାର୍ଯ୍ୟ ଅଧିକ ଗତିଶୀଳ ହେବ।

**ଶିକ୍ଷାନୁଷ୍ଠାନ**

ରାଜ୍ୟରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଡାକ୍ତରୀ, ଇଞ୍ଜିନିୟରିଂ, ବ୍ୟାବସାୟିକ, ପରିଚାଳନା, ଆଇନ ଏବଂ ଅନ୍ୟାନ୍ୟ ପେସାପାଇଁ ଶିକ୍ଷାଦାନ କରୁଥିବା ଅନୁଷ୍ଠାନଗୁଡିକର ସଂଖ୍ୟା ୭୦,୦୦୦ରୁ ଅଧିକ ହେବ। ଏଥିରେ ଉଭୟ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକ ରହିଛି। ଶିକ୍ଷାନୁଷ୍ଠାନଗୁଡିକ ପାଠାଗାର ପୁସ୍ତକ କ୍ରୟ ସମୟରେ ଭଲ ଏବଂ ନିର୍ବାଚିତ ପୁସ୍ତକଗୁଡିକୁ ଚୟନ କରି ପ୍ରତିବର୍ଷ ପ୍ରକାଶନ କ୍ଷେତ୍ରକୁ ସାହାଯ୍ୟ କରିପାରିବେ। ଯଦି ଶିକ୍ଷାନୁଷ୍ଠାନ ସ୍ଥାନୀୟ ଲୋକଙ୍କ ପାଇଁ ସାଧାରଣ ପଠନଗୃହର ସୁବିଧା ପ୍ରଦାନ କରିପାରନ୍ତେ ତେବେ ସେଠାରେ ମଧ୍ୟ ପୁସ୍ତକଗୁଡିକ ରହିପାରିବ। ବହି କ୍ରୟ ପାଇଁ ଶିକ୍ଷାନୁଷ୍ଠାନଗୁଡିକରେ ସବୁଠୁ ଅଧିକ ଅର୍ଥ ରହିଥାଏ। ଏହାର ଉପଯୁକ୍ତ ଉପଯୋଗ ପ୍ରତିବର୍ଷ ହେବା ଉଚିତ୍।

**ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସଂସ୍ଥା**

ପୂର୍ବେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ଗବେଷଣାତ୍ମକ ସନ୍ଦର୍ଭଗୁଡିକର ପ୍ରକାଶନ, ବିକ୍ରୟ ପାଇଁ ନିଜସ୍ୱ ସଂସ୍ଥା ରଖିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୦୦ରୁ ଅଧିକ ପୃଷ୍ଠାର ଜ୍ଞାନକୋଷ ପୁସ୍ତକ ଅତୀତରେ ପ୍ରକାଶ ପାଇଥିଲା। କମ୍ ମୂଲ୍ୟରେ ଅନେକ ଦୁଷ୍ପ୍ରାପ୍ୟ ଗ୍ରନ୍ଥର ପ୍ରକାଶନ କାର୍ଯ୍ୟ ହୋଇଥିଲା। ଓଡିଶାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ ଦିଗରେ ଅଧିକ ଦୃଷ୍ଟିଦେଲେ ଅନେକ ପୋଥି, ଗ୍ରନ୍ଥ, ସନ୍ଦର୍ଭ ଆଦି ପ୍ରକାଶ ହୋଇପାରନ୍ତା। ପ୍ରକାଶନ ପାଇଁ ସ୍ୱତନ୍ତ୍ର ଅନୁଦାନ ବ୍ୟବସ୍ଥା ରହିଥିବା ଯୋଗୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସେହି ପାଣ୍ଠିକୁ ଉପଯୋଗ କରିବା ଆବଶ୍ୟକ।

ସରକାରଙ୍କ ସଂସ୍ଥା କେନ୍ଦ୍ର ସାହିତ୍ୟ ଏକାଡେମୀ, ରାଜ୍ୟ ସାହିତ୍ୟ ଏକାଡେମୀ, ଅଭିଲେଖାଗାର, ସଂଗ୍ରହାଳୟ ଆଦି ଅନେକ ପୁସ୍ତକ ପ୍ରକାଶ କରିଛନ୍ତି। କିନ୍ତୁ ଓଡିଆ ସାହିତ୍ୟର ପ୍ରକାଶନ ଓ ବ୍ୟବସ୍ଥିତ ବିକ୍ରୟ ପାଇଁ ଓଡିଶାରେ ଆବଶ୍ୟକ ଭଣ୍ଡାରମାନ ହୋଇପାରିନାହିଁ। ଯାହା ଫଳରେ କଟକ-ଭୁବନେଶ୍ୱରକୁ ବାଦଦେଲେ ସହରରେ ପୁସ୍ତକ ବିକ୍ରୟ ବ୍ୟବସ୍ଥା ନାହିଁ। ରାଜ୍ୟର ଭିନ୍ନ ଭିନ୍ନ ଜିଲ୍ଲାରେ ସଂସ୍କୃତି ଭବନଗୁଡିକ ନିର୍ମିତ ହୋଇଥିବାରୁ ସେଠାରେ ସାହିତ୍ୟ ଏକାଡେମୀ, ନେସନାଲ ବୁକ୍ ଟ୍ରଷ୍ଟ, ପ୍ରକାଶନ ବିଭାଗର ଓଡିଆ ପୁସ୍ତକ ବିକ୍ରିର ବ୍ୟବସ୍ଥା ହେଲେ ଜିଲ୍ଲାର ପାଠକମାନେ ନିଜ ଅଞ୍ଚଳରେ ଭଲ ପୁସ୍ତକ ପାଇପାରନ୍ତେ।

□□

ଲେଖକଙ୍କ ଇ-ମେଲ ଠିକଣା:
soumendrajena1994@gmail.com

ଗଳ୍ପ

# ମାଳତୀ



ଆର୍ତ୍ତତ୍ରାଣ ମହାପାତ୍ର

ସାହସପୁର ପଞ୍ଚାୟତ ହେଉଛି ବନ୍ୟାଞ୍ଚଳ। ଜଳସେଚନ ସୁବିଧା ନ ଥିବାରୁ ବର୍ଷେ ଫସଲ ହେଲେ ବର୍ଷେ ମରୁଡି। ଇନ୍ଦ୍ର ପାଳିରେ ଭଲ ଫସଲ ଫଳେ। ସେଥିପାଇଁ ଶିକ୍ଷିତ ପିଲାମାନେ ଯିଏ ବାହାରକୁ ଗଲା ସେ ଆଉ ଗାଁ ମୁହଁ ଦେଖିବା ତା' ପାଇଁ ସାତ ସପନ ହୋଇଯାଏ।

ସରକାରଙ୍କ ଯୋଜନା ପରେ ଯୋଜନା, କିନ୍ତୁ ସବୁ ବାଟମାରଣା। ଖାତା ଖତିଆନରେ ପୋଖରୀ କୂଅ, ଚୁଆ ସବୁ ତିଆରି ହୋଇଛି। କିନ୍ତୁ ଖୋଜିଲେ ପାଇବେନି, କହିବେ ଚୋରି ହୋଇଯାଇଛି ପୋଖରୀ କୂଅ, ଚୁଆ। ଏବେ ମୁଣ୍ଡିଆ ପାହାଡଟି ଆଉ ଦିଶୁନି। ବୁଢ଼ାବୁଢ଼ୀଙ୍କୁ ପଚାରିଲେ କୁହନ୍ତି ଏଠି ପାହାଡ ବି ଟୁକୁ ସାହୁ ପୁଅ ଚୋରିକରି, କୋଠା ଉପରେ କୋଠା, ପ୍ଲଟ ପରେ ପ୍ଲଟ ରାଜଧାନୀରେ କିଣି ଚାଲିଛି। ଦିନଥିଲା ଏଠି ବର୍ଷା ଖରା ଶୀତ, ବସନ୍ତ, ହେମନ୍ତ ଋତୁ ବି ବାରି ହୋଇପଡୁଥିଲା। ଏବେ ଖରାରେ ଶୀତ, ଶୀତରେ ବର୍ଷା, ବସନ୍ତରେ ବହେ ଗମ୍‌ଗମ୍ ଝାଳ ସବୁକିଛି ବଦଳି ବଦଳି ଯାଇଛି। ଆମ୍ବଗଛରୁ ଆଉ ଶୁଭୁନି କୋଇଲିର କୁହୁକୁହୁ ତାନ।



ସାହସପୁର ପଞ୍ଚାୟତ ହରିପୁର ଗ୍ରାମର ବିଶ୍ୱନାଥଙ୍କର ଘରବାଡି ଜମି ମିଶି ମାତ୍ର ଅଢ଼େଇ ଏକର। ତା' ସହିତ ଭାଗବଖରା କରି ଚଳେଇ ନେଉଥିଲା ତା'ର ଛୋଟ ସଂସାରକୁ ନେଇ। ପରିବାର କହିଲେ ଗୋଟିଏ ପୁଅ, ଗୋଟିଏ ଝିଅ, ସ୍ୱାମୀ ସ୍ତ୍ରୀ ସହିତ ତା'ର ମା। ବିଶ୍ୱନାଥ ଯେଉଁଦିନ କଳର ଟେଲିଭିଜନ, ଗଡ୍ରେଜ୍ ଆଲମାରୀ, ଫ୍ରିଜ୍, ୱାସିଂ ମେସିନ, ସ୍ମାର୍ଟଫୋନ ପାଇଁ ପୁଞ୍ଜିର ଇନ୍ଦ୍ରଜାଲ କବଜରେ ପଡିଲା ସେହିଦିନୁ ଋଣଗ୍ରସ୍ତ ହୋଇ ଶେଷରେ ବାପ ପୁଅ ଅଧିକ ଧନ ଉପାର୍ଜନ ପାଇଁ ବିଦେଶ କାମ କରିବାକୁ ଚାଲିଯାଇଥିଲେ।

କାମ କରିବାର କିଛି ଦିନ ପରେ ପୁଅ ଚାଲିଗଲା ଲିଭର୍ ଜଣ୍ଡିସ୍‌ରେ। ଏବେ ବାପ ଚାଲିଗଲା ସାତ ତାଳାରେ ରଙ୍ଗ ଦେଉଥିଲା ବେଳେ ବମ୍ୱେରେ, ଉପରୁ ଗଳିପଡି। କିଛିଦିନ ତଳେ ମାଳତୀର ମା' ପେଟ ରୋଗରେ ଚାଲିଯାଇଥିଲା। ଏବେ ଏଇ ଘରେ ଝିଅ ମାଳତୀ ଓ ତା'ର ଭୂଇଁରେ ନାକି ଲାଗୁଥବା ବୁଢ଼ୀ ମା'।

ମାଳତୀ ଆଖିରୁ ଧାର ଧାର ହୋଇ ଲୁହ ବୋହିଯାଉଛି, ପାଟିରେ ଭାଷା ନାହିଁ ମୂକ ପାଲଟି ଯାଇଛି ମାଳତୀ। ତାକୁ ତା'ର ପିଲାଦିନର ସାଙ୍ଗ ସମୀର ଖାନ ସାନ୍ତ୍ୱନା ଦେଉଛି, ତୁ କାନ୍ଦେନା, ଯାହା ହବାର ଥିଲା ହୋଇଗଲା, ଜୀବନ ହେଉଛି ଗୋଟେ ସଂଘର୍ଷ।

ମାଳତୀର ବୁଢ଼ୀମା' ଭୂଇଁରେ ଗଡୁଛି, ମୋ ପୁଅ ମୋ ପୁଅ କହି ଲହରେଇ ଲହରେଇ କାନ୍ଦୁଛି। କହିଥିଲା ରଜକୁ ଆସିବ ବୋଲି। ହାଏରେ କପାଳ କହି କପାଳରେ ହାତର ପାପୁଲିକୁ ବାରମ୍ୱାର ପିଟିଚାଲିଛି।

ସାହିର ପୁରୁଣା ଲୋକ ସବୁ ଜମା ହୋଇଛନ୍ତି। ଗାଁର ଡାଗର ଟୋକାମାନେ କେହି ନାହାନ୍ତି। ଖାଲି ଯାହା ବୁଢ଼ାବୁଢ଼ୀ ଛୁଆ ମାଇପେ ଅଛନ୍ତି। ସମସ୍ତଙ୍କ ମୁହଁରେ ଗୋଟିଏ କଥା, ବାହାରକୁ ଗଲେ ଜୀବନ ନିରାପଦ ନୁହେଁ, ହିଡମାଟି ହିଡରେ ଲଦି ବଂଚିଗଲେ ହେଲା। ଜୀବନର ଶେଷ ନିଦ୍ରା ଗାଁ ମାଟି କୋଳରେ ଜୀବନଗଲେ ଜୀବନର ପୂର୍ଣ୍ଣତା ଅଛି। ସାହସପୁର ପଞ୍ଚାୟତ ହରିପୁର ଗାଁରେ ପହଞ୍ଚିଲା ବିଶ୍ୱନାଥର ଶବ। ଲୋକ କହିଲେ କ୍ରିୟା ଦେବ କିଏ? ପୁଅ ତ ନାହିଁ। ମାଳତୀ କହିଲା ମୁଁ ଦେବି ଯାହାର ପୁଅ ନାହିଁ ତା'ର କ୍ରିୟାକର୍ମ ହେଉନାହିଁ?

ପୁଅ ଅଧିକ କ'ଣ କରିବ । ଶବ ସତ୍କାରରୁ ଏକାଦଶାହର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ଚାଲିଗଲା, ଏତେ ବଡ଼ କାର୍ଯ୍ୟ ବାହି ନେବାରେ ମାଳତୀକୁ ସାହାଯ୍ୟ କଲେ ସମୀର ଖାନ୍ ଓ ସମାଜ ସେବୀ ଅବିନାଶ । ସମୀର ଖାନ୍, ଅବିନାଶଙ୍କର ସେବାକାର୍ଯ୍ୟକୁ ଦେଖି ସରପଞ୍ଚ କାଳିନ୍ଦୀ ରାଏ ଚୌଧୁରୀ ଭୀଷଣ ରାଗିଗଲେ ଏବଂ ସମୀର ଖାନ୍‌ଙ୍କୁ ଚଢିକି କହିଲେ ତୁ ମୁସଲମାନ ଟୋକା ଏମାନେ ହେଉଛନ୍ତି ହିନ୍ଦୁ ତୋର ଏଠିକି ଆସିବା ଦରକାର ନାହିଁ । ଯଦି ଏଠାରେ ତୋତେ ଥରେ ଦେଖେ ତୋର ଚୋପା ଛଡେଇଦେବି । ସମୀର ଖାନ କହିଲେ ଦେଖନ୍ତୁ ଆଜ୍ଞା ମାଳତୀ ମୋର ପିଲାଦିନର ସାଙ୍ଗ, ବିପଦରେ ସାହାଯ୍ୟ କଲେ କ୍ଷତି କ'ଣ ? ଧର୍ମ ହେଉଛି ବ୍ୟକ୍ତିଗତ, ଏତିକି କହି ଚାଲିଯାଇଥିଲା ତା'ର ଘରକୁ ।

କାଳିନ୍ଦୀ ରାୟ ଚୌଧୁରୀ ହେଉଛନ୍ତି ସେ ଅଞ୍ଚଳର ଜମିଦାର ବଂଶ । କର୍ପୂର ଉଡିଯାଇଛି ସିନା କନା ପଡିରହିଛି । ସ୍ୱାଧୀନତା ପରେ ତାଙ୍କ ବଂଶର କେହି ବା କେହି ସରପଞ୍ଚ ହେଉଛନ୍ତି । ଗତଥର ସାହସପୁର ପଞ୍ଚାୟତ ମହିଳା ସିଟ୍ ହୋଇଯିବାରୁ କାଳିନ୍ଦୀଙ୍କର ପତ୍ନୀ ଶୁଭଲକ୍ଷ୍ମୀ ଏବେ ସରପଞ୍ଚ । କିନ୍ତୁ ସେ ଏକ ସଖୀ କଣ୍ଢେଇ । ଆଜିଯାଏ ପଞ୍ଚାୟତ ଅଫିସ୍‌ର ବାରଣ୍ଡା ଦେଖିନାହାନ୍ତି । ପଞ୍ଚାୟତର ସମସ୍ତ କାର୍ଯ୍ୟ ତାଙ୍କ ଘରେ ହୋଇଯାଏ, ପଞ୍ଚାୟତ ଅଫିସିଟା ଖାଲି ନାମକୁ ମାତ୍ର, କେହି କେହି ବଗୁଲିଆ ଟୋକା କୁହନ୍ତି ପଞ୍ଚାୟତ ଅଫିସ୍‌ଟି କାଳିନ୍ଦୀ ରାୟ ଚୌଧୁରୀଙ୍କର ରଙ୍ଗଶାଳା, ରଙ୍ଗ ଶାଳା ପାଇଁ ଯାହାର ଦରକାର ସବୁ ଯୋଗାଇ ଦିଅନ୍ତି ଟୁକୁ ସାହୁ ପୁଅ ସଂପଦ ।

ସମାଜରେ ବଞ୍ଚି ରହିବା ପାଇଁ ମାଳତୀକୁ ମନରେ ଦୃଢ଼ ବଳ ଯୋଗାଇ ଦେଉଥାନ୍ତି ସମାଜସେବୀ ଅବିନାଶ ଓ ସମୀର ଖାନ୍, ସବୁବେଳେ ବୁଝାଉଥାନ୍ତି, ବୁଝିଲ ମାଳତୀ ଏ ସମୟ ରହିବ ନାହିଁ । ଜୀବନଟା ଗୋଟେ ସଂଘର୍ଷ, ସଂଘର୍ଷ ବିନା ଜୀବନର ମୂଲ୍ୟ କ'ଣ ?

ମାଳତୀ ବୁଝିପାରିଲା ଲୁହ ନ ଗଡେଇ ତାକୁ ବଞ୍ଚିବାକୁ ପଡିବ । ଖାସ୍ ତା' ବୁଢ଼ୀମା ପାଇଁ । କାଳନ୍ଦୀ ରାୟ ଚୌଧୁରୀ କେତେଥର କହିଲେଣି ମାଳତୀ ମୋର ଅଫିସରେ ମୋର ପିଏ ହୋଇଯାଅ ତୁମେ ଆରାମରେ ଚଳିଯିବ । ମାଳତୀ ଜାଣେ କାଳିନ୍ଦୀଙ୍କର କେତେ କଳଙ୍କ, ମିତାରାଣୀ କିପରି ପଞ୍ଚାୟତ ଅଫିସ୍‌ରେ ଆତ୍ମହତ୍ୟା କଲା, ହତ୍ୟା କି ଆତ୍ମହତ୍ୟା ଏ ପର୍ଯ୍ୟନ୍ତ ସରକାରୀ ତଦନ୍ତ ସରୁ ନାହିଁ, କି ଦୋଷୀ ଧରାପଡୁନାହିଁ । ଭୋଟ ଆସିଲେ ଖାଲି ଚିତ୍କାର ଶୁଣେ, କାଳିନ୍ଦୀ ରାୟ ଚୌଧୁରୀ ଗୋଟେ ଏଭଳି ଲୋକ, ଜାତିଜାତି, ଧର୍ମ ଧର୍ମକୁ ନେଇ ଦଙ୍ଗା କରିପାରେ, ଗୃହଦାହ ଠାରୁ ରକ୍ତରେ ହୋଲି ଖେଳିବା ପର୍ଯ୍ୟନ୍ତ ହୃଦୟ ବିଦାରକ ଦୃଶ୍ୟ ଦେଖାଇ ଦେଇପାରେ ! ସେ ମଣିଷ ନୁହେଁ ପାଷାଣଟାଏ । ଯେତେବେଳେ ଭୋଟ ଆସେ, ନିଜ ସ୍ୱାର୍ଥ ପାଇଁ ଭୋଟରଙ୍କ ପାଦ ଚାଟିପାରେ, ଗଳାକୁ ମଧ୍ୟ ଚିପିଦେଇପାରେ । ବଡ ଭୟଙ୍କର ଲୋକ କାଳିନ୍ଦୀ ରାୟ ଚୌଧୁରୀ ।

ମାଳତୀକୁ ତ ପଞ୍ଚାୟତ ଅଫିସକୁ ଯିବାକୁ ହେବ ବୁଢ଼ୀମା'ର ଭତ୍ତା ଟଙ୍କା ପାଇଁ । ତେଣୁ ଆଜି ଆସିଛି ପଞ୍ଚାୟତ ଅଫିସ । ସେଠାରେ ଦେଖିଲା ବେଳକୁ ଅଫିସ ଭିତରେ ଟୁକୁ ସାହୁ ପୁଅ ସଂପଦ ଓ କାଳିନ୍ଦୀ ରାୟ ଚୌଧୁରୀ । ମାଳତୀକୁ ଦେଖୁ ଦେଖୁ ସଂପଦ ଚାଲିଗଲା, କାଳିନ୍ଦୀ ଉତ୍‌ଫୁଲିତ ହୋଇ ପ୍ରଗଳ୍‌ଭ ଭାବରେ ଏଣୁ ତେଣୁ କ'ଣ କ'ଣ ସବୁ ବକି ଚାଲିଥାଏ । ମାଳତୀ କାଳିନ୍ଦୀ ରାୟ ଚୌଧୁରୀ କଥାକୁ ଧ୍ୟାନ ନ ଦେଇ, ପଚାରିଲା ? ଆଜି ଅଫିସରେ କେହି ନାହାନ୍ତି କି ? କାଳିନ୍ଦୀ ଚୌଧୁରୀଙ୍କର ଦେହଟା ଝାଳେଇଗଲା । ଜିଭ ନାଳେଇଗଲା, କଣ୍ଠ ଥରି ଉଠିଲା, ଆରେ କ'ଣ ଦରକାର କୁହନା । ଅଫିସ୍ ପରା ତୁମର, ତୁମମାନଙ୍କ ଦ୍ୱାରା, ତୁମମାନଙ୍କ ପାଇଁ, ପଞ୍ଚାୟତ ଅଫିସ । ଆଉ ତୁମେ କହିଲେ ମୁଁ, ପୁରା ସ୍ୱର୍ଗରୁ ପାରିଜାତ ଆଣି ଖୋସି ଦେବି ତୁମ ଗଭାରେ । ଏତିକି କହି ମାଳତୀର ମଥାକୁ ହାତ ନେବାବେଳେ ଅଧାରୁ ଅଟକିଗଲା କାଳିନ୍ଦୀର ହାତ ।

ମାଳତୀ ଦେଖିଲା ଲୋକଟା ହାତରେ ମଲ୍ଲିଫୁଲଗଜରା ବାନ୍ଧିଛି, ଚମ୍ପାଫୁଲର ଅତର ମହ ମହ ବାସୁଛି, ହେଲେ ପାଦଟା ଏପଟ ସେପଟ ଟଳମଳ ହେଉଛି । କିନ୍ତୁ ଚେତନା ଘର ଠିକ୍‌ଠାକ୍ ଅଛି । ମାଳତୀ କହିଲା କଥା କ'ଣ କି ? ମୁଁ ଆସିଥିଲି ମୋ ବୁଢ଼ୀ ମା'ର ଭତ୍ତା ଟଙ୍କା ପାଇଁ । ମୁରୁକି ହସି କହିଲା କାଳିନ୍ଦୀ, ଏହି ଗୋଟେ କଥା । ଆରେ ତୁମେ ମୋତେ କହିଥିଲେ ମୁଁ ପରା ତୁମ ଘରେ ପହଞ୍ଚାଇଦେଇ ଆସିଥାନ୍ତି । ପାଟିରୁ ପାନର ରସ ଓଠରୁ ବୋହି ଆସିଲା କାଳିନ୍ଦୀଙ୍କର ।

**ବୁଝିଲ ମାଳତୀ, ଏ ସମୟ ରହିବ ନାହିଁ । ଜୀବନଟା ଗୋଟେ ସଂଘର୍ଷ, ସଂଘର୍ଷ ବିନା ଜୀବନର ମୂଲ୍ୟ କ'ଣ ?**

ଝରକାବାଟେ ପାଟିରୁ ପିଚ୍‌କାରୀ ଛାଡି କହିଲେ, ବୁଝିଲ ମାଳତୀ ମାନେ ମଧୁ ମାଳତୀ, ତୁମେ ମୋର ପିଏ ହୋଇଯାଅ, ତୁମର ମୁଁ କିଛି ଅସୁବିଧା ରଖିବି ନାହିଁ। ତୁମ ପାଇଁ ପ୍ରଧାନମନ୍ତ୍ରୀ ଆବାସିକ ଯୋଜନାରେ ଘର ଯୋଗାଇଦେବି, ତୁମ ନାମରେ ଅନ୍ନପୂର୍ଣ୍ଣା ଯୋଜନା କରି ଦେବି, ଚିନ୍ତା କ'ଣ ? ତୁମର ଅମାପ ବୁଦ୍ଧି ଜ୍ଞାନ ଅଛି, ତୁମେ ମୋ ପାଖକୁ ଆସିଗଲେ ଏଥର ନିଶ୍ଚୟ ବିଧାୟକ ଟିକେଟ୍ ତା'ପରେ ମୁଁ ମନ୍ତ୍ରୀ। ହାଃ.... ହାଃ.... ଏ ଲୋକମାନଙ୍କୁ ମୁଁ କେତେଥର କହିଛି, କେହି ବାହାରକୁ ଯାଅ ନାହିଁ। ଗାନ୍ଧି କହିଥିଲେ କୁଟି ଖାଅ କାଟି ପିନ୍ଧ, ମୋ କଥା କ'ଣ କିଏ ମାନୁଛନ୍ତି ? ଏବେ ନିକଟରେ ଦେଖ ତୁମ ଭାଇ ଓ ତୁମ ବାପାଙ୍କର ମରଶରୀରକୁ ଆଣିବା ପାଇଁ ମୁଁ କେତେ କଷ୍ଟ ନ କରିଛି, ଶେଷରେ ଶ୍ରମମନ୍ତ୍ରୀଙ୍କ ଗୋଡ ଧରିବାକୁ ମୋତେ ପଡିଲା। ତୁମ ମୁହଁକୁ ଚାହିଁ।



ମାଳତୀ ମୁହଁ ତଳକୁ କରି ଛିଡା ହୋଇଥିଲା ଗୋଟିଏ ନିରୀହ ହରିଣୀ ପରି। ଶିକାର ପୂର୍ବରୁ ଗୋଟାଏ ବାଘ ଯେପରି ତା'ର ଶିକାର ଉପରେ ପନ୍‌ଝା ମାରିବାକୁ ପ୍ରସ୍ତୁତ ହେଉଥିଲା। ମାଳତୀକୁ ବୁଝିବାକୁ ବାକି ନ ଥିଲା, କଥାର ମୋଡ ବଦଳାଇ କାଳିନ୍ଦୀ କହିଲେ, ବୁଝିଲ ମାଳତୀ, ଗାନ୍ଧୀ କହିଥିଲେ ଝିଅଟିଏ ଯେଉଁଦିନ ରାଜରାସ୍ତାରେ ରାତି ବାରଟାରେ ଏକୁଟିଆ ଯାଇପାରିବ ନିର୍ଭୟରେ ସେହିଦିନ ଆମେ ସ୍ୱାଧୀନ ହେଲୁ ବୋଲି ଜାଣିବ। ପ୍ରତିଟି ଗ୍ରାମପଞ୍ଚାୟତ ଗୋଟେ ଗୋଟେ ଆତ୍ମନିର୍ଭର ଦେଶ ହେବା ଦରକାର। ମାଳତୀ କହିଲା, ବୁଝିଲେ ଆଜ୍ଞା, କଥା ଓ କାର୍ଯ୍ୟରେ ଯଦି ସମନ୍ୱୟ ରୁହନ୍ତା ତେବେ ଗାଁ ଛାଡି ଧୂଳିଧୂଆଁ ଅସ୍ୱାସ୍ଥ୍ୟକର ପରିବେଶରେ ମଣିଷ ପେଟ ପାଇଁ ଦାଦନ ହୋଇ ଜୀବନ ଦିଅନ୍ତା ନାହିଁ।

କାଳିନ୍ଦୀ ହସି କୁଲୁରି ଉଠିଲା, ବାଃ କି ଜ୍ଞାନ ତୁମର, ମୁଁ କେତେଥର କହିଛି ଶୁଭଲକ୍ଷ୍ମୀକୁ, ସେ କ'ଣ ବୁଝିଲା ? ସେଥିପାଇଁ ମୁଁ ତାଙ୍କୁ ଘରର ଏରୁଣ୍ଡି ବନ୍ଧ ଡେଇଁବାକୁ ଦେଇନି। ଆଜିଯାଏ ଅଫିସର ସମସ୍ତ କାର୍ଯ୍ୟ ମୁଁ କରୁଛି। ସେ ନାମକୁ ମାତ୍ର ସରପଞ୍ଚ।

ଏତିକି କହି ସାରିଲା ପରେ ମାଳତୀର ହାତକୁ ଧରି ପକାଇ ପ୍ରେମ ନିବେଦନ କଲା କାଳିନ୍ଦୀ। ମାଳତୀ ନିଜର ସମସ୍ତ ଶକ୍ତି ଲଗାଇ ଏକ ଶକ୍ତ ଚାପୁଡା ଦେଇ ଠେଲିଦେଲା ଏବଂ ବାଟ ଖୋଜିଲା ବାହାରି ଆସିବା ପାଇଁ। ହେଲେ ନିଷ୍ଫଳ ହେଲା। ଗୋଟାଏ ଆହତ ପକ୍ଷୀ ଘର ଭିତରେ ମୃତ୍ୟୁର ଭୟରେ ଚିତ୍କାର କଲା ଶିକାରୀ କବଳରୁ ଖସିବା ପାଇଁ। ହେଲେ ଉପାୟ ଶୂନ୍ୟ। ବାହାର ପଟୁ ସଂପଦ ସାହୁ କବାଟର ଶିକୁଳି ଦେଇ ଚାଲିଯାଇଥିଲା।

ମାଳତୀ ନିରୁପାୟ। ଖାଲି ଚିତ୍କାର ପରେ ଚିତ୍କାର ଏହି ସମୟରେ ସମୀର ଖାନ୍ ଆସି ପହଞ୍ଚିଲା ତା ବୁଢ଼ୀମାର ଭଡା ଟଙ୍କା ପାଇଁ। ଜଣେ ନାରୀର ଆର୍ତ୍ତଚିତ୍କାର ! କବାଟ ଶିକୁଳି ଖୋଲି ଦେଖେ ମାଳତୀ। ଭୟ ମିଶା ଆତଙ୍କରେ ଶିହରି ଉଠିଲା ସମୀର ଖାନ୍। ଡେରି ନ କରି କାଳିନ୍ଦୀଙ୍କୁ ଧକ୍କା ପରେ ଧକ୍କା, ଚାପୁଡା ଦେଇ ନିଜର ଗାମୁଛା ଘୋଡାଇ ନେଇଗଲା ମାଳତୀକୁ କାଳିନ୍ଦୀ କବଳରୁ। କାଳିନ୍ଦୀ କହିଲା ଦେଖ୍ ଶଳା ପଠାଣ ଟୋକା ତୋତେ ଛାଡିବିନି, ତୁ ମୋତେ ଜାଣିନୁ ତୋତେ ବରବାଦ୍ କରି ଦେବି। ସଂପଦ ସାହୁ କଥାଟା ଓଲଟାଇ ପ୍ରଘଟ କରେ ଯେ ମାଳତୀ ଓ ସମୀର ଖାନ୍‌ର ପ୍ରେମ କାହାଣୀ ସହିତ ପଞ୍ଚାୟତ ଅଫିସିରୁ ଚୋରି ହୋଇଚି ଟଙ୍କା। କାଳିନ୍ଦୀ ନିଜକୁ ବଞ୍ଚାଇବା ପାଇଁ ଥାନାରେ ଯାଇ ଅଭିଯୋଗ କରେ। ସମୀରକୁ ପୋଲିସ ଗିରଫ କରେ ଚୋରି ଅଭିଯୋଗରେ। ଥାନାବାବୁ କାଳିନ୍ଦୀଙ୍କ କଥାରେ ଉଠ୍‌ବସ୍ ହୁଅନ୍ତି। ମାଳତୀର ଇଜତ୍ ପାଇଁ ସମୀର ଖାନ୍ ସହି ନିଏ ପୋଲିସର ସମସ୍ତ ଅତ୍ୟାଚାର।

ମାଳତୀ ଘରେ ପହଞ୍ଚିଲା ବେଳକୁ ତା'ର ବୁଢ଼ୀ ମା ମରିଯାଇଛି, ଚାରିଦିନ ହେବ ଜ୍ୱରରେ କମ୍ପୁଥିଲା। ମାଳତୀ ଆସିଥିଲା ଭଡା ଟଙ୍କା ନେଇ ଔଷଧ କିଣିଥାନ୍ତା। ହେଲେ ଦୁର୍ଭାଗ୍ୟ। କଥାରେ ଅଛି ବିପଦ ଯେତେବେଳେ ଆସେ ତା'ର ଭାଇବନ୍ଧୁ କୁଟୁମ୍ବକୁ ଧରିକି ଆସେ, କରିବ କ'ଣ ? ତାର ସାହା ଭରସା ଆଉ ଅଛି କିଏ ? ଦେହରେ ଭରା ଯୌବନ, ସେଥିପାଇଁ ଅନେକ ଅପବାଦ। ସହର ନୁହେଁ ଯେ କିଏ

କାହାକୁ ଜାଣିବେନି, ଏ ହେଉଛି ଗାଁ ପଞ୍ଚାୟତ। କେହି କେହି କହିବା ଆରମ୍ଭ କଲେଣି ଅଲକ୍ଷଣୀଟା ବାପା, ମା', ଭାଇ ସମସ୍ତଙ୍କୁ ଖାଇଲାଣି। ଉଆଁସି କନ୍ୟା ହୋଇଥିବ। ଆଉ କେହି କହିଲେଣି, ଶନି ରାହୁ ମହାଦଶା ପଡିଚି ସେଥିପାଇଁ ଏପରି ଅବସ୍ଥା ଭୋଗିଲାଣି ମାଳତୀ।

ବିପଦରେ ପଡିଲେ ମଣିଷର ବୁଦ୍ଧି ଆସେ, ଅବିନାଶ କାମ ଯୋଗାଇ ଦେଲା ମାଳତୀକୁ। ସମୀର ଖାନ୍ ଇତି ମଧ୍ୟରେ ଜେଲ୍‌ରୁ ମୁକୁଳିଗଲାଣି, ନିଜର ବୁଦ୍ଧି ବଳ ଖଟାଇ ନିଜ ଘରେ ମହିଳା ସମିତି କରି ବହୁ ସ୍ତ୍ରୀ ଲୋକଙ୍କୁ ନିଜ ଗୋଡରେ ଛିଡା ହେବାର କୌଶଳ ଶିକ୍ଷାଦେଲାଣି। ସେଥିପାଇଁ କାଳିନ୍ଦୀର ଚକ୍ଷୁଶୂଳ ହେଲାଣି। ଯେତେ ନିନ୍ଦା ଅପବାଦ ଦେଲେ ବି ସୁନା ସୁନା ବୋଲି ଆଜି ପ୍ରମାଣ ଦେଇଛି ମାଳତୀ। ଏବେ ଅବିନାଶ ସହିତ ମାଳତୀ ମିଶି ଅନ୍ୟାୟର ପ୍ରତିବାଦ ଶିଖିଗଲାଣି। ପଞ୍ଚାୟତର ଭଲ ମନ୍ଦରେ ମୁଣ୍ଡ ପୂରାଇଲାଣି, ପଞ୍ଚାୟତର ଲାଭ କ୍ଷତିର ହିସାବ ମାଗିବା ଆରମ୍ଭ କଲାଣି।

ଗାଁ ଗାଁରେ ଭୂତପ୍ରେତ ଅନ୍ଧବିଶ୍ୱାସ ବିରୁଦ୍ଧରେ ସଚେତନତା ତିଆରି କଲାଣି। ମନ୍ତ୍ରତନ୍ତ୍ର ମିଛ, ବୈଜ୍ଞାନିକ ବାର୍ତ୍ତା ପ୍ରଚାର କରି ଆଦର୍ଶ ମହିଳା ପୁରସ୍କାର ପାଇଲାଣି ମାଳତୀ।

ଏବେ କାଳିନ୍ଦୀର ପତ୍ନୀ ଶୁଭଲକ୍ଷ୍ମୀ, ସ୍ୱାମୀର କଳଙ୍କ କାଳିମା ଜାଣିଲାଣି, ତାଙ୍କ ସ୍ୱାମୀ କିପରି ତାଙ୍କୁ ମୋହରା ବନାଇଛି, ପଞ୍ଚାୟତ ବାରଣ୍ଡା କାହିଁକି ମଡାଇ ଦେଉ ନାହାନ୍ତି, ସେ ମଧ୍ୟ ଭିତିରିଆ ମାଳତୀକୁ ସମର୍ଥନ କଲାଣି। ମାଳତୀ ଏବେ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଛି, ମଦ ଦୋକାନ ବିରୁଦ୍ଧରେ ମହିଳାମାନଙ୍କୁ ଏକାଠି କରି ମଦ ଦୋକାନୀଙ୍କର ଚକ୍ଷୁଶୂଳ ହୋଇ ଆକ୍ରମଣର ଶିକାର ହୋଇଛି। ତଥାପି ସେ ଭାଙ୍ଗି ପଡିନି। ସାଥୀରେ ଆଜି ପଞ୍ଚାୟତର ସମସ୍ତ ମହିଳା ମାଳତୀ ସାଥୀରେ।

ସମସ୍ତଙ୍କ ମୁହଁରେ ଗୋଟିଏ କଥା, ମଦୁଆମାନଙ୍କ ଭାଉ ଆଉ କେତେ ଚାଲିବ। ଘର କୋଣରେ ବସିଲେ ଆଉ ଚଳିବିନି। ପଞ୍ଚାୟତରେ ପୁରୁଷମାନଙ୍କର ମଦ ବନ୍ଦ ହେଲେ ଘର ସଂସାର ଭଲରେ ଚଳିବ। ମଦ ଉଜାଡି ଦେଉଛି ପରିବାର ଏହା ସମସ୍ତେ ହୃଦୟଙ୍ଗମ କଲେଣି।

ସମାଜସେବୀ ଅବିନାଶ ସହିତ ସମୀର ଖାନ ଓ ମାଳତୀର ଗୋଟାଏ ବଡ ଯୋଜନା, ଗାଁରୁ ଆରମ୍ଭ ହେଉ ସୁସ୍ଥ ଗଣତନ୍ତ୍ର ଓ ଆତ୍ମନିର୍ଭର ଗ୍ରାମପଞ୍ଚାୟତ, ହେଲେ ନିର୍ଭୟରେ ଭୋଟ ଦେଇ ପଞ୍ଚାୟତ ଗଢ଼ନ୍ତୁ। ଘରେ ଘରେ କୁଟୀର ଶିଳ୍ପ, ଧୂପ, ବଡ଼ି, ପାମ୍ପଡ ଠାରୁ ମସଲା ଗୁଣ୍ଡ ପାଉଡର, ଆଚାର ପର୍ଯ୍ୟନ୍ତ ପ୍ରସ୍ତୁତ କଲେଣି। ଅର୍ଥନୀତିରେ ମହିଳାମାନେ ସ୍ୱାବଲମ୍ବୀ ହେଲେଣି। କଥାଟା ଧୀରେ ଧୀରେ ପଞ୍ଚାୟତରୁ ଅନ୍ୟ ପଞ୍ଚାୟତ ବ୍ୟାପିଲାଣି।

ଏବେ ଆସିଛି ପଞ୍ଚାୟତ ନିର୍ବାଚନ। ମହିଳାମାନେ କହିଲେଣି ଆମେ ଏଥର ମାଳତୀକୁ ସରପଞ୍ଚ ପ୍ରାର୍ଥୀ କରିବା, କଥାଟା ଏ କାନରୁ ସେ କାନ ପ୍ରଘଟ ହେଲା। ସମସ୍ତେ ଲାଗିପଡିଲେ, ପ୍ରାର୍ଥିପତ୍ର ଦାଖଲ କଲେ ମହିଳାମାନେ ପ୍ରଚାରରେ ଲାଗିପଡିଲେ।

କାଳିନ୍ଦୀ ଯେତେ ଟଙ୍କା ମଦ ବାଣ୍ଟିଲା କିଛି କାମ କଲାନି। ଶେଷରେ ଟୁକୁ ସାହୁ ପୁଅ ଗୁଣ୍ଡା ଲଗାଇ ବୁଥ୍ ଦଖଲ କଲା। ମହିଳାମାନେ ମିଶି ଉଚିତ ଜବାବ ଦେଲେ। ମାଳତୀ ଜିତିଗଲା, ଯେଉଁମାନେ ମାଳତୀକୁ ନିନ୍ଦା ଅପବାଦ ଦେଉଥିଲେ ସେମାନେ ପ୍ରଶଂସାରେ ପୋତି ପକାଇଲେ। କହିଲେ, ସେ ଉଆଁସି କନ୍ୟା ନୁହେଁ, ଉଦୟା କନ୍ୟା।

**ଗାଁରୁ ଆରମ୍ଭ ହେଉ ସୁସ୍ଥ ଗଣତନ୍ତ୍ର ଓ ଆତ୍ମନିର୍ଭର ଗ୍ରାମପଞ୍ଚାୟତ। ହେଲେ ନିର୍ଭୟରେ ଭୋଟ ଦେଇ ପଞ୍ଚାୟତ ଗଢ଼ନ୍ତୁ।**

ଦୀର୍ଘବର୍ଷ ଧରି ଅନ୍ୟାୟ ଅତ୍ୟାଚାର କରି କ୍ଷମତାକୁ ଭୋଗ କରୁଥିବା ଲୋକ କାଳିନ୍ଦୀ ରାୟ ଚୌଧୁରୀ ଭୟଙ୍କର ହିଂସ୍ର ହୋଇ ଉଠିଲେ, ସେ ସବୁ କିଛି କରି ପାରେ, ଲୋକ ଲଗାଇ ଦେଲେ ଅନ୍ଧାର ରାତିରେ। ପରଦିନ କାନକୁ କାନ ବ୍ୟାପିଗଲା ମାଳତୀ ବିଜୟ ଶୋଭାଯାତ୍ରା ପୂର୍ବରୁ କୁଆଡେ ନିଖୋଜ ହୋଇଯାଇଛି। ବହୁ ଖୋଜା ଖୋଜି ପରେ ପଞ୍ଚାୟତ ପୋଖରୀର ଦଳ ଭିତରେ ଭାସୁଛି ମାଳତୀର ଶବ। ପଞ୍ଚାୟତ ସାରା ଲୋକ ରୁଣ୍ଡ ସମସ୍ତଙ୍କ ମୁହଁରେ ଗୋଟାଏ କଥା, ବିଜୟର ଶୋଭାଯାତ୍ରା ପୂର୍ବରୁ ମାଳତୀର ମହାଯାତ୍ରା ହୋଇଗଲା, ପଞ୍ଚାୟତ ସାରା ପୋଲିସର ଛାଉଣୀ। ସମସ୍ତଙ୍କ ଆଖିରେ ଲୁହ, ପଥର ବି କଥା କହୁଥିଲା। ସବୁ କାଳିନ୍ଦୀର କାମ। ଟେଲିଭିଜନ ଘୋଷଣାରେ ତଦନ୍ତ ଚାଲିଛି ଦୋଷୀ ଦଣ୍ଡ ପାଇବ।

□□

ଲେଖକଙ୍କ ଇ-ମେଲ ଠିକଣା:
arttatrana1961@gmail.com

ବ୍ୟଙ୍ଗ

# ନିଶ ପ୍ରହସନ




ପ୍ରଭାତ କୁମାର ମହାପାତ୍ର

ଏକଦା ଜଣେ ଜଣାଶୁଣା ଲେଖକ ଗୋଟିଏ ଯାତ୍ରୀବାହୀ ବସ୍‌ରେ ପ୍ରଥମ ଧାଡିରେ ବସି ଯାତ୍ରା କରୁଥିଲେ। ଧାଡ଼ିର ମଝି ସିଟ୍‌ରେ ବସିଥିବାରୁ କାଚ ଝରକା ବାଟେ ବାହାର ଦୃଶ୍ୟ ଦେଖିବାର ସୌଭାଗ୍ୟରୁ ବଞ୍ଚିତ ହୋଇଥିଲେ। ବସି ବସି ବୋର୍ ଲାଗିବାରୁ ହାତ ଘଣ୍ଟାକୁ ଚାହିଁ ଦେଖିଲେ ଯେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଆଉ ଅତି କମରେ ଘଣ୍ଟାଏ ସମୟ ଲାଗିବ। ତେଣୁ ସମୟ କାଟିବା ପାଇଁ ବସର ଚାରିଆଡେ ଏକ ବିହଙ୍ଗମ ଦୃଷ୍ଟି ବୁଲାଇ ଆଣିଲେ। ହଠାତ ସେ ଲକ୍ଷ୍ୟ କଲେ ବସ୍ ଡ୍ରାଇଭର ସିଟ୍ ପଛପଟେ ଫାଷ୍ଟଏଡ୍ ବକ୍ସ ଉପରକୁ (ଠିକ ତାଙ୍କ ସାମନାରେ) 'ନିଜ ନିଶ ନିଜ ନିୟନ୍ତ୍ରଣରେ ରଖନ୍ତୁ' ଲେଖାଯାଇଛି। ସେ ଭାବିଲେ ଏହା ହୁଏତ ଭୁଲରେ ଲେଖାଯାଇଛି କିମ୍ବା ବସ୍ ସର୍ଭିସିଂ ବେଳେ 'ଜିନିଶ' ଉପରୁ 'ଜି' ଅକ୍ଷରଟି ହୁଏତ ଲିଭିଯାଇପାରିଥାଏ ଅଥବା ଏହା କୌଣସି ବସ୍ କର୍ମଚାରୀଙ୍କ ବଦମାସୀ ହୋଇପାରିଥାଏ। ମଜା ଦେଖିବାକୁ କେହି ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବେ ବି ଏହା କରିଥାଇପାରେ। ଏହି ଲେଖା ଏପରି ଜାଗାରେ ରହିଛି ଯେଉଁଠାରୁ କି ସମସ୍ତ ଯାତ୍ରୀ ଏହାକୁ ଭଲ ଭାବରେ ଦେଖିପାରିବେ। ହଠାତ ଲେଖକଙ୍କର ମନେହେଲା ଏହା କାହିଁକି ପ୍ରକୃତରେ ଲେଖାଯାଇ ନଥିବ? ଯଦି ଏପରି ହୋଇଥିବ ତେବେ...! ସେ ନିଜେ ଆଶ୍ଚର୍ଯ୍ୟ ହେଲେ!

ନିଶ କ'ଣ ସୁନାରୁପା ଅଥବା ଟଙ୍କାପଇସା ଭଳି ମୂଲ୍ୟବାନ ଜିନିଷ ହୋଇଛି ଯେ ଚୋରି ହୋଇଯିବ? ତା' ପରେ ନିଶ କ'ଣ ଶରୀରଠୁ ଅଲଗା ଯେ ତାକୁ ଜଣେ ଦାୟିତ୍ୱରେ ରଖିବ? ଏବେ ଲେଖକ ନିଜ ମୁହଁ ଚାରିପଟେ ହାତ ବୁଲାଇ ଆଣିଲେ। ଆରେ! ତାଙ୍କର ତ ନିଶ ଜମାରୁ ନାହିଁ। ନ ଥିଲେ ନ ଥାଉ। ହାତ ବୁଲାଇ ଆଣିଲେ କ'ଣ ନିଶ ଉଠିଯିବ? ନିଜର ନିଶ ନାହିଁ ବୋଲି ସେ ଦୁଃଖିତ ହେଲେ।

ଏଥର ସେ ନିଜ କଥା ଭୁଲିଯାଇ ବସ୍‌ର ଅନ୍ୟ ଯାତ୍ରୀମାନେ ସେ ଲେଖା ପଢି କି ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତାହା ଜାଣିବାକୁ ଚାହିଁଲେ? ଏ ମଧ୍ୟରେ ବୋଧହୁଏ ବସରେ ଥିବା ସମସ୍ତ ଯାତ୍ରୀ ସେ ଲେଖାଟିକୁ ପଢ଼ି ସାରିଥିଲେ। ଲେଖକ ଦେଖିଲେ ତାଙ୍କ ପଛପଟ ସିଟରେ ବସିଥିବା ଜଣେ ପଞ୍ଜାବୀ ଭଦ୍ରବ୍ୟକ୍ତି ଚାରିଆଡ଼କୁ ଚାହିଁ ସଗର୍ବେ ନିଜର ନିଶ ଚାରିପଟେ ହାତ ବୁଲାଇ ଆଣୁଛନ୍ତି କାରଣ ନିଶ ତାଙ୍କର ସ୍ୱାଭିମାନର ପ୍ରତୀକ। ସର୍ଦ୍ଦାରଜୀଙ୍କ ଦେଖାଦେଖି ତାଙ୍କ ପାଖାପାଖି ବସିଥିବା ଆଉ ଜଣେ ନିଶୁଆ ଲୋକ (ଚେହେରାରୁ ପୁଲିସି ବାବୁ ଲାଗୁଥିଲେ) ପାଞ୍ଚଜଣ ଦେଖିପାରିଲା ଭଳି ନିଜର ନିଶକୁ ଦୁଇପଟକୁ ମୋଡ଼ିଦେଲେ। ବସ୍‌ର ସବା ପଛସିଟ୍‌ରେ ବଳିଷ୍ଠ ଓ ହୃଷ୍ଟପୁଷ୍ଟ ଦିଶୁଥିବା ଏବଂ କଳା ମଚମଚ ନିଶ ରଖିଥିବା ଜଣେ ବ୍ୟକ୍ତି ବସି ଏସବୁ ଲକ୍ଷ୍ୟ କରୁଥିଲେ। ତାଙ୍କୁ ଦେଖିଲେ ମନେହେବ ସତେ ଯେପରି ଚମ୍ବଲ ଉପତ୍ୟକାର କେହି ଡାକୁ ଜଣେ ଭୁଲରେ ଏ ବସ୍‌ରେ ଚଢିଯାଇଛି। ଉକ୍ତ ସମ୍ଭାବିତ ଡାକୁ ମହାଶୟ (ପ୍ରକୃତ ପକ୍ଷେ ସେ ଜଣେ ଭଦ୍ରଲୋକ) ଜଣକ ବଡ଼ ବେପରୁଆ ଭାବରେ ନିଜର ଦୁଇକଡ଼ ଓ ସାମ୍ନାରେ ବସିଥିବା ସହଯାତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ବିଶାଳ ଅଥଚ ଶବ୍ଦପୂର୍ଣ୍ଣ ହାଇ ମାରିଲେ। ଉଦ୍ଦେଶ୍ୟ ସମସ୍ତେ ତାଙ୍କୁ ନିରୀକ୍ଷଣ କରନ୍ତୁ। ବସର ପଚାଶ ପ୍ରତିଶତ ଯାତ୍ରୀ ତାଙ୍କର



ଏ ହାଇ ଶବ୍ଦ ଶୁଣି ଆଶ୍ଚର୍ଯ୍ୟ ହୋଇ ପଛକୁ ଚାହିଁଲେ। ସତେ ଅବା ଶୂନ୍ୟରେ ମେଘ ଗର୍ଜନ କଲା କି! ଉକ୍ତ ନିଶୁଆ ଡାକୁ ଭଦ୍ରବ୍ୟକ୍ତି ଜଣକ ନିଜର ହାଇ ମାରିବା ସମ୍ପୂର୍ଣ୍ଣ ସଫଳ ହୋଇଥିବା ଦେଖି ନିଜର ଦୁଇ ଇଞ୍ଚ ବହଳର ନିଶକୁ ଖୁବ୍ ଜୋରରେ ପୁଣି ଦୁଇଥର ମୋଡ଼ିଦେଲେ। ସେ ଏହା ଭାବି ଖୁସି ହେଉଥିଲେ ଯେ ଏଥର ଲୋକେ ତାଙ୍କୁ ଡାକୁ ମାଖନ ସିଂ ଭାବି ଭୟଭୀତ ହେବାକୁ ଆରମ୍ଭ କରିବେଣି ନିଶ୍ଚୟ। ତେଣୁ ସେ ନିଜର ଦୁଇକଡ଼ରେ ବସିଥିବା ସହଯାତ୍ରୀଙ୍କୁ ଟିକେ ଘୁଞ୍ଚିଯିବା ପାଇଁ ନମ୍ର ଭାବରେ ଅନୁରୋଧ କଲେ। ତାଙ୍କ ବିଶାଳକାୟ ଚେହେରା ବା ନିଶର ପ୍ରଭାବ ଯୋଗୁ ସେମାନେ ବେଶ କିଛିବାଟ ଘୁଞ୍ଚିଗଲେ।

ଲେଖକ ମହାଶୟଙ୍କ ଚକ୍ଷୁ ଦୁଇଟି ଏସବୁ ଦୂରଦର୍ଶନର କ୍ୟାମେରା ଫଟ ଉଠାଇଲା ଭଳି ବୁଲି ବୁଲି ଦେଖୁଥାଏ। ଆଖି ବୁଲାଉ ବୁଲାଉ ତାଙ୍କର ନଜର ପଡିଗଲା ବସ କଣ୍ଡକ୍ଟରଙ୍କ ଉଦ୍ଦିଷ୍ଟ ସିଟରେ ଅପେକ୍ଷାକୃତ କମ୍ ମୋଟା ନିଶ ରଖିଥିବା ଜଣେ ସାଧାରଣ ହୃଷ୍ଟପୁଷ୍ଟ ଚେହେରାର ବ୍ୟକ୍ତି ବସି ବସରେ ବସିଥିବା ଅନ୍ୟ ସହଯାତ୍ରୀଙ୍କୁ ବଡ଼ ବେପରୁଆ ଭାବରେ ଅନାଇ ସିଗାରେଟ ଟାଣୁଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଯୁବକ ଜଣକ ସବା ପଛରେ ଉଠିଲେ ମଧ୍ୟ କଣ୍ଡକ୍ଟରଙ୍କ ସହିତ ପ୍ରାୟ ଝଗଡା କରି ତାଙ୍କ ସିଟ୍‌ଟି ଅଧିକାର କରି ନେଇଥିଲେ। ଆଜିକାଲି 'ଜୋର ଯା'ର ମୁଲକ ତାହାର' ନୀତିରେ ସମସ୍ତଙ୍କୁ ଜିଣିହବ ବୋଲି ସେ ଭାବୁଥିଲେ। ସେ ଉଦ୍ଧତ ଯୁବକ ଜଣକ ମଧ୍ୟ ଉପରୋକ୍ତ ଲେଖାଟି ପଢି ନିଜ ନିଶକୁ ଟିକିଏ ମୋଡି ଅନ୍ୟ ସହଯାତ୍ରୀଙ୍କୁ ତାଚ୍ଛଲ୍ୟଭରା ଚାହାଣିରେ ଚାହିଁଲେ। ସେ ଚାହାଣିରୁ ତାଙ୍କର ମନର ଭାବ ସହଜରେ ପଢ଼ିହେଉଥିଲା। ତା'ର ଅର୍ଥ - ମୁଁ ବସ୍‌ରେ ପଛରେ ଚଢିଲେ ମଧ୍ୟ କଣ୍ଡକ୍ଟର ସିଟ୍‌ରେ ଜବରଦସ୍ତ ବସିଛି। ତୁମମାନଙ୍କ ମଧ୍ୟରୁ ଏପରି ସାହସ କାହାର ଅଛି? ତାଙ୍କ ଚାହାଣିରୁ ତାଙ୍କ ଔଦ୍ଧତ୍ୟ ବାରି ହୋଇପଡୁଥିଲା। ଏ ମଧ୍ୟରେ ବସ୍‌ର କଣ୍ଡକ୍ଟର ସମସ୍ତଙ୍କଠାରୁ ଟିକେଟ ପଇସା ଆଦାୟ କରୁଥାନ୍ତି। ବସ୍‌ଭଡା ଚାରିଟଙ୍କା ମାତ୍ର। କଣ୍ଡକ୍ଟର ସେ ଗୁଣ୍ଡା ଯୁବକଙ୍କୁ ପଇସା ମାଗିବାରୁ ସେ ନିଜ ନିଶରେ ଦୁଇଥର ହାତ ବୁଲାଇ ତାଙ୍କୁ ମାତ୍ର ଦୁଇଟଙ୍କା ବଢ଼ାଇଦେଇ ସଦର୍ପରେ ପୁଣି ସିଗାରେଟ ଲଗାଇ ଧୂଆଁ ଛାଡିବାକୁ ଲାଗିଲା। କଣ୍ଡକ୍ଟର ମନେମନେ ଉକ୍ତ ଯୁବକ ଉପରେ ରକ୍ତ ଚାଉଳ ଚୋବାଇଲେ ମଧ୍ୟ ମାଡ଼ ଡରରେ ବିନାବାକ୍ୟବ୍ୟୟରେ ଦୁଇଟଙ୍କା ଗ୍ରହଣ କଲେ।

ଉକ୍ତ ବସ୍ କଣ୍ଡକ୍ଟର ଯେତେବେଳେ ଲେଖକଙ୍କ ପାଖକୁ ପଇସା ମାଗିବାକୁ ଆସନ୍ତେ ସେ ପଚାରିଲେ - ଆଚ୍ଛା, ସେ ନିଶୁଆ ଯୁବକଙ୍କଠାରୁ ତୁମେ ଚାରିଟଙ୍କା ବଦଳରେ ଦୁଇଟଙ୍କା ନେଲ କିପରି? ସେ କ'ଣ ତୁମର ବନ୍ଧୁବାନ୍ଧବ ହୁଅନ୍ତି? କଣ୍ଡକ୍ଟର ଧୀର ଗଳାରେ ଉତ୍ତର ଦେଲେ - ସାର୍ ଆପଣ ଜାଣିନାହାନ୍ତି କି? ଗାଡି ଚଳାଇବାକୁ ହେଲେ ଏହିପରି କେତେ ଲୋକଙ୍କଠାରୁ ଦୁଇଟଙ୍କା ନେବାକୁ ପଡିବ ଆଉ କେତେଜଣଙ୍କଠାରୁ ଗାଳି ଶୁଣିବାକୁ ପଡ଼ିବ। ଦରକାର ପଡିଲେ ମାଗଣାରେ ମଧ୍ୟ ନେବାକୁ ପଡିବ। ତେଣୁ ଏସବୁ ଖରାପ ଲାଗୁନାହିଁ। ଆମର ଦେହସୁହା ହୋଇଗଲାଣି।

**ପ୍ରାୟ ପ୍ରତ୍ୟେକ ଯାତ୍ରୀ ଭିନ୍ନ ଭିନ୍ନ ଆକାରର ନିଶ ରଖିଥିବା ବ୍ୟକ୍ତିଙ୍କୁ ସମର୍ଥନ କରି ମତାମତ ଦେବାକୁ ଲାଗିଲେ।**

କଣ୍ଡକ୍ଟର ଭଡା ଆଦାୟ କରିବା ପାଇଁ ବ୍ୟସ୍ତ ରହିଥିବା ବେଳେ ବସ୍ ଭିତରେ ଆଉ ଏକ କୌତୁକପୂର୍ଣ୍ଣ ଘଟଣା ଘଟୁଥିଲା। ପ୍ରାୟ ପ୍ରତ୍ୟେକ ଯାତ୍ରୀ ଭିନ୍ନ ଭିନ୍ନ ଆକାରର ନିଶ ରଖିଥିବା ବ୍ୟକ୍ତିଙ୍କୁ ସମର୍ଥନ କରି ମତାମତ ଦେବାକୁ ଲାଗିଲେ। କେହି କହିଲା ସର୍ଦ୍ଦାରଜୀଙ୍କ ନିଶ ଚମତ୍କାର ତ କେହି ଡାକୁ ଭଦ୍ରବ୍ୟକ୍ତିଙ୍କର ନିଶ ସବୁଠାରୁ ଉତ୍କୃଷ୍ଟ କହିଲା। ଆଉ କେହି ଗୁଣ୍ଡା ଯୁବକର ନିଶ ସବୁଠାରୁ ଆକର୍ଷଣୀୟ ବୋଲି କହିଲେ। ପୁଣି କେହି ପୁଲିସି ବାବୁ ଭଳି ଦେଖାଯାଉଥିବା ଲୋକର ନିଶକୁ ପ୍ରଶଂସା କଲେ। ଏପରିକି ଜଣେ ଭଦ୍ରବ୍ୟକ୍ତି ସମସ୍ତଙ୍କ କଥା କାଟିଦେଇ କହିଲେ ବସ୍ ମଝିରେ ଯେଉଁ ଗଜା ଟୋକା ଜଣକ ବସିଛନ୍ତି ତାଙ୍କ ସରୁ ନିଶ ହଳକ ସବୁଠାରୁ ସୁନ୍ଦର। ସେ ନିଶ୍ଚୟ ଜଣେ ଓ.ଏ.ଏସ୍. କିମ୍ବା ସେହି ସ୍ତରର ଅଫିସର ହୋଇଥିବେ। ଏହିପରି ଭାବରେ କିଛି କ୍ଷଣ ମଧ୍ୟରେ ନିଶକୁ କେନ୍ଦ୍ର କରି ବସ ଯାତ୍ରୀଙ୍କ ମଧ୍ୟରେ ଗୋଷ୍ଠୀଗତ ବିବାଦ ଆରମ୍ଭ ହୋଇଗଲା। କେଉଁ ଗୋଷ୍ଠୀ ସର୍ଦ୍ଦାରଜୀଙ୍କ ନିଶକୁ ସମର୍ଥନ କଲା ତ କେହି ଡାକୁ ଭଦ୍ରବ୍ୟକ୍ତିଙ୍କର ନିଶକୁ ସମର୍ଥନ କଲା।

କ୍ରମଶଃ ବିଭିନ୍ନ ନିଶଗୋଷ୍ଠୀ ମଧ୍ୟରେ ବିଭେଦ ବଢିବାକୁ ଲାଗିଲା। କେତେଜଣ ଉତ୍ସାହୀ ତଥା ଆଗଚଲା ଯୁବକ ଏ

ନିଶ ପ୍ରଶ୍ନ ଉପରେ ହାତାହାତି ହେବାକୁ ମଧ୍ୟ ପଛାଇଲେ ନାହିଁ। ଆହୁରି ମଧ୍ୟ ଯେଉଁ ନିଶଧାରୀମାନଙ୍କୁ କେନ୍ଦ୍ର କରି ଏ ସବୁ ପାଲା ଚାଲିଥିଲା ସେମାନେ ନୀରବ ରହି ଏହାକୁ ସମର୍ଥନ କରୁଥିବା ଭଳି ମନେହେଉଥିଲା। ଏପରିକି କେତେକ ଯୁବକ ନିଶ ଉପରେ ବାଜି ମରାମରି ହେବାକୁ ମଧ୍ୟ ପଛାଇଲେ ନାହିଁ। କ୍ରମେ ନିଶ ଉପରେ ବିବାଦ ଆହୁରି ତୀବ୍ରତର ହେବାକୁ ଲାଗିଲା। ବସ୍‌ଯାତ୍ରୀଙ୍କ ପାଟିତୁଣ୍ଡରେ ସମଗ୍ର ବସ୍‌ଟି କମ୍ପି ଉଠୁଥିଲା। ମନେହେଉଥିଲା ସତେ ଯେପରି ଚଳନ୍ତା ବସରେ ତୁମୁଳକାଣ୍ଡ ଚାଲିଛି।

ଏସବୁ ଦେଖି ପ୍ରଥମେ ନିଜର ନିଶ ନ ଥିବା ଯୋଗୁ ହତାଶ ହୋଇଥିବା ଆମ ଲେଖକ ମହାଶୟ ବର୍ତ୍ତମାନ ଆଶ୍ୱସ୍ତ ହୋଇ ଭାବୁଥିଲେ - ହାୟ ! ତାଙ୍କ ପାଖରେ ମୁଭି କ୍ୟାମେରା ଥିଲେ ସେ ଏସବୁର ଫଟ ଉଠାଇ କୌଣସି ନାମୀଦାମୀ ସମ୍ବାଦସଂସ୍ଥାକୁ ବିକି ବେଶ୍ ଦୁଇପଇସା ରୋଜଗାର କରି ପାରିଥାନ୍ତେ। ମାତ୍ର ଦୁର୍ଭାଗ୍ୟ ! ଏତେବଡ଼ ସୁଯୋଗ ହାତରୁ ଖସିଗଲା। ବସ୍ କଣ୍ଡକ୍ଟର ବିଚରା ଏ ଗଣ୍ଡଗୋଳର ଆଦିଅନ୍ତ ପାଉ ନ ଥାଏ। ଏସବୁ ପାଲା ଚାଲିଥିବା ବେଳେ ଉପରବର୍ଣ୍ଣିତ ସମସ୍ତ ନିଶଧାରୀ ବ୍ୟକ୍ତିମାନେ ନିଜ ନିଜର ସମର୍ଥକଙ୍କ ସହିତ ତୁମୁଳ ବାକ୍ ଯୁଦ୍ଧକୁ ଡେଇଁ ପଡିଲେ। ଦୁମ୍‌ଦାମ୍, ଭୁସ୍‌ଭାସ ଶବ୍ଦରେ ଚଳମାନ ବସଟି ଏକ ପିକନିକ ପାର୍ଟି ବସ୍ ଭଳି ମନେ ହେଉଥିଲା। ଏ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଚିତ୍ତରେ ବସକୁ ଚଳାଉଥିବା ଡ୍ରାଇଭର ଏ ଦୃଶ୍ୟ ଦେଖିବାର ଲୋଭ ସମ୍ବରଣ କରି ନ ପାରି ମଝିରେ ମଝିରେ ପଛକୁ ଚାହିଁ ଦେଉଥିଲା। ଫଳରେ ତା'ର ଅନ୍ୟମନସ୍କତା ହେତୁ ବସ୍‌ଟି ଦୁର୍ଘଟଣାଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଥିଲା।

ବସରେ ଘଟୁଥିବା ସମସ୍ତ ଘଟଣାର ନୀରବ ଦର୍ଶକ ସାଜିଥିବା ଲେଖକ ମହାଶୟ ଆଉ ଚୁପ୍ ରହି ନ ପାରି ଏକ ସଚେତନ ନାଗରିକ ଭାବେ କଣ୍ଡକ୍ଟରଙ୍କୁ ପାଖକୁ ଡାକି ଇସାରାରେ 'ନିଜ ନିଶ ନିଜ ନିୟନ୍ତ୍ରଣରେ ରଖନ୍ତୁ' ଲେଖାଟିକୁ ଦେଖାଇଦେଲେ। ଏବେ କଣ୍ଡକ୍ଟର ସମସ୍ତ କଥା ବୁଝିଗଲା। ସେ ଦୌଡ଼ିଯାଇ ପକେଟରୁ ଏକ ଚକଖଡ଼ି ବାହାର କରି 'ନିଶ' ଶବ୍ଦ ପୂର୍ବରୁ 'ଜି' ଅକ୍ଷରଟି ଯୋଡିଦେଲା ପରେ ଏବେ ପରିଷ୍କାର ଦେଖାଗଲା 'ନିଜ ଜିନିଶ ନିଜ ନିୟନ୍ତ୍ରଣରେ ରଖନ୍ତୁ।' 'ଜିନିଶ' ଶବ୍ଦଟିରେ ସାମାନ୍ୟ ବ୍ୟାକରଣଗତ ତ୍ରୁଟି ଥିଲେ ମଧ୍ୟ ଏହାର ଅର୍ଥ ବୁଝିବାରେ କୌଣସି ଅସୁବିଧା ହୁଏ ନାହିଁ। ବସ ମଧ୍ୟରେ ହେଉଥିବା ଏସବୁ ଗୋଳମାଳର ଯବନିକା ପତନ କରିବାକୁ ଯାଇ କଣ୍ଡକ୍ଟର ଗାଡି ରୋକିବାକୁ ଡ୍ରାଇଭରକୁ ନିର୍ଦ୍ଦେଶ ଦେଲା। ଡ୍ରାଇଭରର ଅନ୍ୟମନସ୍କତା ହେତୁ ଏହି ସମୟରେ ଦ୍ରୁତ ଗତିରେ ମାଡି ଆସୁଥିବା ଏକ ମାଲବୋଝେଇ ଟ୍ରକକୁ ରାସ୍ତା ଦେବାକୁ ଯାଇ ହଠାତ ବ୍ରେକ୍ କଷି ଷ୍ଟିଅରିଂ ବୁଲାଇଦେଲା। ସମସ୍ତେ ଅଘଟଣ ଆଶଙ୍କାରେ ଆଖି ବୁଜିଦେଲେ। ସାଏଁ କରି ଟ୍ରକଟି ବସ ସହିତ ଘଷି ହୋଇ ଚାଲିଗଲା। ଡ୍ରାଇଭର ହଠାତ ବ୍ରେକ ଦେବା ଫଳରେ ବସର ସମସ୍ତ ଯାତ୍ରୀ ନିଜକୁ ନିୟନ୍ତ୍ରଣ କରି ନ ପାରି ଆଗକୁ ଝୁଙ୍କି ପଡିଲେ। ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଯାତ୍ରୀମାନେ ଆଶ୍ୱସ୍ତିର ନିଃଶ୍ୱାସ ମାରି ଆଗକୁ ଚାହିଁଲେ। କଣ୍ଡକ୍ଟର ବସ୍‌ର ସମ୍ମୁଖ ଭାଗକୁ ଯାଇ ଘୋଷଣା କଲେ - ଆପଣମାନେ ଏଭଳି ବାଡିଆପିଟା ହେଲେ ବସ୍ ଆଉ ଚାଲିବ ନାହିଁ ଓ ଆମେ ବସକୁ ନିକଟସ୍ଥ ଥାନାକୁ ନେବାକୁ ବାଧ୍ୟ ହେବୁ। କଣ୍ଡକ୍ଟରର ଧମକ ଶୁଣି ଓ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଉତଫୁଲିତ ଯାତ୍ରୀମାନେ ଝଗଡ଼ାରୁ କ୍ଷାନ୍ତ ହୋଇ ଶାନ୍ତ ପିଲାଟି ଭଳି ସମ୍ମୁଖ ଭାଗକୁ ଦୃଷ୍ଟିପାତ କଲେ। ହଠାତ ସେମାନଙ୍କର ନଜରରେ ପୂର୍ବରୁ ଲେଖାଯାଇଥିବା ବାକ୍ୟଟି ହଠାତ ବଦଳିଯାଇ 'ନିଜ ଜିନିଶ ନିଜ ନିୟନ୍ତ୍ରଣରେ ରଖନ୍ତୁ' ପରିଷ୍କାର ଭାବରେ ଲେଖାଯାଇଛି।

**ସାମାନ୍ୟ 'ଜି' ଅକ୍ଷରଟିଏ ଏତେବଡ଼ କାଣ୍ଡ ଘଟାଇଦେଇ ପାରିଲା ତେବେ ସେ ନିଜର ଲେଖନୀ ଦ୍ୱାରା ସମାଜରେ ଜାଗରଣ ସୃଷ୍ଟି ନ କରିପାରିବେ କାହିଁକି ?**

ଆମର ଲେଖକ ମହାଶୟ ସେମାନଙ୍କର ଦୟନୀୟ ଅବସ୍ଥା ଦେଖି ମନେ ମନେ ଭାବୁଥିଲେ ଯଦି ଓଡ଼ିଆ ଶବ୍ଦକୋଷର ସାମାନ୍ୟ 'ଜି' ଅକ୍ଷରଟିଏ ଏତେବଡ଼ କାଣ୍ଡ ଘଟାଇଦେଇ ପାରିଲା ତେବେ ସେ ନିଜର ଲେଖନୀ ଦ୍ୱାରା ସମାଜରେ ଜାଗରଣ ସୃଷ୍ଟି ନ କରିପାରିବେ କାହିଁକି ? ତାଙ୍କ ଭାବନାକୁ ବେଖାତିର କରି ବସ୍‌ଟି ଗର୍ଜନ କରି ନିଜ ଗନ୍ତବ୍ୟ ସ୍ଥଳ ଅଭିମୁଖେ ଆଗେଇ ଚାଲିଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
pravatmahapatra59@gmail.com

ଧାରାବାହିକ ପ୍ରବନ୍ଧ

# 'ଉଷାଭିଳାଷ' ଓ କବି ଶିଶୁ ଶଙ୍କର ଦାସ



ଡ. ଅଶୋକ କୁମାର ପଣ୍ଡା

'ଉଷାଭିଳାଷ' କାବ୍ୟର ପ୍ରଣେତା ଶିଶୁଶଙ୍କର ଦାସ ଅତି ପ୍ରାଚୀନ କବି ହେଲେ ମଧ୍ୟ ଆଜି ସାଧାରଣ ପାଠକମାନଙ୍କ ନିକଟରେ ଅପରିଚିତ। ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଜଗତରେ ଉପେନ୍ଦ୍ର ଭଞ୍ଜ ଶୀର୍ଷ ସ୍ଥାନ ଅଧିକାର କରିଆସୁଛନ୍ତି। ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବବର୍ତ୍ତୀ କବିମାନଙ୍କର ଅନେକ କାବ୍ୟ ଅଦ୍ୟପି ପାଠକ ନିକଟରେ ପହଞ୍ଚି ପାରିନାହିଁ। ଉପେନ୍ଦ୍ରଙ୍କ ପୂର୍ବବର୍ତ୍ତୀ କବି ଶିଶୁଶଙ୍କର ଦାସଙ୍କ 'ଉଷାଭିଳାଷ' କାବ୍ୟ ଉପେନ୍ଦ୍ରଙ୍କ କବି ପ୍ରତିଭାର ପ୍ରାଥମିକ ଦୃଷ୍ଟାନ୍ତ ପରି ମନେ ହୁଏ। ଉତ୍କଳର କାବ୍ୟ ଜଗତରେ ଯେଉଁ ସାହିତ୍ୟ ସାଧନା ପରମ୍ପରାକ୍ରମ ଚାଲିଆସିଛି 'ଉଷାଭିଳାଷ' କାବ୍ୟ ତନ୍ମଧ୍ୟରେ ଅନନ୍ୟ। ଉପେନ୍ଦ୍ର ଭଞ୍ଜଙ୍କ କବି ପ୍ରତିଭା ସେହି ସାଧନାର ଭୂୟୋବିକାଶରେ ବିକଶିତ ହୋଇଥିବା ପରି ମନେ ହୁଏ।




ପ୍ରାଚୀନ ଓ ମଧ୍ୟଯୁଗୀୟ କବିବୃନ୍ଦ ସ୍ୱୀୟ କୃତିମାନଙ୍କରେ ନିଜ ନିଜର ପରିଚୟ ପ୍ରଦାନ କରିଥାନ୍ତି। କିନ୍ତୁ 'ଉଷାଭିଳାଷ' କାବ୍ୟର କବି ଶିଶୁଶଙ୍କର ନିଜ କାବ୍ୟରେ କୌଣସି ପରିଚୟ ଦେଇନାହାନ୍ତି। ଶିଶୁଶଙ୍କର ଦାସଙ୍କ 'ଶିଶୁ' ପଦବୀରୁ ସେ ଜଣେ ବୈଷ୍ଣବ ଥିବା ଅନୁମିତ ହୁଏ। 'ଉଷାଭିଳାଷ' ବ୍ୟତୀତ ତାଙ୍କର ଅନ୍ୟ କୌଣସି କାବ୍ୟକୃତି ଲୋକଲୋଚନକୁ ଆସିପାରି ନାହିଁ। 'ଉଷାଭିଳାଷ' କାବ୍ୟକୁ ପାଠକଲେ ମନେ ହୁଏ ଯେ କବି ଆଉ କେତେକ କାବ୍ୟ ରଚନା କରିଥିବେ, ଏଥିରେ ସନ୍ଦେହ ନାହିଁ। 'ଉଷାଭିଳାଷ' କାବ୍ୟକୁ ପାଠକଲେ କବି ଶିଶୁଶଙ୍କରଙ୍କର ଯେଉଁ ରସୋତ୍ତୀର୍ଣ୍ଣ କବିତ୍ୱର ପରିଚୟ ମିଳେ ତନ୍ମଧ୍ୟରୁ କବିଙ୍କର ପାଣ୍ଡିତ୍ୟ ତଥା ପ୍ରତିଭା ଆକଳନ କରିହୁଏ। ଏ ପରିପ୍ରେକ୍ଷୀରେ 'ଉଷାଭିଳାଷ' କାବ୍ୟ ବହୁ ସାଧନାର ଫଳପ୍ରସୂ ମାତ୍ର।

**ସମୟ ନିରୂପଣ**

କବି ଶିଶୁଶଙ୍କରଙ୍କ ସମୟ ନିରୂପଣ ଅନିଶ୍ଚିତତା ହୋଇ ରହିଅଛି। ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ହେଲେ 'ଉଷାଭିଳାଷ' ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କବିମାନଙ୍କର ପ୍ରକାଶିତ ଓ ଅପ୍ରକାଶିତ କାବ୍ୟମାନଙ୍କର ଅନୁଶୀଳନ ଆବଶ୍ୟକ। ଏ ପ୍ରସଙ୍ଗରେ କାର୍ତ୍ତିକ ଦାସଙ୍କ 'ରୁକ୍ମିଣୀ ବିଭା', ପ୍ରତାପ ରାୟଙ୍କ 'ଶଶିସେଣା', ପଦ୍ମନାଭ ଶ୍ରୀଚନ୍ଦନଙ୍କ 'ଶଶିରେଖା', କବି ଲୋକନାଥଙ୍କ 'ଚିତ୍ରକଳା', ରଘୁନାଥ ହରିଚନ୍ଦନଙ୍କ 'ଲୀଳାବତୀ' ଏବଂ ଧନଞ୍ଜୟ ଭଞ୍ଜଙ୍କ 'ରତ୍ନ ମଞ୍ଜରୀ' ଏହି କାବ୍ୟର ନାମ ଉଲ୍ଲେଖଯୋଗ୍ୟ। ଏହି କାବ୍ୟଗୁଡ଼ିକୁ ପାଠକଲେ ଜଣାଯାଏ ଯେ, ସେହି କାବ୍ୟରେ ବ୍ୟବହୃତ ରାଗ ରାଗିଣୀରେ 'ଉଷାଭିଳାଷ' ଛାନ୍ଦ ବିଶେଷର ବାଣୀ ନିର୍ଦ୍ଦେଶ କରାଯାଇଛି। ଏଥିରୁ ସହଜରେ ଜଣାଯାଏ ଯେ, କବିମାନେ ଯେଉଁ ସମୟରେ ସେମାନଙ୍କର କାବ୍ୟ ଗ୍ରନ୍ଥମାନ ପ୍ରଣୟନ କରିଥିଲେ ସେହି ସମୟରେ 'ଉଷାଭିଳାଷ' କାବ୍ୟ ଦେଶରେ ପ୍ରସିଦ୍ଧିଲାଭ କରିଥିଲା ଏବଂ ପାଠକମାନଙ୍କର ପ୍ରିୟ ଗ୍ରନ୍ଥ ରୂପେ ପରିଚିତ ହୋଇଥିଲା। ତେଣୁ ପାଠକମାନେ ବୁଝିବା ପାଇଁ ପରବର୍ତ୍ତୀ କାଳର କବିବୃନ୍ଦ ସେହି ଗ୍ରନ୍ଥର ନାମ ସହ ବାଣୀର ଉଲ୍ଲେଖ କରିଥିଲେ। କବି କାର୍ତ୍ତିକ ଦାସଙ୍କ "ରୁକ୍ମିଣୀ ବିଭା" କାବ୍ୟର ନବମ ଛାନ୍ଦ- ଦିଶ ମଙ୍ଗଳ ଭାଷା ଦ୍ୱିତୀୟ ଛାନ୍ଦ ବାଣୀରେ, କବି ପ୍ରତାପ ରାୟ 'ଶଶିସେଣା' କାବ୍ୟର ତୃତୀୟ ଛାନ୍ଦ- ଉଷା ଦ୍ୱିତୀୟ ଛାନ୍ଦ ବାଣୀରେ ଗାଇବ, କବି ପଦ୍ମନାଭ ତଦୀୟ 'ଶଶିରେଖା' ଗ୍ରନ୍ଥର ଦ୍ୱାଂବିଂଶତି ଛାନ୍ଦରେ ଲେଖିଅଛନ୍ତି- ଭାଷା-ପଙ୍କିଳ ବହନ ଲୁଲେ ବାଣୀରେ

ଗାଇବ, କବି ଲୋକନାଥ ତଦୀୟ 'ଚିତ୍ରକଳା' କାବ୍ୟର ଦ୍ୱିତୀୟ ଛାନ୍ଦରେ ଲେଖିଛନ୍ତି- ଉଷା ଦ୍ୱିତୀୟ ଛାନ୍ଦ ବାଣୀରେ ଗାଇବ, କବି ରଘୁନାଥ "ଲୀଳାବତୀ" କାବ୍ୟର ନବମ ଛାନ୍ଦରେ ଲେଖିଛନ୍ତି- 'ଭାବକୁ ନିକଟ ଯେ ଭଗତ ଜନବନ୍ଧୁ- ଉଷା ଷଷ୍ଠ ଛାନ୍ଦ ବାଣୀରେ ଗାଇବ,' କବି ଧନଞ୍ଜୟ ଭଞ୍ଜ ଲେଖିଛନ୍ତି 'ରତ୍ନମଞ୍ଜରୀ' କାବ୍ୟରେ ପଞ୍ଚଦଶ ଛାନ୍ଦରେ ଉଷା- ଅଭିଳାଷ ପୂର୍ବୋକ୍ତ ପଦଟି ଉଲ୍ଲେଖ କରି ତାହାର ବାଣୀ ନିର୍ଦ୍ଦେଶ କରିଅଛନ୍ତି। ଏଥିରୁ ଜଣାଯାଏ ଯେ, ଶିଶୁଶଙ୍କର ଦାସ ଉକ୍ତ କବିମାନଙ୍କର ପୂର୍ବବର୍ତ୍ତୀ କବି।

ଏସବୁ ଆଲୋଚନା ସତ୍ତ୍ୱେ କବିଙ୍କ ସମୟ ଅନିଶ୍ଚିତ ରହିଅଛି। ହଣ୍ଟର ସାହେବ କବିଙ୍କୁ ସପ୍ତଦଶ ଶତାବ୍ଦୀର ବୋଲି ଅନୁମାନ କରିଛନ୍ତି। ବିଶ୍ୱନାଥ ପାଟଯୋଶୀ ନାମଧେୟ ଲେଖକଙ୍କ ରଚିତ ସଂସ୍କୃତ ନାଟକ 'ଉଷା ପରିଣୟ' ଅବଲମ୍ବନରେ ଶିଶୁଶଙ୍କର 'ଉଷାଭିଳାଷ' କାବ୍ୟ ରଚନା କରିଥିଲେ ବୋଲି ହଣ୍ଟର ସାହେବ ଉଲ୍ଲେଖ କରିଛନ୍ତି। ମାତ୍ର "ଉଷା ପରିଣୟ" ନାଟକଟି ତଥାପି ଅନାବିଷ୍କୃତ ରହିଥିବାରୁ ଏହି ମତ ଗ୍ରହଣଯୋଗ୍ୟ ହୋଇପାରିବ ନାହିଁ। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ସଂପାଦିତ 'ଉଷାଭିଳାଷ' କାବ୍ୟର କେତେ ଆଭ୍ୟନ୍ତରୀଣ ପ୍ରାମାଣିକ ତଥ୍ୟରୁ ଜଣାଯାଏ ଯେ, 'ଉଷାଭିଳାଷ'ର ରଚନା କାଳ ଖ୍ରୀ.ଅ. ୧୬୫୫ ରୂପେ ସେ ନିର୍ଣ୍ଣୟ କରିଛନ୍ତି।

**କାବ୍ୟର କଳେବର**

"ଖିଳ ହରିବଂଶ", ଭାଗବତର ଦଶମ ସ୍କନ୍ଧ ଏବଂ ସାରଳା ମହାଭାରତର ମଧ୍ୟ ପର୍ବରେ ବର୍ଣ୍ଣିତ ଉଷା- ଅନିରୁଦ୍ଧ ଉପାଖ୍ୟାନ ଅବଲମ୍ବନରେ କବି ଶିଶୁଶଙ୍କର ଦାସ 'ଉଷାଭିଳାଷ' କାବ୍ୟ ରଚନା କରିଛନ୍ତି। କବି ହରିବଂଶ, ଭାଗବତ ଓ ସାରଳା ମହାଭାରତର କଥା ଭାଗକୁ ସ୍ୱୀୟ କଳ୍ପନା, ପାଣ୍ଡିତ୍ୟ ଓ ପ୍ରତିଭା ଶକ୍ତିବଳରେ ଅଭିନବ ମୂର୍ତ୍ତି ପ୍ରଦାନ କରିଯାଇଛନ୍ତି। କାବ୍ୟକୁ ପାଠ କଲେ ଜଣାଯାଏ ଯେ, କବି ପୁରାଣର ସେହି କଥାବସ୍ତୁକୁ ବିଭିନ୍ନ ରାଗରାଗିଣୀ, ରସପରିବେଷଣ ଓ ଆଳଙ୍କାରିକ ବର୍ଣ୍ଣନା ବିଳାସରେ, ବାରଗୋଟି ଛାନ୍ଦରେ କାବ୍ୟର କଳେବର ପରିକଳ୍ପନା କରିଛନ୍ତି।

ବାଣାସୁର ନନ୍ଦିନୀ ଉଷାର ପ୍ରେମ ଅଭିଳାଷ ପରିପୂରଣ ଏହି କାବ୍ୟର ବର୍ଣ୍ଣିତ ବିଷୟ। କାମ ନନ୍ଦନ ଅନିରୁଦ୍ଧ ନାୟକ ଏବଂ ଉଷା ନାୟିକା। ବାଣାସୁର ନନ୍ଦିନୀ ଉଷା ସହିତ ଅନିରୁଦ୍ଧ ନିଷିଦ୍ଧ ପ୍ରଣୟ, ସେହି ନ୍ୟାୟରେ ବାଣାସୁର ଓ ଅନିରୁଦ୍ଧ ମଧ୍ୟରେ ଯୁଦ୍ଧ ଓ ପରିଶେଷରେ ଅନିରୁଦ୍ଧ ସହିତ ଭାଷାର ପ୍ରଣୟ କାବ୍ୟ ବର୍ଣ୍ଣିତ ବିଷୟ। କାବ୍ୟଟି ମୁଖ୍ୟତଃ ଭାବରେ ଶୃଙ୍ଗାର ବା ଆଦିରସରେ ରସାଣିତ ହୋଇଅଛି। କାବ୍ୟରେ କରୁଣ ରସର ଯେଉଁ ଅବତାରଣା ରହିଛି ତାହା ଶୃଙ୍ଗାର ରସାଶ୍ରିତ।

କବି ପୁରାଣ ବର୍ଣ୍ଣିତ ଉପାଖ୍ୟାନକୁ କାବ୍ୟ ରୂପ ଦେବାକୁ ଯାଇ ସ୍ୱୀୟ କବିତ୍ୱ ଓ ପାଣ୍ଡିତ୍ୟର ମଧୁର ସମନ୍ୱୟରେ ଏହି କାବ୍ୟକୁ ପ୍ରାଚୀନ ଓଡ଼ିଆ ସାହିତ୍ୟର ଅମୂଲ୍ୟ ରତ୍ନ ରୂପେ ଗଢ଼ି ପାରିଛନ୍ତି। କାବ୍ୟାରମ୍ଭରେ ମଙ୍ଗଳାଚରଣରେ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କର ବନ୍ଦନା କବିଙ୍କର ଆଧାତ୍ମିକ ଚେତନା ବା ଧର୍ମୀୟ ଭାବନା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ ହୋଇଥାଏ। କବିଙ୍କ ଭାଷାରେ-

> **ବାଣାସୁର ନନ୍ଦିନୀ ଉଷାର ପ୍ରେମ ଅଭିଳାଷ ପରିପୂରଣ ଏହି କାବ୍ୟର ବର୍ଣ୍ଣିତ ବିଷୟ। କାମ ନନ୍ଦନ ଅନିରୁଦ୍ଧ ନାୟକ ଏବଂ ଉଷା ନାୟିକା।**

"ଶ୍ରୀ ପୁରୁଷୋତ୍ତମ ପବିତ୍ର ଦେଶେ
ନୀଳ ମହୀଧର ନାମ ପ୍ରକାଶେ।୨।
ଅଶେଷ ବ୍ରହ୍ମାଣ୍ଡ ଭୁରୁହ କାଳ
ତିଥିରେ ବିଜୟ ପରମାନନ୍ଦ ।୩।
ଭଗତ-ଜନ-ଭୃଙ୍ଗ ଅରବିନ୍ଦ
ସାଧୁଙ୍କ ଲୋଚନ-ଚକୋର-ଚନ୍ଦ୍ର।୪।
ନିଗମ ତତ୍ତ୍ୱଭାଗ ଅଭିରାମ
ଯୋଗି-ଜନଙ୍କର ନିର୍ବାଣ ଧାମ।୫। (୧ମ ଛାନ୍ଦ)

କବି ସାଧୁସ୍ତୁତି ଖଳ ନିନ୍ଦା କରିବା ପରେ କାବ୍ୟର ବିଷୟବସ୍ତୁ ନିର୍ଦ୍ଦେଶ କରିଛନ୍ତି। ମଧୁର ରସ ପ୍ରାଧାନ୍ୟ ଲାଭ କରିଥିବା 'ଉଷାଭିଳାଷ' ରଚନା କରିବାକୁ ମନସ୍ଥ କରିଛନ୍ତି। ଉଷାଶୋଣିତପୁରର ବାଣାସୁରର ଏକମାତ୍ର ଅଲିଅଳି କନ୍ୟା। 'ଉଷାଭିଳାଷ' କାବ୍ୟରେ ଉଷାର ଅଭିଳାଷ ହିଁ କାବ୍ୟର ପ୍ରାଣ କେନ୍ଦ୍ର।

**ଆଦିରସର ଭୂମିକା**

ମଧ୍ୟଯୁଗୀୟ ଓଡ଼ିଆ କାବ୍ୟରେ ଆଦିରସ ସ୍ଥୂଳତଃ ଦେହଜ ପ୍ରେମ ବା ରତିସମ୍ଭୋଗ ମଧ୍ୟରେ ଯେପରି ପର୍ଯ୍ୟବସିତ

ହୋଇଅଛି ତାହା ନରନାରୀ ମଧ୍ୟରେ ପ୍ରଣୟନ ରସଘନ କାବ୍ୟିକ ସୌନ୍ଦର୍ଯ୍ୟ ନିତାନ୍ତ ଏକ ଜାନ୍ତବ ବ୍ୟାପାରରେ ପରିଣତ କରିଅଛି। କାବ୍ୟରେ ପ୍ରେମ ଏକ ଜୈବିକ ନିତ୍ୟକର୍ମ ରୂପରେ ପରିଣତ ହୋଇଅଛି। ଏହା ହିଁ 'ଉଷାଭିଳାଷ' କାବ୍ୟରେ ଦେଖିବାକୁ ମିଳେ। ମଧ୍ୟଯୁଗୀୟ କାବ୍ୟରେ କବିତ୍ୱର ଦିଗ୍‌ବଳୟ ମଧ୍ୟରେ ରାଗାନୁଗାଭକ୍ତି ଓ କାମଶାସ୍ତ୍ର ମଧ୍ୟରେ ଯେପରି ସଙ୍କୁଚିତ ହୋଇପଡିଥିଲା ଏହା ତାହାର ଅନ୍ୟତମ ଦୃଷ୍ଟାନ୍ତ। ଏଭଳି ଅନେକ ଅପୂର୍ଣ୍ଣତା ସତ୍ତ୍ୱେ 'ଉଷାଭିଳାଷ' କାବ୍ୟର ସୌନ୍ଦର୍ଯ୍ୟ ଅତୁଳନୀୟ।




'ଉଷାଭିଳାଷ'ର ମୁଖବନ୍ଧରେ (ପ୍ରାଚୀ) ଆର୍ତ୍ତବଲ୍ଲଭ ମହାନ୍ତି ଲେଖିଛନ୍ତି- "ଏ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ରାଜ୍ୟର କାବ୍ୟ ସିଂହାସନରେ ଉପେନ୍ଦ୍ର ଭଞ୍ଜ ଅସପତ୍ନ ପ୍ରତିଷ୍ଠା ଲାଭ କରି ଆସୁଛନ୍ତି। କାରଣ ତାହା ପୂର୍ବବର୍ତ୍ତୀ କବିମାନଙ୍କର କାବ୍ୟ ଅଦ୍ୟାବଧି ପ୍ରକାଶିତ ହୋଇନାହିଁ। XXX ଶିଶୁଶଙ୍କରଙ୍କର ଏହି 'ଉଷାଭିଳାଷ' ସେହି ପ୍ରତିଦ୍ୱନ୍ଦ୍ୱିତାର ପ୍ରଥମ ଶକୁନ ସ୍ୱରୂପ ଭଞ୍ଜକବିଙ୍କର ଅସପତ୍ନତା ମୂଳରେ ସାମାନ୍ୟ ଏକ ଆଘାତ ମାତ୍ର ପ୍ରଦାନ କରିବ।"

କାବ୍ୟର ତୃତୀୟ ଛାନ୍ଦରେ ବସନ୍ତ ସମାଗମ ସାଙ୍ଗକୁ ଭାଷାର ଯୌବନପ୍ରାପ୍ତି ବର୍ଣ୍ଣନା ରହିଛି। ଉପବନର ପ୍ରାକୃତିକ ବିଭବ ବର୍ଣ୍ଣନାରେ କବି ଯେପରି ସିଦ୍ଧହସ୍ତତା ଦେଖାଇଅଛନ୍ତି ସେଥିରୁ ଅନୁମିତ ହୁଏ ଯେ, କବି ଜଣେ ପ୍ରକୃତିର ନୀରବ ପର୍ଯ୍ୟବେକ୍ଷକ ଥିଲେ। ଏହି ଜୀବନ୍ତ ବର୍ଣ୍ଣନା ଏପରି ଚିତ୍ତାକର୍ଷକ ହୋଇଅଛି ଯେ, ଏହାକୁ ପାଠ କଲେ ସକଳ ବସନ୍ତ-ବିଭବ ବର୍ଣ୍ଣନା ପାଠକର ମାନସ ମୁକୁରରେ ପ୍ରତିଫଳିତ ହୋଇଉଠେ। କବିଙ୍କ ଭାଷାରେ-

"ପୁଷ୍ପ ମକରନ୍ଦ ଲୋଭେ ମନ୍ଦ ମରୁତ
କିମ୍ପାଇ ଲୋଚନ ମନ କିଶଳୟ ମତ।
ତରୁଲତା ମଳୟଦ ସଙ୍କେତ ପାଇ
କୁସୁମ କୋରକ ସ୍ନେହେ ପ୍ରକଟିଲେ ତହିଁ।

X X X

ଯେବଣ କେତକୀ ନାମ ମାତ୍ରକେ ମୋହି
କାମ କୁନ୍ତ ମତ କେ ତା ଦେଖି ପାରୁ ସହି।"(୩ୟ ଛାନ୍ଦ)

ଜୀବନ ବେଦୀରେ ଉନ୍ମତ୍ତ ଯୌବନରେ ମତୁଆଲା ହୋଇ ଛିଡା ହୋଇଛି ଉଷା। ମନ ତା'ର ଚାହୁଁଛି ସାଥୀ। ତା'ର ଭରାଯୌବନ ଚାହିଁଛି, ସେ ଏପରି ଜଣକୁ ଏକାନ୍ତରେ ଭଲ ପାଇବ ଏବଂ ମନଭରି ଉପଭୋଗ କରିବ। ଏତିକିବେଳେ ଉଷା ଶିବପାର୍ବତୀଙ୍କ ଜଳକ୍ରୀଡା ସନ୍ଦର୍ଶନ କରି ତା'ର ଯୌବନ ଅଧୀର ଏବଂ ଉତ୍ତପ୍ତ ହୋଇଉଠିଛି। ଆଦ୍ୟାଶକ୍ତି ପାର୍ବତୀଙ୍କ ନିକଟରେ ଉଷା ମନର ସଂଗୋପନ ଭାବ ଆଉ ଲୁଚି ରହି ପାରିଲା ନାହିଁ। ପାର୍ବତୀ କହିଲେ ବୈଶାଖ ଶୁକ୍ଳ ତ୍ରୟୋଦଶୀ ରାତିରେ ସ୍ୱପ୍ନରେ ସାଥୀରୂପେ କାମନନ୍ଦନ ମନର ପ୍ରିୟ ପୁରୁଷ ଅନିରୁଦ୍ଧକୁ ପାଇବୁ।

"ଯେସନେ ରମିଲା ତାକୁ ରମଣି ମଣି
ଅନିରୁଦ୍ଧ ତେସନେ ରମିଲା ତରୁଣୀ।"

ସ୍ୱପ୍ନର ଏହି ମିଳନ ସ୍ୱପ୍ନଭଙ୍ଗ ପରେ ଅସହ୍ୟ ବିରହରେ ପରିଣତ ହୋଇଅଛି। ଆର୍ତ୍ତସ୍ୱରରେ ତା'ର ବିକଳ କ୍ରନ୍ଦନ, ସ୍ୱପ୍ନରେ ପ୍ରଥମ ଦେଖାରେ ହିଁ ପ୍ରିୟ ପ୍ରତି ତା'ର ଏକାନ୍ତ ପ୍ରୀତିର ସୁନ୍ଦର ବର୍ଣ୍ଣନା। ଭାଷାର ବୁକୁଫଟା କ୍ରନ୍ଦନ ଭିତରେ ତା'ର ଆଦର୍ଶ ପ୍ରେମ ପ୍ରତିଫଳିତ ହୋଇଛି। ଏହି ବର୍ଣ୍ଣନା କବିଙ୍କ ଲେଖନୀରେ-

"ପଲଙ୍କ ତେଜିଣ ଉଠିଲା ସୁମୁଖି ସପନ ସଙ୍କେତ ପାଇଣ
ଆହା ! ପ୍ରାଣନାଥ, କେଣେ ଗଲୁ ବୋଲି ଉଚ୍ଚ ସ୍ୱରରେ
କରେ କାରୁଣ୍ୟ
ଦଇବ, ଦେଖାଇ ନିଧି ହରିନେଲୁ;
ଶିଶୁ କୁମାରୀ ମୁଁ କିଛି ନ ଜାଣଇ କିମ୍ପାଇ ମୋତେ ଏହା କଲୁ।"

ଏହି ବର୍ଣ୍ଣନାରେ ଉପେନ୍ଦ୍ର ଭଞ୍ଜ ଶିଶୁଶଙ୍କର ଦାସଙ୍କ ଦ୍ୱାରା ପ୍ରଭାବିତ ହେବାର ଅନୁମାନ କରାଯାଏ। 'ଲାବଣ୍ୟବତୀ'

କାବ୍ୟରେ କବି ଲେଖିଛନ୍ତି-

"ଚେତି ଚତୁରୀ ଚାହିଁଲା ନିଶି ନାଶେ ପାଶେ ନାହିଁ ଦିବ୍ୟ ତରୁଣ,
ମାରିହୃଦେ ହାତ ନାଥ ନାଥ ବୋଲି ଅତି ଉଚ୍ଚେ କଲା କାରୁଣ୍ୟ।
ଖୋଜେ ଅଧୀରେ ଚେତନା ହତସେ ବିଧିରେ
ଶେଯ ଲେଉଟାଇ କବରୀ ଫିଟାଇ କର ଭରିକୁଚ ସନ୍ଧିରେ।"

ଏଠାରେ ଉଭୟ ଉଦ୍ଧୃତାଂଶର ତୁଳନା କଲେ କେବଳ ବର୍ଣ୍ଣନା ଭଙ୍ଗୀରେ ସାମ୍ୟ ଲକ୍ଷିତ ହୁଏ, ତାହା ନୁହେଁ, ଅନେକ ସମାନ ଶବ୍ଦ ପ୍ରୟୋଗ ହୋଇଥିବାର ଆଖିରେ ପଡ଼େ। 'ଲାବଣ୍ୟବତୀ' କାବ୍ୟରେ 'ଉଷାଭିଳାଷ' ପ୍ରଭାବ ଅନେକ ସ୍ଥଳରେ ପଡିଥିବାର ମନେ ହୁଏ।

**ବସନ୍ତକାଳୀନ ବର୍ଷା**

ବସନ୍ତ ଋତୁରେ ନବବର୍ଷାର କାବ୍ୟିକ ବିନ୍ୟାସ ପାଇଁ ବିପ୍ରଲମ୍ଭ-ପୀଡିତା ପୀନସ୍ତନୀ ନାୟିକାର ନମ୍ର ନେତ୍ରରେ ଅଶ୍ରୁରାଶି ଓ ପୀନସ୍ତନ ଉପରେ ତାହାର ବର୍ଷଣ ଧାରା କାବ୍ୟରେ ବର୍ଣ୍ଣିତ ହୋଇଛି। କବିଙ୍କ ଭାଷାରେ-

"ଆଗୋ ସଙ୍ଗାତ ! ମୋହ
ମେଘ ତୋତେ ରୁନ୍ଧିଲା
ଲୋଚନ ନୀର କୁଚରେ
ବରଷନ୍ତେ କୋକିଳ ବଚନ ବାଧିଲା।୬। (୫ମ ଛାନ୍ଦ)

**କାବ୍ୟନାୟିକା ଉଷାର ରୂପ ବର୍ଣ୍ଣନାରେ ଏହା ଦିଗ୍‌ବଳୟ ସ୍ପର୍ଶ କରିପାରିଛି।**

'ଉଷାଭିଳାଷ' କାବ୍ୟଟି କବିଙ୍କର ବର୍ଣ୍ଣନା ଶୃଙ୍ଗାର ରସମୟ ହୋଇଉଠିଛି। ଅନିରୁଦ୍ଧ ବାଣାସୁରର ଆଘାତରେ ମୋହଗ୍ରସ୍ତ ହେବା ପରେ ଉଷାର କାରୁଣ୍ୟ ଅନିରୁଦ୍ଧର ବିଚ୍ଛେଦରେ ଯେତେ ନୁହେଁ, ସେତେ ପରିମାଣରେ ମଦନ ଆତୁରରେ ପ୍ରଣୋଦିତ ହୋଇଅଛି। ଏ ପ୍ରକାର କାରୁଣ୍ୟକୁ କରୁଣ ରସ ବଞ୍ଚିତ କରି ବୀଭତ୍ସ କରିଦେଇଛି। ବର୍ଣ୍ଣନାରେ-

"ବିପରୀତ ରତି କାଳେ କୁଚର ଝାଳ
ହୃଦରେ ତୋ ଜାଣ କରେ ପୁଲକକୁଳ।"
(ଏକାଦଶ ଛାନ୍ଦ)

'ଉଷାଭିଳାଷ' କାବ୍ୟରେ କବିଙ୍କର କବିତ୍ୱ ଉଷାର ରୂପବର୍ଣ୍ଣନା ଓ ପ୍ରକୃତି ବର୍ଣ୍ଣନାରେ ବିକଶିତ ହୋଇଅଛି। କବିଙ୍କର କଳ୍ପନା ଯଦିଓ ବିଷୟବସ୍ତୁରେ ତା'ର ସାର୍ଥକ ଅଭିବ୍ୟକ୍ତି ପ୍ରଦର୍ଶନ କରିପାରିନାହିଁ। ତଥାପି କାବ୍ୟନାୟିକା ଉଷାର ରୂପ ବର୍ଣ୍ଣନାରେ ଏହା ଦିଗ୍‌ବଳୟ ସ୍ପର୍ଶ କରିପାରିଛି। ଉଷାର ଚରଣ ସ୍ଥଳପଦ୍ମର ଶୋଭାକୁ ନିନ୍ଦା କରୁଛି ଏବଂ ସୁସଜ୍ଜ ଅଙ୍ଗୁଳି-ନଖ ସଚେତ ଅବା 'ଦିବ୍ୟ ମଣିଗଣ'। ଉଷାର ରୂପ ବର୍ଣ୍ଣନାରେ ଯେପରି କବିତ୍ୱ ପ୍ରକଟିତ ହୋଇଛି ସମ୍ଭୋଗ ଓ ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ ସେପରି ତାହା ଦୀପ୍ତିମୟ ହୋଇଉଠିଛି। ସ୍ୱପ୍ନରେ ଅନିରୁଦ୍ଧ ସହ ଯୌନ ସମ୍ଭୋଗ ପରେ ଉଷାର ନିଦ୍ରାଭଗ୍ନ ହୋଇଛି। ସେତେବେଳେ ତା'ର କରୁଣ ବିଳାପ କୌଣସି ପାଠକ ଭୁଲିବାର ନୁହେଁ। ଉଷା ପ୍ରତି ଅନିରୁଦ୍ଧର କୋମଳ ବଚନ ଓ ଅନିରୁଦ୍ଧର ନାଗଫାଶ ବନ୍ଧନରେ ଦୁର୍ଦ୍ଦଶା ଦେଖି ଅନିରୁଦ୍ଧ ପ୍ରାଣା ଉଷାର କରୁଣ ବିଳାପ ପ୍ରଭୃତି ବର୍ଣ୍ଣନା କବିଙ୍କର ଅସାଧାରଣ କବି ପ୍ରତିଭାର ଜୟଗାନ କରୁଅଛି। ସମ୍ମୁଖ ସଂଗ୍ରାମରେ ପରାସ୍ତ ବାଣାସୁର ମନ୍ତ୍ରୀର ମନ୍ତ୍ରଣାରେ ମାୟାଯୁଦ୍ଧ କରିଛି। ନାଗଫାଶରେ ଆବଦ୍ଧ ବୀର ଅନିରୁଦ୍ଧ। ପ୍ରିୟତମର ଏଭଳି ଦୟନୀୟ ଅବସ୍ଥା ଦେଖି ଉଷାର ପ୍ରାଣରେ ଅସହ୍ୟ ବେଦନା ସୃଷ୍ଟି ହୋଇଛି। କବିଙ୍କ ଭାଷାରେ-

"ତନୁକୁ ବାଧଇ ତୋର ହଂସୁଲୀତୁଳୀ, ଅବନୀସୁଆଗ କଲୁ ଶୋଇଲୁ ଧୂଳି।
ଆଲିଙ୍ଗନ ଚୁଡ଼ି ସଞ୍ଚା
ଦେହରେ ବସେ, କେମନ୍ତେ
ସହିଲୁ ଏବେ ଭରଣ ପାଶେ।"

'ଉଷାଭିଳାଷ' କାବ୍ୟର ଶୃଙ୍ଗାର ରସାତ୍ମକ। ବୀର ଓ କରୁଣ ରସଦ୍ୱୟ ଗୌଣ ଭାବରେ ପରିବେଷିତ। କାବ୍ୟରେ ବିରହରେ ବିପ୍ରଲମ୍ଭ ଶୃଙ୍ଗାର ଓ ମିଳନରେ ସମ୍ଭୋଗ ଶୃଙ୍ଗାର ବର୍ଣ୍ଣିତ। ଅନିରୁଦ୍ଧ ଧୀରୋଦାତ୍ତ ନାୟକ ଏବଂ ଉଷା ମୁଗ୍ଧା ନାୟିକା। କାବ୍ୟଟି କ୍ଷୁଦ୍ର ହେଲେ ମଧ୍ୟ କବିଙ୍କର ଅସାଧାରଣ ପ୍ରତିଭା ଏବଂ କବିତ୍ୱ ଆଶାନୁରୂପ ଭାବରେ ଫୁଟି ଉଠିବାକୁ ଅବସର ପାଇଛନ୍ତି। କାବ୍ୟକୁ ପାଠକଲେ କବିଙ୍କର ବହୁଶାସ୍ତ୍ରଦର୍ଶିତାର ପ୍ରମାଣ ମିଳିଥାଏ।

'ଉଷାଭିଳାଷ' କାବ୍ୟକୁ ପାଠ କଲେ କବିଙ୍କର କବିତ୍ୱ ଓ ପାଣ୍ଡିତ୍ୟ କାବ୍ୟକୁ କିପରି କମନୀୟ କରିପାରିଛି ତାହା ସହଜରେ ଅନୁମେୟ ହୁଏ। ଭାଷାର ଲାଳିତ୍ୟ ଓ ଅଳଙ୍କାରର ପ୍ରୟୋଗରେ ପରିମିତବୋଧ ଏହି କାବ୍ୟଟିକୁ ଓଡ଼ିଆ ସାହିତ୍ୟରେ ଏକ ଅମଳିନ ପ୍ରତିଷ୍ଠା ପ୍ରଦାନ କରିଅଛି।

□□

ଲେଖକଙ୍କ ଇ-ମେଲ ଠିକଣା:
akpanda382@gmail.com





# କେଇପଦ ସମ୍ବଲପୁରୀ

କବିତା


## ପ୍ରଫୁଲ୍ଲ କୁମାର ତ୍ରିପାଠୀ

**ସମ୍ବଲପୁରୀ:**

## ସାହିତ୍ୟ ରାହା

ଜାନ୍‌ସିଁ ଯଦି ଯାହା ଲେଖ୍‌ଥିଲିଁ
ନୁହେ ଗୁଟାରଁଗେଁ ସତ୍
ତର୍‌ସର୍ ମୁଇଁ ବଦ୍‌ଲେଇଦେସିଁ
ମୋର୍ ଆଘୋର୍ ମତ୍ ?

ଗୁଟେ ମତ୍ କି ବିଚାର୍ ସାଂଗେ
ନାଇଁହେଇ ବଲି ଯୁଡ଼ି
ବେଲ୍ ଜାନିକରି ବୁତା କର୍‌ସିଁ
ନାଇଁରହେଁ ଚୁଛେଁ ପଡ଼ି



ରଡ଼୍‌ବାକେ ମୋତେ ଡର୍ ଲାଗ୍‌ସି
ଭାଏଲ୍ ଯିବା ଟଁଟି ଛିଡ଼ି
ଟିପି ତକ୍ ନାଇଁଚଢ଼େଁ ବଲି
ନାଇଁପଡ଼େଁ ଗର୍‌ଗଡ଼ି

ସବୁ ରକମର୍ ଲୋକ୍‌କଁର୍ ଠାନୁ
ପାଏସିଁ ଯେତେ ଯାହା
ସେଟା'ନ ଆଏ ମୋର୍ ସାହିତ୍ୟ
ମୋତେ ଦେଖାସି ରାହା

**ଓଡ଼ିଆ ଭାଷାନ୍ତର:**

## ସାହିତ୍ୟ ରାହା

ଜାଣେ ମୁଁ ଯେବେ ଯାହା ଲେଖିଥିଲି
ନୁହେ ଅବିକଳ ସତ
ସେହି କ୍ଷଣି ମୁଁ ବଦଳାଇଦିଏଁ
ନିଜର ପୁରୁଣା ମତ

ଗୋଟେ ମତ କି ବିଚାର ସହିତ
ହୋଇନାହିଁ ଯେଣୁ ଯୋଡ଼ି
ବେଳ ଜାଣି ନିଜ ପାଇଟି କରେଁ
ପାରେଁନାହିଁ ମିଛେ ପଡ଼ି

ରଡ଼ିବାକୁ ମୋତେ ଖୁବ୍ ଡର ମାଡ଼େ
କାଳେ ଯିବ ତୋଟି ଛିଡ଼ି
ଶିଖର ପର୍ଯ୍ୟନ୍ତ ଚଢ଼ିନି କେବେ
ମାଟିରେ ଖସିନି ଗଡ଼ି

ସବୁ ପ୍ରକାରର ଲୋକଙ୍କ ଠାରୁ
ପାଏଁ ମୁଁ ଯେତେ ଯାହା
ତାହା ହିଁ ମୋ ଲେଖା ସାହିତ୍ୟ ହୁଏ
ଦେଖାଏ ମୋତେ ରାହା

ସମାଲୋଚନା

# 'ନେତିନେତି' ଉପନ୍ୟାସ - ନୈରାଶ୍ୟ ମଧ୍ୟରେ ଆଶାର ପ୍ରତିଲିପି



ଡ. ବ୍ରହ୍ମାନନ୍ଦ ଖୁଣ୍ଟିଆ

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ବହୁ ସମ୍ମାନ ଓ ସ୍ୱୀକୃତିର ଅଧିକାରୀ ସୁରେନ୍ଦ୍ର ମହାନ୍ତି ଜଣେ ସ୍ମରଣୀୟ ସ୍ରଷ୍ଟା ଭାବରେ ପରିଚିତ। ଆଧୁନିକ ଓଡ଼ିଆ ଗଳ୍ପ କ୍ଷେତ୍ରରେ ନୂତନ ଦିଗନ୍ତର ସ୍ରଷ୍ଟା ସୁରେନ୍ଦ୍ର, ଉପନ୍ୟାସ କ୍ଷେତ୍ରରେ ମଧ୍ୟ ଗର୍ବ ଓ ଗୌରବର ନୂତନ ଅଧ୍ୟାୟ ସୃଷ୍ଟି କରିବାରେ ସମର୍ଥ। ବସ୍ତୁତଃ ଛାତ୍ର ଜୀବନ, ସାମ୍ବାଦିକତା, ରାଜନୀତି ଓ ବ୍ୟକ୍ତିଗତ ଜୀବନକ୍ଷେତ୍ରରୁ ବିପୁଳ ଅନୁଭୂତି ସଂଗ୍ରହ କରିଥିବା ଲେଖକ ସୁରେନ୍ଦ୍ର ସଫଳତା ଓ ବିଫଳତାର କାହାଣୀ ମାଧ୍ୟମରେ ମୂଲ୍ୟବୋଧର ସନ୍ଧାନ କରିଛନ୍ତି ତାଙ୍କର ବହୁବିଧ ଉପନ୍ୟାସ-କୃତିର କଥାବସ୍ତୁ ମଧ୍ୟରେ। ପ୍ରାସଙ୍ଗିକତା ଦୃଷ୍ଟିରୁ ଏଠାରେ ଲେଖକଙ୍କ 'ନେତିନେତି' (୧୯୮୨) ଉପନ୍ୟାସର ପର୍ଯ୍ୟାଲୋଚନା ପ୍ରଦତ୍ତ।


> **ଆତ୍ମକଥନ ରୀତିରେ ରଚିତ ସୁରେନ୍ଦ୍ରଙ୍କ 'ନେତିନେତି' ଉପନ୍ୟାସର କଥାବସ୍ତୁ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନର ଐତିହାସିକ ପୃଷ୍ଠଭୂମି ଉପରେ ପରିକଳ୍ପିତ।**

କେହି ଜଣେ ସମାଲୋଚକ କହିଛନ୍ତି- ପୃଥିବୀର ପ୍ରତ୍ୟେକ ମହତ୍ ଉପନ୍ୟାସ ହିଁ ହେଉଛି ଅଟୋବାୟୋଗ୍ରାଫିକାଲ। କାରଣ ବିଶ୍ୱ ସାହିତ୍ୟରେ ଯେଉଁମାନେ ବିସ୍ମୟ, ସେମାନଙ୍କ ବାଣୀଜୀବନ ହିଁ ହେଉଛି ତାଙ୍କର ଜୀବନବାଣୀ। ଔପନ୍ୟାସିକଙ୍କର ଜୀବନ ହିଁ ହେଉଛି ସେମାନଙ୍କର ସର୍ବୋତ୍ତମ ଉପନ୍ୟାସ ଏବଂ ସେହି ଜୀବନର କଳସ୍ୱର ହିଁ କଥା ସାହିତ୍ୟର ପ୍ରାଣ। ସୁତରାଂ ଏପରି ତାତ୍ପର୍ଯ୍ୟପୂର୍ଣ୍ଣ ମନ୍ତବ୍ୟ ଓ ଦୃଷ୍ଟିଭଙ୍ଗୀକୁ ନେଇ 'ନେତିନେତି' ଉପନ୍ୟାସର କଥାବସ୍ତୁ ଓ ଭାବଧର୍ମର ବିଚାର-ବିମର୍ଶ କରାଯାଇପାରେ। ବସ୍ତୁତଃ ଆତ୍ମକଥନ ରୀତିରେ ରଚିତ ସୁରେନ୍ଦ୍ରଙ୍କ 'ନେତିନେତି' ଉପନ୍ୟାସର କଥାବସ୍ତୁ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନର ଐତିହାସିକ ପୃଷ୍ଠଭୂମି ଉପରେ ପରିକଳ୍ପିତ। ଉପନ୍ୟାସର ଶୈଳୀରେ ଲେଖିବାକୁ ଯାଇ ଲେଖକ ଏହାର କଥାବସ୍ତୁକୁ କଳ୍ପନାର ପୁଟରେ ରଞ୍ଜିତ କରିଛନ୍ତି ଏବଂ ଏହାର ନାୟକ ମାନବେନ୍ଦ୍ରକୁ ଏକ ନୈରାଶ୍ୟ ବିଜଡ଼ିତ ଭାବ ଭୂମିରେ ଛିଡା କରାଇ କ୍ରମଶଃ ସ୍ୱପ୍ନପ୍ରବଣ ଓ ଆଶାବାଦୀ କରି ଗଢ଼ିତୋଳିଛନ୍ତି। ଉପନ୍ୟାସର କଥାବସ୍ତୁ ସମ୍ପର୍କରେ ସୂଚନା ଦେଇ ପୁସ୍ତକର ମୁଖବନ୍ଧରେ ଲେଖକ କହିଛନ୍ତି- "ମାନବେନ୍ଦ୍ରର ସ୍ୱପ୍ନବିଳାସୀ କୈଶୋରରୁ ଯନ୍ତ୍ରଣା କଣ୍ଟକିତ ଯୌବନ ପଥରେ ଅଶାନ୍ତ ଯାତ୍ରାର ଶତ ଅନୁଭୂତି ମଧ୍ୟରେ ଅନେକେ ନିଜ ନିଜ ଜୀବନର କିଛିଟା ଅନୁଭୂତି କେଉଁଠି କେଉଁଠି ପାଇପାରନ୍ତି। କିନ୍ତୁ ମାନବେନ୍ଦ୍ର ଓ ଏଥିରେ ବର୍ଣ୍ଣିତ ସମସ୍ତ ଚରିତ୍ର ସମ୍ପୂର୍ଣ୍ଣ କାଳ୍ପନିକ, ଯଦାପି 'ଭାରତଛାଡ଼' ଆନ୍ଦୋଳନର ପୃଷ୍ଠଭୂମି ବାସ୍ତବ ଓ ଐତିହାସିକ"। ବସ୍ତୁତଃ 'ନେତିନେତି' ଉପନ୍ୟାସ ୧୯୪୨ ମସିହାର 'ଭାରତଛାଡ' ଆନ୍ଦୋଳନର ୪୦ ବର୍ଷ ପରେ ଔପନ୍ୟାସିକ ସୁରେନ୍ଦ୍ରଙ୍କ ପାର୍ଲାମେଣ୍ଟ ସଭ୍ୟ ଭାବରେ ରାଜନୀତିକ ପ୍ରତିଷ୍ଠା ପର୍ଯ୍ୟାୟରେ ନୂଆଦିଲ୍ଲୀସ୍ଥ ୧୭/ବି, ଫିରୋଜଶାହା ରୋଡ୍‌ରେ ଥିବା ତାଙ୍କ ତତ୍କାଳୀନ ବାସଭବନରେ ରଚିତ ଅତୀତର ଧୂସର ସ୍ମୃତିର କମନୀୟ ଭାବଚିତ୍ର ପ୍ରଦାନ କରେ। ଦୂର ଅତୀତରେ ଛାଡ଼ି ଆସିଥିବା ବହୁ ଅସଫଳ, ଅସମାପ୍ତ ଘଟଣା ରାଜିର କ୍ଲେଦାକ୍ତ ଅନୁଭୂତି ଆତ୍ମପ୍ରକାଶ କରିଛି ଏହି ଉପନ୍ୟାସରେ। ପରାଧୀନ ପ୍ରପୀଡ଼ିତ ଭାରତବର୍ଷର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଉପନ୍ୟାସର ନାୟକ ମାନବେନ୍ଦ୍ରଙ୍କ ଅନ୍ଧାରିତ ଜୀବନ ପ୍ରାଙ୍ଗଣରେ ଆଶାର

ଆଲୋକିତ ଦ୍ୱୀପଶିଖାଟିଏ ଜଳାଇ ରଖିବାକୁ ପ୍ରୟାସ କରିଛନ୍ତି ଔପନ୍ୟାସିକ । ତେଣୁ ଶତନିଗ୍ରହ ଓ ବିଫଳତାର ବ୍ୟାପକ ଭୂମିରେ ଉପନ୍ୟାସର ନାୟକ ମାନବେନ୍ଦ୍ରଙ୍କ ଅନ୍ତର୍ମନରେ ଗୀତାର ସେହି ଅନୁପ୍ରେରିତ ଦାର୍ଶନିକ ଅଭିବ୍ୟକ୍ତିଟି ବାରମ୍ୱାର ଉଚ୍ଚାରିତ ହୋଇଛି- "କ୍ଷୁଦ୍ର ହୃଦୟ ଦୌର୍ବଲ୍ୟଂ ତ୍ୟକ୍ତୋତିଷ୍ଠ ପରନ୍ତପ" ଅର୍ଥାତ୍ ମଣିଷ ଜୀବନ ସଂଗ୍ରାମ ପଥରେ ହୃଦୟର କ୍ଷୁଦ୍ର କ୍ଷୁଦ୍ର ଦୁର୍ବଳତାକୁ ପରିହାର କରିବା ତା'ର ଶ୍ରେଷ୍ଠ ଧର୍ମ ହେଉ । 'ଉତ୍ତିଷ୍ଠତଃ ଜାଗ୍ରତ' ତା'ର ଲକ୍ଷ୍ୟ ହେଉ ।

## କଥାବସ୍ତୁର ଶୈଳୀ

ଉପନ୍ୟାସ କଥାବସ୍ତୁର ଆଦ୍ୟଭାବରେ ଫ୍ଲାସ ବ୍ୟାକ୍ ଶୈଳୀରେ ଲେଖକ ଏହାର ନାୟକ ମନୁଆ ଓରଫ୍ ମାନବେନ୍ଦ୍ରଙ୍କ ଶୈଶବ ଓ କୈଶୋରର ଅନେକ ଐଶ୍ୱର୍ଯ୍ୟମୟ ଚପଳ ସ୍ମୃତିକୁ ପ୍ରକାଶ କରିଛନ୍ତି । ଗ୍ରାମର ସାଙ୍ଗମାନଙ୍କ ସହ ମିଶି ନଟୁ ଖେଳିବା, ଗୁଡ଼ି ଉଡ଼େଇବା, ବଲ ଖେଳିବା, ବଂଶୀ ଫୁଙ୍କିବା, ସଜନାଗଛ ଓ ବଉଳଗଛ ଡାଳରେ ବସିଥିବା ସୁନ୍ଦର ହଳଦୀବସନ୍ତ ପକ୍ଷୀଟିକୁ ଛିଟିକିଣି ମାରିବା, କଇଁଫୁଲ ଫୁଟିଥିବା ଗାଁ ପୋଖରୀରେ ସନ୍ତରଣ କରିବା ଇତ୍ୟାଦି ଛନ୍ଦ-ଚପଳ ସ୍ମୃତିର କମନୀୟ ବର୍ଣ୍ଣନା ପ୍ରଦତ୍ତ ହୋଇଛି ଏହି ପର୍ଯ୍ୟାୟରେ । ମୋର ମନେ ହୁଏ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଶୈଶବ ଓ କୈଶୋରର ଏପରି ଆବେଗସିକ୍ତ ବର୍ଣ୍ଣନା ଅନ୍ୟତ୍ର ପରିଲକ୍ଷିତ ହୁଏ ନାହିଁ । ମାନବେନ୍ଦ୍ର ଶୈଶବର କାର୍ଯ୍ୟସାରଣୀରେ ସହଯୋଗ କରିଛନ୍ତି ସାମୟିକ ଭାବେ ତାଙ୍କ ଘରକୁ ଆସୁଥିବା ମାମୁ ଘର ଅଜା । କ୍ରମଶଃ ମାନବେନ୍ଦ୍ର, ଶୈଶବ ଓ କୈଶୋରର ସୀମା ଅତିକ୍ରମ କରି ଯୌବନରେ ପଦାର୍ପଣ କରିଛନ୍ତି । ଅଥଚ ତା'ର ଅଶୀତିପର ଅଜା ଆସିଛନ୍ତି ଅତୀତ ଶୈଶବର ସନ୍ଧାନରେ । "ଅଜା ସେଦିନ ଆସୁଥିଲେ ହୁଏତ ତାଙ୍କ ହଜିଲା ଶୈଶବର ସନ୍ଧାନରେ । ମୁଁ ମଧ ସନ୍ଧାନ କରୁ ଥିଲି ଶୈଶବର ଐଶ୍ୱର୍ଯ୍ୟ । ସେହି ରହସ୍ୟ ଲୋକର ଚାବିକାଠି । ଦୁଇଟି ବୃତ୍ତର ଛେଦ ବିନ୍ଦୁରେ ଆମର ହୋଇଥିଲା ଭେଟାଭେଟି । ଆଜି ଆମ ଦୁହିଁଙ୍କ ଭିତରେ କିନ୍ତୁ ଦୁର୍ଲଂଘ୍ୟ ଦୂରତ୍ୱ । ଶୈଶବର ଐଶ୍ୱର୍ଯ୍ୟ ଆଜି ନିଃଶେଷିତ । ରକ୍ତରେ ମୋର ଦୂରନ୍ତ ଯୌବନର ଆହ୍ୱାନ ।" (ନେତି ନେତି, ପୃ.୧୪)




ସମୟର ବ୍ୟବଧାନରେ ମାନବେନ୍ଦ୍ର ଘରେ ଅପ୍ରତ୍ୟାଶିତ ଆବିର୍ଭାବ ଘଟିଛି କଲିକତାରେ ରହୁଥିବା କାନ୍ତ ମାମୁଙ୍କର । ପରିବାରର ଅର୍ଥନୈତିକ ଚାପରେ ଅତିଷ୍ଠ କାନ୍ତ ମାମୁ ଗାଁ ଛାଡି ରହିଛନ୍ତି କଲିକତାର ଏକ ଅନ୍ଧାର ଗଳିରେ ଏବଂ ସେଠାରେ ସେ ଏକ ଚୋର ଡକାୟତ ଦଳର ଓସ୍ତାଦ୍ । ନାରୀଜନିତ ସେକ୍ସ ର୍ୟାକେଟ୍‌ରେ ମଧ ସେ ଦଲାଲ୍ । ଏଭଳି ଏକ ଚରିତ୍ର ଓ ସଂପୃକ୍ତ ଘଟଣା ରାଜିର ଉପସ୍ଥାପନା କରିବାରେ ଲେଖକଙ୍କର ମୋଟିଭ୍ କ'ଣ ବୁଝି ହୁଏନାହିଁ । ସମ୍ଭବତଃ ମହାନଗରୀ କଲିକତାର ଅନ୍ଧାରିତ ଦିଗକୁ ସୂଚିତ କରିବା ଏହାର ଉଦ୍ଦେଶ୍ୟ ହୋଇପାରେ । ମାଟ୍ରିକ୍ ପରୀକ୍ଷା ପରେ କାନ୍ତ ମାମୁଙ୍କ ସହ କଲିକତା ବୁଲି ଆସି ମାନବେନ୍ଦ୍ର ସେଠାରେ କିଛି ଦିନ ରହିଛନ୍ତି ଏବଂ ଶୋଭା ନାମ୍ନୀ ଜନୈକ ଝିଅର ସ୍ପର୍ଶ ପାଇ ପ୍ରେମର ପ୍ରଥମ ପୁଲକ ଅନୁଭବ କରିଛନ୍ତି । କଲିକତାରେ ସେହି ଅନ୍ଧଗଳିରେ କାନ୍ତମାମୁଙ୍କ ଅଧୀନରେ ରହୁଥିବା ନୁଟ୍‌ନା, ସୁଟ୍‌କା, ଅମୀର ଚାଚା ପ୍ରମୁଖ ପକେଟ୍‌ମାର୍‌ମାନେ ଜଣେ ଜଣେ ଅସାମାଜିକ, ଉଦବାସ୍ତୁ ଚରିତ୍ର । କଳଙ୍କିତ ଚନ୍ଦ୍ରର ଶୀତଳ ଆଲୋକ ଭଳି କାନ୍ତ ମାମୁଙ୍କ ସମସ୍ତ ଦୁର୍ଗୁଣ ସତ୍ତ୍ୱେ ସେ ମଧ କିଛି ସୁଗୁଣର ଅଧିକାରୀ ଥିଲେ । ଅସତ୍ ଉପାୟରେ ଅର୍ଜିତ ଧନର କିଛି ଅଂଶ ଅସହାୟ, କ୍ଷୁଧାର୍ତ୍ତମାନଙ୍କୁ ସେ ବିତରଣ କରୁଥିଲେ । କିନ୍ତୁ ମାନବେନ୍ଦ୍ର କଲିକତା ମହାନଗରୀର ଏପରି ଜଟିଳ ପରିବେଶରେ ରୁଦ୍ଧଶ୍ୱାସ ହୋଇ ପୁନଶ୍ଚ ଫେରିଆସିଛନ୍ତି ପ୍ରାକୃତିକ ପରିବେଶଘେରା ସ୍ୱଗ୍ରାମକୁ । ଏହି ପ୍ରସଙ୍ଗରେ ମାନବେନ୍ଦ୍ରଙ୍କ ବକ୍ତବ୍ୟ ଉଲ୍ଲେଖ ଯୋଗ୍ୟ । "କଲିକତାରୁ ଏକବସ୍ତ୍ର ହୋଇ ଫେରିଥିଲି ମୁଁ ହାତରେ ବୋହି ଟିଣ ସୁଟ୍‌କେଶ, କାନ୍ତ ମାମୁ ମୋ ପାଇଁ କଲିକତାରେ ସିଲେଇ କରାଇଦେଇଥିଲେ ଯୋଡ ପାଇଜାମା, ଆଉ ଛିଟ ବୁସ୍ ସାର୍ଟ, ତାକୁ ଫିଙ୍ଗି ଦେଇ ଆସିଥିଲି ସେଇଠି, ସେଥିରେ ଯେପରି ସେଇ ଅନ୍ଧଗଳିର ସ୍ପର୍ଶ । ସେ ଦିନ କେତେଟାର ବିଷାକ୍ତ

ସଂକ୍ରମଣରୁ ମୁଁ ଚାହିଁଥିଲି ତ୍ରାହି ପାଇବା ପାଇଁ। ଶୋଭା..... ମୋ ଜୀବନର ପ୍ରଥମ ପ୍ରବଞ୍ଚନା।" (ନେତି ନେତି, ପୃ-୩୧)

ଭାରତବର୍ଷରେ ସ୍ୱାଧୀନତା ସଂଗ୍ରାମ, 'ଭାରତ ଛାଡ଼' ଆନ୍ଦୋଳନ ଏବଂ ଦ୍ୱିତୀୟ ମହାଯୁଦ୍ଧ ପ୍ରାୟତଃ ଥିଲା ସମକାଳୀନ ଘଟଣା। ସୁତରାଂ ଉପନ୍ୟାସ କଥାବସ୍ତୁର ପର୍ଯ୍ୟାୟକ୍ରମରେ ଔପନ୍ୟାସିକ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବ ଓ ପ୍ରତିକ୍ରିୟା ସଂପର୍କରେ ସୂଚନା ଦେଇଛନ୍ତି। "ଏ ମହାଯୁଦ୍ଧ ଯେପରି ସହର ପରେ ସହର, ଜୀବନ ପରେ ଜୀବନ ଲେଲୀହାନ ଜିହ୍ୱା ଲମ୍ବାଇ ଗ୍ରାସ କରିଯାଉଛି। ମହାଯୁଦ୍ଧ କ୍ରମେ ଆସି ଜୀବନ କୋଠରି ଦୁଆରେ ଧକ୍କା ମାରିଲେଣି। ଯୁଗ ସଂକ୍ରାନ୍ତି। ଉଦ୍‌ବେଗ, ଆଶଙ୍କା, କୃତ୍ରିମ ଅଭାବ, ବ୍ଲାକ୍ ମାର୍କେଟ୍, ବ୍ଲାକ୍ ଆଉଟ୍, ସେନ୍‌ସରସିପ୍ ଜୀବନରେ ସହଜ ମନ୍ଥର ଭଙ୍ଗୀରେ ଆଘାତ... ମହାଯୁଦ୍ଧ ଆମ ଏଇ ନିଦୁଆଳ ସହରକୁ ସୁଦ୍ଧା କ୍ରମେ ଗ୍ରାସ କଲାଣି।" (ନେତି ନେତି ପୃ-୧୩)। ମହାତ୍ମାଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନ, ସୁଭାଷ ବୋଷଙ୍କ ଆଜାଦ୍‌ହିନ୍ଦ୍ ଫୌଜ ଗଠନ ମାଧ୍ୟମରେ ଦେଶ ମୁକ୍ତିର ସ୍ୱପ୍ନ ସମଗ୍ର ଭାରତବାସୀଙ୍କ ମନ ଓ ପ୍ରାଣରେ ନୂତନ ଶିହରଣ ସୃଷ୍ଟି କରିଥିଲା। ଏହି ଅବକାଶରେ ସୁଭାଷ ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ପ୍ରଜ୍ଞା ଭଦ୍ରଜୀ ନାମକ ଜଣେ ଯୁବକଙ୍କର କଟକ ସହରରେ ଆବିର୍ଭାବ ଘଟିଛି ଏବଂ ସେ ରେଭେନ୍ସା କଲେଜ ହଷ୍ଟେଲରେ ରହି ଛାତ୍ର ଓ ଜନସାଧାରଣଙ୍କୁ ବ୍ରିଟିଶ୍ ସରକାର ବିରୁଦ୍ଧରେ ରକ୍ତାକ୍ତ ସଂଗ୍ରାମ କରିବା ପାଇଁ ପ୍ରବର୍ତ୍ତାଇଛନ୍ତି। ଏହି ପ୍ରସଙ୍ଗରେ ଲେଖକଙ୍କ ଆତ୍ମଜୀବନୀରେ ପ୍ରକାଶିତ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ। "ଅଗଷ୍ଟ ନ ତାରିଖ ଦିନ କଲେଜ ହଷ୍ଟେଲ ଜଳିଲା। ସେଦିନ ରାତ୍ରିରେ ପ୍ରଜ୍ଞା ଭଦ୍ରଜୀଙ୍କ ସହିତ ଇଷ୍ଟ ହଷ୍ଟେଲରେ ଗୋପନରେ ସାକ୍ଷାତ୍ କଲାବେଳେ ଭଦ୍ରଜୀ କହିଲେ "ଭାରତ ଏଇ ବର୍ଷ ସ୍ୱାଧୀନ ହୋଇଯିବ। ସୁଭାଷ ବୋଷ ମାର୍ଚ୍ଚ କରିଆସୁଛନ୍ତି ପୂର୍ବ ଦିଗରୁ। ବର୍ମା, ମାଳୟ ଗଲାଣି। ସିଙ୍ଗାପୁର ଯିବା ଉପରେ। ଜର୍ମାନୀ ପଠାଉଛି ଯୁଦ୍ଧ ଜାହାଜ। ଜେଲ ଯିବ କ'ଣ? ସିଏତ ମାମୁଲି କଥା। ଏତେବେଳେ ଅଣ୍ଡରଗ୍ରାଉଣ୍ଡ ଯାଇ ମୁକ୍ତ ବାହିନୀକୁ ଅଭିନନ୍ଦନ ଜଣାଇ ଲୋକମାନଙ୍କ ଭିତରେ କ୍ଷେତ୍ର ପ୍ରସ୍ତୁତ କର।" ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ 'ଭାରତ ଛାଡ଼' ଆନ୍ଦୋଳନ ଓଡ଼ିଶାର ପୁରପଲ୍ଲୀ ସହିତ, ସ୍କୁଲ କଲେଜରେ ଅଧ୍ୟୟନ କରୁଥିବା ଛାତ୍ର ମହଲରେ ପ୍ରଚଣ୍ଡ ରୂପ ଧାରଣ କରିଛି। ନିଖିଳ ଦାସ, ଅରୁଣ ମହାନ୍ତି, ଜୀବନ ମିଶ୍ର ପ୍ରମୁଖ ଛାତ୍ରନେତାମାନେ ବ୍ରିଟିଶ ସରକାର ବିରୁଦ୍ଧରେ ଦୀକ୍ଷାନ୍ତ ଭାଷଣ ଦେଇ ସଂଗ୍ରାମ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଜୟ ମଙ୍ଗଳା ମେସ୍‌ର ଅନ୍ତେବାସୀ ପଦ ବାବୁ ଓ ମାନବେନ୍ଦ୍ର, ଛାତ୍ର ନେତାଙ୍କ ଭାଷଣ ଶୁଣି ଗାନ୍ଧୀ ଓ ସୁଭାଷ ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି।

**ଦ୍ୱିତୀୟ ବିଶ୍ୱଯୁଦ୍ଧ**

ପୃଥିବୀ ବକ୍ଷରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଘନଘଟା, ପ୍ରାଚ୍ୟଭୂଖଣ୍ଡ ଭାରତ ବର୍ଷରେ ତା'ର କିଞ୍ଚିତ ପ୍ରଭାବ, ଅନ୍ୟପକ୍ଷରେ ସ୍ୱାଧୀନତା ଆନ୍ଦୋଳନର ସଂକଟମୟ ସ୍ଥିତି- ଏହାର ଏକ ଶିଳ୍ପ ସୁଲଭ ଭାବ ଚିତ୍ର ପ୍ରଦତ୍ତ ହୋଇଛି 'ନେତି ନେତି' ଉପନ୍ୟାସରେ। ମନେ ହୁଏ 'ନେତି ନେତି' ଉପନ୍ୟାସ କେବଳ ନାୟକ ମାନବେନ୍ଦ୍ରଙ୍କ ନିଗୃହୀତ ଜୀବନର ନୈରାଶ୍ୟ ବିଜଡିତ ଛବି ନୁହେଁ, ଏହି ଚରିତ୍ର ମାଧ୍ୟମରେ ଅନୁଭବ କରିହୁଏ ପରାଧୀନ ପ୍ରପୀଡ଼ିତ ଭାରତବର୍ଷର କରୁଣ-ବିମର୍ଶ ଭାବଚିତ୍ରକୁ। ଏହି ପ୍ରସଙ୍ଗରେ ଲେଖକଙ୍କ ବକ୍ତବ୍ୟ ଉଲ୍ଲେଖଯୋଗ୍ୟ। "ଦେଶ କହିଲେ ମାନଚିତ୍ରରେ ହଳଦିଆ, ନାଲି ବା ସାବନା ଚେନାଏ ଭୂଖଣ୍ଡ ତ ନୁହେଁ। ଦେଶ କହିଲେ ଏଇମାନେ... ଏଇ ବରା ଦୋକାନୀ ସାହୁ, ତା'ର ଗରାଖ, ପତ୍ର କାହାଳୀ ଠିପି ଦିଆ କିରାସିନି ବୋତଲ, ଖାଲି ଟୋକେଇ।" (ନେତି ନେତି, ପୃ-୧୧୮) ପରାଧୀନ ପ୍ରପୀଡ଼ିତ ଭାରତବର୍ଷର ଦୁର୍ଗତି-ଦୁରବସ୍ଥା, ଅନ୍ୟପକ୍ଷରେ ଗାନ୍ଧିଜୀଙ୍କ କର ଅବା ମରର ଆହ୍ୱାନ ଓ ସୁଭାଷ ବୋଷଙ୍କ ମୁକ୍ତି ଅଭିଯାନ ଏହି ସନ୍ଧିକାଳରେ ଉପନ୍ୟାସର ନାୟକ ମାନବେନ୍ଦ୍ରର ସୃଷ୍ଟି। ପରାଧୀନ ଭାରତବର୍ଷରେ ଗାନ୍ଧୀ ଓ ସୁଭାଷ ବୋଷଙ୍କ ଆଦର୍ଶରେ ଅନୁପ୍ରାଣିତ ଏହି ଚରିତ୍ରମାନଙ୍କର ଜୀବନପଥ ଦୁର୍ଗତ, ଦୁର୍ବିଷହ ହେଲେ ମଧ୍ୟ, ଶତ ନିଗ୍ରହ ଓ ନିପୀଡନ ମଧ୍ୟରେ ଆଶା ଓ ଆଶ୍ୱସ୍ତିର ପ୍ରତିଧ୍ୱନି ତୋଳିଛନ୍ତି ଔପନ୍ୟାସିକ, ଏହା ଥିଲା 'ନେତିନେତି' ଉପନ୍ୟାସର ମର୍ମବାଣୀ।

ଉପନ୍ୟାସର ନାୟକ ମାନବେନ୍ଦ୍ର ଅଣ୍ଡରଗ୍ରାଉଣ୍ଡ ପର୍ଯ୍ୟାୟରେ

> **ସ୍ୱାଧୀନତା ଆନ୍ଦୋଳନର ସଂକଟମୟ ସ୍ଥିତିର ଏକ ଶିଳ୍ପ ସୁଲଭ ଭାବଚିତ୍ର ପ୍ରଦତ୍ତ ହୋଇଛି 'ନେତି ନେତି' ଉପନ୍ୟାସରେ।**

ଗାନ୍ଧିଜୀଙ୍କ ନିର୍ମିତ ମଙ୍ଗରାଜପୁର ଆଶ୍ରମ ଅଭିମୁଖେ ଯାତ୍ରା କରିଛନ୍ତି। ବାଟରେ ସେ ଅଟକି ଯାଇଛନ୍ତି ନିଜ ସ୍କୁଲ ଜୀବନ ସାଥୀ କେତେକୀର ଶାଶୁଘର ଗାଁ ପ୍ରୀତିପୁରଠାରେ। ପ୍ରୀତିପୁର ଗାଁର କ୍ଲବ ସଦସ୍ୟମାନଙ୍କ ସହ ମିଶି ସେ ଡ୍ରାମାରେ ଅଭିନୟନ କରିଛନ୍ତି ମହାଭାରତର କର୍ଣ୍ଣ ଭୂମିକାରେ ଏବଂ ସମସ୍ତ ଗ୍ରାମବାସୀଙ୍କୁ ଚମତ୍କୃତ କରିଦେଇଛନ୍ତି ନିଜର ନିପୁଣ ଅଭିନୟରେ। ପିତୃମାତୃ ପରିଚୟହୀନ ଅଥଚ ଅଦ୍ୟମ ଉତ୍ସାହୀ ବୀର କର୍ଣ୍ଣର ଚରିତ୍ର ସହିତ ଭବଘୂରା-ଯାଯାବର ମାନବେନ୍ଦ୍ରଙ୍କ ଜୀବନ ବୃତ୍ତାନ୍ତ ମିଶିଯାଇଛି ନାଟକୀୟ ଭାବରେ। ଏହି ପ୍ରସଙ୍ଗରେ ମାନବେନ୍ଦ୍ରଙ୍କ ବକ୍ତବ୍ୟ ଉଲ୍ଲେଖଯୋଗ୍ୟ। "କର୍ଣ୍ଣ ଏକ ଟ୍ରାଜିକ୍ ଚରିତ୍ର। ଅବଶ୍ୟ ହାମଲେଟ୍ ପରି ନୁହେଁ। ଉଭୟ ଚରିତ୍ର କିନ୍ତୁ ଛିନ୍ନମୂଳ। ଆଃ ! ବିଚରା କର୍ଣ୍ଣ। ମାତୃ ପରିତ୍ୟକ୍ତ। କାହିଁ ମୋର ସ୍ଥିତି ? ମୋର ପରିଚୟ ? ଖୋଜିଛି ଶସ୍ତ୍ର-ବିଦ୍ୟା ମଧ୍ୟରେ। ଅହଂକାର ଅଭିମାନ ମଧ୍ୟରେ। ସେହି ଅହଂକାର ଧରି ମିଶିଛି ମାଟିରେ। ତାହା ହିଁ ସେମାନଙ୍କ ଜୀବନର ଟ୍ରାଜେଡି। ମୁଁ ମଧ୍ୟ ଛିନ୍ନମୂଳ। (ନେତି ନେତି, ପୃ-୧୪୩)। ପରବର୍ତ୍ତୀ ପର୍ଯ୍ୟାୟ କ୍ରମରେ ମାନବେନ୍ଦ୍ର ଗାନ୍ଧୀ ଓ ସୁଭାଷଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ଗ୍ରାମବାସୀମାନଙ୍କ ସହ ମିଶି ପ୍ରୀତିପୁର ସରକାରୀ ଡାକଘର ପୋଡ଼ିଛନ୍ତି। ନାରଦାର ସରକାରୀ ଡାକବଙ୍ଗଳା ପୋଡ଼ି ପାଇଁ ବ୍ୟାପକ



ପ୍ରସ୍ତୁତି ନେଇଛନ୍ତି। ଜୀବନ ଯେତେ ଦୁର୍ବିଷହ ହେଲେ ମଧ୍ୟ ମଣିଷ ଯେ ନିଜ ଆଦର୍ଶରୁ ଖସିପଡ଼େ ନାହିଁ, ଲକ୍ଷ୍ୟଚ୍ୟୁତ ହୁଏ ନାହିଁ, ଏହା ହିଁ ପ୍ରକାଶ କରିବାକୁ ଲେଖକ ସତେ ଯେପରି ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ମଣିଷକୁ ବିବିଧ ପରିସ୍ଥିତିରେ ଭିନ୍ନ ଭିନ୍ନ ରୂପ ଧାରଣ କରିବାକୁ ପଡ଼େ, ଯାହା ଘଟିଛି ମାନବେନ୍ଦ୍ରଙ୍କ ଚରିତ୍ର ବିନ୍ୟାସରେ। ଏହି ପ୍ରସଙ୍ଗରେ ମାନବେନ୍ଦ୍ରଙ୍କ ବକ୍ତବ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ। "ଭଙ୍ଗା ଦର୍ପଣରେ ଚେହେରା ଦେଖିଲି। ସେଥିରେ ଅନେକ ମୁହଁ, ଅନେକ ଆଖବ, ଅନେକ ଭଙ୍ଗୀ। ଅଥଚ ଗୋଟାଏ ମଣିଷ। ଭଙ୍ଗା ଆଇନା ଗୋଟିଏ ଚମତ୍କାର ସିମ୍ବଲ। .... ମଣିଷ ମନ ସତରେ ଗୋଟାଏ ଭଙ୍ଗା ଆଇନା।" (ନେତିନେତି, ପୃ-୧୫୦) ଏଠାରେ ଉପନ୍ୟାସର ନାୟକ ମନେ ହୁଅନ୍ତି ଏକ ସ୍ଥିତିଶୀଳ ଚରିତ୍ର; ଯାହାଙ୍କ ଜୀବନରେ ସଂଗ୍ରାମ ଅବ୍ୟାହତ, ଯାତ୍ରା ଅସରନ୍ତି। ତେଣୁ ପ୍ରୀତିପୁରରୁ ବିଦାୟନେବା କାଳରେ ମାନବେନ୍ଦ୍ର କହିଛି- "ମୁଁ ବିଦାୟ ନେଉଛି। ମୋର ରାସ୍ତା ଅନେକ ଦୂର, ଅଥଚ୍ ଦୁର୍ଗମ। ସେତେବେଳେ ମନେ ପଡ଼ିଯାଉଥିଲା ରବୀନ୍ଦ୍ର ନାଥଙ୍କ ଯେଉଁ ଗୋଟାଏ କବିତାରୁ ଛାଡ଼ିଏ 'ଆଜ ସ୍ୱର୍ଗ ହାସି ମୁଖେ, ଲଇନୁ ବିଦାୟ।" ପ୍ରୀତିପୁରରୁ ବିଦାୟ ନେବା ପରେ ମାନବେନ୍ଦ୍ର ସାକ୍ଷାତ୍ ହୋଇଛି ଗୌରା ମଳିକ ସହିତ। ଚାକିରି ଛାଡ଼ି ଦେଶ-ମୁକ୍ତିର ଆନ୍ଦୋଳନରେ ନିଃସର୍ତ୍ତ ଯୋଗଦାନ, ଏହି ଗୌଣ ଚରିତ୍ରଟିର ଭାବାବେଗକୁ ଉଜ୍ଜୀବିତ କରେ ଓ ପାଠକକୁ ବିସ୍ମିତ କରେ। ଗାନ୍ଧିଜୀଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ ଗୌରା ମଳିକ ତା'ର ପୋଷାକ ହୁଦା ଓ ପଗଡ଼ିକୁ ମାନବେନ୍ଦ୍ରଙ୍କୁ ଅର୍ପଣ କରିଛି। ଏହି ଚରିତ୍ରଟି ସମ୍ପର୍କରେ ଆଲୋଚକଙ୍କ ମନ୍ତବ୍ୟ ଏଠାରେ ଯଥାଯଥ ମନେ ହୁଏ। "ଫକୀରମୋହନଙ୍କ ଗୋବରା ଜେନା ବା କାନ୍ତ କବିଙ୍କ 'କଣାମାମୁଁ'ର ହଗୁରି ଜେନା ଚୌକିଦାର ପରି, 'ନେତିନେତି'ର ଏହି ଗୌରା ମଳିକ ଚରିତ୍ରଟି ଯଥାର୍ଥରେ ଏକ ଜୀବନ ସୃଷ୍ଟି। ସମୟ ଓ ପରିବେଶର ଭିନ୍ନତା ଏବଂ ସୃଷ୍ଟିକାଳର ବ୍ୟବଧାନ ହେତୁ ଏହି ତିନି ଚୌକିଦାରଙ୍କ ଚରିତ୍ରରେ ପାଠକ ହୁଏତ ତୁଳନାତ୍ମକ ଭାବ କଳାଗତ ଉତ୍କର୍ଷ ବା ଅପକର୍ଷ ଲକ୍ଷ୍ୟ କରିପାରେ। କିନ୍ତୁ ନିଜସ୍ୱ କାଳ ଓ କଳାସୃଷ୍ଟିର ପରିଧି ମଧ୍ୟରେ ପ୍ରତ୍ୟେକଟି ଚରିତ୍ର ନିଜ ରୂପରେ ସ୍ୱତନ୍ତ୍ର ଓ ନିଜସ୍ୱ ଜୀବନବୋଧରେ ରସୋତ୍ତୀର୍ଣ୍ଣ।"

### ମାନବେନ୍ଦ୍ରଙ୍କ ଚରିତ୍ର

ମାନବେନ୍ଦ୍ରଙ୍କ ଚରିତ୍ର ଅନୁଶୀଳନ କଲାବେଳେ ମନେ ହୁଏ ଏହା ପରାଧୀନ ପ୍ରପୀଡ଼ିତ ଭାରତବର୍ଷର ଯେ କୌଣସି ଏକ ସଚ୍ଚା ସ୍ୱାଧୀନତା ସଂଗ୍ରାମର ପ୍ରତିନିଧିଶ୍ରେଣୀୟ ଚରିତ୍ର, ଯାହାର ଝଞ୍ଜାହତ ଜୀବନର ଅମା ଅନ୍ଧକାର ଭିତରେ ଆଶାର ମଶାଲଟିଏ ଟେକି ଧରିଛନ୍ତି ଲେଖକ। ପ୍ରୀତିପୁର ଡାକଘର ପୋଡ଼ି ଘଟଣାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମାନବେନ୍ଦ୍ରଙ୍କୁ ପୋଲିସ୍ ଖୋଜିଛି ଗିରଫ କରିବା ପାଇଁ। ମାନବେନ୍ଦ୍ର ମଧ୍ୟ 'ଭାରତ ଛାଡ଼' ଆନ୍ଦୋଳନ ଓ ସୁଭାଷ ବୋଷଙ୍କ ମୁକ୍ତି ଅଭିଯାନର ଶିଥିଳତା ଅନୁଭବ କରି ଅଣ୍ଡରଗ୍ରାଉଣ୍ଡରୁ ପୁନଶ୍ଚ ଫେରି ଆସିଛନ୍ତି କଟକକୁ,

ସ୍ୱଗ୍ରାମକୁ। ଗ୍ରାମର ପୁଷ୍କରିଣୀ ତଥା କାନ୍ତ ମାମୁଙ୍କ ତଥାକଥିତ ସୁଇମିଂପୁଲରେ ଗାଧୋଇବା ସମୟରେ ଏକ ଦାର୍ଶନିକ ଅବବୋଧ ମାନବେନ୍ଦ୍ରଙ୍କ ମାନସିକତାକୁ ଆଚ୍ଛାନ୍ନ କରିଛି। ଏହି ପ୍ରସଙ୍ଗରେ ମାନବେନ୍ଦ୍ରଙ୍କ ବକ୍ତବ୍ୟ ଦେଖନ୍ତୁ- "ଆଜି ମୁଁ କ୍ଲେଦାକ୍ତ। ବୋଧହୁଏ ଜୀବନର ଆରମ୍ଭ ଶୁଚିସ୍ନିଗ୍ଧ, ସୁନ୍ଦର। ତା'ପରେ ମୃତ୍ୟୁ, ଜୀବନର ସମାପ୍ତଟା ମଧ୍ୟ ସେଇ ପରି ଶୁଚିସ୍ନାତ। କିନ୍ତୁ ଦୁଇଟାର ବ୍ୟବଧାନରେ ଇଏ ଯେତିକି ପଙ୍କ, ସେତିକି କର୍ଦ୍ଦମ। କଳା ଘୁମର ପାଣିଭିତରେ ଅଳ୍ପ ଅଳ୍ପ ଦୋଳୁଥିବା ଜୀନ କଇଁଟାକୁ ଦେଖିଲେ ବିଶ୍ୱାସ ଆସିବ- ହଁ, ଜୀବନଟା ଖାଲି ପଙ୍କ ନୁହେଁ। ଜୀବନଟା ମଧ୍ୟ ପଙ୍କଜ।"

## ପରାଧୀନ ଭାରତର ଚିତ୍ର

'ନେତିନେତି' ଉପନ୍ୟାସ ଅଧ୍ୟୟନ କାଳରେ ମନେ ହୁଏ ନିଜ ଅତୀତ ଛାତ୍ର ଜୀବନର ସ୍ମୃତିଚାରଣ କରୁ କରୁ ଲେଖକ ତତ୍କାଳୀନ ପରାଧୀନ- ପ୍ରପୀଡ଼ିତ ଭାରତବର୍ଷର ଉପନ୍ୟାସ ସୁଲଭ, ବାସ୍ତବ ଚିତ୍ରଟିଏ ଉପସ୍ଥାପିତ କରିଛନ୍ତି। ଏହା ପୂର୍ବରୁ ରଚିତ 'ଅନ୍ଧଦିଗନ୍ତ' (୧୯୬୪) ଉପନ୍ୟାସ ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷର ରାଜନୈତିକ ବ୍ୟଙ୍ଗ ଓ ବିଦ୍ରୂପର ସଫଳ ଭାବଚିତ୍ର ପ୍ରଦାନ କରେ। ବସ୍ତୁତଃ ଗୋଟିଏ ପୃଷ୍ଠଭୂମି ଉପରେ ରଚିତ ଲେଖକଙ୍କ 'ନେତିନେତି' ଓ 'ଅନ୍ଧଦିଗନ୍ତ' ଉପନ୍ୟାସ, ଯଥାକ୍ରମେ ଆଦିପର୍ବ ଓ ଉତ୍ତରପର୍ବ ଭାବରେ ନାମିତ ହୋଇପାରିବ। ଆଲୋକଙ୍କ ମତରେ- 'ନେତିନେତି'ର ଘଟଣାରାଜି ଓ ଚରିତ୍ରାବଳୀ ସ୍ୱାଧୀନତା ପ୍ରାପ୍ତି ପୂର୍ବକାଳର ଏବଂ ଅନ୍ଧଦିଗନ୍ତର ଅଙ୍ଗସଜ୍ଜା ଓ ଆତ୍ମା ସ୍ୱାଧୀନତା ପରବର୍ତ୍ତୀ ଉତ୍ତର କାଳର- ଆମ ଭାରତୀୟ ଜନଜୀବନ ଓ ଚରିତ୍ରର ବାସ୍ତବ ରୂପ। ଏ ଦୁଇଟିଯାକ ଉପନ୍ୟାସରେ ଶିଳ୍ପ ସମ୍ମତ ଭାବରେ ବିମୂର୍ତ୍ତ। ବସ୍ତୁତଃ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ଭାରତଛାଡ଼ ଆନ୍ଦୋଳନର ବାସ୍ତବ ଓ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ 'ନେତିନେତି' ଉପନ୍ୟାସ ଲେଖକ ସୁରେନ୍ଦ୍ରଙ୍କ ଶୈଶବର ଐଶ୍ୱର୍ଯ୍ୟମୟ ସ୍ମୃତି, ପରବର୍ତ୍ତୀ କଣ୍ଟକିତ ଜୀବନପଥରେ ନିଗୃହୀତ ଅନୁଭୂତି ଓ ଦୂରନ୍ତ ଯୌବନର ଅନାହତ ଆକର୍ଷଣର ଏକ ଚମତ୍କାର ଆଲେଖ୍ୟ। ବିଫଳତା ମଧ୍ୟରେ ଆଶାର ଦୀପ୍ତ, ଧୂସର ଅନୁଭୂତି ମଧ୍ୟରେ ସବୁଜ ସ୍ୱପ୍ନର ସଂକେତ 'ନେତିନେତି' ଉପନ୍ୟାସର ମର୍ମବାଣୀ। ଏହି ପ୍ରସଙ୍ଗରେ ଆଲୋଚକଙ୍କ ମନ୍ତବ୍ୟ ଉଲ୍ଲେଖଯୋଗ୍ୟ। 'ନେତିନେତି' ଉପନ୍ୟାସଟି ସ୍ମୃତିର ଏକ ଧୂସର ପାଣ୍ଡୁଲିପି। ... ଯୌବନର ଜୀବନ ଜିଜ୍ଞାସାରେ ଏହା ଏକ ସାର୍ଥକ ସ୍ୱପ୍ନିଳ ଓ ରସୋତ୍ତୀର୍ଣ୍ଣ କାବ୍ୟ, ଯାହାକି ଉପନ୍ୟାସର ଆଙ୍ଗିକ ମଧ୍ୟରେ କେବଳ ପ୍ରକାଶିତ। ଏପରି ଖଣ୍ଡିଏ, ଖଣ୍ଡିଏ ସୃଷ୍ଟି ଯେ କୌଣସି ଭାଷା ଓ ସାହିତ୍ୟରେ କୁଳୀନ ଓ କ୍ଲାସିକ୍ ସଂପଦ ରୂପେ ବିବେଚିତ ହେବା ସ୍ୱଭାବିକ।

**'ନେତିନେତି' ଉପନ୍ୟାସଟି ସ୍ମୃତିର ଏକ ଧୂସର ପାଣ୍ଡୁଲିପି।**

'ନେତିନେତି' ଉପନ୍ୟାସରେ ପରିଲକ୍ଷିତ କେତୋଟି ବିଚ୍ୟୁତି ସଂପର୍କରେ ମଧ୍ୟ ଉଲ୍ଲେଖ କରାଯାଇପାରେ। 'ନେତିନେତି' ଉପନ୍ୟାସର ଅନ୍ତିମ ପର୍ଯ୍ୟାୟରେ ଲେଖକ ଆସ୍ତିକତାର ସୂଚନା ଦେଇଥିଲେ ହେଁ ସମଗ୍ର ଉପନ୍ୟାସଟିର କଥାବସ୍ତୁ ଏକ ନୈରାଶ୍ୟ ବିଜଡିତ ଆତ୍ମାର ପ୍ରତିଲିପି। ଜୀବନରେ ବାରମ୍ବାର ବିଫଳତାକୁ ଭେଟୁଥିବା ଏହାର ନାୟକ ମାନବେନ୍ଦ୍ର ଅସହାୟତା, ଅସ୍ୱସ୍ତି ଓ ଅଶାନ୍ତ ଜୀବନର ପ୍ରତୀକ। ମନେହୁଏ ଉପନ୍ୟାସଟି ନା ସ୍ଥିତିବାଦୀ, ନା ମନସ୍ତାତ୍ତ୍ୱିକ, ନା କୌଣସି ନୈତିକ ଭାବ ଚେତନା ଆଧାରିତ। ଏହାକୁ ଯେତେ ବିଫଳ ପ୍ରେମର ସଫଳ କାହାଣୀ କହିଲେ ହେଁ- ଏହା ସେପରି କିଛି ଉଚ୍ଚାଙ୍ଗ ସାହିତ୍ୟିକ ମୂଲ୍ୟବୋଧକୁ ଅପେକ୍ଷା ରଖେନାହିଁ। ଜନୈକ ଆଲୋଚକଙ୍କ ମନ୍ତବ୍ୟ ଏଠାରେ ଉଲ୍ଲେଖଯୋଗ୍ୟ। "ମନେ ହୁଏ ସୁରେନ୍ଦ୍ର ବାବୁ ଭାରତଛାଡ଼ ଆନ୍ଦୋଳନ ପୃଷ୍ଠଭୂମିକୁ ଯାଇ ଯେଉଁ ନାୟକକୁ ଆବିଷ୍କାର କରିଛନ୍ତି ସେ ନାୟକଟି ଅସ୍ଥିର ଉଦ୍‌ବେଳନ ଭିତରେ ସମ୍ପୂର୍ଣ୍ଣ ଅବିଶ୍ୱସ୍ତ, ଆତ୍ମପରୀକ୍ଷାର ଅଭାବରେ ଦୁର୍ବଳ ଏକ ଚରିତ୍ର। ... ସୁରେନ୍ଦ୍ର ସାହିତ୍ୟ ସୃଷ୍ଟିରେ 'ନେତିନେତି' ଅସାର୍ଥକ ସୃଷ୍ଟି, ସୁରେନ୍ଦ୍ର ପ୍ରତିଭାର ଅବରୋହଣର ସଂକେତ।

ବସ୍ତୁତଃ ପରାଧୀନ ପ୍ରପୀଡ଼ିତ ଭାରତବର୍ଷର ଶତ ବିଫଳତା ଓ ଶତ ନିଗ୍ରହ ମଧ୍ୟରେ ଏକ ଐଶ୍ୱର୍ଯ୍ୟମୟ ଶୈଶବରୁ ସଂକଳ୍ପବଦ୍ଧ ଯୌବନର ଦୂରନ୍ତ ଆହ୍ୱାନରେ ଆଶାନ୍ୱିତ ଅଗ୍ରଗତି- 'ନେତିନେତି' ଉପନ୍ୟାସର ଆତ୍ମିକ ଆବେଦନ ଓ ଆଭିମୁଖ୍ୟକୁ ପ୍ରତିପାଦିତ କରେ।

□□

ଲେଖକଙ୍କ ଇ-ମେଲ ଠିକଣା:
khuntia.brahmananda56@gmail.com



ଅନୁବାଦ ଗଳ୍ପ

# ସଜନା ଛୁଇଁ



ମୂଳହିନ୍ଦୀ- ଯଶୱନ୍ତ ଗୋପାଳ ଜୋଶୀ   ଅନୁବାଦ- କନକ ମଂଜରୀ ପଟ୍ଟନାୟକ

ବାପାଙ୍କ ଅସ୍ଥି ବିସର୍ଜନ କରି ଶ୍ରୀନିବାସ ଘରେ ପହଁଚିଲେ। ତାଙ୍କ ପିତା ଦାମୋଦର ପନ୍ଥ ଜଣେ ଧନାଢ୍ୟ ବ୍ୟକ୍ତି ଥିଲେ। ପଚିଶ ହଜାର ଟଙ୍କାର ଇଷ୍ଟେଟ ଥିଲା ତାଙ୍କର। ସେ ତିନି ପୁଅ ଓ ଦୁଇଝିଅର ପିତା ଥିଲେ। ଜଣେ ଝିଅର ବାହାଘର ସରିଥିଲା। ପାଞ୍ଚ ଛ' ବର୍ଷ ପୂର୍ବରୁ ଶ୍ରୀନିବାସର ମା' ମୃତ୍ୟୁବରଣ କରିଥିଲେ। ଦାମୋଦରଙ୍କର ଏକମାତ୍ର ଇଚ୍ଛା ପୂରଣ ହେଲାନି ସାନଝିଅ ତାରକାର ବିବାହ।

ଦାମୋଦର ପନ୍ଥଙ୍କ ତିନିପୁଅ ବିବାହ କରିସାରିଥିଲେ। ସେ ତାଙ୍କର ସଂପତ୍ତିର ଉଇଲ୍ କରି ନ ଥିଲେ। ଏତେ ବଡ଼ ଇଷ୍ଟେଟ! ତାଙ୍କର ଆକସ୍ମିକ ମୃତ୍ୟୁରେ ବୋହୂମାନଙ୍କୁ ଖୁବ୍ ଧାଁ ଦଉଡ଼ କରିବାକୁ ପଡ଼ିଥିଲା। ପ୍ରତ୍ୟେକ ବୋହୂ କହେ, ଅମୁକ ଜିନିଷ ମୁଁ ମୋ ବାପଘରୁ ଆଣିଛି। ସୁତରାଂ ନିୟମାନୁସାରେ ତାହା କେବଳ ମୋର। ଘରର ଅନେକ ବସ୍ତୁ ଗୋପନକରି ଦିଆଗଲା। ଯୁଦ୍ଧଜୟ ପରେ ଯେପରି ଲୁଣ୍ଠନ ଆରମ୍ଭ ହୋଇଯାଏ, ଅନୁରୂପ ଲୁଟପାଟ ଘର ଭିତରେ ଖେଳିଗଲା।

ଦାମୋଦର ପନ୍ଥଙ୍କ ତିନିପୁଅଙ୍କ ନାମ ଥିଲା- ଶ୍ରୀନିବାସ, ନାରାୟଣ ଓ ଅମୃତ।

ଏହି ତିନିଜଣଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଭଲ ନ ଥିଲା। ତିନିହେଁ ଅଲଗା ହେବାକୁ ଚାହୁଁଥିଲେ। ଇଷ୍ଟେଟ୍‌ର ଭାଗ ବି ଚାହୁଁଥିଲେ। ସୁତରାଂ ସେମାନେ ପିତାଙ୍କ ମୃତ୍ୟୁର ପ୍ରତୀକ୍ଷାରେ ଥିଲେ।



ତାରକା ସାଦାସିଧା, ସୁନ୍ଦରୀ ଝିଅଟିଏ। ବୟସ ପ୍ରାୟ ଚଉଦ ବର୍ଷ। ଆଠବର୍ଷ ବୟସରେ ସେ ମାତୃବିୟୋଗ ଦୁଃଖକୁ ସହ୍ୟ କରିଥିଲା। ସେଇ ସମୟରୁ ସେ ଖୁବ୍ କମ୍ କଥାବାର୍ତ୍ତା ହେଉଥିଲା। ମା'କୁ କହିବା କଥା କାହାକୁ କହିବ? ମନ କଥା ମନରେ ଦବି ରହୁଥିଲା। ପରିଣାମ ସ୍ୱରୂପ ସେ ବିରସ ବିରସ ଲାଗିଲା।

ମା' ଚାଲିଯିବା ପରେ ତାରକା ଦାମୋଦର ପନ୍ଥଙ୍କୁ ବହୁତ ବିବ୍ରତ କରୁଥିଲା। ଭଳିକି ଭଳି ଜିଦ୍ କରୁଥିଲା। ଦିନେ ସେ ଜିଦି କରି କହିଲା- ବାପା, ତମେ ଆଜି ମୋର ବେଣୀ କରିଦିଅ।

ଦାମୋଦର ପନ୍ଥ ପ୍ରଥମେ ତା' କଥା ଟାଳିବାକୁ ଚେଷ୍ଟା କଲେ। କିନ୍ତୁ ଝିଅ ଆଗରେ ତାଙ୍କୁ ନଇଁବାକୁ ହିଁ ପଡ଼ିଲା।

ଏବେ ତ ସେ ବି ନାହାନ୍ତି। ବର୍ତ୍ତମାନ ସେ କାହାକୁ ମନର କଥା କହିବ। ତେଣୁ ଅଳ୍ପଦିନ ଭିତରେ ସେ ମୂକ ବନିଗଲା।

ତାରକାର ମା' କେବଳ ଶ୍ରୀନିବାସର ବିବାହ ଦେଖିଥିଲେ। ତା' ବିବାହର ଏକ ବର୍ଷ ଭିତରେ ତାଙ୍କର ମୃତ୍ୟୁ ହୋଇଗଲା। ତା' ପରେ ଅନ୍ୟ ଦୁଇ ଭାଇଙ୍କ ବିବାହ ହେଲା।

ପ୍ରତି ଭାଇର ବାହାଘର ସମୟରେ ତାରକା ଖୁସି ହୋଇଯାଏ। କିଛିଦିନ ପରେ ପଶ୍ଚାତାପ କରେ। କାରଣ ବାହାଘର ସମୟରେ ଅପରିଚିତା, ଲାଜୁଆ ନଣନ୍ଦର ସମ୍ପର୍କ ସହ ବଡ଼ ସରାଗରେ ବ୍ୟବହାର କରୁଥିବା ଭାଉଜ କିଛିଦିନ ଭିତରେ ଘରର ମାଲିକାଣୀ ବନିଯାଏ ଏବଂ ବୁଝାଏ ଆଜି ନ

ହେଲେ କାଲି ତୁ ଏ ଘରୁ ବିଦା ହେବୁ। ତେଣୁ ଘରର ମାମଲାରେ ତୁ ହସ୍ତକ୍ଷେପ କରନା।

ଏହିଭଳି ଘଟଣା ପରେ ସେ ନିଜ ଭାଇମାନଙ୍କୁ ଏମାନଙ୍କ ବିଷୟରେ କୌଣସି ଅଭିଯୋଗ କରେ ନାହିଁ। କାରଣ ସବୁ ଭାଇ ନିଜ ନିଜ ପତ୍ନୀମାନଙ୍କର ସମର୍ଥକ ଥିଲେ।

ଭାଗ୍ୟଶାଳୀ ଝିଅମାନଙ୍କ ବିବାହ ଏଥିପାଇଁ ଶୀଘ୍ର ହୋଇଯାଏ, କାରଣ ସେମାନଙ୍କର ଆଖିରେ ଦାମ୍ପତ୍ୟ ଜୀବନର ସ୍ୱପ୍ନ ଭରି ରହିଥାଏ । ରଙ୍ଗିନ ସ୍ୱପ୍ନ ଭରି ରହିଥାଏ। କିନ୍ତୁ ତାରକା ଭାଉଜମାନଙ୍କ ଖୁଣ୍ଟା- ଉଲୁଗୁଣାରୁ ମୁକ୍ତି ପାଇବା ପାଇଁ ଶୀଘ୍ର ବିବାହର ପ୍ରାର୍ଥନା କରୁଥିଲା।

ଦାମୋଦର ପଣ୍ଡାଙ୍କ ମୃତ୍ୟୁ ପରେ ତାଙ୍କର ଏକ ବଡ଼ ଫଟୋ ବୈଠକଖାନାରେ ଲଗାଯାଇଥିଲା। ତାରକା ଯେତେବେଳେ ବି ଘର ଭିତରେ ଅସହ୍ୟ ଅନୁଭବ କରେ, ବାପାଙ୍କ ଫଟୋକୁ ଭିଡ଼ିଧରି କାନ୍ଦିବାକୁ ଲାଗେ।

**ପର ଘରର ଝିଅମାନେ ଏ ଘରକୁ ଆସି ମାଲିକାଣୀ ବନିଯାଆନ୍ତି, ଆଉ ମୁଁ ସେମାନଙ୍କ ଦୟାର ପାତ୍ରୀ ହୋଇ ବଞ୍ଚିଛି।**

ପିତାଙ୍କ ମୃତ୍ୟୁର ସାତ ଦିନ ପରେ ଭାଇମାନେ ନିଷ୍ପତ୍ତି କଲେ, ଏହି ସମୟରେ ହିଁ ଇଷ୍ଟେଟ୍‌ର ଭାଗବଣ୍ଟା ହୋଇଯାଉ।

ତିନିଭାଇ ସେମାନଙ୍କର ବୃଦ୍ଧ ଗରିବ ଦାଦାମାନଙ୍କୁ ଡକାଇଲେ। ସେମାନଙ୍କ ସମ୍ମୁଖରେ ଇଷ୍ଟେଟର ଭାଗ କଲେ।

କିନ୍ତୁ ତାରକାର କ'ଣ କରାଯାଇପାରେ ?

ବାହାଘର ହେବା ଯାଏ ସେ କାହା ପାଖରେ ରହିବ ? ପୈତୃକ ନିବାସ ଶ୍ରୀନିବାସର ଭାଗରେ ପଡ଼ିଥିଲା। ନାରାୟଣ ଓ ଅମୃତ ନଗଦ ଟଙ୍କା ନେଇ ଘର ଛାଡ଼ିଥିଲେ। ପରମ୍ପରା ଅନୁସାରେ ତାରକାକୁ ବଡ଼ ସହ ରହିବାକୁ ପଡ଼ିଥିଲା। କିନ୍ତୁ ଏଥିପାଇଁ ଶ୍ରୀନିବାସ ସର୍ତ୍ତ ରଖିଥିଲା, ଯଦି ତା' ସହ ତାରକା ରହେ, ତେବେ ସେ ଅନ୍ୟ ଦୁଇଭାଇଙ୍କ ଦ୍ୱାରବନ୍ଧ ମାଡ଼ିବ ନାହିଁ । ଚଲାପଥରେ ଯଦି କେବେ ଭେଟ ହୋଇଯାଏ, ସେମାନଙ୍କ ସହିତ କଥାବାର୍ତ୍ତା ବି କରିବ ନାହିଁ। ଯଦି କେବେ ଜଣା ପଡ଼ିଲା ସେ ସେମାନଙ୍କ ଘରକୁ ଯାଇଛି କି ସେମାନଙ୍କ ସହ କଥାବାର୍ତ୍ତା କରିଛି ତ ସେ ତାକୁ ଘରୁ ବାହାର କରିଦେବ। ଏହି ସର୍ତ୍ତ ନାରାୟଣ ଓ ଅମୃତ ମଧ୍ୟ ରଖିଥିଲେ।

ତିନୋଟି ସନ୍ତାନର ମା'କୁ ଯଦି ନିୟତି କହେ- 'ମା', ମୁଁ ତୁମର ଯେକୌଣସି ଜଣେ ସନ୍ତାନର ଜୀବନ ନେବି। ଏବେ ତୁମକୁ ଏ ସ୍ୱାଧୀନତା ଅଛି, ତୁମେ ଯେ କୌଣସି ଜଣକୁ ଚୟନ କର।'

ବିଚାରୀ ମା' କ'ଣ କହିବ ? କାହାକୁ ବାଛିବ ?

ତାରକାର ଦଶା ଅନୁରୂପ ସେଇ ମାଆ ଭଳି ଥିଲା। ଅନ୍ତତଃ ସେ ନିଷ୍ପତ୍ତି କଲା, ବଡ଼ଭାଇ ଶ୍ରୀନିବାସ ପାଖରେ ରହିବ। ଅନ୍ୟ ଦୁଇଭାଇଙ୍କ ଘରକୁ ନ ଯିବା ଓ ସେମାନଙ୍କ ସହ କଥା ନ କହିବା ସର୍ତ୍ତ ବଳବତ୍ତର ରହିଲା।

ଏଇଭଳି ଭାବରେ ମାସେ ଦି'ମାସ ବିତିଗଲା। ଘରେ କିଛିଟା ମତାନ୍ତର ହେବାରୁ ତାରକା ଉପର ମହଲାର ଝରକାକୁ ଲାଗି ଛିଡ଼ା ହୋଇଥିଲା। ରାସ୍ତାରେ ଯାତାୟାତ କରୁଥିବା ଲୋକମାନଙ୍କୁ ଦେଖୁଥିଲା। ମଝିଆ ଭାଇ ରାସ୍ତାରେ ଯାଉଥିବା ଅଚାନକ ତା' ଦୃଷ୍ଟିରେ ପଡ଼ିଲା। ସେ ମଧ୍ୟ ଯାଉ ଯାଉ ଉପରକୁ ଚାହିଁଦେଲା। ଭାଇ-ଭଉଣୀର ଆଖି ପରସ୍ପର ସହ ମିଶିଲା। ତାରକାର କଣ୍ଠ ରୁଦ୍ଧ ହୋଇ ଆସିଲା। ନିଜ ଭାଇସହ କଥା ହେବାକୁ ତା'ର ମନ ହେଲା। ନାରାୟଣ ଉଦାସ ଦୃଷ୍ଟିରେ ନିଜ ଭଉଣୀକୁ ଓ ପୈତୃକ ଘରକୁ ଦେଖି ମଥା ନୁଆଁଇ ଆଗକୁ ଚାଲିଲା। ଏଇଭଳି ଉପେକ୍ଷା ତାରକାର ସ୍ୱଭାବକୁ ବଡ଼ ଭାବୁକ ବନାଇଦେଲା। ଏତେ କମ୍ ବୟସରେ ଏ ସବୁ ତା' ମନ ଭିତରେ ଭଳିକି ଭଳି ପ୍ରଶ୍ନ ଉଠାଇଥିଲା । ଯାହାର ସ୍ୱାଭାବିକ ବିକାଶ ହୋଇପାରେ ନାହିଁ, ଏହିଭଳି ବୁଣିଥିବା ଚାରାରେ ଶୀଘ୍ର ଫୁଲ ଫୁଟିଥାଏ। ତାରକାର ମନରେ ଅନେକ ପ୍ରଶ୍ନ ଉଠେ- ମୋର ଉପେକ୍ଷା କାହିଁକି ହେଉଛି ? ଏହିଭଳି ବଞ୍ଚିବାରେ କି ଲାଭ ? ପର ଘରର ଝିଅମାନେ ଏ ଘରକୁ ଆସି ମାଲିକାଣୀ ବନିଯାଆନ୍ତି, ଆଉ ମୁଁ ସେମାନଙ୍କ ଦୟାର ପାତ୍ରୀ ହୋଇ ବଞ୍ଚିଛି। ଆଉ ମୋର ଭାଇ ? ବାଃ, କ'ଣ କହିବା ତା' କଥା ! ନିଜ ଭଉଣୀର ପ୍ରତିଷ୍ଠା ଓ ମାନ-ଅପମାନର ତାଙ୍କୁ ଟିକିଏ ବି ଚିନ୍ତା ନାହିଁ। ନିଜର ସକ୍ଷ୍ୟଭାଇମାନଙ୍କ ଘରକୁ ଯିବାକୁ ବାରଣ କାହିଁକି ? ସେମାନଙ୍କ ସହ କଥା ହେବାରେ ଆକଟ କାହିଁକି ?

ତାରକା ଝିଅ ! ଏ ସଂସାରରେ ଏମିତି ଅନେକ ପ୍ରଶ୍ନ ଅଛି, ଯାହାର ଉତ୍ତର ଦେବାକୁ ହେଲେ ମନ ବିଷାଦରେ ଭରିଯାଏ। ନିଜକୁ ସାନ୍ତ୍ୱନା ଦେବାକୁ ହେଲେ ଧରିନେ ତୋର ଭାଗ୍ୟ ହିଁ

ଏଇଭଳି ।

ଦୁଃଖ ଓ ବିଷାଦଭରା ମନ ନେଇ ତାରକା ତଳକୁ ଓହ୍ଲାଇ ଆସିଲା । ଅଗଣାରେ ଅନେକ ରକମର ଫୁଲଗଛ ଥିଲା । ସେମାନଙ୍କ ମଧ୍ୟରେ ଗୋଟେ ବଡ଼ ସଜନାଗଛ ବି ଥିଲା । ଉକ୍ତ ଗଛ ତଳେ ସେ ବସି ପଡ଼ିଲା । ଅତୀତର ସ୍ମୃତି ସବୁ ତାଜା ହୋଇଉଠିଲେ । ମା' ଥିଲାବେଳେ ଏହି ଗଛ ତଳେ....ଏବେ କେବଳ ସ୍ମୃତି ହିଁ !

ସେ ମନେ ମନେ କିଛି ନିର୍ଣ୍ଣୟ ନେଲା । ସେ ଘର ଭିତରକୁ ଯାଇ ଗୋଟେ ବଡ଼ ବାଡ଼ି ଆଣିଲା । ତା' ସାହାଯ୍ୟରେ ସଜନା ଛୁଇଁ ତୋଳିବାକୁ ଲାଗିଲା ।

ଏତିକି ବେଳେ ଶ୍ରୀନିବାସର ସ୍ତ୍ରୀ- ତା'ର ଭାଉଜ ଚିତ୍କାର କରି କରି ତା' ଆଡ଼କୁ ଆସିଲା, ଇଏ କ'ଣ କରୁଛୁ ? ଛୁଇଁ କାହିଁକି ତୋଳୁଛୁ ? ଏହି ରବିବାର ଦିନ ଛୁଇଁ ମୋ ମା' ଘରକୁ ପଠାଇବାର ଅଛି ।'

ତାରକା ତା' ଆଡ଼କୁ ଧ୍ୟାନ ଦେଲାନି । ମନେ ମନେ ଭାବୁଥାଏ, 'ବାସ, ଖୁବ୍ ନ୍ୟାୟ କରୁଛୁ ! ମୋ ବାପା ଘରର ଛୁଇଁ ତୋ ବାପାଘରକୁ ଯିବ ?' ସେ ଆଙ୍କୁଡ଼ିରେ ଛୁଇଁ ତୋଳି ଚାଲିଲା ।

ଭାଉଜ ତମ ତମ ହୋଇ କହିବାକୁ ଲାଗିଲା, 'ମୋ କଥା ମାନିବୁ ନାହିଁ ? ଠିକ୍ ଅଛି, ତୋ ଭାଇ ଆସନ୍ତୁ, ତା'ପରେ ଦେଖିବୁ ପରିଣାମ କ'ଣ ହେବ ?'

ତାରକା ପନ୍ଦର-କୋଡ଼ିଏ ସଜନା ଛୁଇଁକୁ ଏକାଠି କଲା । ଯାଉ ଯାଉ କହିଲା, 'ମୁଁ ଖୁଡ଼ୀ ଘରକୁ ଯାଉଛି ।'

ଦାମୋଦର ପଣ୍ଡାଙ୍କ ସବୁ ପୁଅମାନଙ୍କର ଖୁଡ଼ୀ ପ୍ରତି ଉତ୍ତମ ଭାବ ଥିଲା । ସେମାନେ ଖୁଡ଼ୀଙ୍କୁ ମା' ଭଳି ଦେଖୁଥିଲେ ଏବଂ ସେ ମଧ୍ୟ ପୁତୁରା-ଝିଆରୀଙ୍କୁ ନିଜ ସନ୍ତାନତୁଲ୍ୟ ସ୍ନେହ କରୁଥିଲେ । ଭାଗବଣ୍ଟା ପରଠାରୁ ତିନି ପୁତୁରା ଅଲଗା ଅଲଗା ରହୁଥିଲେ । କିନ୍ତୁ ସମସ୍ତେ ଦୁଇ-ଚାରି ଦିନ ଅନ୍ତରରେ ଖୁଡ଼ୀଙ୍କୁ ଦେଖା କରିବାକୁ ଯାଉଥିଲେ ।

ପିତୃବିୟୋଗ ପରେ ଆଜି ତାରକା ପ୍ରଥମ ଥର ପାଇଁ ଘରୁ ପାଦ ବାହାର କରିଛି । ଖୁଡ଼ୀ ପାଖକୁ ବି ପ୍ରଥମ କରି ଯାଉଛି ।

ତାକୁ ଦେଖୁ ଦେଖୁ ଖୁଡ଼ୀ କହିଉଠିଲେ, କ'ଣରେ, ବାହାରେ କାହିଁକି ଛିଡ଼ା ହେଇଛୁ ? ଭିତରକୁ ଆସ... ?

'ତମ ଲାଗି ସଜନା ଛୁଇଁ ନେଇ ଆସିଛି ଖୁଡ଼ୀ ।' ସେ ଖୁଡ଼ୀ ହାତକୁ ଛୁଇଁ ବଢ଼ାଇ ଦେଲା । ତା'ର ଦୁଇ ଆଖି ଅଶ୍ରୁ ସଜଳ ହୋଇଗଲା । ଖୁଡ଼ୀ ତାକୁ ଛାତିରେ ଲଗାଇ ଆଲିଙ୍ଗନ କଲେ । ତାଙ୍କର ବାତ୍ସଲ୍ୟଭରା ସହାନୁଭୂତି ପାଇ ସେ ବି କାନ୍ଦି ଉଠିଲା ।



ଏତିକି ବେଳେ ତାରକାର ମଝିଆ ଭାଇ ପାଟି ବାହାରୁ ଶୁଭିଲା । ଖୁଡ଼ୀ, ମୁଁ ଆସୁଛି... । ଭାଇର ସ୍ୱର ଶୁଣୁ ଶୁଣୁ ତାରକାର ଆନନ୍ଦର ସୀମା ରହିଲା ନାହିଁ । ରାଜାପୁରର ଗଙ୍ଗା ଅଗ୍ନେନକ ଶୃଙ୍ଖଳା ଭଳି ତା'ର କାନ୍ଦ ବନ୍ଦ ହୋଇଗଲା । ଚଟ୍ କରି ଆଗକୁ ବଢ଼ି ସେ ଛୁଇଁ ସବୁକୁ ଏକାଠି କରି ଖୁଡ଼ୀ ଉଦ୍ଦେଶ୍ୟରେ କହିଲା, 'ଖୁଡ଼ୀ, ମୁଁ ତୁମ ପାଇଁ ଆଉ ଦିନେ ଆଣିଦେବି । ଏ ଛୁଇଁ ଏବେ ନାରାୟଣ ଭାଇକୁ ଦେବି ।'

ତାରକାର ନିର୍ମଳ ହୃଦୟର ଏହି କଥା ଶୁଣି କାହାର ବା ହୃଦୟ ନ ତରଳିବ ! ଖୁଡ଼ୀ ଗଦ୍‌ଗଦ୍ ହୋଇ କହିଲେ, 'ଦେ ଦେ ଝିଅ, ଛୁଇଁ ସବୁ ତାକୁ ଦେ । ମତେ ପଛରେ ନ ଦେଲେ ବି ଚଳିବ । ପାଗଳୀ, ନାରାୟଣ ପାଖରେ କ'ଣ ଊଣା ଅଛି ? ବଜାରରୁ ସେ ଛୁଇଁ ଆଣି ପାରିବ ନାହିଁ ?'

ତାରକା କହି ଉଠିଲା, 'କିନ୍ତୁ ତାହା ବଜାରର କିଣା ଜିନିଷ ହେବ । ତାଙ୍କ ବାପାଙ୍କ ଘରର, ତାଙ୍କ ନିଜର ଛୁଇଁ ତାଙ୍କୁ କାହୁଁ

ମିଳିବ ?'

କଥାରେ କହନ୍ତି, କେବେ କେବେ ପଥର ମଧ୍ୟ ପାଣି ହୋଇଯାଏ। ନାରାୟଣର ହୃଦୟ ତ ପଥରରେ ଗଢ଼ା ନୁହେଁ। ତା'ର ଦି' ଆଖି ଓଦା ହୋଇ ଆସିଲା।

ସେ ଆଗକୁ ହାତ ବଢ଼ାଇ ସଜନା ଛୁଇଁ ଧରିନେଲା। ଏହି ସମୟରେ ସବୁଠାରୁ ସାନଭାଇ ଅମୃତ ବି ସେଠାରେ ଆସି ପହଁଚିଲା। ଏବେ ଛୁଇଁ ବାଣ୍ଟ ହେବା କଥା।

ତାରକା କହିଲା, 'ଭାଇ, ଏଥିରୁ ଅଧା ତୁମେ ରଖ, ଆଉ ଅଧା ଅମୃତ ଭାଇକୁ ଦେଇଦିଅ।"

ଏହି ସମୟରେ ଖୁଡ଼ୀ ଆଗରେ ତାରକା ଠାରୁ ଉତ୍ତର ମାଗିବା ଉଦ୍ଦେଶ୍ୟ ନେଇ ବଡ଼ ଭାଇ ଶ୍ରୀନିବାସ ମଧ୍ୟ ସେଠାରେ ଆସି ପହଁଚିଲା। କିନ୍ତୁ ଘର ଭିତରେ ଚାଲିଥିବା କଥାବାର୍ତ୍ତା ଶୁଣି ସେ ବାହାରେ ହିଁ ଅଟକି ରହିଲା। ତାରକାର କଥା ଶୁଣି ତା'ର ରାଗ କାହିଁ କୁଆଡ଼େ ଉଭେଇ ଗଲା। ସେ ଭାବବିଭୋର ହୋଇ ଭିତରକୁ ଆସିଲା।

ତାକୁ ଦେଖି ତାରକା ଘାବରେଇ ଗଲା। କହିଲା 'ଶ୍ରୀନିବାସ ଭାଇ ରାଗ କରନା। ମୁଁ ଏମିତିରେ ହିଁ ଖୁଡ଼ୀ ପାଖକୁ ଆସିଥିଲି। ମୁଁ ଜାଣି ନ ଥିଲି ନାରାୟଣ ଭାଇ ଓ ଅମୃତ ଭାଇ ବି ଏଠିକୁ ଆସିବାର ଅଛି । ଏଠାରେ ଏ ଦୁହିଁଙ୍କୁ ଦେଖି ମୁଁ ନିଜକୁ ଆକଟ କରିପାରିଲି ନାହିଁ । ସେଥିପାଇଁ ମୁଁ କଥା ହେଲି। ମୋ ଉପରେ ରାଗନା, ଭାଇ! ମତେ ଘରୁ ବାହାର କରନା... ଭାଇ! ମୁଁ ଅନାଥ ହୋଇଯିବି। ମୁଁ ତୁମର ପାଦ ତଳେ ପଡୁଛି...।'

ମାନବୀୟ ଅନ୍ତରଙ୍ଗତା ପଥର ଭଳି କଠୋର ନୁହେଁ। ଶ୍ରୀନିବାସ ବି ମଣିଷ । ସେ କହିଲା, 'ତାରକା... ତାରା... କାନ୍ଦନା ଝିଅ! କେହି ତତେ ଘରୁ ବାହାର କରିବେ ନାହିଁ। ତୁନି ହୁଅ ଝିଅ... କାନ୍ଦ ବନ୍ଦ କର...।'

'ଭାଇ...!'

"କହ ଝିଅ!

ମୋ କାନ୍ଦ ବନ୍ଦ ହେଉନି ଭାଇ! ମୁଁ କ'ଣ କରିବି ?

ଶ୍ରୀ ନିବାସ ନିରବ ଥିଲା। ଚୈତ୍ର ଗୌରୀର ସୁସଜ୍ଜିତ ଚିତ୍ରପଟ୍ଟ ପରି ତିନିଭାଇ ତାରକା ସମ୍ମୁଖରେ ବସିଥିଲେ ।

ଅଳ୍ପ ସମୟ ପରେ ଶ୍ରୀନିବାସ କହିଲା, 'ତାରକା' ତୁ କାହିଁକି କାନ୍ଦୁଥିଲୁ ?'

ତାରକା କହିଲା, 'ମତେ କେବଳ ଜଣେ ହିଁ ଭାଇ ମିଳିଛି। ମୁଁ ମୋର ତିନି ଭାଇଙ୍କୁ ଚାହିଁଛି।'

ଶ୍ରୀନିବାସ ଭାବପ୍ରବଣ ହୋଇଉଠିଲା। କହିଲା, 'ରାଗରେ ମୁଁ କହି ଦେଇଥିଲି। ଏବେ ତୋ' ପାଇଁ ଆଉ କୌଣସି ବାରଣ ନାହିଁ। ଯେଉଁ ଭାଇଙ୍କ ଘରକୁ ବି ତୁ ଯାଇପାରୁ।'

ଯମରାଜ ସତ୍ୟବାନଙ୍କ ପ୍ରାଣ ଫେରାଇ ଦେବା ସମୟରେ ସାବିତ୍ରୀଙ୍କ ମନରେ ଯେଉଁ ପ୍ରସନ୍ନତା ଫୁଟିଉଠିଥିଲା, ତାରକା ସେଇ ଭଳି ଅନୁଭବ କଲା। ସେ କହି ଉଠିଲା, 'ସତରେ!'

ଶ୍ରୀନିବାସ କହିଲା, 'ହଁ, ସତରେ!'

'ଥଟ୍ଟା କରୁନ ତ ? ବିଶ୍ୱାସ ହେଉନି। ଯଦି ତୁମେ ସତରେ ହୃଦୟରୁ କହୁଛ, ତ' ତିନି ଭାଇ ଘରକୁ ଚାଲ। ମୁଁ ଭାତ ଓ ସଜନା ଛୁଇଁ ତରକାରି ବନାଇବି। ତୁମମାନଙ୍କୁ ଖୁଆଇବି। ତୁମେମାନେ ଗୋଟେ ଧାଡ଼ିରେ ବସିବ। ତେବେ ଯାଇ ମୋ ମନକୁ ବିଶ୍ୱାସ ଆସିବ। ନାରାୟଣ ଭାଇ, ଅମୃତ ଭାଇ! ମୋ ସହ ଦେଖାକରିବାକୁ ଆସୁଥିବ। ଅତିକମ୍‌ରେ ମୋର ବାହାଘର ହେବାଯାଏ ପରସ୍ପର ସହ ସଂପର୍କ ରଖ... ବିଦାୟ ନେଇ ମୁଁ ଶାଶୁଘର ଚାଲିଯିବି। ସେତେବେଳେ ସମସ୍ତଙ୍କ ସହ ଅଧିକାର ସ୍ୱରୂପ ମିଶିବି। ତୁମେମାନେ ସମସ୍ତେ ମିଳିମିଶି ରହିଗଲେ ଯାଇ ମୋର ବାପଘରର କଷ୍ଟ ଦୂର ହେବ।' ତାରକା କହିଲା। ଖୁଡ଼ୀ ତାକୁ କୁଣ୍ଢେଇ ଧରି କହିଲେ, 'ଆରେ, ଏଇଠି ହିଁ ରୋଷେଇ ହେଉ।'

ତାରକା କହିଲା, 'ନାଇଁ, ଆମ ଘରେ ହିଁ ରୋଷେଇ ହେବ। ଖୁଡ଼ୀ ତୁମେ ବି ଆସନା।'

ପାଗଳୀର କଥା ସମସ୍ତେ ମାନିଲେ।

**ଥଟ୍ଟା କରୁନ ତ ? ବିଶ୍ୱାସ ହେଉନି। ଯଦି ତୁମେ ସତରେ ହୃଦୟରୁ କହୁଛ, ତ' ତିନି ଭାଇ ଘରକୁ ଚାଲ।**

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
kanakmanjari1951@gmail.com

ଶିଶୁ ଗଳ୍ପ




# କଇଁଚ

ଡ. ସଂକର୍ଷଣ ସାମଲ

ସରସ୍ୱତୀ ଶିଶୁମନ୍ଦିର, ଭୁବନେଶ୍ୱର। ରୁଟିନରେ ଶ୍ରେଣୀ-ଚତୁର୍ଥ। ବାର-ସୋମବାର। ପିରିୟଡ-ତୃତୀୟ। ବିଷୟ-ପରିବେଶ ବିଜ୍ଞାନ। ଶିକ୍ଷକ-ରୁବି ମହାନ୍ତି।

ପାଠପଢ଼ା ଚାଲିଥାଏ। ହସି ଉଠିଲା ଗ୍ଲୋରୀ। କାଇଁକି ହସିଲୁ- ଗୁରୁମା' ବିରକ୍ତ ହୋଇ ତାକୁ ପଚାରିଲେ। ତା' ହସ ବନ୍ଦ ହୋଇଗଲା। ହସି ଉଠିଲା ମୋନାଲିସା। ଆରେ, ଇଏ କ'ଣ ହଉଚି? ଗୁରୁମା ପଚାରୁ ପଚାରୁ ହସି ଉଠିଲା ଆଉ ଜଣେ, ସମିତା।



ଆରେ, ତମେ ସବୁ ପାଗଳ ହୋଇଗଲଣି ନା କ'ଣ! ସମସ୍ତେ ଯାଇ ବାହାରେ ଠିଆ ହୁଅ। ସେମାନେ ବାହାରକୁ ଯାଇ ଠିଆ ହେଲେ। ତାଙ୍କୁ ଦେଖି ହସିଲେ ଶ୍ରେଣୀର ସବୁ ପିଲା।

ଗୁରୁମା ଭାରି ଚିଡିଗଲେ। କେବେ ସେ ରାଗନ୍ତି ନାଇଁ। କିନ୍ତୁ ଆଜି...।

ଆଜି ପଢ଼ା ବନ୍ଦ। ସମସ୍ତେ ଆସି ବାହାରେ ଠିଆ ହୁଅ- ଗୁରୁମା' ଆଦେଶ ଦେଲେ।

ପିଲାମାନେ ଉଠୁଉଠୁ ସମିତା ଭାବିଲା, ଶ୍ରେଣୀଯାକ ପିଲା ବାହାରେ ଠିଆ ହେବେ। ଅନ୍ୟ ଶ୍ରେଣୀର ପିଲାମାନେ ସବୁ ଦେଖିବେ। ପରେ ଚିଡେଇବେ। ଚତୁର୍ଥ ଶ୍ରେଣୀର ବଦନାମ ହେବ। ଏ ତ ଭଲ କଥା ମୋଟେ ନୁହେଁ।

ସିଏ କହିଲା- ଗୁରୁମା ଆମେ ହସିଲୁ ଏଇଥିପାଇଁ ଯେ, ଏଇଥିପାଇଁ ଯେ...

କ'ଣ ଏଇଥିପାଇଁ ଯେ ଯେ ହେଉଚୁ? କହ।

ଶ୍ରେଣୀ ଯାକ ପିଲା ସବୁ ବସିଗଲେ। ସମିତା କହିଲା- ଗୁରୁମା, ସାଇନା ତା' ବ୍ୟାଗରେ ଗୋଟାଏ କଇଁଚ ଆଣିଚି ବୋଲି ଗ୍ଲୋରି କହୁଚି।

ଆରେ କଇଁଚ! ହଁ ବ୍ୟାଗ୍‌ରେ ତ ବହିଥାଏ। ବହି ଭିତରେ ତ କଇଁଚ ଚିତ୍ର ଥିବ। ଏଥିରେ ହସିବାର କ'ଣ ଅଛି ? ଗ୍ଲୋରୀ କହିଲା- ଚିତ୍ର ନୁହେଁ ଗୁରୁମା, ସତସତିକିଆ ଟିକି କଇଁଚଟାଏ। ମୁଁ ଦେଖିଚି।

ସାଇନା, ଗ୍ଲୋରୀ କ'ଣ କହୁଚି। ଏ କ'ଣ ସତ!

ସାଇନା ଭାରି ଡରିଗଲା। ଆଖି ମଳିମଳି କହିଲା- ଆମ ଘରେ ରଖିଚୁ ତ, ମୁଁ ତଳେ ବସି ପଢୁଥିଲି। ମୋ ବ୍ୟାଗ୍ ମେଲା ଥିଲା। ସିଏ ପଶି ଆସିଥିବ।

ଯଦି ବ୍ୟାଗ୍‌ରେ ଅଛି, ତେବେ ବ୍ୟାଗ୍ ବନ୍ଦ କରିଥା। ସିଏ ଯେମିତି ବାହାରକୁ ନ ଯାଏ। ହଁ, ତୋ ମାଆଙ୍କ ଫୋନ୍ ନମ୍ବର ଦେ।

ସାଇନା ଡରି ଡରି ତା' ମାଆଙ୍କ ନମ୍ବର ଦେଲା। ଗୁରୁମା' ତାଙ୍କୁ ଫୋନ୍ କଲେ।

ସ୍କୁଲ ପାଖରେ ତ ସାଇନାର ଘର। ତା' ମାଆ ଅଳ୍ପ ସମୟ ମଧ୍ୟରେ ସ୍କୁଲ ପହଞ୍ଚିଗଲେ।

ଯା ଭିତରେ ଗୁରୁମା କଇଁଚଟିକୁ ଦେଖୁଥାନ୍ତି। ସମିତାକୁ ଛାଡି ଅନ୍ୟ ପିଲା ଭାବୁଥାନ୍ତି, ସାଇନାର ମାଆକୁ ଡକାଯାଇଚି, ଆଜି ତା ଭାଗ୍ୟରେ କ'ଣ ଅଛି ?

ସମିତା ଭାବୁଥାଏ, ମୁଁ ସାଇନାର କଥା କାଇଁକି କହି ଦେଲି। ମୋର ସବୁଠୁ ଭଲ ସାଙ୍ଗଟା ସିଏ, ଆଜି ଭାରି ଗାଳି ଖାଇବ।

ଆପଣଙ୍କ ଝିଅ ତା ବ୍ୟାଗରେ କଇଁଚଟାଏ ନେଇ ସ୍କୁଲକୁ ଆସିଚି, ମୁଁ ଆପଣଙ୍କୁ ଜଣାଉଚି- ଗୁରୁମା' କହିଲେ।

କଇଁଚ! -ସାଇନାର ମା' କହିଲେ।

-ତା ଅଜା ପନ୍ଦର ଦିନ ତଳେ ଆମ ଏଠିକି ଆସିଥିଲେ। ଆମରି ଗାଁ ପୋଖରୀରୁ ମାଛ ଧରା ହୋଇଥିଲା ତ ସାଙ୍ଗରେ କିଛି ମାଛ ଆଣିଥିଲେ। କଇଁଚଟିକୁ ଆଣିଥିଲେ, ଏଇ ନାତୁଣୀକୁ ଦେଖାଇବା ପାଇଁ। ଅଜା ଯେମିତି ନାତୁଣୀ ବି ସେମିତି। ଭାରି ଜୀବଜନ୍ତୁ ପ୍ରିୟ। ସାଇନା ତାକୁ ନେଇ ଗୋଟାଏ ପାଣି ଟବ୍‌ରେ ରଖିଥିଲା। ସତେ ଯେମିତି ସିଏ ତା' ସାଙ୍ଗ। ଟବ୍‌ରୁ ଆଣି ତା' ସାଙ୍ଗରେ ଖେଳେ। ସିଏ ବି ଘରଯାକ ବୁଲେ। ଏଣେତେଣେ ସୋଫାତଳେ କି ଟେବୁଲ ତଳେ ପଶେ। ଝିଅ ତଳେ ସପରେ ବସି ପଢ଼େ। ଆଜି ବୋଧେ ତା' ପଢ଼ା ସାରି ବ୍ୟାଗ୍ ମେଲା କରି ଗାଧୋଇ ଖାଇଲା। ବ୍ୟାଗ୍ ବନ୍ଦ କରି ସ୍କୁଲକୁ ଆସିଲା। ସିଏ ଜାଣିପାରିନି ତା' ବ୍ୟାଗ୍ ଭିତରେ ସିଏ...।

ହଉ, ହେଲା ଯେ ଆଜି ଗୋଟାଏ ପିରିୟଡ ପଢ଼ା ବନ୍ଦ ତା'ପାଇଁ- ଗୁରୁମା କହିଲେ।

ସେଥିପାଇଁ ତାକୁ କ୍ଷମା କରିଦେବେ। ମୁଁ ସେ କଇଁଚଟିକୁ ନେଇ ଯାଉଚି- ସାଇନାର ମା' କହିଲେ।

ଆପଣ ଯାଆନ୍ତୁ। ସେ କଇଁଚଟିକୁ ଆମେ ସ୍କୁଲରେ ରଖିଦେବୁ। ଆପଣଙ୍କ ଅନୁମତି ଚାହୁଁଚି- ଗୁରୁମା କହିଲେ।

ମାଆ ହଁ ମାରି, ସ୍କୁଲରୁ ଚାଲିଗଲେ।

ସାଇନା କିନ୍ତୁ ସୁଁ ସୁଁ ହେଲା। ତା' ସାଙ୍ଗ ଏଠି ରହିଯିବ ତ।

ଗୁରୁମା କହିଲେ- ସାଇନା, ତୋର ଏଇ ପ୍ରଜାତିର କଇଁଚ ଘରେ ରଖିଲେ କିଛି ନାଇଁ, ଅନ୍ୟ କେତେ ପ୍ରଜାତିର ଅଛନ୍ତି, ସେମାନଙ୍କ ଘରେ ରଖିବା ମନା। ହଁ, ଶୁଣ, ତୋ ପାଖରେ ଏ କଇଁଚଟି ସିନା ଭଲରେ ଅଛି ବୋଲି ତୁ ଭାବୁଚୁ, ବଡ ଦୁଃଖରେ ନିଶ୍ଚୟ ଅଛି। ସିଏ ତାକୁ ସୁହେଇଲା ଭଳିଆ ପ୍ରାକୃତିକ ପରିବେଶରେ ରହିବା କଥା। ଲୋକେ ସଉକରେ ଘରେ ପୋଷନ୍ତି, ଏହାଦ୍ୱାରା ଜୀବଜନ୍ତୁମାନେ ବଡ କଷ୍ଟରେ ଥାଆନ୍ତି। ଆମକୁ କିଏ ବନ୍ଧନ ଭିତରେ ରଖିଲେ ଆମ ମନ ଭଲ ରହେ କି? ଏଥିପାଇଁ ଏତେ ବ' କଟକଣା ଜାରି ହେଲାଣି। ଆମ ମଣିଷ ପରି ସେମାନଙ୍କ ଦୁଃଖ ବୁଝିବା ବି ଆମର କର୍ତ୍ତବ୍ୟ। ଏମିତି ଜୀବଜନ୍ତୁଙ୍କ ପ୍ରତି ଅତ୍ୟାଚାର ହେତୁ ବହୁ ଜୀବଜନ୍ତୁ ପୃଥିବୀ ପୃଷ୍ଠରୁ ବିଲୋପ ହୋଇଗଲେଣି। ଆଜି ତ ଘଣ୍ଟା ବାଜିବା ସମୟ ହୋଇଗଲାଣି। ଆସନ୍ତା ପିରିୟଡରେ ଆମେ ପ୍ରାକୃତିକ ପରିବେଶ ଓ ଜୀବଜନ୍ତୁ ବିଷୟରେ ପଢ଼ିବା। ଆଜି କଇଁଚଟିଏ ଆସି ତା' ବିଷୟରେ ତୁମମାନଙ୍କୁ ବିଶେଷ କିଛି ଜଣାଇବାକୁ ସତେ ଯେପରି ସୂଚନା ଦେଇଗଲା। ପୁଣି କହିଲେ- ସାଇନା ତୁ ସ୍ୱାର୍ଥପର ହୁଅନା। ତୋର ଏଇ କଇଁଚ ଖୁସି କଥା ଟିକିଏ ଭାବ। ତୋ କଇଁଚ ଆଉ କିଛି ସମୟ ତୋ ପାଖରେ ଥାଉ। ହଁ, ପିଲାମାନେ ସାଢ଼େ ଗୋଟାଏରେ ଯେଉଁ ଖେଳଛୁଟି ହେବ, ସେଥିରେ ଏଇଠି ଆମେ ଏକାଠି ହେବା।

**ଏ କଇଁଚଟି ସିନା ଭଲରେ ଅଛି ବୋଲି ତୁ ଭାବୁଚୁ, ବଡ ଦୁଃଖରେ ନିଶ୍ଚୟ ଅଛି।**

ପିରିୟଡ ଶେଷରେ ଘଣ୍ଟା ବାଜିଲା। ସ୍କୁଲ ହତାରେ ଛୋଟ ପୋଖରୀଟିଏ। ତା' ଚାରିକଡେ ନୀଳରଙ୍ଗର ମୁଣ୍ଡେ ଉଚ୍ଚର ତାର ବାଡ। ଭିତରକୁ ଗୋଟାଏ ଛୋଟ ଗେଟ୍। ସେଥିରେ ସବୁବେଳେ ଚାବି ପଡିଥାଏ। ବେଳେବେଳେ ସ୍କୁଲ ମାଳୀ ମଉସା ଚାବି ଖୋଲି ତା ଭିତରକୁ ଯାଆନ୍ତି। ଖେଳ ଛୁଟିରେ ଚତୁର୍ଥ ଶ୍ରେଣୀର ସବୁ ପିଲାଙ୍କୁ ନେଇ ସେଇ ଗୁରୁମା' ସେଇ ପୋଖରୀ ପାଖରେ ପହଞ୍ଚିଲେ। ଗେଟ୍‌ଟି ଖୋଲାହେଲା। ସାଇନା ତା' କଇଁଚଟିକୁ ସେଇ ପୋଖରୀ ଜଳରେ ଛାଡିଦେଲା। ସିଏ ଟୁବ୍ କିନା ବୁଡିଗଲା। ସମସ୍ତେ ଚାହିଁଛନ୍ତି, କିଛି ସମୟ ପରେ ସେ ତା' ଚାରିଗୋଡ ହଲାଇ ପାଣିରେ ପହଁରିବାକୁ ଲାଗିଲା। ତା'ର ସାଙ୍ଗଟିର ଖୁସିରେ ସାଇନା ଖୁସି ହୋଇଗଲା।

ସମସ୍ତେ ଫେରିଲେ। ତା' ପରଦିନଠୁଁ ସାଇନା ଓ ତା'ର ସାଙ୍ଗମାନେ ସେ ପୋଖରୀ ତାରବାଡ ଏ ପଟେ ଥିବା ବେଞ୍ଚରେ ଖେଳଛୁଟିରେ ବସି ଜଳଖିଆ ଖାଆନ୍ତି। ଦିନେ ସେମାନେ ଦେଖିଲେ ଗୋଟିଏ ନୁହଁ ଚାରିଟା କଇଁଚ ପୋଖରୀ କୂଳରେ ଗୋଟାଏ ଠାଆଁରେ ବସିଛନ୍ତି।

ଆରେ, ଇଏ କ'ଣ? ଆଉରି କଇଁଚ ଯା ଭିତରେ ଥିଲେ!- ସେମାନେ ଆଶ୍ଚର୍ଯ୍ୟ ହେଲେ।


ସାଇନା, ଯା ଭିତରୁ ତୋ କଇଁଚଟିଏ କିଏ କହିଲୁ- ଗ୍ଲୋରୀ ପଚାରିଲା।

ହେଇ, ସେଇ ମଝିରେ ଛୋଟଟା - ସାଇନା ଚିହ୍ନେଇ ଦେଲା।

ସିଏ ତାକୁ ଚିହ୍ନିଲା କେମିତି? କାରଣ, ସିଏ ତାକୁ ଭାରି ଭଲପାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
sampark.s.samal@gmail.com



**ପୁସ୍ତକ ସମୀକ୍ଷା**

# ଚିଡ଼ିଆଖାନାର ଚିତ୍ର

**ଲେଖକ : ଶ୍ୟାମାପ୍ରସାଦ ଚୌଧୁରୀ**
**ପ୍ରକାଶକ: ଟାଇମ୍‌ପାସ୍, ଭୁବନେଶ୍ୱର**
**ପୃଷ୍ଠା: ୧୯୨, ମୂଲ୍ୟ: ଟ. ୧୯୫**

ନିଜ ଗଳ୍ପ ସଂକଳନଟିର ସ୍ୱରୂପକୁ ଲେଖକ ବୋଧହୁଏ ସ୍ୱୟଂ ହିଁ ପରିଭାଷିତ କରିଦେଇଛନ୍ତି 'ବେତାଳ କଥା' ଶୀର୍ଷକ ନିଜର ମୁଖବନ୍ଧଟିରେ: 'ଖୁବ୍ ଛୋଟ କଥାଟିଏକୁ ଫେଣାଏ ଗୋଟେ ଗପ । ଥରେଥରେ ତ ମନେହେଇଛି, ଏଇ ଫେଣେଇବା ଇ ଏକମାତ୍ର ଗୋପନ ଇଚ୍ଛା କୌଣସି ସର୍ଜନାର ।' ଅନ୍ୟ ଭାଷାରେ କହିଲେ ମଗ୍ ଭିତରର କଫିର ସ୍ୱାଦ ଅପେକ୍ଷା ତାହାର ଫନ୍ଦରେ ଭାସୁଥିବା ଫେଣକୁ ପରିବେଷଣ କରି ପାଠକକୁ କେମିତି ମସଗୁଲ୍ କରିହୁଏ ତାହାର ନିଦର୍ଶନ ଏହି ସଂକଳନଟି । ସେ ଦୃଷ୍ଟିରୁ ଏଇଟିକୁ ବରଂ ଏକ ଭିନ୍ନ ସ୍ୱାଦର ଗଳ୍ପ ସଂକଳନ ବୋଲି କହିବା ଅଧିକ ଯଥାର୍ଥ ହେବ ।

ପୁସ୍ତକଟିରେ ସ୍ଥାନିତ ଏଗାରଟି ଯାକ ଗଳ୍ପର ବ୍ୟାପ୍ତି ବେଶ୍ ପ୍ରସାରିତ; କିନ୍ତୁ ସବୁଗୋଟିର ଅନ୍ତଃସ୍ୱର ସେହି ଗୋଟିଏ । ଜୀବନକୁ ନିରେଖିବାର ଓ ପରଖିବାର ଏକକ ଦୃଷ୍ଟିଭଙ୍ଗୀଟିଏ ଯେମିତି ବିସ୍ତରିଯାଇଛି ପ୍ରଥରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକଟି ଗଳ୍ପରେ । କେବଳ ଏକ ଭାବନାର ବନ୍ଧନ ନୁହେଁ, ସମସ୍ତ ଗଳ୍ପ ମଧ୍ୟ ଯେମିତି ଏକ କମନ୍ ପ୍ରୋଟାଗୋନିଷ୍ଟକୁ ନେଇ ଗଠିତ । 'ମୁଁ' (ଲେଖକ ନୁହଁ – ଗଳ୍ପର ଚରିତ୍ର ବା 'ପର୍ସୋନା') ଏବଂ ସେହି 'ମୁଁ'ର ଧର୍ମପତ୍ନୀ ନନ୍ଦିତାଙ୍କୁ ଆମେ ଅଗ୍ରଣୀ ଭୂମିକାରେ ଭେଟୁ ପ୍ରତିଟି ଗଳ୍ପରେ । ଏହି ନନ୍ଦିତା ହିଁ ଯେମିତି ସକଳ ଗଳ୍ପକୁ ଯୋଡୁଥିବା ଏକ କମନ୍ ଥ୍ରେଡ୍ ।

ଏ ଦିଗରୁ ଦେଖିଲେ, ପୁସ୍ତକଟି ଗୋଟିଏ ଉପନ୍ୟାସଟିଏ ନହେଲେ ବି କଥାକ୍ରମଗୁଡ଼ିକର ଗଢ଼ଣ ଶୈଳୀ ଉପନ୍ୟାସ ପ୍ରତିମ, ଯାହାର ପ୍ରତ୍ୟକଟି ଅଧ୍ୟାୟ କିନ୍ତୁ ଏକ ସ୍ୱୟଂସଂପୂର୍ଣ୍ଣ ଗଳ୍ପ ଭାବରେ ଉପସ୍ଥାପିତ । ତେବେ ଆମେ ଯଦି ଏଥିରେ ସେଇ ଧରାବନ୍ଧା ଘଟଣା ଓ ଅଘଟଣାମାନଙ୍କୁ ନେଇ ନାଟକୀୟ ମୋଡ଼ ସଂପନ୍ନ କଥାବସ୍ତୁ ଖୋଜିବା ତେବେ ନିଶ୍ଚୟ ନିରାଶ ହେବା । କାରଣ ସଂପୂର୍ଣ୍ଣ ପ୍ରସ୍ତୁତିଟିକୁ ଗଳ୍ପ ଅପେକ୍ଷା ଏକ ଗଦ୍ୟ ରୂପି କବିତା ବୋଲି କହିବା ଅଧିକ ସମୀଚିନ ହେବ । ତେଣୁ ଯେଉଁମାନେ ସାରଶୂନ୍ୟ ଫେଣର ମାଦକତା ଉପଭୋଗ କରିବାପାଇଁ ପ୍ରସ୍ତୁତ ନୁହଁ ସେମାନେ ବରଂ ଏଥିରୁ ଦୂରେଇ ରହିପାରନ୍ତି ।

ଦ୍ୱିତୀୟରେ, ଭାଷାବିନ୍ୟାସର ନିଆରାପଣର କଥା, ଯାହା ନ କହିଲେ ସଂକଳନଟିର ପରିଚୟ ଅଧୁରା ରହିଯିବ । ଏଥିରେ ସନ୍ନିବେଶିତ ପ୍ରତ୍ୟେକଟି ଗଳ୍ପର ପ୍ରତିଟି ଶବ୍ଦ ଜଣେ ସାଧାରଣ ମଣିଷର ଅନ୍ତରରୁ ଝରିଆସୁଥିବା ଅନ୍ତରଙ୍ଗ ଉଚ୍ଚାରଣ ମାତ୍ର । କୌଣସି କୃତ୍ରିମ ଭାଷା-ପାଣ୍ଡିତ୍ୟ ପ୍ରଦର୍ଶନର ପ୍ରବଣତାରୁ ଲେଖକ ଯୋଜନ ଯୋଜନ ଦୂରରେ । ଏଠି, ସେଠି, ସବୁଠି ଦିଶିଯାଏ କଥିତ ଭାଷାର ସ୍ଫୁରଣ । ଦୃଷ୍ଟାନ୍ତଟିଏ ଦେଖିବା :

'ସକାଳ ଆହୁରି ହେଇନି । ସତେ ଯେମିତି, ସକାଳ ହେବା ଆଗରୁ କେହି ମରିପାରିବନାହିଁ । ବୁଢ଼ୀକୁ ଯୋଉ ଗପ ମୁଁ କହିଥିଲି, ତା ଥିଲା ମୋ ମା' ବିଷୟରେ । ସେ କେମିତି ଦିନେ ସକାଳେ ଆମେ ଉଠିବା ପୂର୍ବରୁ ମରିଯାଇଥିଲା । କେଜାଣି ରାତିରେ ବି ମରିଯାଇଥାଇପାରେ । କିନ୍ତୁ ଆମେ କେହି ଜାଣି ନଥିଲୁ । ଗୋଟେ ଭୟଙ୍କର ଶବ୍ଦରେ ମୋ ନିଦ ଭାଙ୍ଗିଗଲା ପରେ, ମୁଁ ହିଁ ପ୍ରଥମେ ଦେଖିଥିଲି, ମା ଆଉ ନଥିଲା ଆମ ଭିତରେ ।'

ପୁସ୍ତକଟିର ମୁଦ୍ରଣ ପରିପାଟି ଓ ସଜ୍ଜା ଅତ୍ୟନ୍ତ ସୁଦୃଶ୍ୟ ଓ ରୁଚି ସମ୍ପନ୍ନ । କଳେବରଟି ଯେମିତି ପାଠକକୁ ପ୍ରଲୁବ୍ଧ କରୁଛି ଦୁଇ ମଲାଟ ଭିତରରେ ଥିବା ରଚନାର ଆତ୍ମାକୁ ଛୁଇଁବାପାଇଁ । ସର୍ବୋପରି ଏକ ସାର୍ଥକ ସଂକଳନ ।

*ନିହାର ଶତପଥୀ*

# ସାହିତ୍ୟ ସମାଚାର

## ଦୀର୍ଘ ୨୭ ବର୍ଷର ନିରବତା ପରେ ପ୍ରକାଶ ପାଇଲା ଅନାମ ଗୋଷ୍ଠୀର ମୁଖପତ୍ର



ସ୍ୱର୍ଗତ କୁମାର ମହାନ୍ତିଙ୍କ ସାରସ୍ୱତ ନେତୃତ୍ୱରେ ଓଡ଼ିଆ କବିତା ଜଗତରେ ଏକଦା ଆଲୋଡନ ସୃଷ୍ଟି କରିଥିବା 'ଅନାମ ଆନ୍ଦୋଳନ'ର ମୁଖପତ୍ର ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଏବେ 'ଅନାମ-୨୦' ନାମରେ ପ୍ରକାଶ ପାଇଛି। ଜୁଲାଇ ଏକ ତାରିଖ ଦିନ ପବିତ୍ର ରଥଯାତ୍ରା ଅବସରରେ ଭୁବନେଶ୍ୱରର ଶୈଳଶ୍ରୀ ବିହାର ସ୍ଥିତ ଜଗନ୍ନାଥ ମନ୍ଦିରରେ ଅନେକ ସାହିତ୍ୟ ପ୍ରେମୀଙ୍କ ଉପସ୍ଥିତିରେ ଏହି ପ୍ରକାଶନଟି ଲୋକାର୍ପିତ ହୋଇଛି। ତିନି ଦଶକ ଧରି ସୁପ୍ତାବସ୍ଥାରେ ରହିଥିବା ଓଡ଼ିଆ କବିତାରେ ଅନାମଧାରାର ପୁନର୍ଜାଗରଣ ନିମନ୍ତେ ଏହା ଏକ ସାଧୁ ଉଦ୍ୟମ ବୋଲି ମତ ପ୍ରକାଶ ପାଇଛି।

ବିଶିଷ୍ଟ ପ୍ରକାଶନ ସଂସ୍ଥା 'ଧଉଳି ବୁକ୍ସ'ର ପ୍ରତିଷ୍ଠାତା ମନୁ ଦାଶଙ୍କ ଦ୍ୱାରା ଆୟୋଜିତ ଏହି ଅନୌପଚାରିକ ଉନ୍ମୋଚନ ଅବସରରେ ଉପସ୍ଥିତ ଥିଲେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ, ସାହିତ୍ୟିକ ଦାଶ ବେନହୁର, ପ୍ରକାଶକ ବନୋଜ ତ୍ରିପାଠୀ, କବି ମନୁଆ ଦାସ, ଗାଳ୍ପିକ ପରେଶ ପଟ୍ଟନାୟକ, ପ୍ରାବନ୍ଧିକ ଭାସ୍କର ପରିଚ୍ଛା, କବି ନେତ୍ରାନନ୍ଦ ସାମନ୍ତରାୟ, ସଂଗୀତ ଗବେଷକ ପ୍ରତୀକ ପଟ୍ଟନାୟକ, 'କଥା କଳିକା'ର କାର୍ଯ୍ୟନିର୍ବାହୀ ସଂପାଦକ ଦୁର୍ଗା ଚରଣ ଷଡ଼ଙ୍ଗୀ ତଥା ଅନ୍ୟାନ୍ୟ ସାହିତ୍ୟାନୁରାଗୀଗଣ।

ସଂପାଦନାର ଏକ ନିଆରା ଶୈଳୀ ବହନ କରିଥିବା ଏହି ସଂକଳନଟିରେ ସ୍ଥାନ ପାଇଥିବା କବିତାଗୁଡିକ ଯେ କେବଳ ଶିରୋନାମା ବିହୀନ ତାହା ନୁହେଁ, ସେଗୁଡ଼ିକ ରଚନା କରିଥିବା କବିମାନଙ୍କର ନାମ ମଧ୍ୟ ସେଥିରେ ଉଲ୍ଲେଖ ନାହିଁ।

## 'କାଦମ୍ବିନୀ'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଭୁବନେଶ୍ୱରରେ ସାରସ୍ୱତ ସମାରୋହ




ଓଡିଶାର ସର୍ବପ୍ରଥମ ମାସିକ ପାରିବାରିକ ପତ୍ରିକା 'କାଦମ୍ବିନୀ' ଏବଂ ଶିଶୁ-କିଶୋର ପତ୍ରିକା 'କୁନିକଥା'ର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜୁଲାଇ ଦୁଇ ତାରିଖ ଦିନ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଏକ ଭବ୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ ଲୋକସେବକ ମଣ୍ଡଳ, ଓଡିଶା ଶାଖାର ସଭାପତି ଶ୍ରୀ ନିରଂଜନ ରଥ, ବର୍ଷୀୟାନ କଣ୍ଠଶିଳ୍ପୀ ଶ୍ରୀ ପ୍ରଣବ ପଟ୍ଟନାୟକ ଏବଂ କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଶ୍ରୀ ସତ୍ୟ ଏସ୍. ତ୍ରିପାଠୀ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ 'କାଦମ୍ବିନୀ' ପରିବାରର ମୁରବି ଶ୍ରୀ ଅଚ୍ୟୁତ ସାମନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟପାଳ ଶ୍ରୀ ଗଣେଶୀ ଲାଲ ନବ ପ୍ରତିଷ୍ଠିତ 'କାଦମ୍ବିନୀ ସାହିତ୍ୟ ଏକାଡେମୀ'ର ଉଦ୍‌ଘାଟନ କରିଥିଲେ। ରାଜ୍ୟପାଳ ମହୋଦୟଙ୍କୁ 'କାଦମ୍ବିନୀ ସମ୍ମାନ'ରେ ଭୂଷିତ କରାଯାଇଥିଲା। ସମ୍ମାନିତ ଅତିଥି ଶ୍ରୀ ନିରଂଜନ ରଥ ଏବଂ ଶ୍ରୀ ପ୍ରଣବ ପଟ୍ଟନାୟକ ମଧ୍ୟ ଏହି ସମ୍ମାନରେ ଭୂଷିତ ହୋଇଥିଲେ।

ପ୍ରଫେସର ଶ୍ରୀ ଗଣେଶୀ ଲାଲ ନିଜର ଅଭିଭାଷଣରେ ନିଜ ଜୀବନରେ ଓଡିଶାର ଜନସାଧାରଣଙ୍କର ହାର୍ଦ୍ଦିକ ଶ୍ରଦ୍ଧା ଲାଭ କରିପାରିଥିବାରୁ ସେ କୃତାର୍ଥ ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ। ସେ ମଧ୍ୟ କହିଥିଲେ ଯେ ଏକ ମହାଜାଗତିକ ଚେତନା ଆମ ସମସ୍ତଙ୍କର ଅସ୍ତିତ୍ୱକୁ ନିୟନ୍ତ୍ରିତ କରୁଛି ଏବଂ ଏହା ବିଷୟରେ ଆମେ ସଚେତନ ହେବାର ବେଳ ଆସିଛି।

# ଶେଷ ପୃଷ୍ଠା





# ଏଜନ୍ *

"କସ୍ୟ ଋଣଗ୍ରହଣ ପତ୍ରମିଦଂ କାର୍ଯ୍ୟଞ୍ଚାଗେ; ଲେଖିତଂ ଅମୁକ ଦେବ୍ୟା।"

ଆରମ୍ଭରୁ ଖେଚେଡ଼ିଆ ପଦେ ଲେଖିଛି ବୋଲି ଆମ୍ଭଙ୍କୁ ଖେଚେଡ଼ିଆ ବୋଲି ବୁଝିବେନି। ଏଇ ହେଲା ଶିକ୍ଷିତ ଓ ଅଶିକ୍ଷିତ, ସାଧୁ ଓ ସଇତାନ, ସମ୍ଭ୍ରାନ୍ତ ଓ ମଳିମୁଣ୍ଡିଆ ତଥା ସର୍ବସାଧାରଣଙ୍କ ଏକ ପବିତ୍ର ଅନୁଷ୍ଠାନରେ ବ୍ୟବହୃତ ହୋଇ ଆସୁଥିବା ଭାଷାପ୍ରୟୋଗର ଏକ ଉଦାହରଣ ମାତ୍ର।

ଆମ ଓଡ଼ିଆ ଭାଷାରେ ଏକକୁ ଆରେକ ହୁଡ଼ାହୁଡ଼ି। ଏଣୁ, ସରକାରଙ୍କ ଭାଷାକୋଷ, ସର୍ବସାଧାରଣଙ୍କ ଭାଷାକୋଷ, କଥିତ ଭାଷାକୋଷ, କାର୍ଯ୍ୟାଳୟ ଭାଷାକୋଷ, ପଣ୍ଡିତଙ୍କ ଭାଷାକୋଷ, ଆଉ କଥାଅକଥାର ଭାଷାକୋଷର ଗହଗହରେ ଆମ ପାଇଁ ଏକ ସରଳ ଶୁଦ୍ଧ ଓଡ଼ିଆ ଭାଷାକୋଷର ସଂସ୍କରଣଟିଏ ବିରଳ। ସେଥି ପ୍ରତି କେଉଁ ଅତିଜ୍ଞାନୀଙ୍କ ନିଘା ନାହିଁ। ଅଳପ ଲେଖ କି ଗଳପ ଲେଖ; ତାକୁ ଟିକଲ କରିବାକୁ ପଣ୍ଡିତଙ୍କ ଅଭାବ ନାହିଁ। ଉହୁଙ୍କି ଆସିବେ ସଂସ୍କୃତୋଡ଼ିଆ ଛାଟ ନେଇ;

"ଆରେ ହେ, ଚନ୍ଦ୍ରବିନ୍ଦୁ ଦେଲୁ କିଆଁ!",

"ଦନ୍ତ ସ ବୋଲି କିଏ କହିଲା!",

"ହ୍ୟାଳିପ, କେଉଁ କୋବିଦ ପଢ଼େଇଥିଲା କି ରେ!",

"ତମ ବଉଁଶରେ କିଏ ଓଡ଼ିଆ ପଢ଼ିଥିଲା !",

ଏହି ଭଳି କେତେକଣ ଶବ୍ଦକୋରଡ଼ାରେ ଆପଣମାନଙ୍କ ଭଳି ଏଇ ଅକିଞ୍ଚନ ମଧ୍ୟ ଅପଦସ୍ତ। ହେଲେ ବି ଖୋଜା ଚାଲିଛି ସରଳ ଶୁଦ୍ଧ ଶବ୍ଦକୋଷଟିଏ ଏହି ପଣ୍ଡିତମ୍ମନ୍ୟ ଭାଷା ଓ ସାହିତ୍ୟ ସଂସାରରେ।

ଆରମ୍ଭ କରିଥିଲି ଖେଚୁଡ଼ିଆ ଅଦାଲତୀ ଭାଷାରୁ ଯାହା କଚିରିଆ ବିକୃତ ଭାଷା ରୂପେ ସର୍ବଜନବିଦିତ; ଯେଉଁଠି ସବୁ ପ୍ରକାର ଭାଷାର ଅବାଧ ପ୍ରବେଶ। ହିନ୍ଦି, ବଙ୍ଗଳା, ଉର୍ଦ୍ଧୁ, ସଂସ୍କୃତ, ଆରବୀ, ପାର୍ଶୀ, ଇଂରାଜୀ ସହ ଆହୁରି କିଛି ବୈଦେଶିକ ଶବ୍ଦସମୂହ ଏବେ ମଧ୍ୟ ଆସ୍ଥାନ ଜମାଇ ବସିଛନ୍ତି। ବହୁ ପୂର୍ବେ ବିଭିନ୍ନ କାର୍ଯ୍ୟାଳୟରେ ଅଣଓଡ଼ିଆ ଥିବାରୁ ଏହିଭଳି ଅପଭ୍ରଂଶର ପ୍ରାରମ୍ଭ ହୋଇଥିଲା। କେତେ ସ୍ଥାନରେ ଅଣଓଡ଼ିଆ ଭାଷା ନଥିପତ୍ରର ଶୋଭାବର୍ଦ୍ଧନ କରୁଥିଲା ତ କେଉଁଠି ଶୁଦ୍ଧ ଓଡ଼ିଆ ଶବ୍ଦର କାର ଓ ଫଳା ସବୁକୁ ଠେଲାପେଲା କରି ନୂତନ ଓଡ଼ିଆ ଶବ୍ଦ ଗଠନ କରାଯାଉଥିଲା।

ଏହି ଶବ୍ଦ କେତେଗୁଡ଼ିଏ ରଖୁଛି ଆପଣଙ୍କ ସଂଶୟ ଘୁଞ୍ଚାଇବା ନିମନ୍ତେ। ଅରଜି, ଫଇସଲା, ନୋଟିସ୍, ପରୱାନା, କ୍ରୋକ, ରିଭ୍ୟୁ, ସେଟଲ୍‌ମେଣ୍ଟ, ଫରମାଇସ୍, ଚଳାଚଳ, ନାନାଦି, ପ୍ରଭୃତି ଏବେ ବି ନିର୍ଭୟରେ ଆମ ସଞ୍ଚାରମାଧ୍ୟମ, ଖବରକାଗଜ, ବିଜ୍ଞପ୍ତିରେ ଆତଯାତ ହେଉଛନ୍ତି।

ଅଦାଲତରେ ଓକିଲ, ମୁକ୍ତାର, ବିଭିନ୍ନ କାର୍ଯ୍ୟାଳୟର ଅମଲା ସମଗ୍ର ଏଥିପ୍ରତି ଧ୍ୟାନ ଦେଉନଥିଲେ। ସେହି ପଦପଦବୀରେ ଆମ୍ଭ ଓଡ଼ିଆ ଶିକ୍ଷିତ ଭାଇଭଉଣୀଙ୍କର ଆବିର୍ଭାବ ହୋଇଛି; ହେଲେ ସେହି ଅଶୁଦ୍ଧ, ବ୍ୟାକରଣବିରୁଦ୍ଧ, ବର୍ଣ୍ଣାଶୁଦ୍ଧିପୂର୍ଣ୍ଣ, ସାଙ୍କେତିକ, ବିକୃତ ପ୍ରଭୃତି ଶବ୍ଦମାନଙ୍କର ପ୍ରସ୍ଥାନ ହୋଇନାହିଁ। ବିଭିନ୍ନ ପୋଥି, ପାଞ୍ଜିରୁ ଦୁଇ ଚାରିପଦ ଅଳଙ୍କରଣ ଭାଷା ପୂରାଇ ତାକୁ ଆହୁରି ସମ୍ଭ୍ରାନ୍ତ କରିବାର ଲୋଭ ସମ୍ବରଣ କରିପାରୁନଥିବା ଏହି ପ୍ରଜାତିଙ୍କ ପାଇଁ ଆଜି ଏକ ସ୍ୱତନ୍ତ୍ର ଭାଷାକୋଷର ଖୋଜା ଚାଲିଛି। ଖୋଜା ଚାଲିଛି ଧୀରେ ଧୀରେ ବୟସାଧିକ୍ୟ ହେତୁ ମଉଳି ଯାଉଥିବା ଆମର ସମ୍ମାନନୀୟ ଭାଷାବିଦ୍‌ମାନଙ୍କର ପ୍ରକୃତ ବଂଶଧରମାନଙ୍କୁ ଯିଏ ଏହି ବିଶ୍ରୀମୟ ଅପଭ୍ରଂଶର ଶବ୍ଦସଂସାରକୁ ସୁଧାରି ନେବ ଆମ ସଭିଙ୍କ ପାଇଁ।

ଆମ ରାଜ୍ୟର ଅନେକ ଲେଖକ, ପ୍ରକାଶକ, ପାଠକ ତଥା ସମୀକ୍ଷକ ଏବେ ବି ଏହି ଅନ୍ଧତାମିସ୍ରରେ ରହିଛନ୍ତି ଯେ "ବ୍ରହ୍ମା ବିଳିବିଳେଇଲେ ବେଦ" ପ୍ରାୟେକ "ଆଗଧାଡ଼ିଆ – ପୁରସ୍କାରପ୍ରାପ୍ତ ଲେଖକ ଲେଖୁଥିବା ସବୁ ଭାଷା ଓ ବ୍ୟାକରଣ ହିଁ ସାହିତ୍ୟ"। ଏଜନ୍, ନିରାଟ ସତ ପଦିଏ କହି, କାହା ନାଗନାଡ଼ିକି ଛୁଇଁ ଦେଲି କି ଆଉ!

ଅଳମତିବିସ୍ତରେଣ।

-ପ୍ରଭୂ

*** ଏଜନ୍** - (ସର୍ବନାମ) ଏହି, ବା ଏହା।

RECOGNISED BY:

MINISTRY OF TOURISM GOVERNMENT OF INDIA | Jharkhand Tourism | Telangana Tourism | EcoTour ODISHA

# Destination Unlimited

*tour and travels*

## Hot Deal for all Hotels of Odisha & Tour Packages of Odisha, Jharkhand & Kerala available at best rate...

## We Create Happy Travelers...




## Services Offered

● Air Ticketing (Pre Purchased Rate/Group Fare/Coupon Fare) ● Hotel Booking ● Corporate Booking ● Car Rental ● MICE ● Visa Assistance ● Sightseeing ● Destination Wedding ● Honeymoon Holidays ● International Tour Package ● Cruise ● Aroma Tourism ● Educational Tour ● Event Management

Allow us to be your travel guide/partner in seeking beguiling holidays to leave your footprints all over the country.

**Head Office :** T-5, 3rd Floor, Om Plaza, Aambagan, Sakchi, Jamshedpur- 831001 (Jharkhand)
E-mail : reservation@destination-unlimited.in | Mob.: 7004602064, 7209997776

**Bhubaneswar Office :** Saptasati Vihar Pandra, Rasulgarh, Bhubaneswar - 751010 | Mob.: 9937049143

**Kerala Office :** Venice Nogan-30, Lajanath Ward, Alappugha, Kerala-01 | Mob.: 9037179598

Jugaad Corner

A bit of Jugaad & lots of Love

Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com


www.facebook.com/jugaadcorner

www.instagram.com/jugaadcorner











We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar – 751024, Odisha
Contact – 9439034505,

Blessed Fingers deals with art and craft finished products and orders even accepted on çustomizations.

www.blessedfingers.com


www.facebook.com/theblessedfingers

www.instagram.com/theblessedfingers

Blessed Fingers










Printed & Published by Nihar Ranjan Satpathy on behalf of Nihar Ranjan Satpathy and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy